# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଏପ୍ରିଲ ୨୧/୨୦୨୨ (୧୬ ପୃଷ୍ଠା) | Sambalpur, Thursday, April 21/2022 | Page 16 | ₹ 7.00 | ★★

୧୮ଶ ଭାଗ ୧୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ଅକ୍ଷରଙ୍କ ପ୍ରଭାବୀ ବୋଲିଂ**
ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସର ଅକ୍ଷର ପଟେଲ। ୧୬

୧୨ **ସୋନାଲିଙ୍କ କଷ୍ଟକର ଯାତ୍ରା**
ଅଭିନୟ ବ୍ୟତୀତ ଆଇଟମ୍ ଗୀତ କରିବାକୁ ଅଫର ମିଳୁଥିବାବେଳେ ବଲିଉଡ୍‌ରେ କ୍ୟାରିୟର ଗଢ଼ିବା କଷ୍ଟକର ବୋଲି ଅଭିନେତ୍ରୀ ସୋନାଲି ସେହଗଲ କହିଛନ୍ତି।



# ସୁପ୍ରିମକୋର୍ଟ ରୋକିବା ସତ୍ତ୍ୱେ ଭାଙ୍ଗିଲେ





ଜାହାଙ୍ଗୀରପୁରୀରେ ଏନ୍‌ଡିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦରେ ନିୟୋଜିତ ବୁଲ୍‌ଡୋଜର। ଉଚ୍ଛେଦସ୍ଥଳରେ ସୁପ୍ରିମକୋର୍ଟ ନିର୍ଦ୍ଦେଶର କପି ସହ ସିପିଆଇଏମ୍ ନେତ୍ରୀ ବ୍ରିନ୍ଦା କରାଟ (ଡାହାଣ)।

## ଜାହାଙ୍ଗୀରପୁରୀରେ ଜବରଦଖଲ ଉଚ୍ଛେଦ

ନୂଆଦିଲ୍ଲୀ,୨୦।୪

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ସାମ୍ପ୍ରଦାୟିକ ଦଙ୍ଗା ପ୍ରଭାବିତ ନୂଆଦିଲ୍ଲୀର ଜାହାଙ୍ଗୀରପୁରୀ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ଉପରେ ସୁପ୍ରିମକୋର୍ଟ ବୁଧବାର ରୋକ ଲଗାଇଛନ୍ତି। ଉତ୍ତର ଦିଲ୍ଲୀ ମହାନଗର ନିଗମ (ଏନ୍‌ଡିଏମ୍‌ସି) ପକ୍ଷରୁ ସଂଖ୍ୟାଲଘୁଙ୍କ ବିରୋଧରେ ଚାଲିଥିବା ଜବରଦଖଲ ଉଚ୍ଛେଦ ଅଭିଯାନ ବନ୍ଦ ପାଇଁ ଜାମିଆତ୍ ଉଲେମା-ଇ-ହିନ୍ଦ୍ ଦାଏର କରିଥିବା ଆବେଦନର ଶୁଣାଣି କରି ସମ୍ପୃକ୍ତ ଅଞ୍ଚଳରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏନ୍‌ଡିଏମ୍‌ସି କର୍ତ୍ତୃପକ୍ଷ କୋର୍ଟ ଅର୍ଡର ପାଇ ନ ଥିବା ଦର୍ଶାଇ ବୁଲ୍‌ଡୋଜର ଲଗାଇ କେତେକ ଦୋକାନ ଗୃହକୁ ଭାଙ୍ଗି ଦେଇଥିଲେ। ଫଳରେ ଅଦାଲତ ପୁଣି ଥରେ ହସ୍ତକ୍ଷେପ କରି ନିର୍ଦ୍ଦେଶର ତୁରନ୍ତ ଅନୁପାଳନ କରିବାକୁ କହିଥିଲେ। ଶୀର୍ଷ ଅଦାଲତ ଏହାର ପରବର୍ତ୍ତୀ ଶୁଣାଣି ଗୁରୁବାର ଧାର୍ଯ୍ୟ କରିଛନ୍ତି।

ଗତ ୧୬ ତାରିଖ ସନ୍ଧ୍ୟାରେ ହନୁମାନ ଜୟନ୍ତୀ ପାଳନ ଉପଲକ୍ଷେ ଉତ୍ତର-ପଶ୍ଚିମ ଦିଲ୍ଲୀର ଜାହାଙ୍ଗୀରପୁରୀରେ ଶୋଭାଯାତ୍ରା ଚାଲିଥିବାବେଳେ ଏକ ମସ୍‌ଜିଦ ନିକଟରେ ଲୋକଙ୍କ ଉପରକୁ ଟେକାମାଡ଼ ହୋଇଥିଲା। ଏହାକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ଘଟିଥିବା ହିଂସାରେ ଗୁଳିମାଡ଼ ହେବାରୁ ୮ ପୋଲିସ କର୍ମଚାରୀଙ୍କ ସମେତ ୯ ଜଣ ଆହତ ହୋଇଛନ୍ତି। ଦିଲ୍ଲୀ ପୋଲିସ ସିସିଟିଭି କ୍ୟାମେରାରୁ ସଂଗୃହୀତ ଫୁଟେଜ୍ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓ ଆଧାରରେ ମୁଖ୍ୟ ଅଭିଯୁକ୍ତ ଅନ୍‌ସାର ଓ ଅସ୍‌ଲମ୍‌ଙ୍କ ସମେତ ୨୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନାଁରେ ଦଙ୍ଗା ଭିଆଇବା, ହତ୍ୟା ଉଦ୍ୟମ ଓ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ଦିଲ୍ଲୀ ପୋଲିସ ୫ ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ମଧ୍ୟ ମାମଲା ରୁଜୁ କରିଛି। ଏନ୍‌ଏସ୍‌ଏ ଲାଗୁ ହେଲେ ଜଣକୁ ବିନା କୌଣସି ଅଭିଯୋଗରେ ମଧ୍ୟ ଅଟକ ରଖାଯାଇପାରେ। ଏହି ପ୍ରସଙ୍ଗରେ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବଂ କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା) ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଯୋଗୁ ରାଜନୀତି ସରଗରମ ହୋଇଥିବାବେଳେ ଦିଲ୍ଲୀ ଭାଜପା ସଭାପତି ଆଦେଶ ଗୁପ୍ତା ଏନ୍‌ଡିଏମ୍‌ସି ମେୟର ରାଜା ଇକ୍‌ବାଲ ସିଂଙ୍କ ନିକଟକୁ ଏକ ପତ୍ର ଲେଖିଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ, ହନୁମାନ ଜୟନ୍ତୀ ଶୋଭାଯାତ୍ରାର ☞ପୃଷ୍ଠା-୪

## କୋଭିଡ୍ ନିୟମ ପାଳିବାକୁ ଜିଲାପାଳଙ୍କୁ ଚିଠି | ପୁଣି ଘାରିଲା କରୋନା ଭୟ

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ଦେଶରେ ପୁଣି କରୋନା ବ୍ୟାପିବାରେ ଲାଗିଛି। ଦିଲ୍ଲୀ, ଉତ୍ତରପ୍ରଦେଶ ପରି ଅନେକ ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଓଡ଼ିଶାରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟରେ ସର୍ଭେଲାନ୍ସ ଜାରି ରଖିବା ସହ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ☞ପୃଷ୍ଠା-୪






## ସ୍କୁଲବସ୍‌କୁ ୪ଲକ୍ଷ ଜରିମାନା



ସୁନାବେଡ଼ା, ସେମିଳିଗୁଡ଼ା, ୨୦।୪ (ସ୍ୱ.ପ୍ର.)

ଯାନବାହନ ଯାଞ୍ଚର ପ୍ରଥମ ଦିନରେ କୋରାପୁଟ ଜିଲା ସେମିଳିଗୁଡ଼ାର ଏକ ସ୍କୁଲବସ୍‌କୁ ୪ଲକ୍ଷ ଟଙ୍କା ଜରିମାନା କରିଛି ପରିବହନ ବିଭାଗ। ଟ୍ୟାକ୍ସ ପାଇଁ ୩ଲକ୍ଷ ୮୧ହଜାର ଓ ଫିଟ୍‌ନେସ୍ ବାବଦକୁ ୨୨ ହଜାର ଟଙ୍କା ଜରିମାନା କରାଯାଇଥିବା ସୂଚନା ମିଳିଛି। ଆର୍‌ଟିଓ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବୁଧବାର ଗାଡି ଯାଞ୍ଚ କରାଯାଉଥିଲା। ଏହି ସମୟରେ ସେମିଳିଗୁଡ଼ାସ୍ଥିତ ଏକ ଘରୋଇ ଇଂଲିଶ୍ ମିଡିୟମ ସ୍କୁଲର ଗୋଟିଏ ବସ୍ (ଓଆର୍-୦୨ବିଜେ-୬୨୦୦) ପିଲାଙ୍କୁ ନେଇ ଯାଉଥିବା ସମୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ସମାବେଶୀ ବିତ୍ତୀୟ ବ୍ୟବସ୍ଥା ଓ ଡିଜିଟାଲ ମୁଦ୍ରା**

## ୬ ଦେଶର ନିଶା ମାଫିଆଙ୍କ ସହ ଲିଙ୍କ୍

**ଭୁବନେଶ୍ୱରରେ କୋକେନ୍ କାରବାର**

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ରାଜଧାନୀରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କୋକେନ୍ ଜବତ ଘଟଣାରେ ଗିରଫ ହୋଇ ଜେଲରେ ଥିବା ୨ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଘନଘନ ଜେରା କରୁଛି। ଏସ୍‌ଟିଏଫ୍ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ପକ୍ଷରୁ ଉଭୟଙ୍କୁ ପଚରାଉଚରାବେଳେ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଅଭିଯୁକ୍ତ ରବି ଓ ସନ୍ନୀଙ୍କ ବିଦେଶୀ ନିଶା ମାଫିଆଙ୍କ ସହ ଲିଙ୍କ୍ ରହିଥିବା ଜେରା ବେଳେ ଜଣାପଡ଼ିଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏଡିଜି ପଣ୍ଡାଙ୍କ କହିବା ଅନୁଯାୟୀ, ଅଭିଯୁକ୍ତଦ୍ୱୟଙ୍କୁ ଜେରାବେଳେ ତାଙ୍କର ସୁଇଜରଲାଣ୍ଡ, ଚାଇନା, ଫ୍ରାନ୍ସ, ଆମେରିକା, ଥାଇଲାଣ୍ଡ ଏବଂ ଦକ୍ଷିଣଆଫ୍ରିକା ଆଦି ୬ଟି ଦେଶର ନିଶା ମାଫିଆଙ୍କ ସହ ଲିଙ୍କ୍ ରହିଥିବା ଜଣାପଡିଛି। ବିଦେଶୀ ନିଶା ମାଫିଆଙ୍କ ସହ ସେମାନେ ଯୋଗାଯୋଗରେ ଅଛନ୍ତି। ୨୦୨୩ ଜାନୁୟାରୀରେ ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପ୍‌କୁ ଅଭିଯୁକ୍ତଦ୍ୱୟ ଟାର୍ଗେଟ କରିଥିଲେ। ହକି ବିଶ୍ୱକପ୍‌ରେ ଭୁବନେଶ୍ୱରକୁ ବିଦେଶୀ ଖେଳାଳି ଓ ପ୍ରଶଂସକ ଆସିବାକୁ ଥିବାରୁ ☞ପୃଷ୍ଠା-୪

## ଡେପୁଟି ରେଞ୍ଜରଙ୍କ ସନ୍ଦେହଜନକ ମୃତ୍ୟୁ

**ସରକାରୀ କ୍ୱାର୍ଟର୍ସରୁ ଉଲଗ୍ନ ମୃତଦେହ ଜବତ**

ରାୟଗଡ଼ା ଅଫିସ,୨୦।୪

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଡେପୁଟି ରେଞ୍ଜର ବ୍ରଜମୋହନ ଭୋଇଙ୍କ ମୃତଦେହ ବୁଧବାର ସନ୍ଦେହଜନକ ଅବସ୍ଥାରେ ତାଙ୍କ କ୍ୱାର୍ଟର୍ସରୁ ଜବତ ହୋଇଛି। ବ୍ରଜମୋହନଙ୍କ ଘର କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଭାଲୁପିଆ ଗ୍ରାମରେ। ଅସୁସ୍ଥତା ଦର୍ଶାଇ ସେ କିଛିଦିନ ହେଲା ଛୁଟିରେ ଥିବାବେଳେ ମଙ୍ଗଳବାର କାର୍ଯ୍ୟସ୍ଥଳକୁ ଫେରିଥିଲେ। ଛୁଟି ନେଇ ପୁଣି ଗାଁକୁ ଯିବାକୁ ଯୋଜନା କରିଥିଲେ। ବୁଧବାର ତାଙ୍କର ମୃତଦେହ ମିଳିବା ସନ୍ଦେହ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ସକାଳ ୮ଟାରେ ବନରକ୍ଷୀ ସୁବାସ ଶବର ଡେପୁଟି ରେଞ୍ଜରଙ୍କୁ ଡାକିବାକୁ କାର୍ଯ୍ୟାଳୟ ଉପର ମହଲାରେ ରହିଥିବା କ୍ୱାର୍ଟର୍ସକୁ ଯାଇଥିଲେ। ବାରମ୍ବାର ଡାକିବା ଏବଂ କବାଟ ବାଡ଼େଇବା ପରେ ମଧ୍ୟ ସେ ଖୋଲି ନ ଥିଲେ। ଏ ବିଷୟରେ ସୁବାସ ରେଞ୍ଜର ଚନ୍ଦନ କୁମାର ଗମାଙ୍ଗଙ୍କୁ ଜଣାଇଥିଲେ। ପାରାଗାର୍ଡମାନେ ପୁଣି ଆସି ବହୁ ସମୟ ଧରି ଡାକି ବିଫଳ ହୋଇଥିଲେ। ପରେ କର୍ମଚାରୀମାନେ ଝରକା ବାଟେ ଦେଖିବାବେଳେ ବ୍ରଜମୋହନ(୫୮) ଉଲଗ୍ନ ☞ପୃଷ୍ଠା-୪

## ମାଟି ତଳେ ୩୨ ଲକ୍ଷର ଚୋରି ଟଙ୍କା

ସମ୍ବଲପୁର,୨୦।୪(ବ୍ୟୁରୋ)

ସମ୍ବଲପୁର ଭିଏସ୍‌ଏସ୍ ମାର୍ଗରେ ଥିବା ହୋଟେଲ ଶିଲା ଟାୱାର ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ହୋଟେଲରେ କାର୍ଯ୍ୟରତ ଥିବା କର୍ମଚାରୀ ମାନସ ପଧାନ, ଯୋଗେଶ୍ୱର ବେହେରା, ଗୋବିନ୍ଦ ମଲ୍ଲିକ ଓ ପୂର୍ବତନ କର୍ମଚାରୀ ଡିଲେଶ୍ୱର ବେହେରା। ଦେବଗଡ଼ ଜିଲା ରିଆମାଳର ଅଭିଯୁକ୍ତ ଡିଲେଶ୍ୱରଙ୍କ ଘର ମାଟି ତଳୁ ଚୋରି ୩୨ ଲକ୍ଷ ଟଙ୍କା ଉଦ୍ଧାର ହୋଇଛି। ଏସ୍‌ପି ଅଫିସରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବାତୁଲା ଗଙ୍ଗାଧର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏପ୍ରିଲ ୧୫ ତାରିଖରେ ହୋଟେଲ ଶିଲା ଟାୱାର





କ୍ୟାଶିୟର କୃଷ୍ଣ ଚନ୍ଦ୍ର ମଲ୍ଲିକ ଧନୁପାଲି ଥାନାରେ ଅଭିଯୋଗ କରିଥିଲେ। ସେ ତାଙ୍କ ଅଭିଯୋଗରେ ହୋଟେଲର ୪ର୍ଥ ମହଲା ଅଫିସ ଡ୍ରୟାରରୁ ୩୯ ଲକ୍ଷ ଟଙ୍କା ଚୋରି ହୋଇଥିବା ଦର୍ଶାଇଥିଲେ। ଏହାକୁ ନେଇ ସଦର ଏସ୍‌ଡିପିଓ ପି.କେ. ସାହୁଙ୍କ ନେତୃତ୍ୱରେ ଧନୁପାଲି ଥାନା ଆଇଆଇସି ଅନିତା ପ୍ରଧାନଙ୍କୁ ନେଇ ଗଠିତ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଚୋରି ହୋଇଥିବା କୋଠରିରେ ସିସିଟିଭି ନ ଥିବାରୁ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ କଷ୍ଟକର ହୋଇଥିଲା। ତଥାପି ହୋଟେଲ କର୍ମଚାରୀଙ୍କ ଉପରେ ସନ୍ଦେହ କରି ପୋଲିସ ତଦନ୍ତ ଆଗକୁ ବଢ଼ାଇଥିଲା। ପଚରାଉଚରା ପରେ ଗିରଫ ୩ କର୍ମଚାରୀ ଘଟଣାକୁ ସ୍ୱୀକାର କରିଥିଲେ। ସେମାନଙ୍କ ବୟାନ ଅନୁସାରେ ପୋଲିସ ରିଆମାଳର ଡିଲେଶ୍ୱରଙ୍କ ଘର ମାଟି ତଳୁ ୩୨ଲକ୍ଷ ଟଙ୍କା ଉଦ୍ଧାର କରିଥିଲା। ପୂର୍ବ କର୍ମଚାରୀ ଡିଲେଶ୍ୱର ୪ଦିନ ☞ପୃଷ୍ଠା-୪




ଧରିତ୍ରୀ
DHARITRI
ଗୁରୁବାର, ୨୧ ଏପ୍ରିଲ, ୨୦୨୨

**କେନାଲରେ ବୁଡ଼ି ୪ ନାବାଳିକା ମୃତ**

ମଧ୍ୟପ୍ରଦେଶ ଖଣ୍ଡୱା ଜିଲାରେ ଥିବା କୋଠି ଗ୍ରାମରେ ବୁଧବାର ୧୧ ଜଣ ନାବାଳିକା କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ବୈଶାଳୀ ନାଭାଲ ସିଂଙ୍କ ପାଦ ଖସିଯାଇଥିବାବେଳେ ତାଙ୍କୁ ରକ୍ଷା କରିବାକୁ ଯାଇ ୬ ଜଣ ପାଣିରେ ପଶିଥିଲେ। ତେବେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତଦେହ ଠାବ ହୋଇଛି।



## ସଂକ୍ଷେପରେ

### ଲାଉଡ୍‌ସ୍ପିକର ଉପରେ ଜାତୀୟ ନୀତି ଆଣୁ କେନ୍ଦ୍ର



ମୁମ୍ବାଇ, ୨୦।୪: ଲାଉଡ୍‌ସ୍ପିକର ବ୍ୟବହାର ଉପରେ କେନ୍ଦ୍ର ସରକାର ଏକ ଜାତୀୟ ନୀତି ଆଣି ତାହାକୁ ପ୍ରଥମେ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଲାଗୁ କରନ୍ତୁ ବୋଲି ଶିବସେନା ଏମ୍‌ପି ସଞ୍ଜୟ ରାଉତ ବୁଧବାର ଦାବି କରିଛନ୍ତି। ମହାରାଷ୍ଟ୍ରର ମସ୍‌ଜିଦ୍‌ଗୁଡ଼ିକରୁ ଲାଉଡସ୍ପିକର ହଟାଇବା ପାଇଁ ନିକଟରେ ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ ଠାକ୍‌ରେ ଦାବି କରିବା ପରଠାରୁ ଏହି ପ୍ରସଙ୍ଗ ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହା ଉପରେ ପ୍ରତିକ୍ରିୟା ରଖି ରାଉତ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଉଡସ୍ପିକର ଉପରେ ଜାତୀୟ ନୀତି ଆଣି ପ୍ରଥମେ ବିହାର, ଦିଲ୍ଲୀ, ଗୁଜରାଟ ଭଳି ରାଜ୍ୟରେ ଲାଗୁ କରନ୍ତୁ। ପରେ ମହାରାଷ୍ଟ୍ର ସରକାର ଆପେ ଏହି ନିୟମକୁ ରାଜ୍ୟରେ ପ୍ରଚଳନ କରିବ। ଲାଉଡସ୍ପିକରକୁ ଭାଜପା ଏକ ବିବାଦରେ ପରିଣତ କରିଥିବାରୁ ଏଭଳି ନୀତିର ଆବଶ୍ୟକତା ରହିଛି ବୋଲି ରାଉତ କହିଛନ୍ତି।

### ଟେଡ୍ରୋସ୍‌ଙ୍କୁ ‘ତୁଳସୀ ଭାଇ’ କହିଲେ ମୋଦି

ନୂଆଦିଲ୍ଲୀ, ୨୦।୪: ଗୁଜରାଟର ଗାନ୍ଧୀନଗରରେ ୩ ଦିନିଆ ଗ୍ଲୋବାଲ ଆୟୁଷ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଇନୋଭେଶନ ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଉଥିବାବେଳେ ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଘେବ୍ରେୟସ୍‌ଙ୍କୁ ‘ତୁଳସୀ ଭାଇ’ ଡାକିଥିଲେ। ଏହି ଅବସରରେ ମୋଦି କହିଥିଲେ, ଟେଡ୍ରୋସ୍ ତାଙ୍କର ଜଣେ ଭଲ ବନ୍ଧୁ। ଭାରତୀୟ ଶିକ୍ଷକଙ୍କଠାରୁ ସେ ଶିକ୍ଷା ପାଇଥିବା କାରଣରୁ ସେ ଏହି ସଫଳତା ଉପଲବ୍ଧି କରିଛନ୍ତି ବୋଲି ଟେଡ୍ରୋସ୍ ସବୁବେଳେ କହିଥାନ୍ତି। ଆଜି ସେ ଜଣେ ପକ୍କା ଗୁଜରାଟୀ ପାଲଟିଛନ୍ତି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ କହିବା ସହ ତାଙ୍କ ପାଇଁ କିଛି ନାଁ ବାଛିଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ତେଣୁ ତାଙ୍କ ନାଁ ଗୁଜରାଟୀ ଢଙ୍ଗରେ ‘ତୁଳସୀ ଭାଇ’ ରଖିଥିବା ମୋଦି କହିଥିଲେ। ତୁଳସୀ ଭଳି ଗଛକୁ ଏବେର ପିଢ଼ୀ ଭୁଲି ଗଲେଣି। ପିଢ଼ି ପରେ ପିଢ଼ି ତୁଳସୀକୁ ପୂଜା କରିଆସୁଛନ୍ତି। ଏବେଠୁ ତୁଳସୀ ଆମ ଗହଣରେ ସାମିଲ ହୋଇଥିବା ମୋଦି ଟେଡ୍ରୋସ୍‌ଙ୍କ ଉଦ୍ଦେଶ୍ୟରେ କହିଥିଲେ।

### ଗୋଟିଏ ରାତିରେ ୟୁକ୍ରେନ୍ ସେନାର ହଜାରେ ସାମଗ୍ରୀ ନଷ୍ଟ

କିଭ୍, ୨୦।୪: ପୂର୍ବ ୟୁକ୍ରେନ୍‌କୁ ଟାର୍ଗେଟ କରି ରୁଷିଆ ଆକ୍ରମଣ ତୀବ୍ର କରିଥିବାବେଳେ ଗୋଟିଏ ରାତିରେ କିଭ୍ ସେନାର ୧,୦୫୩ ମିଲିଟାରି ଫାସିଲିଟିକୁ ନଷ୍ଟ କରିଛି। ଏକ ଟେଲିଗ୍ରାମ ପୋଷ୍ଟରେ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମସ୍କୋର ‘ମିଲିଟାରି ଅପରେଶନ’ରେ ୟୁକ୍ରେନ୍‌ର ୧୦୬ ଆର୍ଟିଲାରି ଫାୟାରିଂ ପୋଜିଶନ ନଷ୍ଟ ହୋଇଥିବାବେଳେ ୬ ମାନବବିହୀନ ଯୁଦ୍ଧବିମାନ ଧ୍ୱଂସ ହୋଇଛି। ଏଥିସହ ୟୁକ୍ରେନ୍ ସୈନ୍ୟ ଏବଂ ସାମରିକ ଉପକରଣ ଥିବା ୫୭ ସ୍ଥାନକୁ ଟାର୍ଗେଟ କରାଯାଇଛି। ୬ ଯୁଦ୍ଧାସ୍ତ୍ର ଡିପୋ, ୬ ଟ୍ୟାଙ୍କ, ୯ ଯୁଦ୍ଧାସ୍ତ୍ର ଭର୍ତ୍ତି ଯାନ, ଏକ ଏମ୍‌ଏସ୍‌ଟିଏ-ବି ହାଉଜର ବ୍ୟାଟେରି ୱିପନ୍ ମଧ ରୁଷିଆ ଆକମ୍ରଣରେ ନଷ୍ଟ ହୋଇଛି। ରୁଷିଆର ସଶସ୍ତ୍ର ବାହିନୀ ୟୁକ୍ରେନ୍‌ରେ ସ୍ୱତନ୍ତ୍ର ସାମରିକ ଅଭିଯାନ ଜାରି ରଖିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### କିଭ୍‌ରେ ଇୟୁ ପରିଷଦ ମୁଖ୍ୟ

କିଭ୍, ୨୦।୪: ରୁଷିଆ ସହ ଲଢ଼େଇ ଜାରି ରଖିଥିବା ୟୁକ୍ରେନ୍ ପ୍ରତି ସମର୍ଥନ ଜଣାଇବା ପାଇଁ ୟୁରୋପୀୟ ସଂଘ(ଇୟୁ) ପରିଷଦ ମୁଖ୍ୟ ଚାର୍ଲସ ମାଇକେଲ ବୁଧବାର ଅଚାନକ କିଭ୍ ଗସ୍ତ କରିଛନ୍ତି। ଏ ବାବଦରେ ଚାର୍ଲସ ଏକ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି।



ଚାର୍ଲସ ମାଇକେଲ

ସେ ୟୁକ୍ରେନ୍‌ର ଧ୍ୱସ୍ତବିଧ୍ୱସ୍ତ ବୋରୋଡିଆଙ୍କା ମଧ ବୁଲି ଦେଖିଛନ୍ତି। ରୁଷିଆ କରିଥିବା ଯୁଦ୍ଧ ଅପରାଧ ପାଇଁ ୟୁକ୍ରେନ୍‌କୁ ନ୍ୟାୟ ମିଳିବା ଜରୁରୀ। ୟୁକେନରେ ରୁଷିଆର ବର୍ବରତା ଓ ଯୁଦ୍ଧ ଅପରାଧକୁ ଇତିହାସ ସବୁଦିନ ପାଇଁ ମନେ ରଖିବ। ନ୍ୟାୟରହିତ ପୃଥିବୀରେ ଶାନ୍ତି ସ୍ଥାପନ ହୋଇପାରିବ ନାହିଁ ବୋଲି ଚାର୍ଲସ ଟୁଇଟ୍‌ରେ ଲେଖିଛନ୍ତି। କିଭ୍‌ରୁ ରୁଷିଆ ସୈନ୍ୟ ଫେରିବା ପରେ ସେଠାରୁ ୧,୨୦୦ ମୃତଦେହ ମିଳିଲାଣି।

## ପୁଣି ଡରାଇଲାଣି କରୋନା

# ଆର୍ ଭାଲ୍ୟୁ ୧ ଟପିଲା



**ନୂଆଦିଲ୍ଲୀ, ୨୦।୪**

- ୨୪ ଘଣ୍ଟାରେ ସଂକ୍ରମଣ ୬୬% ବୃଦ୍ଧି
- ଦିନକରେ ୨୦୬୭ ନୂଆ ଆକ୍ରାନ୍ତ

କୋଭିଡ୍ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ପରେ ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା କମିଥିଲାବେଳେ ଏବେ ପୁଣି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଚିନ୍ତା ବଢ଼ାଇଛି। ୩ ମାସରେ ପ୍ରଥମ ଥର ପାଇଁ ରିପ୍ରଡକ୍ସନ ନମ୍ବର (ଆର୍) ଭାଲ୍ୟୁ ୧ ଟପିଛି। ସଂକ୍ରମଣ କେତେ ଶୀଘ୍ର ବ୍ୟାପୁଛି ତାହା ଆର୍ ଭାଲ୍ୟୁ ସୂଚକାଙ୍କରୁ ଜଣାପଡ଼ିଥାଏ। ଗତ ଜାନୁଆରୀ ପରଠାରୁ ଦେଶରେ ଆର୍ ଭାଲ୍ୟୁ ସର୍ବାଧିକ ଥିବା ଚେନ୍ନାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥମେଟିକାଲ ସାଇନ୍ସର ଗବେଷକ ସୀତାଭ୍ର ସିହ୍ନା ଆକଳନ କରିଛନ୍ତି। ଏପ୍ରିଲ ୫-୧୧ରେ ତାହା ୦.୯୩ ଥିଲା। ଜାନୁୟାରୀ ୧୬-୨୨ ମଧ୍ୟରେ ଆର୍ ଭାଲ୍ୟୁ ୧.୨୮ ରହିଥିଲା। ବିଶେଷ କରି ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣାରେ ସଂକ୍ରମଣ ଉପରମୁହାଁ ହେବାରେ ଲାଗିଛି। ତେବେ ଆର୍ ଭାଲ୍ୟୁ ବଢ଼ିବା ପାଇଁ କେବଳ ଦିଲ୍ଲୀ, ୟୁପି କିମ୍ବା ହରିୟାଣା ଦାୟୀ ନୁହେଁ। ଏହି ସୂଚକାଙ୍କରେ ନମ୍ବର ବୃଦ୍ଧି ପାଇବା ଅର୍ଥ ସାରା ଦେଶରେ ସକ୍ରିୟ ମାମଲା ବଢ଼ିଛି ବୋଲି ସିହ୍ନା କହିଛନ୍ତି। ମହାମାରୀକୁ ନିୟନ୍ତ୍ରଣରେ ରଖିବାକୁ ହେଲେ ଆର୍ ଭାଲ୍ୟୁ ୧ ତଳକୁ ଆଣିବାକୁ ପଡ଼ିବ। ଏପ୍ରିଲ ୧୮ରେ କେବଳ ଦିଲ୍ଲୀ ଓ ୟୁପିରେ ଏହା ୨.୧୨ ରହିଥିବାବେଳେ ହରିୟାଣାରେ ୧,୭୦, କର୍ନାଟକରେ ୧.୦୪, ମୁମ୍ବାଇରେ ୧,୧୩ , ଚେନ୍ନାଇରେ ୧,୧୮ ଏବଂ ବେଙ୍ଗାଲୁରୁରେ ୧,୦୪ ରହିଛି।

ଅପରପକ୍ଷେ ଦେଶରେ ଗତ ୨୪ ଘଣ୍ଟାରେ ୨,୦୬୭ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ମାମଲା ୪ କୋଟି ୩୦ ଲକ୍ଷ ୪୭ ହଜାର ୫୯୪ରେ ପହଞ୍ଚିଛି। ପୂର୍ବଦିନ ତୁଳନାରେ ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ୬୬% ବୃଦ୍ଧି ପାଇଛି। ସକ୍ରିୟ ମାମଲା ୧୨,୩୪୦ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୈନିକ ପଜିଟିଭ୍ ହାର ୦.୪୯ ପ୍ରତିଶତ ରହିଛି। କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସଂକ୍ରମଣ ବଢ଼ୁଥିବାବେଳେ ଦେଶରେ ଚତୁର୍ଥ ଲହରର ଆଶଙ୍କା କମ୍ ବୋଲି ଆଇସିଏମ୍‌ଆର୍ ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଡା. ଆର୍. ଗଙ୍ଗାଖେଦକର କହିଛନ୍ତି।

### ମାସ୍କ ନ ପିନ୍ଧିଲେ ୫ଶହ ଜରିମାନା

**ଦିଲ୍ଲୀରେ ବନ୍ଦ ହେବନି ସ୍କୁଲ**

ଜାତୀୟ ରାଜଧାନୀ ଦିଲ୍ଲୀରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏହାର ଉଲ୍ଲଂଘନ କଲେ ୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ଦିଲ୍ଲୀ ସରକାର ବୁଧବାର ନିଷ୍ପତ୍ତି କରିଛନ୍ତି। ତେବେ ଦିଲ୍ଲୀରେ ସ୍କୁଲ ବନ୍ଦ ହେବ ନାହିଁ ବୋଲି ଏ ସମ୍ପର୍କରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡିଡିଏମ୍‌ଏ) ସ୍ଥିର କରିଛନ୍ତି। ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଶିକ୍ଷାନୁଷ୍ଠାନରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ଅଣାଯିବ ବୋଲି ନିଷ୍ପତ୍ତି ହୋଇଛି। ମଙ୍ଗଳବାର ଦିଲ୍ଲୀରେ କୋଭିଡ୍ ସଂକ୍ରମଣ ୨୬% ବୃଦ୍ଧି ପାଇଥିବାବେଳେ ଗତ ୨୪ ଘଣ୍ଟାରେ ୬୩୨ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷେ ଗତ ଜାନୁୟାରୀରୁ ମାର୍ଚ୍ଚରେ ଦିଲ୍ଲୀର କୋଭିଡ୍ ମୃତକଙ୍କ ମଧ୍ୟରୁ ୯୭% ଓମିକ୍ରନ୍ ଭାରିଆଣ୍ଟରେ ଆକ୍ରାନ୍ତ ହୋଇଥିଲେ ବୋଲି ଜଣାପଡ଼ିଛି। ମୋଟ ୫୮୦ ମୃତକଙ୍କ ନମୁନାର ଜିନୋମ ସିକ୍ୱେନ୍ସିଂ ପରେ ୫୬୦ ସାମ୍ପଲରୁ ଓମିକ୍ରନ ଭାରିଆଣ୍ଟ ଚିହ୍ନଟ ହୋଇଛି। ଆଉ ୩% ବା ୧୮ ମୃତକ ଡେଲ୍ଟା ଭାରିଆଣ୍ଟରେ ସଂକ୍ରମିତ ହୋଇଥିଲେ ବୋଲି ସରକାରୀ ସୂଚନାରୁ ଜଣାପଡ଼ିଛି।

### ୮ ମାସ ଧରି ନାବାଳିକାଙ୍କୁ ବଳାତ୍କାର କରିଛନ୍ତି ୮୦ ଜଣ

**ଅମରାବତୀ,୨୦।୪**

ଆନ୍ଧ୍ର ପ୍ରଦେଶର ଗଣ୍ଟୁରରୁ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ୧୩ ବର୍ଷର ନାବାଳିକା ସହ ୮୦ ଜଣ ଗଣବଳାତ୍କାର କରିଛନ୍ତି। ଦୀର୍ଘ ୮ ମାସ ଧରି ଅଭିଯୁକ୍ତମାନେ ନାବାଳିକାଙ୍କୁ ଶୋଷଣ କରିଆସୁଥିଲେ। ଗୁଣ୍ଟୁର ପୋଲିସ ମଙ୍ଗଳବାର ନାବାଳିକାଙ୍କୁ ଉଦ୍ଧାର କରିଥିବାବେଳେ ସମସ୍ତ ୮୦ ଅଭିଯୁକ୍ତଙ୍କ ଗିରଫ କରାଯାଇଛି। ବଳପୂର୍ବକ ନାବାଳିକାଙ୍କୁ ଦେହଜୀବୀ କାରବାରରେ ନିୟୋଜିତ କରାଯାଇଥିବା ପୋଲିସ କହିଛି। ମାମଲାର ମୁଖ୍ୟ ଅଭିଯୁକ୍ତ ସାଓ୍ୱର୍ଣ୍ଣା କୁମାରୀଙ୍କୁ ଚିହ୍ନଟ କରାଯାଇଛି। ସେ ଜୋର ଜବରଦସ୍ତ ନାମାଳିକାଙ୍କୁ ବେଶ୍ୟାବୃତ୍ତି ରେ ଲଗାଇଥିବା ପୋଲିସ କହିଛି। ଗତବର୍ଷ ନାବାଳିକାଙ୍କ ମା’ କରୋନାରେ ପ୍ରାଣ ହରାଇଥିଲେ। ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ନାବାଳିକାଙ୍କ ମା’ ଓ ସାଓ୍ୱର୍ଣ୍ଣା କୁମାରୀଙ୍କ ମଧ୍ୟରେ ଭଲ ସମ୍ପର୍କ ଗଢି ଉଠିଥିଲା। ପୀଡ଼ିତାଙ୍କ ମା’ଙ୍କ ବିୟୋଗ ପରେ ୧୩ ବର୍ଷର ଝିଅକୁ ସାଓ୍ୱର୍ଣ୍ଣା କୁମାରୀ ପୋଷ୍ୟଭାବେ ଗ୍ରହଣ କରିଥିଲେ। ଏହାପରେ ସଓ୍ୱର୍ଣ୍ଣା ପୀଡ଼ିତାଙ୍କୁ ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନାରେ ଥିବା ବେଶ୍ୟାଳୟକୁ ପଠାଇଥିଲେ, ଯାହା ଦୀର୍ଘ ୮ ମାସ ଧରି ଚାଲିଥିଲା। ଗତବର୍ଷ ଅଗଷ୍ଟ ମାସରେ ପୀଡ଼ିତାଙ୍କ ବାପା ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ।

**ଶ୍ରୀଲଙ୍କା ପୋଲିସ ଗୁଳିରେ ପ୍ରଥମ ବିକ୍ଷୋଭକାରୀଙ୍କ ମୃତ୍ୟୁ**

### ନିରପେକ୍ଷ ତଦନ୍ତ ପ୍ରତିଶ୍ରୁତି ଦେଲେ ଗୋଟାବାୟା

**କଲମ୍ବୋ, ୨୦।୪**

ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ନେଇ ସରକାରୀ ବିରୋଧୀ ଆନ୍ଦୋଳନ ଜାରି ରହିଥିବାବେଳେ ମଙ୍ଗଳବାର ଅପରାହ୍ନରେ ରାମବୁକାନାଠାରେ ପୋଲିସ ଗୁଳିରେ ପ୍ରଥମ କରି ଜଣେ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କୁ ନ୍ୟାୟ ଦାବିରେ ବହୁସଂଖ୍ୟାରେ ଲୋକେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ତୀବ୍ର କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ହିଂସାକାଣ୍ଡରୁ ବିକ୍ଷୋଭକାରୀ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ତଦନ୍ତ ନିମନ୍ତେ ୨୦ ସଦସ୍ୟ ବିଶିଷ୍ଟ ଏକ ଟିମ୍ ଗଢ଼ାଯାଇଥିବା ଶ୍ରୀଲଙ୍କା ପୋଲିସ କହିଛି। ଆନ୍ଦୋଳନକାରୀ ଏକ ରେଲୱେ ଲାଇନ୍ ବ୍ଲକ କରିବା ସହ ଏକ ତେଲ ଟ୍ୟାଙ୍କରକୁ ଅଟକାଇଥିବାବେଳେ ପୋଲିସ ଗୁଳିଚାଳନା କରିଥିଲା। ଏଥିରେ ଜଣଙ୍କ ମୃତ୍ୟୁ ଘଟିବା ସହ ୧୩ ଜଣ ଆହତ ହୋଇଛନ୍ତି। ଏହି ଘଟଣା ପରେ ଉତ୍ତେଜନା ଲାଗିରହିଛି। ଆର୍ଥିକ ସଙ୍କଟ ଯୋଗୁ ଶ୍ରୀଲଙ୍କାବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବିଦେଶୀ ପୁଞ୍ଜି ଅଭାବରୁ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ କରାଯାଇପାରୁ ନାହିଁ। ଫଳରେ ସେଠାରେ ଇନ୍ଧନ ସମସ୍ୟା ଦେଖାଦେବା ସହ ବିଭିନ୍ନ ସାମଗ୍ରୀର ଦର ଆକାଶଛୁଆଁ ହୋଇଛି। ଆର୍ଥିକ ସଙ୍କଟ ପାଇଁ ଗୋଟାବାୟା ସରକାରଙ୍କୁ ଦାୟୀ କରାଯାଇ ତାଙ୍କ ଇସ୍ତଫା ଲାଗି ଆନ୍ଦୋଳନ ଜାରି ରହିଛି।

### ଖୁବ୍‌ଶୀଘ୍ର ଆୟୁଷ ଭିଜା

**ଗାନ୍ଧୀନଗର, ୨୦।୪**

**ପାରମ୍ପରିକ ଚିକିତ୍ସା ଟୁରିଜମ୍‌କୁ ମିଳିବ ପ୍ରୋତ୍ସାହନ**

ପାରମ୍ପରିକ ଔଷଧ ଏବଂ ଆୟୁଷ ଉତ୍ପାଦଗୁଡ଼ିକ ମାଧ୍ୟମରେ ଚିକିତ୍ସା ପଦ୍ଧତିକୁ ବିଶ୍ୱସ୍ତରରେ ପହଞ୍ଚାଇବା ନିମନ୍ତେ କେନ୍ଦ୍ର ସରକାର ଆୟୁଷ ଭିଜା ଆଣିବେ। ଏହା ଦ୍ୱାରା ପାରମ୍ପରିକ ଚିକିତ୍ସା ପଦ୍ଧତିର ଲାଭ ଉଠାଇବା ବିଦେଶୀ ନାଗରିକଙ୍କ ପାଇଁ ସହଜ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି। ଗୁଜରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରଠାରେ ଆୟୋଜିତ ଗ୍ଲୋବାଲ ଆୟୁଷ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ଇନୋଭେଶନ ସମିଟ୍-୨୦୨୨ରେ ପ୍ରଧାନମନ୍ତ୍ରୀ ମୋଦି ଏହି ଘୋଷଣା କରିଛନ୍ତି।

ପାରମ୍ପରିକ ଚିକିତ୍ସା ଟୁରିଜମ୍‌କୁ ପ୍ରୋତ୍ସାହିତ କରିବା ଦିଗରେ କେନ୍ଦ୍ରର ସ୍ୱତନ୍ତ୍ର ଯୋଜନା ରହିଛି। ଔଷଧୀୟ ଚାରାରୋପଣ କରିଥିବା ଚାଷୀଙ୍କୁ ସଂଯୋଗ କରିବା ପାଇଁ ଏକ ଡିଜିଟାଲ ପୋର୍ଟାଲ ଖୋଲାଯିବା ସହ ଅନ୍ୟ ଟେକ୍ନୋଲୋଜି ସଂଲଗ୍ନ ରହିବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। କୋଭିଡ୍-୧୯ ମହାମାରୀବେଳେ ଲୋକେ ବହୁଳ ମାତ୍ରାରେ ଆୟୁର୍ବେଦିକ୍ ପଦ୍ଧତିରେ ସ୍ୱାସ୍ଥ୍ୟର ଯତ୍ନ ନେଇଥିଲେ। ତେଣୁ ଆୟୁଷ କ୍ଷେତ୍ରରେ ବିନିଯୋଗ ଓ ନୂତନତ୍ୱର ଅସୀମ ସମ୍ଭାବନା ରହିଛି। ଏହି ସେକ୍ଟରରେ ଯଥାସମ୍ଭବ ବିନିଯୋଗ କରିବାର ସମୟ ଉପନୀତ ବୋଲି ମୋଦି କହିଛନ୍ତି। ଏହି ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟସ୍, ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ କୁମାର ଜଗନ୍ନାଥ, କେନ୍ଦ୍ର ଆୟୁଷ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗୁଜରାଟର ଜାମ୍‌ନଗରଠାରେ ମଙ୍ଗଳବାର ଡବ୍ଲ୍ୟୁଏଚ୍‌ଓ ମୁଖ୍ୟଙ୍କ ଉପସ୍ଥିତିରେ ଗ୍ଲୋବାଲ ସେଣ୍ଟର ଫର୍ ଟ୍ରାଡିସନାଲ ମେଡିସିନ୍ (ଜିସିଟିଏମ୍)ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମରିସସ୍ ପ୍ରତିପକ୍ଷ ପ୍ରବୀନ୍ଦ କୁମାର ଜଗନ୍ନାଥ (ବାମ) ଏବଂ ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟସ୍।



ମୁମ୍ବାଇସ୍ଥିତ ମଜଗାଓଁ ଡକ୍ ଶିପ୍‌ବିଲ୍ଡର୍ସ ଲିମିଟେଡ୍ (ଏମ୍‌ଡିଏଲ୍)ରେ ବୁଧବାର ଭାରତୀୟ ନୌସେନାର ପ୍ରୋଜେକ୍ଟ-୭୫ ଅଧୀନ ଷଷ୍ଠ ସ୍କୋର୍ପେନ ବୁଡ଼ାଜାହାଜ ‘ଭଗ୍‌ଶୀର’ର ଜଳାବତରଣ ହୋଇଛି।

### ଆମେରିକାକୁ ପ୍ରତ୍ୟର୍ପିତ ହେବେ ଆସେଞ୍ଜ୍

**ଲଣ୍ଡନ, ୨୦।୪**



ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ୍ ଆସେଞ୍ଜଙ୍କୁ ଆମେରିକା ପ୍ରତ୍ୟର୍ପଣ ନିମନ୍ତେ ବ୍ରିଟେନ୍‌ର ଏକ କୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ମାମଲାକୁ ବ୍ରିଟେନ୍ ଆଭ୍ୟନ୍ତରୀଣ ମନ୍ତ୍ରୀ ପ୍ରୀତି ପଟେଲ୍‌ଙ୍କ ନିକଟକୁ ପଠାଯିବ। ଜୁଲିଆନ୍‌ଙ୍କ ଓକିଲ ୪ ସପ୍ତାହରେ ଗୃହ ସଚିବ ପଟେଲଙ୍କ ନିକଟରେ ପକ୍ଷ ରଖିବା ସହ ବ୍ରିଟେନ ହାଇକୋର୍ଟରେ ଆବେଦନ କରିପାରିବେ। ୫୦ ବର୍ଷୀୟ ଅଷ୍ଟ୍ରେଲୀୟ ନାଗରିକ ଆସେଞ୍ଜଙ୍କ ବିରୋଧରେ ଆମେରିକାରେ ୧୮ ସଙ୍ଗିନ ମାମଲା ରହିଛି। ସେ ଆମେରିକାର ଗୋପନୀୟ ସେନା ଡକ୍ୟୁମେଣ୍ଟକୁ ୱିକିଲିକ୍ସରେ ପ୍ରକାଶ କରିବା ସହ ସେଠାରେ ଗୁପ୍ତଚରଗିରି କରିଥିବା ଅଭିଯୋଗ ରହିଛି। ବ୍ରିଟେନର ଏକ କୋର୍ଟ ଆମେରିକାର ପ୍ରତ୍ୟର୍ପଣ ଆବେଦନକୁ ଗତବର୍ଷ ଜାନୁୟାରୀ ୪ରେ ଖାରଜ କରିଥିଲେ। ଏହି ରାୟକୁ ଆମେରିକା ବ୍ରିଟେନ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଆମେରିକାର ଓକିଲ ଆସେଞ୍ଜଙ୍କ ବିରୋଧରେ ୧୭ ଗୁପ୍ତଚରଗିରି ମାମଲା ଏବଂ କମ୍ପ୍ୟୁଟର ଅପବ୍ୟବହାର କରି ୱିକିଲିକ୍ସ ପବ୍ଲିକେଶନରେ ହଜାର ହଜାର ଗୋପନୀୟ ସେନା ତଥ୍ୟ ଓ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଡକ୍ୟୁମେଣ୍ଟକୁ ପ୍ରକାଶ କରିଥିବା ନେଇ ଆଉ ଏକ ମାମଲା ରହିଥିବା କୋର୍ଟରେ ଉପସ୍ଥାପନ କରିଥିଲେ। ଏ ସମସ୍ତ ଅଭିଯୋଗ ସତ ପ୍ରମାଣ ହେଲେ ଆସେଞ୍ଜଙ୍କୁ ସର୍ବାଧିକ ୧୭୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ।

## ଶାହାଙ୍କ ଘରେ ବୁଲ୍‌ଡୋଜର ଚଢ଼ାଅ:ଏଏପି

**ନୂଆଦିଲ୍ଲୀ,୨୦।୪**

ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ସତ୍ତ୍ୱେ ଉତ୍ତର ଦିଲ୍ଲୀ ମହାନଗର ନିଗମ (ଏନ୍‌ଡିଏମ୍‌ସି) ପକ୍ଷରୁ ଜାହାଙ୍ଗୀରପୁରୀରେ ଜବରଦଖଲ ଉଚ୍ଛେଦକୁ ନେଇ ବିବାଦ ସୃଷ୍ଟି ହୋଇଛି। ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବୁଲ୍‌ଡୋର ରାଜନୀତିକୁ ସମାଲୋଚନା କରିଛି। ବୁଲ୍‌ଡୋଜର ଚଢ଼ାଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଘର ଓ ଭାଜପା ମୁଖ୍ୟାଳୟକୁ ମାଟିରେ ମିଶାଇଲେ ଦେଶକୁ ଚିରଦିନ ପାଇଁ ସାମ୍ପ୍ରଦାୟିକ ହିଂସାରୁ ମୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ କହିଛି। ଏଏପି ପକ୍ଷରୁ କୁହାଯାଇଛି ଯେ, ହନୁମାନ ଜୟନ୍ତୀରେ ଭାଜପା ପକ୍ଷରୁ ସାମ୍ପ୍ରଦାୟିକ ଦଙ୍ଗା ପାଇଁ ଷଡ଼ଯନ୍ତ୍ର ରଚାଯାଇଥିଲା। ଜାହାଙ୍ଗୀରପୁରୀ ହିଂସା ଏହାର ପରିଣାମ। ରାମ ନବମୀରେ ଦେଶର ବିଭିନ୍ନ ଭାଗରେ ଏପରି ହିଂସା ଦେଖିବାକୁ ମିଳିଛି। ସାମ୍ପ୍ରଦାୟିକ ହିଂସା ଓ ଦଙ୍ଗା ଉସୁକାଇବା ଉଦ୍ଦେଶ୍ୟରେ ଭାଜପା ବିଗତ ୮ ବର୍ଷରେ ଦେଶରେ ବେଆଇନ ଭାବେ ରହୁଥିବା ରୋହିଙ୍ଗ୍ୟା ଓ ବାଂଲାଦେଶୀଙ୍କୁ ପାଇଛି। ଅନୁରୂପ ଭାବେ ଭାଜପା ନେତା ଓ ଗୈରିକ ଦଳ ଶାସନାଧୀନ ଦିଲ୍ଲୀ ମହାନଗର ନିଗମଗୁଡ଼ିକର ଅଧିକାରୀମାନେ ଜାତୀୟ ରାଜଧାନୀରେ ୧୫ ବର୍ଷ ହେଲା ରୋହିଙ୍ଗ୍ୟା ଏବଂ ବାଂଲାଦେଶୀଙ୍କୁ ଥଇଥାନ କରିଛନ୍ତି। ସେହି ନେତାମାନଙ୍କ ଘର ମଧ୍ୟ ବୁଲ୍‌ଡୋଜର ଲଗାଇ ଭଙ୍ଗାଯାଉ ବୋଲି ଏଏପି ନେତା ଆତିଶି ଏକ ଭିଡିଓ ମେସେଜ୍‌ରେ ଦାବି କରିଛନ୍ତି। ଯାହାଙ୍କ ଇତିହାସ ଦୁର୍ନୀତି ଓ ଦଙ୍ଗାକୁ ନେଇ ଲେଖାଯାଇଛି, ସେମାନେ କିପରି ଏଭଳି ମନ୍ତବ୍ୟ ଦେଇପାରୁଛନ୍ତି। ସେମାନେ ଘୃଣାର ମଞ୍ଜି ବୁଣି ଦେଶର ହିତ ସାଧନ କରୁନାହାନ୍ତି, ବରଂ ଛବିକୁ ଖରାପ କରୁଛନ୍ତି ବୋଲି ରାହୁଲଙ୍କୁ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସମାଲୋଚନା କରିଛନ୍ତି।

### ସାମ୍ବିଧାନିକ ମୂଲ୍ୟବୋଧ ବିଧ୍ୱସ୍ତ: ରାହୁଲ




ସ୍ଥିତାବସ୍ଥା ବଜାୟ ପାଇଁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜାହାଙ୍ଗୀରପୁରୀରେ ଉଚ୍ଛେଦ ଅଭିଯାନ ଚାଲିଥିଲା। ଏହା ଭାଜପା ଦ୍ୱାରା ସାମ୍ବିଧାନିକ ମୂଲ୍ୟବୋଧର ମୂଳପୋଛ। ଏହା ହେଉଛି ଗରିବ ଓ ସଂଖ୍ୟାଲଘୁଙ୍କ ଉପରେ ସରକାର ପ୍ରାୟୋଜିତ ଆକ୍ରମଣ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟରରେ ସମାଲୋଚନା କରିଛନ୍ତି। ଏଥିସହ ସେ ଭାରତୀୟ ସମ୍ବିଧାନ ମୁଖବନ୍ଧକୁ ଏକ ବୁଲ୍‌ଡୋଜର ଟାର୍ଗେଟ କରୁଥିବା ଫଟୋକୁ ଶେୟାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୃଣାର ବୁଲ୍‌ଡୋଜରକୁ ସୁଇଚ୍ ଅଫ୍ କରି କେଇଲା ସଙ୍କଟ ସମୟରେ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରନ୍ତୁ ବୋଲି ରାହୁଲ କହିଛନ୍ତି।

### ବୁଲ୍‌ଡୋଜର ଆଗରେ ବ୍ରିନ୍ଦା

ସିପିଆଇଏମ୍ ପଲିଟ୍‌ବ୍ୟୁରୋ ସଦସ୍ୟା ବ୍ରିନ୍ଦା କରାଟ୍ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ଧରି ବ୍ୟକ୍ତିଗତ ଭାବେ ଉଚ୍ଛେଦସ୍ଥଳକୁ ଯାଇଥିଲେ। ଉଚ୍ଛେଦ ବେଳେ ସେ ବୁଲ୍‌ଡୋଜର ଆଗରେ ଛିଡ଼ାହୋଇ ବାଧା ଦେଇଥିଲେ। ତାଙ୍କର ଏହି ସାହସିକ ପଦକ୍ଷେପକୁ ସୋସିଆଲ ମିଡିଆରେ ପ୍ରଶଂସା କରାଯାଇଛି। ଦେଶର ଆଇନ ଓ ସମ୍ବିଧାନକୁ ବେଆଇନ ଭାବେ ଉଚ୍ଛେଦ କରାଯାଇଛି। ଅନ୍ତତଃ ସୁପ୍ରିମକୋର୍ଟ ଏବଂ ଅଦାଲତଙ୍କ ରାୟକୁ ବୁଲ୍‌ଡୋଜ୍ କରିବା ଅନୁଚିତ ବୋଲି ବ୍ରିନ୍ଦା ଖବରଦାତାଙ୍କୁ କହିଥିଲେ।



ଜବରଦଖଲ ଉଚ୍ଛେଦ ସମୟରେ ଦିଲ୍ଲୀ ପୋଲିସ ଜାହାଙ୍ଗୀରପୁରୀ ବାସିନ୍ଦାଙ୍କ ଆସବାବପତ୍ର ସ୍ଥାନାନ୍ତର କରାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୬୪,୩୨,୫୭୨ | ୬୨,୨୯,୯୩୫ | ୪୫,୮୫,୮୭,୨୩୪ |
| ଭାରତ | ୪,୩୦,୪୭,୫୯୪ | ୫,୨୨,୦୦୬ | ୪,୨୫,୧୩,୨୪୮ |
| ଓଡ଼ିଶା | ୧୨,୮୭,୯୫୯ | ୯୧୨୪(+୫୩) | ୧୨,୭୮,୬୮୭ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଓଡ଼ିଶାରେ ଖଣି ଖନନ ପାଇଁ ସେଲ୍‌କୁ ଅନୁମତି

## ସୁପ୍ରିମକୋର୍ଟରେ ରାଜ୍ୟ ସରକାର କହିଲେ ଆପତ୍ତି ନାହିଁ

ନୂଆଦିଲ୍ଲୀ,୨୦।୪

ଓଡ଼ିଶାରେ ଖଣି ଖନନ କାର୍ଯ୍ୟ କରିବା ପାଇଁ ସୁପ୍ରିମକୋର୍ଟ ବୁଧବାର ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)କୁ ଅନୁମତି ଦେଇଛନ୍ତି। ଖନନ କଲେ ରାଜ୍ୟ ସରକାରଙ୍କର ଆପତ୍ତି ନାହିଁ ବୋଲି ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ ଶୀର୍ଷ ଅଦାଲତଙ୍କୁ ଜଣାଇବା ପରେ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ଅନୁମତି ପ୍ରଦାନ କରିଛନ୍ତି।

ତିନିଜଣିଆ ଖଣ୍ଡପୀଠରେ ଶୁଣାଣି ବେଳେ ଉକ୍ତ ରାଷ୍ଟ୍ରାୟତ୍ତ କମ୍ପାନୀ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ସେଲ୍ ସମସ୍ତ ଦେୟ ପଇଠ କରିଛି। ଏଥିସହ ଆବଶ୍ୟକ ମଞ୍ଜୁରୀ ମଧ୍ୟ ହାସଲ କରିଛି। ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା କହିଥିଲେ, କୋର୍ଟ ସେଲ୍‌କୁ ମାଇନିଂ ଅପରେଶନ ପାଇଁ ଅନୁମତି ଦେଲେ ରାଜ୍ୟ ସରକାରଙ୍କ କିଛି ଆପତ୍ତି ନାହିଁ। ସୁପ୍ରିମକୋର୍ଟ ଅନୁରୂପ ଭାବେ ଅଭିନ ଜୈନଙ୍କୁ ମଧ୍ୟ ଖନନ ପାଇଁ ଅନୁମତି ଦେଇଛନ୍ତି। ନାରାୟଣୀ ସନ୍ସ ଓ ଦୀନେଶ ଚନ୍ଦ୍ର ଦାସ ମାଇନିଂ କମ୍ପାନୀ ମଧ୍ୟ କୋର୍ଟଙ୍କୁ ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ଅନୁମତି ମାଗିଥିଲେ। ତେବେ ଏହି ଦୁଇ କମ୍ପାନୀ ଜରିମାନା ରାଶି ପଇଠ କରି ମଞ୍ଜୁରୀ ହାସଲ କଲେ ଅନୁମତି ଦେବାରେ ଅସୁବିଧା ନାହିଁ ବୋଲି ଅବଗତ କରାଇଥିଲେ। ଫଳରେ ଦୁଇ କମ୍ପାନୀକୁ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ପ୍ରକାଶ ଯେ, ଗତ ୧୨ ତାରିଖରେ ଶୁଣାଣି ବେଳେ ଖଣି ଖନନ ମାମଲାରେ ମାଇନିଂ କମ୍ପାନୀଗୁଡ଼ିକ ପକ୍ଷରୁ ଦାଏର ଏକାଧିକ ପିଟିଶନ ଉପରେ ରାଜ୍ୟ ସରକାରଙ୍କ ଭିନ୍ନ ଭିନ୍ନ ଆଭିମୁଖ୍ୟକୁ ନେଇ ସିଜେଆଇ ରମନା ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ଓକିଲମାନଙ୍କ କଥାରେ ତାଳମେଳ ରହୁନାହିଁ। ବିଭିନ୍ନ ପିଟିଶନକୁ ନେଇ ସେମାନଙ୍କ ଆଭିମୁଖ୍ୟ ଭିନ୍ନ ଭିନ୍ନ ରହୁଛି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କ'ଣ ରହିଛି ତାହା ଆଡ୍‌ଭୋକେଟ ଜେନେରାଲ ବ୍ୟକ୍ତିଗତ ଭାବେ ହାଜର ହୋଇ ସ୍ପଷ୍ଟ କରନ୍ତୁ।



'ଚିନ୍ତା ଓ ଚେତନା' ପକ୍ଷରୁ ବୁଧବାର ସୂଚନା ଭବନଠାରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନୀଳଚକ୍ର ସମ୍ମାନରେ ସମ୍ମାନିତ କରୁଛନ୍ତି।

# 'ଓଡ଼ିଶା ଉତ୍ସବର ରାଜ୍ୟ'

## ତଥାଗତ ସତପଥୀଙ୍କୁ ନୀଳଚକ୍ର ସମ୍ମାନ

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ଓଡ଼ିଶା ଉତ୍ସବର ରାଜ୍ୟ। ଓଡ଼ିଶା କାହିଁକି ଉତ୍ସବର ରାଜ୍ୟ, ତାହାକୁ ନେଇ ଏକ ଗବେଷଣା ହେବା ଉଚିତ। ପୃଥିବୀ ଉତ୍ସବର ସହ ବଞ୍ଚିବା ଦରକାର। ବିବିଧତା ମଧ୍ୟରେ ରହୁଥିଲେ ମଧ୍ୟ ଏହି ଉତ୍ସବ ଆମକୁ ଏକ କରାଇଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ବୁଧବାର ସୂଚନା ଭବନଠାରେ ୪୩ତମ 'ଚିନ୍ତା ଓ ଚେତନା'ର ବୈଶାଖୀ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଓଡ଼ିଶାର ଉଚ୍ଚକୋଟୀର ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, 'ଚିନ୍ତା ଓ ଚେତନା'ର କାର୍ଯ୍ୟକ୍ରମ ଓଡ଼ିଆପଣିଆର ଏକ ଅନୁଭବ ଆଣିଦେଇଥାଏ। ସେହି ଓଡ଼ିଆପଣିଆ ଆମ ସମସ୍ତଙ୍କର ଫେରିଆସିବା ଦରକାର। ଆମେ ଦେଶକୁ ମହାନ୍ ଭାବୁଛେ ସତ, କିନ୍ତୁ ଯିଏ ନିଜ ଜାତି, ଭାଷା, ଇତିହାସ ଓ ଐତିହ୍ୟକୁ ଭୁଲିଯିବ ସେ କେବେହେଲେ କୌଣସି ଦେଶର ଅଂଶ ହୋଇ ରହିପାରିବ ନାହିଁ। ସେଥିପାଇଁ ଆମେ ସମସ୍ତେ ପୁନର୍ବାର ଓଡ଼ିଆ ହେବା ଦରକାର। ଓଡ଼ିଆ ଭାଷା, ସଙ୍ଗୀତ ସହ ଓଡ଼ିଆର ଆତ୍ମାକୁ ଭଲପାଇବା ଆମର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ତଥାଗତ କହିଛନ୍ତି। ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଯୋଗଦେଇ ବିବିଧତା ମଧ୍ୟରେ ସଂସ୍କୃତିକୁ ବଜାୟ ରଖିଥିବାରୁ ଅନୁଷ୍ଠାନର ରାଷ୍ଟ୍ରୀୟ ମହାସଚିବ ସୁରେନ୍ଦ୍ର ଦାସଙ୍କୁ କୃତଜ୍ଞତା ଜଣାଇଥିଲେ। ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ଓଡ଼ିଶାର ସଂସ୍କୃତି, ଭାଷାକୁ ସମୃଦ୍ଧ କରିବା ସହ ଏକ ନୂଆ ପରିଚୟ ଦେବା ପାଇଁ ଅନୁଷ୍ଠାନର ଏକ ବଳିଷ୍ଠ ଭୂମିକା ରହିଛି। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସଚିବ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ଅନୁଷ୍ଠାନର ସଭାପତି ସହଦେବ ସାହୁ, ମହାସଚିବ ସୁରେନ୍ଦ୍ର ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ତଥାଗତ ସତପଥୀଙ୍କୁ 'ରାଷ୍ଟ୍ରୀୟ ନୀଳଚକ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି 'ଚେତନା ରାଷ୍ଟ୍ରୀୟ' ସମ୍ମାନରେ ୧୫ ଏବଂ ବୈଶାଖୀ ସମ୍ମାନରେ ୮ଜଣ ସମ୍ମାନିତ ହୋଇଥିଲେ।



କାର୍ଯ୍ୟକ୍ରମରେ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଉଛି।

ଓଡ଼ିଶା ସଶସ୍ତ୍ର ୭ମ ବାଟାଲିୟନ୍‌ର ଦମ୍‌ଦାର ପ୍ରଦର୍ଶନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଓଡ଼ିଆ ସଂସ୍କୃତିର ପରିଚୟ ଦେଉଥିବା ନୃତ୍ୟ ସଂଗୀତଦଳ, ଓଡ଼ିଶୀ, ଛଉ, ଯୋଡ଼ିଶଙ୍ଖ, ଗୋଟିପୁଅ, ସମ୍ବଲପୁରୀ, ଶାରଳାଙ୍କ ଘଣ୍ଟନୃତ୍ୟ, ପ୍ରହ୍ଲାଦ ନାଟକ, ଘୁମୁରା, ପାଇକନୃତ୍ୟ, ରଣପା ଆଦି ପ୍ରଦର୍ଶିତ ହୋଇଥିଲା। ରତିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶିତ ମାଧବା ଭଜନ ପରିବେଷିତ ହୋଇଥିଲା। ଏହାକୁ ମନମୋହନ ମହାପାତ୍ର ରଚନା କରିଥିବା ବେଳେ ଲକ୍ଷ୍ମୀକାନ୍ତ ପାଲିତ୍ ସଙ୍ଗୀତ ରଚନା କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## ମାଓବାଦୀ ବେଟୀ ହିଡ଼୍‌ମାଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୦।୪(ଡି.ଏନ୍.ଏ.)

ଛତିଶଗଡ଼ ରାଜ୍ୟର କିସ୍ତାରାମ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ସକ୍ରିୟ ଥିବା ମାଓବାଦୀ ବେଟୀ ହିଡ଼୍‌ମା ବୁଧବାର କିସ୍ତାରାମ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଦରଭା ଡିଭିଜନ ମାଓବାଦୀ ସଙ୍ଗଠନରେ ରହି ହିଡ଼୍‌ମା ପୋଲିସ ଟିମ୍ ଉପରକୁ ଆକ୍ରମଣ, ରାସ୍ତା ଖନନ ସମେତ ବିଭିନ୍ନ ସ୍ଥାନରେ ବୋମା ବିସ୍ଫୋରଣ ଭଳି ଅନେକ ବଡ଼ଧରଣର ହିଂସାକାଣ୍ଡରେ ସମ୍ପୃକ୍ତ ଥିଲେ। ବିଭିନ୍ନ ଥାନାରେ ତାଙ୍କ ନାମରେ ମାମଲା ରହିଥିବା କିସ୍ତାରାମ ଥାନା ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସଙ୍ଗଠନରେ ବାହାର କ୍ୟାଡର ମାଓବାଦୀଙ୍କ ସହ ଅନ୍ୟ ମାଓବାଦୀଙ୍କ ଉପରେ ଅତ୍ୟାଚାର ବଢ଼ୁଛି। ଏହି କାରଣରୁ ମାଓବାଦୀ ସଙ୍ଗଠନ ଛାଡ଼ି ଆତ୍ମସମର୍ପଣ କରିଥିବା ହିଡ଼୍‌ମା କହିଛନ୍ତି। ଆତ୍ମସମର୍ପଣ ନୀତି ଅନୁଯାୟୀ ପୋଲିସ ପକ୍ଷରୁ ତାଙ୍କୁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

**ପ୍ରଦୀପ ପାଣିଗ୍ରାହୀ ଦୁର୍ନୀତି ମାମଲା**

## ଜୁଲାଇକୁ ଘୁଞ୍ଚିଲା ଶୁଣାଣି

ନୂଆଦିଲ୍ଲୀ, ୨୦।୪

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦୁର୍ନୀତି ମାମଲାରେ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଲୋକାୟୁକ୍ତ କରିଥିବା ସ୍ୱେଶାଲ ଲିଭ୍ ପିଟିଶନ(ଏସ୍ଏଲ୍‌ପି)ର ଶୁଣାଣି ଜୁଲାଇକୁ ଘୁଞ୍ଚିଛି। ବୁଧବାର ଉକ୍ତ ଆବେଦନର ଶୁଣାଣି ସମୟରେ ପ୍ରଦୀପଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ, ଯେହେତୁ ଉକ୍ତ ମାମଲା ଭିଜିଲାନ୍ସ ବିଭାଗ କରିଛି, ତେଣୁ ଲୋକାୟୁକ୍ତ ପ୍ରଦୀପଙ୍କ ବିରୋଧରେ କୌଣସି ପ୍ରାଥମିକ ତଦନ୍ତ ନିର୍ଦ୍ଦେଶ ଦେଇପାରିବେ ନାହିଁ। ପ୍ରଦୀପଙ୍କ ପକ୍ଷରୁ ଏହି ଯୁକ୍ତିକୁ ଶୁଣିବା ପରେ ବିଚାରପତି ଅଜୟ ରସ୍ତୋଗୀଙ୍କ ନେତୃତ୍ୱରେ ଗଠିତ ୨ଜଣିଆ ଖଣ୍ଡପୀଠ ମାମଲାର ତଦନ୍ତକାରୀ ସଂସ୍ଥାକୁ ତଦନ୍ତ ଶେଷ କରିବାକୁ ଦିଆଯାଉ ବୋଲି କହିବା ସହ ପରବର୍ତ୍ତୀ ଶୁଣାଣି ଜୁଲାଇରେ ହେବ ବୋଲି କହିଛନ୍ତି। ସେହିପରି ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ଚାଲିଥିବା ବଂଶଧାରା ଜଳ ବିବାଦ ମାମଲାର ଶୁଣାଣିକୁ ମଧ୍ୟ ସୁପ୍ରିମକୋର୍ଟ ମେ ୧୧କୁ ଘୁଞ୍ଚାଇଛନ୍ତି।

**ବଂଶଧାରା ଜଳ ବିବାଦ ଶୁଣାଣି ମେ ୧୧ରେ ହେବ**

ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ କରିଥିବାରୁ ଏଥିରେ ଲୋକାୟୁକ୍ତ ପ୍ରାଥମିକ ତଦନ୍ତ କରିପାରିବେ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଲୋକାୟୁକ୍ତ ସୁପ୍ରିମକୋର୍ଟରେ ଏସ୍ଏଲ୍‌ପି ରୁଜୁ କରିଛନ୍ତି। ଏଥିରେ ପ୍ରଦୀପଙ୍କ ଦୁର୍ନୀତି ମାମଲାର ପ୍ରାଥମିକ ତଦନ୍ତ ସମୟରେ ତାଙ୍କ ବିରୋଧରେ ଆପରାଧିକ ପ୍ରମାଣ ମିଳିଥିବା ସମ୍ପର୍କରେ ଉଲ୍ଲେଖ କରିବା ସହ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାରଜ କରିବାକୁ ଆବେଦନ କରିଛନ୍ତି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

**ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲା**

**ପୀଡ଼ିତାଙ୍କୁ ୫ ଲକ୍ଷ ଆର୍ଥିକ ସହାୟତା ପାଇ ଡିଏଲ୍ଏସ୍ଓଙ୍କୁ ନିର୍ଦ୍ଦେଶ**

ବ୍ରହ୍ମପୁର ଅଫିସ,୨୦।୪

ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ, ପୋକ୍‌ସୋ ଜଜ୍ ତଥା ଅତିରିକ୍ତ ଦୌରା ଜଜ୍ ଗୁରୁପ୍ରସାଦ ସାହୁ ବୁଧବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ସିଦ୍ଧାନ୍ତ ବେହେରା ଓରଫ ଗଜିଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟ ଦେଇଛନ୍ତି। ଏହାସହିତ ଅଭିଯୁକ୍ତ ଜଣଙ୍କ ୨୦ହଜାର ଟଙ୍କା ଜରିମାନା ଦେବେ ନଚେତ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡରେ ତାଙ୍କୁ ଦଣ୍ଡିତ କରାଯିବା ପାଇଁ ମଧ୍ୟ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ଥଇଥାନ ପାଇଁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଜଜ୍ ଗୁରୁପ୍ରସାଦ ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଓ) ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୧୭ ଜୁଲାଇ ୧୧ ଅପରାହ୍ନରେ ଭୋଜି ଖାଇବା ପାଇଁ ଆସିଥିବା ଜଣେ ଛାତ୍ରୀଙ୍କୁ ଗଜି ନିଜ ଘରକୁ କୌଶଳକ୍ରମେ ଡାକି ନେଇଥିଲେ। ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ଗଜି ତାଙ୍କ ଛାତ ଉପରେ ବଳାତ୍କାର କରିଥିଲେ। ପରେ ଗଜି ପୀଡ଼ିତାଙ୍କୁ ଏକ ଛୁରି ଦେଖାଇ ଭୟଭୀତ କରିବା ସହ ଏନେଇ କାହାକୁ ନ କହିବାକୁ ଧମକଚମକ ଦେଇଥିଲେ। ପୀଡ଼ିତା ଜଣଙ୍କ କାନ୍ଦି କାନ୍ଦି ଭୋଜି ଘରକୁ ଆସି ତାଙ୍କ ମା'ଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ମା' ଏନେଇ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ନମ୍ବର ୧୦୪/୧୭ରେ ଅଭିଯୁକ୍ତ ସିଦ୍ଧାନ୍ତ ବେହେରା (୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳକାରାଗାରରେ ଥିବା ସିଦ୍ଧାନ୍ତଙ୍କୁ ବୁଧବାର କୋର୍ଟରେ ହାଜର କରାଯାଇଥିଲା। ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ସିଦ୍ଧାନ୍ତଙ୍କ ବିରୋଧରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

# କେନ୍ଦ୍ରୀୟ ଡେପୁଟେଶନରେ ଯିବେ ଯତୀନ୍ଦ୍ର କୋୟଲ

ଭୁବନେଶ୍ୱର,୨୦।୪(ବ୍ୟୁରୋ): ୨୦୦୦ ବ୍ୟାଚ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ତଥା ଆଇଜି ପୋଲିସ (ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ ୫ ବର୍ଷିଆ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ବୁଧବାର ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କୋୟଲ କେନ୍ଦ୍ର ସରକାରଙ୍କ ସଶସ୍ତ୍ର ସୀମା ବଳ(ଏସ୍ଏସ୍‌ବି) ଇନ୍ସପେକ୍ଟର ଜେନେରାଲ ଭାବେ କାର୍ଯ୍ୟରେ ଯୋଗ ଦେବେ।


ଯତୀନ୍ଦ୍ର କୋୟଲ




# ପିଞ୍ଜରା ଭିତରୁ ଧରାହେଲା 'ପମ୍ପାନୋ' ମାଛ

ରୂପ୍‌ସା, ୨୦।୪(ଡି.ଏନ୍.ଏ.)

- ୬ ପିଞ୍ଜରାରେ ୪.୮ ଟନ୍ ଅମଳ
- ୩୦ ପିଞ୍ଜରାରେ ହୋଇଥିଲା ଚାଷ

ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ର ନିକଟ ସମୁଦ୍ରରେ ହୋଇଥିବା ପିଞ୍ଜରା ଭିତରେ ମାଛଚାଷକୁ ବିଭାଗ ତରଫରୁ ମଙ୍ଗଳବାର ଅମଳ କରାଯାଇଛି। ଭାରତ ସରକାରଙ୍କ ଜାତୀୟ ମତ୍ସ୍ୟ ବିଭାଗ ବୋର୍ଡ଼ ଓ କେନ୍ଦ୍ରୀୟ ମାତ୍ସିକ ଅନୁସନ୍ଧାନ ସଂସ୍ଥାନ ମିଳିତ ଆନୁକୂଲ୍ୟରେ ଏଠାରେ ମେରାଇନ୍ କେଜ କଲଚର ପ୍ରକଳ୍ପ (ସମୁଦ୍ରରେ ପିଞ୍ଜରା ଭିତରେ ମାଛଚାଷ)ର ଶୁଭାରମ୍ଭ ହୋଇଥିଲା। ଏହି ପ୍ରକଳ୍ପକୁ ୨୦୨୧ ଜାନୁୟାରୀ ୧୦ରେ ପୂର୍ବତନ କେନ୍ଦ୍ର ପଶୁପାଳନ, ଦୁଗ୍ଧ ଓ ମତ୍ସ୍ୟ ସମ୍ପଦ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ତେବେ ୩୦ ପିଞ୍ଜରାରେ 'ପମ୍ପାନୋ' ମାଛ ଚାଷ ହୋଇଥିଲେ ହେଁ ମଙ୍ଗଳବାର ୬ ପିଞ୍ଜରାରୁ ୪.୮ଟନ ମାଛ ଅମଳ ହୋଇଥିଲା। ପ୍ରତି ମାଛର ଓଜନ ୪ଶହରୁ ୫ଶହ ଗ୍ରାମ୍। କିଲୋ ପ୍ରତି ୩୫୦ଟଙ୍କା ଦରରେ ବିକ୍ରି ପାଇଁ ନିଲାମ ହୋଇଥିଲା। ଏହି ପ୍ରକଳ୍ପର ମାଛ ଅମଳ ବେଳେ କେନ୍ଦ୍ର ସାମୁଦ୍ରିକ ମତ୍ସ୍ୟ ଗବେଷଣା କେନ୍ଦ୍ରରୁ ଡା. ଶୁଭଦୀପ ଘୋଷ, ଡା. ପ୍ରଳୟ ରଞ୍ଜନ ବେହେରା, ସହକାରୀ ମତ୍ସ୍ୟ ଅଧିକାରୀ ନଳିନୀକାନ୍ତ ଦାସ, ଡା. ଜ୍ଞାନରଞ୍ଜନ ଦାସ ଓ ଡା. ବିଶ୍ୱଜିତ ଦାସ, ଡା. ମାନସ ସିହ୍ନାଙ୍କ ସମେତ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଗତ ୨୦୨୧ ସେପ୍ଟେମ୍ବରରେ ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟା ଯୋଗୁ ଏହି ମତ୍ସ୍ୟ ଚାଷ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରଥମଥର ପାଇଁ ୮ଟି ପିଞ୍ଜରାରୁ ୧୬ କୁଇଣ୍ଟାଲ 'ପମ୍ପାନୋ' ଅମଳ କରାଯାଇଥିଲା। ଏହା ସମଗ୍ର ଦେଶର ମେଗା ପାଇଲଟ ପ୍ରକଳ୍ପ ଭାବେ ପରିଗଣିତ ହୋଇଛି। ପିଞ୍ଜରା ଭିତରେ ମାଛ ଚାଷ ମାଧ୍ୟମରେ ମତ୍ସ୍ୟଚାଷୀ ଓ ମତ୍ସ୍ୟ ଉଦ୍ୟୋଗୀଙ୍କ ଆୟର ଅଭିବୃଦ୍ଧି ଲକ୍ଷ୍ୟରେ ଭାରତସରକାର ଏଠାରେ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ସିଏମ୍ଏଫ୍‌ଆର୍‌ଆଇ ବୈଜ୍ଞାନିକ ଡା. ବିଶ୍ୱଜିତ୍ ଦାସଙ୍କ କହିବାନୁଯାୟୀ, ଗଭୀର ସମୁଦ୍ରରେ ଏହି ପିଞ୍ଜରା ଚାଷ ମାଧ୍ୟମରେ ଉତ୍ପାଦନ ବୃଦ୍ଧି ହେଲେ ରାଜ୍ୟ ତଥା ଦେଶର ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ ମତ୍ସ୍ୟଚାଷୀ ଲାଭବାନ ହେବେ। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଏହି ମାଛ ଚାଷ ପାଇଁ ଭିତ୍ତିଭୂମି ଥିବାରୁ ମତ୍ସ୍ୟଚାଷୀ ଏଥିପ୍ରତି ଆଗ୍ରହ ପ୍ରକାଶ କରିବା ଜରୁରୀ। ଆନ୍ଧ୍ରପ୍ରଦେଶ, କେରଳ ଓ ତାମିଲନାଡୁରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ୍ୟ ଦେଶର ପ୍ରଥମ ମେଗା ପାଇଲଟ ପ୍ରୋଜେକ୍ଟ ଭାବେ ବାଲେଶ୍ୱରରେ ଏହାର ଶୁଭାରମ୍ଭ ହୋଇଛି।



ବିଶେଷଜ୍ଞଙ୍କ ଉପସ୍ଥିତିରେ ଅମଳ ହୋଇଥିବା ପମ୍ପାନୋ ମାଛ।

## ପିଉସୀ ହତ୍ୟାକାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ବାରିପଦା ଅଫିସ,୨୦।୪

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରଦୀପ କୁମାର ପଟ୍ଟନାୟକ ଏହାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅଧୀନ ବିଦୁକୁଡିଆ ଗ୍ରାମର ଗୁହିନ ସିଂ(୪୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ୨୦୧୬ ଅଗଷ୍ଟ ୨ରେ ଗୁହାଳରୁ ଛେଳି ବାହାର କରିବାକୁ କେନ୍ଦ୍ରକରି ଅବିବାହିତ ପିଉସୀ ରଇବାରୀ ସିଂ(୫୦)ଙ୍କ ସହ ପୁତୁରା ଗୁହିନଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଗୁହିନ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଅଗଷ୍ଟ ୧୧ରେ ରଇବାରୀଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବଡ଼ଭଉଣୀ ଫୁଲମଣିଙ୍କ ଅଭିଯୋଗ କ୍ରମେ ୧୨ରେ ବୈଶିଙ୍ଗା ଥାନାରେ ଗୁହିନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ପୋଲିସ ୧୩ ତାରିଖରେ ଗୁହିନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ତଦନ୍ତ ରିପୋର୍ଟ, ଡାକ୍ତରୀ ରିପୋର୍ଟ, ୧୭ଜଣ ସାକ୍ଷୀ ଏବଂ ଅଭିଯୁକ୍ତଙ୍କ ବୟାନକୁ ଭିତ୍ତିକରି କୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ସସ୍ମିତା ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇସ୍ ମିସ୍ କରମ ଠିସ୍;**
**ଠାର୍ ଠୁର୍ ଉଣେଇଶ ବିଶ୍।**

ଠାରରେ କଥାବାର୍ତ୍ତା। ଠରାଠରିରେ ଲୋକେ ପ୍ରାୟ ବହୁ କଥା ବୁଝିପାରନ୍ତି। ଆଖିର ଇସାରାରେ ଅନେକ ଗୋପନ କଥା ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଇଟା ମାଟି ହୁକୁ ହୁକୁ;**
**କିଏ ନେଇଗଲା ସୁନାଫୁଲକୁ ମୋ,**
**ତଳମାଳ ରାଇଜକୁ।**

ଅତି ଅଲିଅଳରେ ବଢ଼ି ଆସିଥିବା ଝିଅଟି ଦୂର ବା ଦୁର୍ଗମ ଅଞ୍ଚଳରେ ଥିବା ଶାଶୁଘରକୁ ବିଭାହୋଇ ଚାଲିଗଲେ ମା' ମନ ଥୟ ଧରିପାରି ନ ଥାଏ। ଝିଅର ବିଚ୍ଛେଦଜନିତ ଦୁଃଖରେ ଭାଙ୍ଗି ପଡ଼ିବା ସହ ମନ ବିଳାପ କରି ଉଠିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପରିକ୍ରମା ପ୍ରକଳ୍ପ ବିରୋଧରେ ମାମଲା ଦାଏର

### ୧୧ ପ୍ରତିବାଦୀ ପକ୍ଷଭୁକ୍ତ

**ପୁରୀ ଅଫିସ,୨୦।୪**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ବେଆଇନ ଖନନ ଓ ନିର୍ମାଣ ବିରୋଧରେ ବୁଧବାର ପୁରୀ ଓକିଲ ସଂଘ ତରଫରୁ ସିଭିଲ ଜଜ୍ ସିନିୟର ଡିଭିଜନ୍‌ରେ ମକଦ୍ଦମା ଦାଏର ହୋଇଛି। ଆମ୍‌ସାର୍ ଆକ୍ଟ-୧୯୫୮ର ଉଲ୍ଲଂଘନ କରି ରାଜ୍ୟ ସରକାର, ଶ୍ରୀମନ୍ଦିର ପରିଚାଳନା କମିଟି, ଟାଟା କମ୍ପାନୀ, ଓବିସିସି ଭଳି ଅଂଶୀଦାରମାନେ ପ୍ରକଳ୍ପ କାର୍ଯ୍ୟରେ ସାମିଲ ଥିବା ମକଦ୍ଦମାରେ ଉଲ୍ଲେଖ ରହିଛି। ଶ୍ରୀମନ୍ଦିରର ୧୦୦ ମିଟର ପରିଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ବେଆଇନ ହୋଇଥିବାବେଳେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା, ଜାତୀୟ ସ୍ମାରକୀ ପ୍ରାଧିକରଣ ଏବଂ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗକୁ ଅଣଦେଖା କରାଯାଇଛି। ଖୋଲା ଖୋଲି ଭାବେ ଆଇନ ଉଲ୍ଲଂଘନ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଣୁ ସମସ୍ତଙ୍କୁ ପକ୍ଷଭୁକ୍ତ କରି ଦେୱାନୀ ମାମଲା ଦାଏର ହୋଇଛି। ଦେୱାନୀ ଆଇନ ଧାରା ୯୧ ଓ ଅର୍ଡର ରୁଲ୍ ୮ରେ ୧୧ ଜଣଙ୍କୁ ପ୍ରତିବାଦୀ ଭାବେ ପକ୍ଷଭୁକ୍ତ କରାଯାଇଛି। ଜିଲାପାଳ, ଶ୍ରୀମନ୍ଦିର ପରିଚାଳନା କମିଟି, ଟାଟା ପ୍ରୋଜେକ୍ଟ ଏମ୍‌ଡି, ଟାଟା ପ୍ରୋଜେକ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓବିସିସି, ଭାରତୀୟ ପ୍ରତ୍ନତତ୍ତ୍ୱ



ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଡିଜି, ପୁରୀ ଏଏସ୍ଆଇର ସଂରକ୍ଷଣ ସହାୟକ, ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ, ନ୍ୟାଶନାଲ ମନୁମେଣ୍ଟ ଅଥରିଟି (ଏନ୍ଏମ୍ଏ), କେନ୍ଦ୍ର ସଂସ୍କୃତି ବିଭାଗ ଏବଂ ପୁରୀ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଛି। ବାଦୀ ଭାବେ ପୁରୀ ବାର୍ ଆସୋସିଏସନ୍, ଲୋକନାଥ ସୁଆର, କାଶୀନାଥ ଖୁଣ୍ଟିଆ ଓ ବିଶ୍ୱନାଥ ଦାସ ରହିଛନ୍ତି। ଏଥିରେ ମଧ୍ୟବର୍ତ୍ତୀକାଳୀନ ଆବେଦନରେ ରାଜ୍ୟ ସରକାର, ଟାଟା, ଓବିସିସି, ଶ୍ରୀମନ୍ଦିର ପ୍ରଶାସନକୁ ପକ୍ଷଭୁକ୍ତ କରି କାମ ବନ୍ଦ ପାଇଁ ଆଇନଜୀବୀ ସଂଘ ନିବେଦନ କରିଛି। ଅନୁମତି ବିନା ନିର୍ମାଣ କାର୍ଯ୍ୟ ଚାଲିଥିବାରୁ କୋର୍ଟଙ୍କ ହସ୍ତକ୍ଷେପ ଏକାନ୍ତ ଜରୁରୀ ବୋଲି ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୁରୀ ଓକିଲ ସଂଘ ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରାଯାଇ ପ୍ରଥମେ ଖନନ ସ୍ଥଳୀ ପରିଦର୍ଶନ କରାଯାଇଥିଲା। ଏହାପରେ ପୁରୀ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା। ଏହି ଏତଲା ଆଧାରରେ ଅଭିଯୋଗ ଦାଖଲ ନ ହେବାରୁ ସଂଘ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲା। ଏସ୍‌ପିଙ୍କ ସହଯୋଗ ନ ମିଳିବା ପରେ ଏନେଇ ପ୍ରଥମେ ଏସ୍‌ଡିଜେଏମ୍ କୋର୍ଟରେ ମକଦ୍ଦମା ଦାଏର କରାଯାଇଥିଲା।

# ସ୍କୁଲ ପିଲାଙ୍କୁ ନେଉଛି ଅନଫିଟ୍ ଯାନ

### ପ୍ରଥମ ଦିବସରେ କଟିଲା ୨୩୫ ଚାଲଣ

**ଭୁବନେଶ୍ୱର,୨୦।୪(ବ୍ୟୁରୋ)**

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସ୍କୁଲ ପିଲାଙ୍କୁ ନେବା ଆଣିବା କରୁଥିବା ଯାନଗୁଡ଼ିକୁ ଯାଞ୍ଚ କରାଯାଉଛି। ଏ ନେଇ ବିଭାଗ ପକ୍ଷରୁ ସପ୍ତାହେ ବ୍ୟାପୀ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯାଇଛି। ତେବେ ପିଲାମାନଙ୍କୁ ନେଉଥିବା ଯାନଗୁଡ଼ିକ ମଧ୍ୟରୁ ଅଧିକାଂଶ ଅନ୍‌ଫିଟ୍‌ଥିବା ଜଣାପଡ଼ିଛି। ପରିବହନ ବିଭାଗ ସୂଚନା ମୁତାବକ ବୁଧବାର ପ୍ରଥମ ଦିବସରେ ରାଜ୍ୟରେ ୨୩୫ଟି ଚାଲଣ କଟାଯାଇଛି। ପିଲାମାନଙ୍କୁ ସ୍କୁଲ ନେଉଥିବା ବସ୍, ଭ୍ୟାନ୍ ଓ ଅଟୋଗୁଡ଼ିକୁ ଯାଞ୍ଚ କରାଯାଇଛି। ୧୦୫ଟି ବସ୍, ୮୫ଟି ଭ୍ୟାନ୍ ଏବଂ ୪୪ଟି ଅଟୋ ରିକ୍ସାକୁ ଯାଞ୍ଚ କରାଯାଇଛି। ସେଥିରୁ ୧୭୩ଟି ଯାନର ବୈଧ ଫିଟନେଶ୍ ସାର୍ଟିଫିକେଟ ନ ଥିବା ବେଳେ ୮୫ଟିର ପରମିଟ୍ ନାହିଁ। ସେହିପରି ୯୮ଟି ଯାନର ବୀମା ନ ଥିବା ବେଳେ ୫୧ଟି ଯାନର ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ(ପିୟୁସି) ସାର୍ଟିଫିକେଟ, ୨୫ଟି ଟିକସ ଦେଇ ନ ଥିବା ବେଳେ ୫୯ଟି ଯାନର ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନ ଥିବା ଜଣାପଡ଼ିଛି। ରାଉରକେଲାରେ ୨ଟି ବସ୍‌କୁ ରଦ୍ଦ କରାଯାଇଛି। ଟଙ୍କା ଚାଲାଣ କାଟିଥିଲେ। ସୂଚନାନୁଯାୟୀ, ସ୍କୁଲପିଲାଙ୍କ ସୁରକ୍ଷିତ ପରିବହନ ପାଇଁ ସେମାନଙ୍କୁ ନେଇ ଯାଉଥିବା ବସ୍ ଓ ଅନ୍ୟ ହାଲୁକା ଯାନର ଚେକିଂ କଡ଼ାକଡ଼ି କରାଯାଉଛି। ସ୍କୁଲପିଲାଙ୍କ ପରିବହନରେ ଲାଗିଥିବା ସମସ୍ତ ଗାଡିର ଫିଟ୍‌ନେସ୍, ପର୍‌ମିଟ, ଇନ୍‌ସ୍ୟୁରାନ୍ସ ଆଦି ୨୭ ତାରିଖ ପର୍ଯ୍ୟନ୍ତ ଯାଞ୍ଚ କରାଯିବ। ସେହିଭଳି ଧାର୍ଯ୍ୟ ସଂଖ୍ୟାଠୁ ଅଧିକ ପିଲା ପରିବହନ କରୁଥିଲେ ଗାଡ଼ିକୁ ଜରିମାନା କରାଯିବ ବୋଲି ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ସବୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଚିଠି କରିଛନ୍ତି। ୨୮ ତାରିଖରେ ଯାଞ୍ଚ ରିପୋର୍ଟ ଦେବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ଟିଏ।

## ମାଟି ତଳେ ୩୨ ଲକ୍ଷର...

ପୂର୍ବରୁ ଅଭିଯୁକ୍ତ ମାନସ, ଯୋଗେଶ୍ୱର ଓ ଗୋବିନ୍ଦଙ୍କ ସହ ମିଶି ଷଡ଼ଯନ୍ତ୍ର କରିଥିଲେ। ଅବଶିଷ୍ଟ ୭ଲକ୍ଷ ଟଙ୍କା ନେଇ ତଦନ୍ତ ଚାଲିଥିବା ଏସ୍‌ପି ସୂଚନା ଦେଇଥିଲେ। ଅଭିଯୁକ୍ତଙ୍କଠାରୁ ପୋଲିସ ସ୍କୁଟି ଡ୍ରାଇଭର, ୫ ମୋବାଇଲ, ହୋଟେଲର ପୁରୁଣା ବିଲ୍ ଆଦି ଜବତ କରିଛି। ଏ ନେଇ ପୋଲିସ ୧୨୦/୨୨ରେ ମାମଲା ରୁଜୁକରି ଗିରଫ ଅଭିଯୁକ୍ତଙ୍କୁ ସମ୍ବଲପୁର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସମ୍ବଲପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

## ସୁପ୍ରିମକୋର୍ଟ ରୋକିବା ...

ଦଙ୍ଗା ସୃଷ୍ଟିକାରୀ ତଥା ଅସାମାଜିକ ବ୍ୟକ୍ତିମାନେ ବିଭିନ୍ନ ସ୍ଥାନ ଜବରଦଖଲ କରି ବେଆଇନ ନିର୍ମାଣ କରିଛନ୍ତି। ସ୍ଥାନୀୟ ଏଏପି ବିଧାୟକ ଓ ନେତାମାନେ ସେମାନଙ୍କୁ ସୁରକ୍ଷା ଦେଉଛନ୍ତି। ତେଣୁ ବେଆଇନ ନିର୍ମାଣଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ଭଙ୍ଗାଯାଉ ବୋଲି ସେ ଅନୁରୋଧ କରିଥିଲେ। ଏଥିଯୋଗୁ ଏନ୍‌ଡିଏମ୍‌ସି ମେୟରଙ୍କ ରାଜନୈତିକ ଅଭିସନ୍ଧିକୁ ନେଇ ପ୍ରଶ୍ନ ଉଠିଥିବାବେଳେ ଉଚ୍ଛେଦ ପ୍ରକ୍ରିୟା ରୋକିବା ପାଇଁ ଜାମିଆତ୍ ଉଲେମା-ଇ-ହିନ୍ଦ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସାମ୍ପ୍ରଦାୟିକ ହିଂସା ପ୍ରଭାବିତ ଉତ୍ତର ପ୍ରଦେଶ ଓ ମଧ୍ୟ ପ୍ରଦେଶ ଭଳି ଜାହାଙ୍ଗୀରପୁରୀରେ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରି ସେମାନଙ୍କୁ ବାସଚ୍ୟୁତ କରାଯାଉଛି। ଏପରି କି ଉଚ୍ଛେଦ ପୂର୍ବରୁ କାହାକୁ ନୋଟିସ୍ ମଧ୍ୟ କରାଯାଇ ନାହିଁ। ଏହା ଉପରେ ସ୍ଥଗିତାଦେଶ ଜାରି କରାଯାଉ ବୋଲି ସଙ୍ଗଠନ ପ୍ରାର୍ଥନା କରିଥିଲା। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମୁସଲିମ୍ ସଙ୍ଗଠନ ପକ୍ଷରୁ ଦାଏର ଆବେଦନର ତ୍ୱରିତ ଶୁଣାଣି କରି ହସ୍ତକ୍ଷେପ କରିଥିଲେ। ସମ୍ପୃକ୍ତ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ଅଭିଯାନ ତୁରନ୍ତ ବନ୍ଦ କରାଯାଉ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ସ୍ଥିତାବସ୍ଥା ବଜାୟ ରଖିବାକୁ କହିଥିଲେ। ତେବେ ବ୍ୟାପକ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ପୂର୍ବାହ୍ନ ୯ଟା ୩୦ରୁ ୯ଟି ବୁଲ୍‌ଡୋଜରରେ ଚାଲିଥିବା ଉଚ୍ଛେଦ କାର୍ଯ୍ୟ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ ହୋଇ ନ ଥିଲା। ବିବାଦର କେନ୍ଦ୍ରବିନ୍ଦୁ କୁହାଯାଉଥିବା ମସ୍‌ଜିଦ ନିକଟ ଦୋକାନ ଓ ଅନ୍ୟ ନିର୍ମାଣଗୁଡ଼ିକୁ ଏନ୍‌ଡିଏମ୍‌ସିର ବୁଲ୍‌ଡୋଜର ଭାଙ୍ଗିଚାଲିଥିଲା। ମେୟର ଇକ୍‌ବାଲ ସିଂ କହିଥିଲେ, କୋର୍ଟ ଅର୍ଡର ନ ଧରିବା ଯାଏ ଅଭିଯାନ ଜାରି ରହିବ। ଇତିମଧ୍ୟରେ ଏକ ଏକ୍‌ଜାଭେଟର ଉକ୍ତ ମସ୍‌ଜିଦର ଗେଟ୍ ନିକଟକୁ ଯାଇ ପାଖରେ ଥିବା ଦୋକାନଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରିବାରୁ ଉତ୍ତେଜନା ବୃଦ୍ଧି ପାଇଥିଲା। ଏଭଳି ବେଆଇନ ତଥା ଅସାମ୍ବିଧାନିକ ବୋଲି ଜାମିଆତ୍ ଉଲେମା-ଇ-ହିନ୍ଦ୍ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଦୁଷ୍ୟନ୍ତ ଡାଭେ ସୁପ୍ରିମକୋର୍ଟରେ ଯୁକ୍ତି ବାଢ଼ିଥିଲେ। ବରିଷ୍ଠ ଓକିଲ ତଥା କଂଗ୍ରେସ ନେତା କପିଲ ସିବଲ ସଙ୍ଗଠନ ପକ୍ଷରୁ ଭିନ୍ନ ଏକ ପିଟିଶନ ଦାଏର କରିଥିଲେ। ଦଙ୍ଗା ଅଭିଯୁକ୍ତମାନଙ୍କ ଘର ଭାଙ୍ଗିବା ଭଳି ପଦକ୍ଷେପ ନ ନେବା ପାଇଁ କେନ୍ଦ୍ର, ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଥିଲେ। ସିଜେଆଇ ରମନା ଏଥିରେ ପୁନର୍ବାର ହସ୍ତକ୍ଷେପ କରି କହିଥିଲେ, ସ୍ଥଗିତାଦେଶ ଜାରି କରିବା ସତ୍ତ୍ୱେ ସେମାନେ ଉଚ୍ଛେଦ ବନ୍ଦ କରୁନାହାନ୍ତି। କୋର୍ଟ ଅର୍ଡର ଅନୁପାଳନ ପାଇଁ ଏନ୍‌ଡିଏମ୍‌ସି ମେୟର, କମିଶନର ଓ ଦିଲ୍ଲୀ ପୋଲିସ ନିକଟକୁ ତୁରନ୍ତ ପଠାଇବାକୁ ସୁପ୍ରିମକୋର୍ଟ ସେକ୍ରେଟାରି ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ବରିଷ୍ଠ ସିପିଏମ୍ ନେତା ବ୍ରିନ୍ଦା କରାଟ ସୁପ୍ରିମକୋର୍ଟ ରାୟର ଏକ କପି ଧରି ଉଚ୍ଛେଦସ୍ଥଳରେ ପହଞ୍ଚିଥିଲେ। ଉଚ୍ଛେଦ କାର୍ଯ୍ୟ ବନ୍ଦ ହେବା ପରେ ବ୍ରିନ୍ଦା ଜାହାଙ୍ଗୀରପୁରୀ ବାସିନ୍ଦାଙ୍କୁ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଥିଲେ।

## ୬ ଦେଶର ନିଶା ...

ଏଠାରେ କୋକେନ୍ ବ୍ୟବସାୟର କ୍ଷେତ୍ର ପ୍ରସ୍ତୁତ କରାଯାଉଥିଲା। ପୁରୀକୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସୁଥିବାରୁ ସେମାନେ ସେଠାକୁ ମଧ୍ୟ ଯାଇଥିଲେ। ଉଭୟ ଅଭିଯୁକ୍ତଙ୍କୁ ପଚରାଉଚରା କରାଯିବା ସହ ଏହି ମାମଲାରେ ଅଧିକ ତଦନ୍ତ କରାଯାଉଛି। ଜେରା ସରିଲେ ଗଣମାଧ୍ୟମକୁ ଅଧିକ ସୂଚନା ଦିଆଯିବ ବୋଲି ପଣ୍ଡା କହିଛନ୍ତି। ଅଭିଯୁକ୍ତ ରବିଙ୍କ ମୋବାଇଲ୍ ଯାଞ୍ଚ କରିବାରୁ ସେ ନିୟମିତ ବିଦେଶୀ ମାଫିଆଙ୍କ ସହ କଥା ହେଉଥିଲେ ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଅଭିଯୁକ୍ତ ରବି ଓ ସନ୍ନୀ ପୁରୀକୁ

## ପ୍ରଥମ ପୃଷ୍ଠାରୁ...

ଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯିବା ପରେ ଚର୍ଚ୍ଚା ଆରମ୍ଭ ହୋଇଛି। ସେମାନେ କେବେ ଓ କେତେଥର ପୁରୀ ଯାଇଛନ୍ତି ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇନାହିଁ। ପୁରୀକୁ ବହୁଳ ଭାବରେ ବିଦେଶୀ ପର୍ଯ୍ୟଟକ ଆସୁଥିବାରୁ ସେମାନଙ୍କୁ ଟାର୍ଗେଟ କରି ରବି ଓ ସନ୍ନୀ ସେଠାକୁ ଯାଇଥିଲେ। ତେଣୁ ପୁରୀରେ କୋକେନ୍ ବିକ୍ରି ହୋଇଥିବାର ସମ୍ଭାବନା ରହିଛି ବୋଲି ଏସବୁରୁ ସ୍ପଷ୍ଟ ହେଉଛି। ରବି ଓ ସନ୍ନୀଙ୍କ ସହ ଥିବା ଓଡ଼ିଶାର କିଛି ଡିଲରଙ୍କୁ ଧରିବାକୁ ଏସ୍‌ଟିଏଫ୍ ପାଇଁ ଚ୍ୟାଲେଞ୍ଜ ହୋଇଛି। ଏଥିସହ ଅଭିଯୁକ୍ତ ଦ୍ୱୟଙ୍କ ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ଏସ୍‌ଟିଏଫ୍ ପ୍ରୟାସ ଆରମ୍ଭ କରିଛି। ଅଭିଯୁକ୍ତ ଦ୍ୱୟଙ୍କ ୪ ଦିନିଆ ରିମାଣ୍ଡର ଆଉ ୨ ଦିନ ବାକି ଥିବାବେଳେ ସେମାନଙ୍କୁ ଏସ୍‌ଟିଏଫ୍ ଓ ଏନ୍‌ସିବିର ଅଧିକାରୀମାନେ ଜେରା କରି ଅଧିକ ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## କୋଭିଡ୍ ନିୟମ ...

ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛି। ପୂର୍ବପରି ଟେଷ୍ଟିଂ, ଟ୍ରାକିଂ ଓ ଟ୍ରିଟ୍‌ମେଣ୍ଟକୁ ଗୁରୁତ୍ୱ ଦେବା ସହ ସମସ୍ତ କୋଭିଡ୍ କଟକଣା ମାନିବାକୁ କୁହାଯାଇଛି। ହାଇରିସ୍କ ଥିବା ଗୋଷ୍ଠୀ ସମୂହ ଯେପରିକି ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଶିକ୍ଷାନୁଷ୍ଠାନ, ହଷ୍ଟେଲ ଭଳି ସ୍ଥାନରେ ସର୍ଭେଲାନ୍ସକୁ ଅଧିକ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ରହିଛି। ଏହାସହ ମାସ୍କ ପିନ୍ଧିବା ସହ ଭିଡ଼କୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁଠି ଦରକାର ନୂଆ ଷ୍ଟ୍ରାଟେଜି କରିବାକୁ ସବୁ ଜିଲାପାଳଙ୍କୁ କୁହାଯାଇଛି। ଜିଲାସ୍ତରରେ ସମୀକ୍ଷା ବୈଠକ କରିବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି। ସମସ୍ତେ କୋଭିଡ୍ ନିୟମ ପାଳନ କଲେ ରାଜ୍ୟର ସ୍ଥିତି ନିୟନ୍ତ୍ରଣ ରହିବ। ଏହାସହ ସ୍ୱାସ୍ଥ୍ୟ ବିଭାଗ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିଛି। ଆଗକୁ ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି।

## ଡେପୁଟି ରେଞ୍ଜରଙ୍କ...

ଅବସ୍ଥାରେ ଅଚେତ ହୋଇ ପଡ଼ିଥିବା ଜାଣିବାକୁ ପାଇଥିଲେ। ଏ ନେଇ ପୁଣି ରେଞ୍ଜରଙ୍କୁ ସୂଚନା ଦେଇଥିଲେ। ରେଞ୍ଜର ପହଞ୍ଚି ଡିଏଫ୍‌ଓ ବିଜୟ କୁମାର ପରିଡ଼ାଙ୍କୁ ଅବଗତ କରାଇଥିଲେ। ଖବର ପାଇ କଲ୍ୟାଣସିଂହପୁର ଥାନା ଅଧିକାରୀ ମୁକୁନ୍ଦଦେବ ନାୟକ ଏବଂ ପୋଲିସ ଟିମ୍ ପହଞ୍ଚି ତହସିଲଦାର ସୁଧାକର ରଇତଙ୍କ ଉପସ୍ଥିତିରେ କବାଟ ଭାଙ୍ଗିଥିଲେ। ଡାକ୍ତର ସେଠାରେ ବ୍ରଜମୋହନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ମୃତ ବ୍ରଜମୋହନଙ୍କ ତିନି ଭାଇ ଗୋକୁଳ, ସେତୁରାଜ ଏବଂ କଲାଗର ପହଞ୍ଚିବା ପରେ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ବିଷୟରେ ଡିଏଫ୍‌ଓଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ରଜମୋହନ ମାନସିକ ଚାପରେ ନ ଥିଲେ। ତାଙ୍କ ସ୍ୱାସ୍ଥ୍ୟ ଖରାପ ଥିଲା। ଗାଁ ନିକଟକୁ ବଦଳି ହୋଇ ଯିବା ପାଇଁ ମଧ୍ୟ ସେ ଲିଖିତଭାବେ ଜଣାଇଥିଲେ। ହୃଦ୍‌ରୋଗ କାରଣରୁ ତାଙ୍କର ଭୁବନେଶ୍ୱରଠାରେ ଚିକିତ୍ସା ମଧ୍ୟ ଚାଲିଥିଲା ବୋଲି ବ୍ରଜମୋହନଙ୍କ ଭାଇମାନେ କହିଥିବା ଡିଏଫ୍‌ଓ କହିଛନ୍ତି। ପୋଲିସ ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

## ସ୍କୁଲବସ୍‌କୁ ୪ଲକ୍ଷ ...

ତାହାକୁ ସେମିଳିଗୁଡା ଗୋପବନ୍ଧୁ ନଗର ନିକଟରେ ଟ୍ରାଫିକ୍ ଇନ୍ସପେକ୍ଟର ରବିନାରାୟଣ ସ୍ୱାଇଁ ଓ ତାଙ୍କ ସହକର୍ମୀ ଅଟକାଇ ଥିଲେ। ଯାଞ୍ଚ କରିବାବେଳେ ୨୦୧୮ଏପ୍ରିଲରୁ ଗାଡିଟିର ଫିଟ୍‌ନେସ୍,ଇନ୍‌ସ୍ୟୁରାନ୍ସ, ଟ୍ୟାକ୍ସ ସମ୍ବନ୍ଧୀୟ କୌଣସି କାଗଜପତ୍ର ନ ଥିଲା। ତେଣୁ ଅଧିକାରୀ ଟ୍ୟାକ୍ସ ବାବଦକୁ ୩ଲକ୍ଷ ୮୧ ହଜାର ଓ ଫିଟ୍‌ନେସ ବାବଦକୁ ୨୨ହଜାର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆପଣଙ୍କର ବୁଧାଦିତ୍ୟ ଯୋଗ ପ୍ରଭାବରେ ଏକାଧାରରେ ଅର୍ଥ, ସମ୍ମାନ, କାର୍ଯ୍ୟସିଦ୍ଧି ସୁଖ ସମୃଦ୍ଧିର ପରିଚାୟକ ହେବ। ଧର୍ମଭାବରେ ଚନ୍ଦ୍ର ହେତୁ ମାଙ୍ଗଳିକ କାମରେ ଯୋଗଦେଇ ବନ୍ଧୁବତ୍ସଳ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଆକସ୍ମିକ ଦୂରଯାତ୍ରା ସମସ୍ୟାବହୁଳ ହୋଇପାରେ।

**ବୃଷ** – ଆଜି ଅଷ୍ଟମ ଚନ୍ଦ୍ର ସାଙ୍ଗକୁ ଦ୍ୱାଦଶସ୍ଥ ରାହୁଙ୍କ ଯୋଗୁ ଅର୍ଥ ସମ୍ପର୍କିତ ବିବାଦ ଉପୁଜିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହ ସାଧାରଣ କଥାରେ ମତାନ୍ତର ଘଟିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ। ନିର୍ମାଣ କାର୍ଯ୍ୟ, ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମିଥୁନ** – ଆଜିର ଗ୍ରହସ୍ଥିତି ଭଲ ଥିବା ହେତୁ ଜୀବନଯାତ୍ରା ସାବଲୀଳ ରହିବ। ଧନାଧିପ ଚନ୍ଦ୍ରଙ୍କ ପ୍ରଭାବରେ ଋଣ ପରିଶୋଧ ସକାଶେ ବିଭିନ୍ନ ଧନ୍ଦା କରିବାକୁ ମନ ବଳାଇବେ। ଆଲୋଚନା ଆଳରେ ଜଣେ ବନ୍ଧୁ ଆଜି ମାର୍ଗଦର୍ଶକ ସାଜିପାରନ୍ତି। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ହିତୈଷୀଙ୍କ ପରାମର୍ଶକୁ ଗ୍ରହଣକରିବା ଭଲ ହେବ।

**କର୍କଟ** – ରାଶ୍ୟାଧିପ ଷଷ୍ଠଭାବସ୍ଥ ହେତୁ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ପ୍ରତ୍ୟେକ କ୍ଷେତ୍ରରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିପାରିବେ। କଳା, ସାହିତ୍ୟ, ସଙ୍ଗୀତ ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ଅବଶ୍ୟ ପୂର୍ବ ସମସ୍ୟା ଲାଗିରହିବା କାରଣରୁ ସାମୟିକ ମନ ଭାରାକ୍ରାନ୍ତ ରହିବ।

**ସିଂହ** – ପରିବାର ସକାଶେ ସମସ୍ତ ସୁବିଧା କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ। କର୍ମକ୍ଷେତ୍ରରେ ଗୁଡ଼ାଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇ ପାରନ୍ତି। ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଦୀର୍ଘଦିନରୁ ହଜି ଯାଇଥିବା କିମ୍ବା ଖୋଜୁଥିବା ଜିନିଷର ସୂଚନା ପାଇପାରନ୍ତି।

**କନ୍ୟା** – ବ୍ୟୟାଧିପ ଅଷ୍ଟମସ୍ଥ ହେତୁ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ କରିବ। ନୂତନ ପ୍ରକଳ୍ପ, ପ୍ରଶାସନ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୃହ ସଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି। ବିବାଦୀୟ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ତୁଳା** – ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ସପ୍ତମସ୍ଥ ଏକାଧିକ ଗ୍ରହ ହେତୁ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ। ମାନସିକ ଅଶାନ୍ତି ଲାଗିରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବାର ଆଶା ରହିଛି।

**ବିଛା** – କୋଣଭାବସ୍ଥ ବୃହସ୍ପତି ଅର୍ଥ ଓ ସମ୍ମାନ ପ୍ରଦାନରେ ସମର୍ଥ ହେବେ। ଦ୍ୱିତୀୟସ୍ଥ ଭାଗ୍ୟାଧିପ ଚନ୍ଦ୍ର ପ୍ରଭାବରେ ବିଭିନ୍ନ ସମସ୍ୟା ଭିତରେ ମନ ଭାରାକ୍ରାନ୍ତ ରହିବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମକୁ ମୁହାଁଇବା ଠିକ୍ ହେବନି। ଅବଶ୍ୟ କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** – ସ୍ୱରାଶିରେ ଚନ୍ଦ୍ରଙ୍କ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସବୁକଥାକୁ ହାଲୁକା ଭାବିଲେ କ୍ଷତିରେ ପଡ଼ିବେ। ଶେୟାର ବଜାର, ଆମଦାନୀ, ପରିବା ଦୋକାନୀ, ହୋଟେଲ ମାଲିକ ଖୁସି ରହିବେ। ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ମାଲିମକଦ୍ଦମା ସମାଧାନ ସକାଶେ ଆଲୋଚନା କରିପାରନ୍ତି।

**ମକର** – ଆଜିର ଗ୍ରହସ୍ଥିତି ବିଭିନ୍ନ ସମସ୍ୟାକୁ ନିମନ୍ତ୍ରଣ କରିପାରେ। ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇପାରନ୍ତି। ଶିକ୍ଷା, ପରୀକ୍ଷା, ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ଆର୍ଥିକ ଅଭିବୃଦ୍ଧି ପାଇଁ ବିଭିନ୍ନ ଯୋଜନା କରିପାରନ୍ତି।

**କୁମ୍ଭ** – କର୍ମକ୍ଷେତ୍ରରେ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବା ସମ୍ଭାବନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଭାଇ କିମ୍ବା ବନ୍ଧୁ ପଡ଼ୋଶୀ ଅଥବା ସହକର୍ମୀଙ୍କ ସହାୟତାରେ କାର୍ଯ୍ୟ ହାସଲ କରିପାରନ୍ତି। ଆଜିର ଆମଦାନୀ କାରବାର, ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ** – ଆଜି ପୂର୍ବାପେକ୍ଷା ପରିସ୍ଥିତି ଏକ ପ୍ରକାର ଶାନ୍ତ ରହିବ କିନ୍ତୁ ଧନହାନି ସାଙ୍ଗକୁ ଅପ୍ରିୟ ଭାଷଣ ସମସ୍ୟା ସୃଷ୍ଟି କରିପାରେ। ନିଜ କାମ ସକାଶେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲିମକଦ୍ଦମା, ସଂଗଠନ, ଲେଖାପଢ଼ା, ଆଲୋଚନା କ୍ଷେତ୍ରରେ ସୁଫଳ ପାଇବେ।

## classifieds

**Everyday 0674-2580101, 2549302**



### SALE

କଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

ଭୁବନେଶ୍ୱର **Sum Hospital 4KM** ଦୂରତାରେ ଘରବାଡ଼ି, **Road,** ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। **9090963952.** D-73214

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

ଭୁବନେଶ୍ୱର ସୁନ୍ଦରପଦା-କଟଣୀ ରାସ୍ତାରେ **Xavier University** ଏବଂ **Aditya Birla School** ପାଖରେ **possession** ପ୍ଲଟ୍ ମିଳୁଛି। **8249292535, 7377376856.** D-73215

For sale residential plot with house (5000sqft.) near Radhakrishna Temple, Raja Bagicha, Balasore. Contact: 9845164819. D-71491

**Gharabari plot available near Bhubaneswar, Pahal, Hanspal, Balianta, Nakhara and other location- 9338498460.** D-73236

See Career Appointment on every Wednesday & Saturday

### GENERAL

#### SALE

**Automatic stone crusher plant for sale at Chatrama, Khurdha. 9937427861, 9337767967.** D-045



**Relax, Refresh your body, mind at Saikrupa Spa with best therapies. 8984068077.** D-129

Newly open SPA positively health benefits expert therapist, Kalpana. 7846814019. D-71489

Newly open full body massage ladies and gents. 8327740003. D-71890

Ayurvedic full body massage by experienced male/female therapist. 7381172169. D-71493

Take one hour any therapy @888 only, Jaydev Vihar. Call: 7852986810. D-71490

### LOST

I, Bibhuti Podh, S/o- Tejaraj Podh, R/o- Tulsinagar, PO/PS/Dist.- Balangir have lost somewhere my ID Card No. 210303800300030 on 01.04.2022 while I was going to Tikrapara collection office from my home. ID card issued by HDFC Bank Ltd. I could not be able to trace my ID card. If anybody found please contact Mob.-7008500525. D-193

### AFFIDAVIT

I, SHARON SHREYA SHAH, D/o RAJAN MASIH and W/o Vipul Ralph Shah, residing at HIG-211, KALINGA VIHAR, PHASE-5, Bhubaneswar, Odisha, 751019, India, changed my name from SHARON SHREYA MASIH to SHARON SHREYA SHAH vide affidavit dated 09.04.2022 sworn before Notary Prasanta Ku. Mohanty at Bhubaneswar. Henceforth, I shall be known as SHARON SHREYA SHAH for all purposes. D-189

### ନିରୁଦ୍ଦିଷ୍ଟ



ରାଜେଶ ପ୍ରଧାନ, ୨୨ ବର୍ଷ, ପୁରୁଣା ଭୁବନେଶ୍ୱର ଘରୁ ୧୯ ତାରିଖ ଅପରାହ୍ନରୁ ନିଖୋଜ ହୋଇଯାଇଛନ୍ତି। କେହି ସନ୍ଧାନ ପାଇଲେ ମୋବାଇଲ ନଂ. 9040568132, 9090409172. ରେ ଜଣାଇବାକୁ ଅନୁରୋଧ। D-194

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସ୍କୁଟିକୁ ଧକ୍କାଦେଲା ଟ୍ରକ୍: ଜଣେ ମୃତ

**ରାଉରକେଲା ଅଫିସ:** ବୁଧବାର ବଲଣ୍ଡା ଛକରେ ଦୁର୍ଘଟଣା ଘଟିଛି। ସ୍କୁଟିକୁ ଟ୍ରକ ଧକ୍କା ଦେବାରୁ ସ୍କୁଟିରେ ବସିଥିବା ଟେରସା କେରକେଟ୍ଟା (୬୦)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର ବଲଣ୍ଡା ଝରାଡିହି ଅଞ୍ଚଳରେ। ସେ ତାଙ୍କ ସ୍ୱାମୀ ସେଲବେଷ୍ଟରଙ୍କ ସହ ସ୍କୁଟି ନଂ. ଓଡି ୧୪ୟୁ ୧୮୫୮ ଯୋଗେ କୌଣସି କାମ ପାଇଁ କୁଲୁଙ୍ଗା ଆସିଥିଲେ। ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ବଲଣ୍ଡା ଛକରେ ଏକ ଟ୍ରକ ନଂ. ଓଆର-୧୪ଏନ୍ ୦୪୫୨ ପଛପଟୁ ଧକ୍କା ଦେଇଥିଲା। ଟେରସା ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଧକ୍କା ଦେଇଥିବା ଟ୍ରକକୁ ଜବତ କରି ତଦନ୍ତ ଚଳାଇଛି।

# ଚର୍ଚ୍ଚିତ ହତ୍ୟା ମାମଲାର ପର୍ଦ୍ଦାଫାଶ ହେଉନାହିଁ

**ସଇଁତଳା ଥାନା**

- ସ୍କେଚ୍ ଜାରି ସତ୍ତ୍ୱେ ଆଗେଇ ନାହିଁ ତଦନ୍ତ
- ରାସ୍ତାରୁ ଯୁବତୀଙ୍କ ମୃତଦେହ ଜବତର ୬ବର୍ଷ ପରେ ବି ମିଳିନି ପରିଚୟ
- ଲେମ୍ବୁ ସାହୁ ହତ୍ୟା ମାମଲାର ଅଭିଯୁକ୍ତ ଧରାପଡି ନାହାନ୍ତି
- ପାଳଗଦାରୁ ମହିଳାଙ୍କ କଙ୍କାଳ ଉଦ୍ଧାର ଘଟଣାରେ ପୋଲିସ ହାତଖାଲି



ବରଗାଁଠାରେ ଅଚିହ୍ନା ନାବାଳିକାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ଘଟଣାରେ ପୋଲିସ ଜାରି କରିଥିବା ସ୍କେଚ୍।

**ବଲାଙ୍ଗୀର ଅଫିସ, ୨୦।୪**

ବଲାଙ୍ଗୀର ଜିଲା ସଇଁତଳା ଥାନା ଅଞ୍ଚଳରେ ଗତ କିଛିବର୍ଷ ମଧ୍ୟରେ ସଂଘଟିତ ଚର୍ଚ୍ଚିତ ହତ୍ୟା ମାମଲାଗୁଡିକର ପର୍ଦ୍ଦାଫାଶ କରିବାରେ ପୋଲିସ ବିଫଳ ହୋଇଛି। ବଲାଙ୍ଗୀର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର ବରଗାଁରୁ ଡ଼ୁଙ୍ଗରମୁଣ୍ଡା ଯିବା ରାସ୍ତାରେ ଥିବା ଏକ ପୋଖରୀ ନିକଟରେ ଗତ ୨୦୧୫ ଜୁଲାଇ ୧ ବିଳମ୍ବିତ ରାତିରେ ଜଣେ ନାବାଳିକାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଥିଲା। ପ୍ରାରମ୍ଭିକ ତଦନ୍ତରୁ ସମ୍ପୃକ୍ତ ନାବାଳିକାଙ୍କୁ ବଳାତ୍କାର ପରେ ପେଟ୍ରୋଲ ଢ଼ାଳି ପୋଡ଼ି ଦେଇଥିବା ଅନୁମାନ କରାଯାଇଥିଲା। ଅଧିକ ତଦନ୍ତ ପରେ ଘଟଣା ଦିନ ରାତି ୧୧ ଘଣ୍ଟା ୪୭ ମିନିଟରେ ମହଗାଁ ସ୍ଥିତ ପେଟ୍ରୋଲ ପମ୍ପରୁ କେତେକ ଯୁବକ ବୋତଲରେ ପେଟ୍ରୋଲ କିଣି ନେଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ସେହି ଯୁବକମାନେ ଏହି ଜଘନ୍ୟ କାଣ୍ଡ ଭିଆଇଥିବା ଅନୁମାନ କରାଯାଇଥିଲା। ଘଟଣାର ୬ ବର୍ଷ ପରେ ଗତ ଡିସେମ୍ବର ମାସରେ ପୋଲିସ ମୃତାଙ୍କ ସ୍କେଚ୍ ଜାରି କରିଥିଲା। ଏହାସତ୍ତ୍ୱେ ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଧରି ପାରିନାହିଁ, କିମ୍ବା ନାବାଳିକାଙ୍କ ପରିଚୟ ସାମନାକୁ ଆଣି ପାରିନାହିଁ।

୨୦୨୦ ଜାନୁୟାରୀ ୩୧ରେ ନୂଆପଡ଼ା ଗ୍ରାମର ଲେମ୍ବୁ ସାହୁ ଘୁନସର ଗ୍ରାମକୁ କୃଷି ବୀମା କରିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଫେବୃୟାରୀ ୨ରେ ଘୁନସର କଲେଜ ନିକଟ ଏକ ଜମିରୁ ତାଙ୍କ ମୃତଦେହ ଜବତ ହୋଇଥିଲା। ଲେମ୍ବୁଙ୍କ ଦୁଇ ଗୋଡ଼ର ମାଂସ କାଟି ହତ୍ୟା କରାଯାଇଥିବା ଜଣାପଡିବା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାର ଅଭିଯୁକ୍ତ ଏବେ ପୋଲିସ କବ୍‌ଜାକୁ ଆସିନାହିଁ।

ସେହିପରି ଜାତୀୟ ରାଜପଥ ୨୬ କଡରେ ଥିବା ବିବିନା ଗ୍ରାମର ଏକ ଜମିରେ ଥିବା ପାଳଗଦାରେ ୨୦୨୧ ଫେବୃୟାରୀ ୨୩ରେ କେହି ନିଆଁ ଲଗାଇ ଦେଇଥିଲା। ତଦନ୍ତ କରାଯିବାରୁ ସମ୍ପୃକ୍ତ ପାଳଗଦା ପାଉଁଶରୁ ହାଡ କଙ୍କାଳ ମିଳିଥିଲା। ସେଠାରୁ ପୋଲିସ ଚୁଡ଼ି ଓ ପାଉଁଜି ଜବତ କରିଥିବାରୁ ଜଣେ ମହିଳାଙ୍କୁ ପୋଡି ଦିଆଯାଇଥିବା ଜଣାପଡିଥିଲା। ଏହି ଘଟଣାରେ ପୋଲିସ ତଦନ୍ତ ଜାରି ରହିଛି। ତେବେ ମୃତା ମହିଳା ଜଣକ କିଏ ଓ ତାଙ୍କୁ କିଭଳି ପରିସ୍ଥିତିରେ ଏଠାକୁ ଅଣାଯାଇ ପୋଡି ଦିଆଗଲା ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଏହି ଅଞ୍ଚଳରେ ପୋଲିସ ଭାଷାରେ ବ୍ଲାଇଣ୍ଡ କେଶ ବୃଦ୍ଧି ପାଇଥିଲେ ମଧ୍ୟ ଏହାର ପର୍ଦ୍ଦାଫାଶ କରିବାରେ ପୋଲିସ ସଫଳ ହୋଇନାହିଁ। ଏଭଳି ଚର୍ଚ୍ଚିତ ହତ୍ୟା ଘଟଣା ଗୁଡିକର ତଦନ୍ତ ଗତ କ'ଣ ରହିଛି ସେନେଇ ଟିଟିଲାଗଡ ଏସଡିପିଓ ସୁରେନ୍ଦ୍ରନାଥ ଶତପଥୀଙ୍କୁ ଯୋଗାଯୋଗ କରାଯାଇଥିଲା। ରିଙ୍ଗ୍ ହେବା ସତ୍ତ୍ୱେ ସେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## କୋର୍ଟ ଚାଲାଣବେଳେ ଡାକ୍ତରଖାନାରେ ଭର୍ତ୍ତି

**ଜନସ୍ୱାସ୍ଥ୍ୟ ଅଧିକାରୀ ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣା**

**ବରଗଡ଼ ଅଫିସ୍, ୨୦।୪**

ଲାଞ୍ଚ ନେବାବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଥିବା ବରଗଡ଼ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବୃନ୍ଦାବତୀ ସାହୁ ଅସୁସ୍ଥ ହୋଇ ପଡ଼ିଛନ୍ତି। ତାଙ୍କୁ ବୁଧବାର ପୂର୍ବାହ୍ନରେ ସମ୍ବଲପୁର ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଚ୍ଚ ରକ୍ତଚାପ ଯୋଗୁ ଡା. ସାହୁ ଅସୁସ୍ଥତା ଅନୁଭବ କରିଥିଲେ ଏବଂ ଏହାପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ବୋଲି ବରଗଡ଼ ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦ କହିଛନ୍ତିସ୍। ପ୍ରକାଶଥାଉକି, ଜଣେ ହୋଟେଲ ମାଲିକଙ୍କ ଖାଦ୍ୟ ନିରାପତ୍ତା ଲାଇସେନ୍ସ କରିଦେବା ପାଇଁ ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ମଙ୍ଗଳବାର ଡା. ସାହୁ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ବୁଧବାର ତାଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଉଥିଲା। ମାତ୍ର ଯିବା ବାଟରେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ନିଖୋଜ ଯୁବକଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ, ୨୦।୪**

ଛେଣ୍ଡ ଥାନା ଅନ୍ତର୍ଗତ କଳିଙ୍ଗ ବିହାର ଅଞ୍ଚଳରେ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଟିସ୍କୋ ଖାଦାନ ସାଇଡିଂରୁ ବୁଧବାର ଜବତ କରିଛି। ସୂଚନାଯୋଗ୍ୟ, କଳିଙ୍ଗ ବିହାର ଅଞ୍ଚଳରେ ଦିଲୀପ ମିଞ୍ଜ(୧୮) ତାଙ୍କ ମାଉସୀ ଘରେ ରହି ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପାଠ ପଢୁଥିଲେ। ୧୮ ତାରିଖ ଅପରାହ୍ନ ସାଢ଼େ ୪ଟାରେ ତାଙ୍କ ମାଉସୀଙ୍କୁ ଟିୟୁସନ ଯିବା କଥା କହି ଦିଲୀପ ଘରୁ ବାହାରି ଆଉ ଫେରି ନ ଥିଲେ। ବିଳମ୍ବିତ ରାତି ହେବାରୁ ମାଉସୀ ଘର ଲୋକେ କଳିଙ୍ଗ ବିହାର ତଥା ଆଖପାଖ ଅଞ୍ଚଳରେ ବହୁତ ଖୋଜାଖୋଜି କରିଥିଲେ। ଦିଲୀପଙ୍କୁ ନ ପାଇବାରୁ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। କଳିଙ୍ଗ ବିହାର ସ୍ଥିତ ଟିସ୍କୋ ଖାଦାନ ସାଇଡିଂ ରାସ୍ତାକଡରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର କରିଥିଲେ। ମାଉସୀ ଘର ଲୋକ ମୃତଦେହ ଚିହ୍ନଟ କରିଥିଲେ।

## ନିଆଁରେ ପୋଡ଼ି ମହିଳା ମୃତ

**ରାଉରକେଲା ଅଫିସ, ୨୦।୪**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବଣାଇଗଡ଼ ଅଞ୍ଚଳରେ ଜଣେ ମହିଳାଙ୍କ ନିଆଁରେ ପୋଡି ମୃତ୍ୟୁ ହୋଇଛି। ତାଙ୍କ ନାମ ସଂଯୁକ୍ତା ବାରିକ(୩୫)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୯।୨୨) ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ପୋଲିସ କହିବା ଅନୁଯାୟୀ,ବଣାଇଗଡ କଲେଜ ପଛପଟେ ସଂଯୁକ୍ତା ପରିବାର ସହ ବାସ କରୁଥିଲେ। ବୁଧବାର ସାଢ଼େ ୧୧ଟାରେ ଗ୍ୟାସ ଯୋଗେ ରୋଷେଇ କରୁଥିବାବେଳେ ହଠାତ୍ କୌଣସି କାରଣରୁ ତାଙ୍କ ଶାଢ଼ୀରେ ନିଆଁ ଲାଗି ଯାଇଥିଲା। ଶରୀରର ବିଭିନ୍ନ ଅଂଶ ପୋଡ଼ି ହୋଇଯାଇଥିଲା। ପଡୋଶୀ ଲୋକେ ମହିଳାଙ୍କ ଚିତ୍କାର ଶୁଣି ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଯାଇଥିଲେ। ବୁଧବାର ଅପରାହ୍ନ ସାଢ଼େ ୨ଟାରେ ମହିଳାଙ୍କର ରାଉରକେଲାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା।

## ହାତଗୋଡ଼ ବାନ୍ଧି, ଉଲଗ୍ନ କରି ଛାତ୍ରଙ୍କୁ ମାଡ଼

**ବିକାଶ ସ୍କୁଲରେ ର୍ୟାଗିଂ ଅଭିଯୋଗ**

**ସମ୍ବଲପୁର,୨୦।୪(ବ୍ୟୁରୋ)**

ସମ୍ବଲପୁର ଶାସନସ୍ଥିତ ବିକାଶ ଘରୋଇ ସ୍କୁଲରେ ଦଶମ ଶ୍ରେଣୀ ଛାତ୍ରଙ୍କୁ ର୍ୟାଗିଂ ନେଇ ଅଭିଯୋଗ ହୋଇଛି। ଉଲଗ୍ନ କରି ହାତଗୋଡ଼ ବାନ୍ଧି ସହପାଠୀମାନେ ମାଡ଼ ମାରିଥିବା ନେଇ ଛାତ୍ରଙ୍କ ବାପା କୁଚିଣ୍ଡା ନିବାସୀ ପ୍ରଭାତ ବେହେରା ସ୍କୁଲ କର୍ତ୍ତୃପକ୍ଷଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି। ଯୁକ୍ତ ୨ କଲେଜ ଅଧକ୍ଷ ସଞ୍ଜୀବ ବାବୁ କହିଛନ୍ତି, ସ୍କୁଲର ଶୃଙ୍ଖଳା କମିଟି ଘଟଣାର ତଦନ୍ତ ଆରମ୍ଭ କରିଛି। ଏଥିରେ ସମ୍ପୃକ୍ତ ଥିବା ଛାତ୍ରମାନଙ୍କୁ ନିଲମ୍ବନ ସହ ଛୁଟି ଦିଆଯାଇଛି। ଚୂଡାନ୍ତ ରିପୋର୍ଟ ଆସିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଭାତଙ୍କ ଅଭିଯୋଗ କ୍ରମେ ଏପ୍ରିଲ ୧୭ ତାରିଖ ରବିବାର ସନ୍ଧ୍ୟାରେ ତାଙ୍କ ପୁଅ ହଷ୍ଟେଲରେ ଥିଲେ। ଏହି ସମୟରେ ସହପାଠୀମାନେ ଆସି ପ୍ରଥମେ ତାଙ୍କ ହାତ ଗୋଡ଼ ବାନ୍ଧି ଦେଇଥିଲେ। ପରେ ତାଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲେ। ପୁଅ ଏ ନେଇ ହଷ୍ଟେଲ ୱାର୍ଡେନଙ୍କ ପାଖରେ ଅଭିଯୋଗ କରିଥିଲେ। ହେଲେ ସେ ଘଟଣାକୁ ହାଲୁକା ଭାବେ ନେଇ ସ୍କୁଲ ପରିଚଳନା ନିର୍ଦ୍ଦେଶକଙ୍କ ପାଖରେ ଅଭିଯୋଗ ଜଣାଇବେ ବୋଲି କହିଥିଲେ। ପରଦିନ ୧୮ ତାରିଖରେ ମଧ୍ୟ କୋଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାକୁ ନେଇ ପୁଣି ଅଭିଯୋଗ କଲାପରେ ଆଲୋଚନା ଚାଲିଛି, ତୁମକୁ ଜଣାଇ ଦିଆଯିବ ବୋଲି କହିଥିଲେ। ଏ ନେଇ ସ୍କୁଲ ମାଲିକଙ୍କୁ ମଧ୍ୟ ଅଭିଯୋଗ କରିଥିବା ପ୍ରଭାତ କହିଛନ୍ତି।

## ବାଲିବସ୍ତା ଦେଇ ପାଣି ଅଟକାଇଲେ



ଗୁରାଣ୍ଡି ଯୋରରେ ବାଲିବସ୍ତା ପକାଇ ପାଣିକୁ ଚାଷୀମାନେ ଅଟକାଉଛନ୍ତି।

- ଅଯଥାରେ ବୋହି ଯାଉଥିଲା
- ଚାଷ କାମରେ ଲାଗିଲା,ପିଇବା ପାଣି ସମସ୍ୟା ଦୂର ହେଲା

**ଲୋଇସିଂହା,୨୦।୪(ଡି.ଏନ.ଏ.)**

ଇଚ୍ଛାଶକ୍ତି ଥିଲେ ସବୁ କିଛି ସମ୍ଭବ। ଏହା କରି ଦେଖାଇଛନ୍ତି ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୁଟାସିଂହା ଓ ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ବ୍ଲକ କପାସିରା ଗାଁର ଚାଷୀମାନେ। ଉଭୟ ଗ୍ରାମର ଜନସାଧାରଣଙ୍କ ମିଳିତ ପ୍ରୟାସରେ କପାସିରା ନିକଟସ୍ଥ ଗୁରାଣ୍ଡି ଜୋରକୁ ବାନ୍ଧି ଅଙ୍ଗନଦୀରେ ପାଣି ପକାଇଥିଲେ। ଏଥିଯୋଗୁ ୫ଶହ ଏକର ରବିଧାନ ଚାଷ ଜମିକୁ ପାଣି ମଡାଇବା ସହ ପିଇବା ପାଣି ସଙ୍କଟକୁ ଦୂର କରି ପାରିଛନ୍ତି।

ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତର ୬ୱାର୍ଡ ବିଶିଷ୍ଟ ସଦର ଗାଁର ଜନସଂଖ୍ୟା ୩୫ ଶହ। ଗାଁ ନିକଟରେ ପ୍ରବାହିତ ହୋଇଛି ଅଙ୍ଗନଦୀ। ଖରାଦିନରେ ନଦୀରେ ପାଣି ଆସୁ ନ ଥିବାରୁ ଗ୍ରାମବାସୀ ସ୍ନାନଶୌଚ ସହ ପିଇବା ପାଇଁ ପାଣି ପାଇ ପାରି ନଥାନ୍ତି। ଚଳିତ ବର୍ଷ ଗ୍ରାମର କେତେକ ଚାଷୀ ପ୍ରାୟ ୩ଶହ ଏକର ଜମିରେ ରବିଧାନ ଚାଷ କରିଛନ୍ତି। ଗ୍ରୀଷ୍ମ ପ୍ରବାହ ପରେ ପାଣି ଅଭାବରୁ ଚାଷ ବାଧାପ୍ରାପ୍ତ ହୋଇଛି। ଅଙ୍ଗନଦୀର ଅପରପାର୍ଶ୍ୱରେ ଥିବା କପାସିର ଗ୍ରାମବାସୀ ମଧ୍ୟ ସମଦାଶ ଭୋଗିଥାନ୍ତି। ଗାଁ ତଳମୁଣ୍ଡ ଦେଇ ଗୁରାଣ୍ଡି ଜୋର ବହି ଯାଇଛି। ଅଇଁଲାସୀ ଅଞ୍ଚଳରୁ ଆସିଥିବା ଉକ୍ତ ଜୋରରେ କେନାଲର ଉଛୁଳା ପାଣି ବର୍ଷତମାମ ଆସିଥାଏ। ଉକ୍ତ ନାଳ ପାଣି ସିଧାସଳଖ ବୋହିଯାଇ ସୋନପୁରଠାରେ ମହାନଦୀରେ ମିଶିଥାଏ। କପାସିରାବାସୀ ଉକ୍ତ ନାଳ ପାଣିରେ ସ୍ନାନଶୌଚ କରିଥାନ୍ତି। ହେଲେ ଏହି ପାଣି ଚାଷୀଙ୍କ ଚାଷକାମରେ ଲାଗି ନ ଥାଏ। କୁଟାସିଂହା ଓ କପାସିରା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉଦ୍ୟମ କ୍ରମେ କିଛିଦିନ ତଳେ ଗୁରାଣ୍ଡି ଜୋରରେ ବାଲି ବସ୍ତା ବାନ୍ଧି ପାଣିକୁ ଅଟକାଇ ଅଙ୍ଗନଦୀରେ ପକାଇଥିଲେ। ପ୍ରାୟ ୨ କିମି ଉପରମୁଣ୍ଡକୁ ପାଣି ଆଣି କୁଟାସିଂହା ଅଞ୍ଚଳର ୩ଶହ ଏକର ଓ କପାସିରା ଅଚଂଳର ୨ଶହ ଏକାର ଧାନ ଫସଲ ସୁରକ୍ଷା ଦେଇ ପାରିଛନ୍ତି। ଏବେ ଜୋର ବନ୍ଧାଯିବା ଫଳରେ ନଦୀରେ ପାଣି ଆସିବାରୁ ପାନୀୟ ପ୍ରକଳ୍ପରେ ମଧ୍ୟ ଭଲ ପାଣି ମିଳୁଥିବା ସ୍ଥାନୀୟ ସରପଞ୍ଚ ପରମ ମେହେର କହିଛନ୍ତି। ଏଠାରେ ସ୍ଥାୟୀ ବନ୍ଧ ନିର୍ମାଣ ହେଲେ ପାଣି ସମସ୍ୟାର ସ୍ଥାୟୀ ସମାଧାନ ହୋଇ ପାରନ୍ତା ବୋଲି ସେ କହିଛନ୍ତି। ଏଥିପ୍ରତି ଉଭୟ ଜିଲାର ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଧରିତ୍ରୀ DHARITRI
ଗୁରୁବାର, ୨୧ ଏପ୍ରିଲ, ୨୦୨୨

ବିଶ୍ୱସୃଷ୍ଟି ଆରମ୍ଭରେ ଥିଲା ପ୍ରେମ ଏବଂ ପ୍ରେମ ହିଁ ଭଗବାନ। ... ପ୍ରେମ ହିଁ କେବଳ ପୃଥିବୀର ଦୁଃଖ ଯନ୍ତ୍ରଣା ଉପଶମ କରିବା ପାଇଁ ସମର୍ଥ। .. ଏ ବିଶ୍ୱରେ ଯେତେ ପ୍ରକାର ଶକ୍ତି କାର୍ଯ୍ୟ କରୁଛନ୍ତି– ସେମାନଙ୍କ ଭିତରେ ପ୍ରେମ ହିଁ ସବୁଠାରୁ ଅପ୍ରତିରୋଧ ଓ ସବୁଠାରୁ କ୍ଷମତାଶାଳୀ। –ଶ୍ରୀମା



# ସମାବେଶୀ ବିତ୍ତୀୟ ବ୍ୟବସ୍ଥା ଓ ଡିଜିଟାଲ ମୁଦ୍ରା





ଅଗଷ୍ଟିନ୍ କାର୍ଷ୍ଟେନ
ଜେନେରାଲ ମ୍ୟାନେଜର, ବ୍ୟାଙ୍କ୍ ଅଫ୍ ଇଣ୍ଟରନ୍ୟାଶନାଲ ସେଟେଲ୍‌ମେଣ୍ଟ

କୁଇନ୍ ମ୍ୟାକ୍ସିମା
ସ୍ପେଶିଆଲ ଆଡ୍‌ଭୋକେଟ ଫର୍ ଇନ୍‌କ୍ଲୁସିଭ ଫାଇନାନ୍ସ ଫର୍ ଡେଭଲପ୍‌ମେଣ୍ଟ (ୟୁଏନ୍ ସେକ୍ରେଟାରି ଜେନେରାଲ)

ସାରା ବିଶ୍ୱରେ ସେଣ୍ଟ୍ରାଲ ବା କେନ୍ଦ୍ରୀୟ ବ୍ୟାଙ୍ଗଗୁଡ଼ିକ ସେମାନଙ୍କର ନିଜସ୍ୱ ଡିଜିଟାଲ ମୁଦ୍ରା ପ୍ରଚଳନ କରିବେ କି ନାହିଁ ସେ ବିଷୟରେ ବିଚାର କରୁଛନ୍ତି। ସମସ୍ତଙ୍କୁ ସବୁ ପ୍ରକାର ବିତ୍ତୀୟ ସେବା ସମାନ ଭାବେ ଉପଲବ୍ଧ କରୁଥିବା ଫାଇନାନ୍ସିଆଲ ଇନ୍‌କ୍ଲୁଜନ( ବିତ୍ତୀୟ ସମାବେଶନ)କୁ ବହୁ ସମୟରେ ଏକ ମୁଖ୍ୟ ପ୍ରେରଣା ଭାବେ ଦର୍ଶାଯାଉଥିଲେ ମଧ୍ୟ ଏବେ ସୁଦ୍ଧା ବିଶ୍ୱରେ ବ୍ୟାଙ୍କ ସେବାରୁ ବହୁ ଲୋକ ବଞ୍ଚିତ ହେଉଛନ୍ତି। ଏମାନେ କିଭଳି ଅତ୍ୟାବଶ୍ୟକ ବିତ୍ତୀୟ ସେବା ପାଇପାରିବେ ତାହା ନିଶ୍ଚିତ କରିବାକୁ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସିଜ୍( ସିବିଡିସିଏସ୍) ବା କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରାଗୁଡ଼ିକ ଉପରେ ବିଚାର କରାଯାଉଛି। ତେବେ ଏଗୁଡ଼ିକୁ କିପରି ରୂପରେଖ ଦିଆଯିବ ଓ ଠିକ୍ ଭାବେ ବ୍ୟବହାର କରାଯାଇପାରିବ ,ତାହା ହିଁ ମୁଖ୍ୟ ପ୍ରଶ୍ନ। ବିଶ୍ୱ ବ୍ୟାଙ୍କ ଅନୁଯାୟୀ, ବିଶ୍ୱରେ ଔପଚାରିକ ବିତ୍ତୀୟ ସେକ୍ଟରରୁ ସେବା ପାଉ ନ ଥିବା ୧.୭ ବିଲିୟନ ବା ୧୭୦ କୋଟି ବୟସ୍କ ବହୁ ସମୟରେ ବିପଦର ସମ୍ମୁଖୀନ ହୋଇ ବିକଳ୍ପର ସାହାରା ନେବାକୁ ବାଧ ହେଉଛନ୍ତି। ବାସ୍ତବରେ ବିତ୍ତୀୟ ସେବା ଓ ସୁବିଧା ଉପଲବ୍ଧ ନ ହେବା ଯୋଗୁ ଗରିବୀ ବଢେ, ସୁଯୋଗ ସୀମିତ ହୁଏ ଏବଂ କଠିନ ସ୍ଥିତିରେ ଲୋକଙ୍କୁ ସୁରକ୍ଷା ଦେବାରେ ବାଧା ସୃଷ୍ଟି ହୁଏ। ଫାଇନାନ୍ସିଆଲ ଇନ୍‌କ୍ଲୁସିଭ ସିଷ୍ଟମ ବା ସମାବେଶୀ ବିତ୍ତୀୟ ବ୍ୟବସ୍ଥାର କାର୍ଯ୍ୟ ଦେଣନେଣରେ ସୀମିତ ରହେ ନାହିଁ। ଏଥିରେ ଲୋକେ ଟଙ୍କା ଟ୍ରାନ୍ସଫର କରିବା ଲାଗି ଏକ ଦ୍ୱରିତ, ସୁରକ୍ଷିତ ଏବଂ ଶସ୍ତା ଉପାୟ ଆବଶ୍ୟକ କରନ୍ତି। ତେବେ ଏବେ ସୁଦ୍ଧା ନଗଦ କାରବାରର ସମାବେଶୀ ବ୍ୟବସ୍ଥାରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଏଭଳି ଆବଶ୍ୟକତା ପୂରଣ କରିଆସିଛନ୍ତି। କିନ୍ତୁ ଔପଚାରିକ ବିତ୍ତୀୟ ବ୍ୟବସ୍ଥାରୁ ସେବା ପାଉ ନ ଥିବା ଲୋକମାନେ ଉକ୍ତ ବ୍ୟବସ୍ଥାର ବାହାରେ ରହିଯାଉଛନ୍ତି। ଆବଶ୍ୟକ ଡାଟା ଓ ନେଣଦେଣ ଧାରାରୁ ଏମାନେ ବଞ୍ଚିତ ହେଉଛନ୍ତି। ଏମାନଙ୍କୁ ସହଜରେ ବିତ୍ତୀୟ ସେବା ଯୋଗାଇଦେବା ଦରକାର।

ଡିଜିଟାଲ ଏବଂ ମୋବାଇଲ ଟେକ୍ନୋଲୋଜିର ବ୍ୟାପକ ଗ୍ରହଣୀୟତା ଯୋଗୁ ନେଣଦେଣର ଦୃଶ୍ୟପଟ ଡିଜିଟାଲ ପେମେଣ୍ଟ ଆଡକୁ ମୁହାଁଉଛି। ମୁଖ୍ୟତଃ, କୋଭିଡ୍–୧୯ ମହାମାରୀରେ ଅନ୍‌ଲାଇନ କାରବାର ଗତିଶୀଳ ହେବାରୁ ନଗଦ କାରବାର କମୁଛି। ଏଭଳି ଉନ୍ନତିକୁ ଦେଖିଲେ ଏହା ନିଶ୍ଚିତ ଯେ, ଆମେ ଡିଜିଟାଲକୁ ନେଇ ଦେଖାଯାଇଥିବା ବିରାଟ ମତ ପାର୍ଥକ୍ୟକୁ ଦୂର କରିବାକୁ ଅଣ୍ଟା ଭିଡ଼ିଛୁ। ନୂଆ ସଂସ୍କାରଗୁଡ଼ିକୁ ସନ୍ଧାନ କରିବା ଏବଂ ସମସ୍ତଙ୍କୁ ଡିଜିଟାଲ ମୁଦ୍ରା ଯୋଗାଇଦେବା ପାଇଁ ସବୁ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ନୀତିନିର୍ଦ୍ଧାରକମାନଙ୍କ ପାଇଁ ଏବେ ଏକ ସୁଯୋଗ ରହିଛି।



ଔପଚାରିକ ବିତ୍ତୀୟ ସେକ୍ଟରରୁ ସେବା ପାଉ ନ ଥିବା ଲୋକମାନେ ସମ୍ମୁଖୀନ ହେଉଥିବା କିଛି ବାଧା ଦୂର କରିବାରେ କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରାଗୁଡ଼ିକ ସାହାଯ୍ୟ କରିପାରେ। ପାରମ୍ପରିକ ବିତ୍ତୀୟ ସେବାଗୁଡ଼ିକରେ କାରବାର ଦେୟ, ସର୍ବନିମ୍ନ ଆକାଉଣ୍ଟ ବାଲାନ୍ସ କିମ୍ବା ବୈଧ ପରିଚୟର ପ୍ରମାଣର ଆବଶ୍ୟକତା ରହିଛି। ସିବିଡିସିଏସ୍ ଏହି ସବୁ ବାଧା ଦୂର କରିବାରେ ଏକମାତ୍ର ବାଟ ନ ହେଲେ ମଧ୍ୟ ସମାବେଶୀ ପଦ୍ଧତିରେ ସେଗୁଡ଼ିକର ସମାଧାନ ହୋଇପାରିବ। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱରିତ ପେମେଣ୍ଟ ସିଷ୍ଟମ ବା ନେଣଦେଣ ବ୍ୟବସ୍ଥା ଆପଣାଇ ଖୁଚୁରା କାରବାରକୁ ଅଧିକ ଉନ୍ନତ କରିବା ଲାଗି ସହଯୋଗ କରୁଛନ୍ତି ଓ ସିବିଡିସିଏସ୍ ଏହି ବ୍ୟବସ୍ଥାର ସମ୍ପ୍ରସାରଣରେ ମୁଖ୍ୟ ଭୂମିକା ନେବ। ଦ୍ୱରିତ ପେମେଣ୍ଟ ସିଷ୍ଟମ ଏବଂ ସିବିଡିସିଏସ୍ କମ୍ ମୂଲ୍ୟରେ ନୂଆ ସେବା ଯୋଗାଇ ଦେବାରେ ଯୋଗାଣକାରୀଙ୍କ ମଧ୍ୟରେ ପ୍ରତିଯୋଗିତା ବଢ଼ାଇବ। ଫଳରେ ଲୋକମାନେ ବ୍ୟାପକ ସୁବିଧା ସୁଯୋଗ ପାଇପାରିବେ। ସିବିଡିସିଗୁଡ଼ିକରେ କେନ୍ଦ୍ରୀୟ ବ୍ୟାଙ୍କରେ ଆର୍ଥିକ ସୁରକ୍ଷା , ସମ୍ପୂର୍ଣ୍ଣତା, ବିନିମୟତା ଏବଂ ସତ୍ୟତା ରହିବ। ଦେଶ ଭିତରେ ଏବଂ ବାହାରେ ପେମେଣ୍ଟ ସିଷ୍ଟମଗୁଡ଼ିକୁ ଯୋଡ଼ି ସେଥିରେ ଉନ୍ନତି ଆଣିବାରେ ଏକ ଏହାର ଢେର କ୍ଷମତା ରହିଛି। ଏଣୁ ସୀମିତ ଆର୍ଥିକ ଭିତ୍ତିଭୂମି ଥିବା ଦେଶଗୁଡ଼ିକୁ ସିଧାସଳଖ ସିବିଡିସି ବ୍ୟବସ୍ଥାକୁ ଲମ୍ଫ ପ୍ରଦାନ କରିବେ। ଏକ ସମାବେଶୀ, ସୁରକ୍ଷିତ ଏବଂ ପ୍ରଭାବଶାଳୀ ପେମେଣ୍ଟ ସିଷ୍ଟମ ସହ ଦେଶଗୁଡ଼ିକୁ ଯୋଗ କରିବାରେ ଏହା ମଧ୍ୟ ଏକ ସୁଯୋଗ ସୃଷ୍ଟି କରିବ।

ସାମାଜିକ ନୀତିଗୁଡ଼ିକ ପାଇଁ ମଧ୍ୟ ଲାଭ ରହିଛି। ନିମ୍ନ ଆୟ ବର୍ଗର ପରିବାରଗୁଡ଼ିକୁ ଆର୍ଥିକ ସହଯୋଗ ଯୋଗାଇ ଦେବା ଲାଗି ସରକାର ସିବିଡିସିଏସ୍‌କୁ ଉପଯୋଗ କରିପାରିବେ। ଦୀର୍ଘମିଆଦୀ ବ୍ୟାଙ୍କ ସେବାକୁ ଦୃଢ କରିବା ସହ ଅନ୍ୟ ବିତ୍ତୀୟ ସେବାର ଦ୍ୱାର ଉନ୍ମୁକ୍ତ କରିବାରେ ସିବିଡିସିଏସ୍ ଭୂମିକା ନେବ। ଏହି ସବୁ ଲାଭ ପାଇବାକୁ ହେଲେ ନିମ୍ନ ମାନର ବିତ୍ତୀୟ ଏବଂ ଡିଜିଟାଲ ଜ୍ଞାନ, ସଞ୍ଚାଳନଗତ ଆହ୍ୱାନ ସହ ସାଇବର ସୁରକ୍ଷାରେ ଥିବା ଜଟିଳ ସମସ୍ୟା ଓ ସଙ୍କଟର ସମାଧାନ କରିବାକୁ ପଡ଼ିବ। ଏଥିଲାଗି ଯେ କୌଣସି ସିବିଡିସି ସେବା ପାଇଁ ନୀତିଗତ ସଂସ୍କାରର ସହଯୋଗ ଓ ସୁରକ୍ଷା ଦରକାର। ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକ ସିବିଡିସି ପ୍ରସ୍ତୁତ କରିବା ଉପରେ ବିଚାର କରିବା ଉଚିତ। ଏହାକୁ ଏଭଳି ସ୍ତରରେ ଲାଗୁ କରାଯିବା ଦରକାର ଯେଉଁଥିରେ ବିତ୍ତୀୟ ସେବା ଯୋଗାଣକାରୀଙ୍କ ସହ ତଥ୍ୟ ଦେଣନେଣ ଓ ଶେୟାର ବ୍ୟବସ୍ଥା ଲୋକମାନଙ୍କ ନିୟନ୍ତ୍ରଣରେ ରହୁଥିବ। ଏହା ଦ୍ୱାରା ତଥ୍ୟ ଗୋପନୀୟତାକୁ ନେଇ ବଢୁଥିବା ଚିନ୍ତାକୁ ସିବିଡିସି ବ୍ୟବସ୍ଥାରେ ଦୂର କରାଯାଇପାରିବ। ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରଖାଯାଇ ଏଭଳି ଚିନ୍ତାରୁ ଲୋକମାନଙ୍କୁ ମୁକ୍ତ ରଖାଯାଇପାରିବ।

ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକର ଡିଜିଟାଲ ମୁଦ୍ରା କାରବାରରେ ବ୍ୟକ୍ତିଗତ ସୁରକ୍ଷା ଏବଂ ସ୍ୱଚ୍ଛତାରେ ସମନ୍ୱୟର ରକ୍ଷା କରିବା , ସମାବେଶୀ ବିତ୍ତୀୟ ସୁବିଧା ଓ ସ୍ୱଚ୍ଛତା ନିଶ୍ଚିତ କରିବା ଲାଗି ବହୁ ବିକଳ୍ପ ରହିବ। ତେବେ ଉପଭୋକ୍ତାଙ୍କୁ ସିଧାସଳଖ ଏହା ଉପଲବ୍ଧ ହେବାର ଅନୁମତି ଦେବ ନା ବ୍ୟାଙ୍କ କିମ୍ବା ବିତ୍ତୀୟ ସେବା ଯୋଗାଣକାରୀ ଅଣବ୍ୟାଙ୍କଗୁଡ଼ିକ ମାଧ୍ୟମରେ ସିବିଡିସି ୱାଲେଟ ଯୋଗାଇ ଦେଉଥିବା ଆନ୍ତଃମଧ୍ୟସ୍ଥତା ମଡେଲର ବ୍ୟବହାର କରିବ, ତାହା ଉପରେ ନିଷ୍ପତ୍ତି ନେବା ଆବଶ୍ୟକ। ସିବିଡିସିଗୁଡ଼ିକ କିଭଳି ସମାବେଶୀ ବିତ୍ତୀୟ ଧାରାକୁ ଅଧିକ ଦ୍ୱରାନ୍ୱିତ କରିବ ସେଥିପାଇଁ ଅଧିକ ଆଲୋଚନା, ଗବେଷଣା ଏବଂ ଯାଞ୍ଚ ଆବଶ୍ୟକ। ସବୁ ବର୍ଗର ଲୋକମାନଙ୍କ ସ୍ୱାର୍ଥ ଓ ଆବଶ୍ୟକତାକୁ ନଜରରେ ରଖି ଏକ ମୁକ୍ତ, ପ୍ରତିଯୋଗିତାମୂଳକ ଓ ଉତ୍ତରଦାୟୀ ସମାବେଶୀ ବିତ୍ତୀୟ ବ୍ୟବସ୍ଥା ନିଶ୍ଚିତ କରିବାରେ ସେଣ୍ଟ୍ରାଲ ବ୍ୟାଙ୍କରମାନଙ୍କ ତଥା ଅନ୍ୟ ସାର୍ବଜନୀନ କ୍ଷେତ୍ରର ପ୍ରତିନିଧିମାନଙ୍କର ଦାୟିତ୍ୱ ରହିଛି। ଯଦି ଠିକ୍ ଭାବେ ଏହା ଡିଜାଇନ ହୋଇଯାଏ, ତେବେ ସମସ୍ତଙ୍କ ପାଇଁ କାମ କରିବା ଭଳି ଏକ ଡିଜିଟାଲ ବିତ୍ତୀୟ ବ୍ୟବସ୍ଥାକୁ ସହଯୋଗ କରିବାକୁ ସବୁ ସିବିଡିସି ସଙ୍କଳ୍ପ ନେଇ ଆଗେଇ ଚାଲିବେ।

## ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି



ଡା. ଉମେଶ ଚନ୍ଦ୍ର ପାତ୍ର

ଶରୀର ଓ ମନ–ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି। ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ୍ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି। ତେଣୁ ସ୍ୱାସ୍ଥ୍ୟ ହିଁ ସମ୍ପଦ କୁହାଯାଏ। ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ। ମାତାପିତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ। ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ଶୁଦ୍ଧ ପାନୀୟ, ପରିଷ୍କାର ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ। ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା। ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ। ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ। ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ। ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ। ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ। ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ। ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ। ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ – ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ– ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା– ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସେ ମଧ୍ୟ ଆଲୋଚନା ଛଳରେ ପ୍ରକାଶ କଲେ– ମନୁଷ୍ୟ ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ମାତାପିତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତା'ହେଲେ ପିଲାପିଲିଙ୍କ ଶରୀର ଓ ମନ ସୁସ୍ଥ ହୋଇପାରେ ନାହିଁ। ମା'ମାନଙ୍କୁ ଜାଣିବା ଆବଶ୍ୟକ ଗର୍ଭାବସ୍ଥାରେ କିଭଳି ଚଳିବାକୁ ବା ରହିବାକୁ ହୁଏ। ସ୍ୱାମୀ–ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ–କୃଷ୍ଟି–ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ୍ ହୁଅନ୍ତି। ଏହିପରି ମାତାପିତାଙ୍କଠାରୁ ସନ୍ତାନ ସୁସ୍ଥ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକାର। ଜାତକର ରୋଗ–ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉସ୍ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧୀରେ ଧୀରେ ହ୍ରାସ ହୋଇଆସେ। ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ହେଲେ ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକ ମନ୍ଦିର, ମଠ, ମସ୍‌ଜିଦ ଓ ଗୀର୍ଜାରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୃତ ଆବଶ୍ୟକତା ରହିଛି। ତେବେ ଅନେକ କ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି। ସ୍ୱାସ୍ଥ୍ୟ ହିଁ ସମ୍ପଦ । ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ରହିଛି। ଏହା ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ।

– ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

ଗୁଜରାଟ ହାଇକୋର୍ଟ ଏକ ନିଆରା ନିର୍ଦ୍ଦେଶ ଦେଇଛନ୍ତି। ଜଣେ ବିବାହିତ ବ୍ୟକ୍ତି ଯୁବତୀଙ୍କୁ ସାଙ୍ଗରେ ନେଇ ଫେରାର ହୋଇ ଯାଇଥିଲେ। ତାଙ୍କୁ ଖୋଜିବା ପାଇଁ ପୋଲିସକୁ ସାତ ମାସ ସମୟ ଲାଗିଥିଲା। ଏହି ଅବଧି ମଧ୍ୟରେ ସରକାରୀ ରାଜକୋଷରୁ ଖର୍ଚ୍ଚ ହୋଇଥିବା ଟଙ୍କାର ଅଧାକୁ ବର୍ତ୍ତମାନ ସେହି ବ୍ୟକ୍ତିଙ୍କୁ ପୈଠ କରିବାକୁ ପଡ଼ିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ରାଘଭାଇ ପାରମାର ନାମଧାରୀ ବିବାହିତ ବ୍ୟକ୍ତି ୨୦୨୧ ମେ'ରେ ରାଜକୋଟ ସହରର ଜଣେ ୨୦ ବର୍ଷ ବୟସ୍କା ଯୁବତୀଙ୍କୁ ନେଇ କେଉଁ ଆଡ଼େ ଚାଲି ଯାଇଥିଲେ। ଯୁବତୀଙ୍କ ପିତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ସେମାନଙ୍କୁ ଖୋଜିବା ଆରମ୍ଭ କରିଥିଲା। ସାତମାସ ପରେ ଯେତେବେଳେ ସେମାନଙ୍କୁ ଚିହ୍ନଟ କରାଯାଇଥିଲା, ଯୁବତୀ ଜଣଙ୍କ ନିଜର ମାତାପିତାଙ୍କ ନିକଟକୁ ଫେରି ଆସିଥିଲେ। ହାଇକୋର୍ଟ ଜାଣିବାକୁ ପାଇଥିଲେ ଯେ ସମ୍ପୃକ୍ତ ବ୍ୟକ୍ତି ଜଣକ ପୂର୍ବରୁ ବିବାହ କରି ସାରିଛନ୍ତି। ରାଜକୋଟ ପୋଲିସ କୋର୍ଟଙ୍କୁ ସୂଚନା ଦେଇଥିଲେ ଯେ ସାତମାସର ତଦନ୍ତରେ ପୋଲିସ ୧୭, ୭୧୦ ଘଣ୍ଟା ଉଭୟଙ୍କୁ ଖୋଜିବାରେ ବିତାଇଛି। ଏଥିରେ ମୋଟ ୪୨,୫୦୦ ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିସହ ହାଇକୋର୍ଟରେ ହାଜର ହେବା ପାଇଁ ପ୍ରାୟ ୭୫,୦୦୦ ଟଙ୍କା ଖର୍ଚ୍ଚ ହୋଇଥିଲା। ଯୁବତୀଙ୍କୁ ଫେରାଇ ଆଣିବା ପାଇଁ ଏଭଳି ମୋଟ ୧,୧୭,୫୦୦ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହି ଖର୍ଚ୍ଚର ଅଧା ଟଙ୍କା ପୈଠ କରିବାକୁ ପାରମାରଙ୍କୁ ହାଇକୋର୍ଟରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଏପ୍ରିଲ ୧୯୯୭

- ବିଶ୍ୱ ସନ୍ତରଣ ସର୍ଟ କୋର୍ସ ଚାମ୍ପିୟନଶିପ୍‌ରେ କୋଷ୍ଟାରିକାର କ୍ଲାଉଡିଆ ପୋଲ ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି।
- କେନ୍ଦ୍ରରେ ନୂତନ ମିଳିତ ସାମ୍ମୁଖ୍ୟ ସରକାରର ସୁପରିଚାଳନା ପାଇଁ ଏକ ୧୦ ଜଣିଆ ସଦସ୍ୟ ବିଶିଷ୍ଟ ସମନ୍ୱୟ କମିଟି ଗଠନ କରିବାକୁ କଂଗ୍ରେସ ଓ ସାମ୍ମୁଖ୍ୟ ମଧ୍ୟରେ ବୁଝାମଣା।
- ବଲାଙ୍ଗୀର ଓ ବରଗଡ଼ ଜିଲାରେ ଗଚ୍ଛିତ ବକ୍‌ସାଇଟର ଉପଯୋଗ ପାଇଁ ରାଜ୍ୟ ଖଣି ନିଗମ ଓ କାନାଡ଼ାର କଣ୍ଟିନେଣ୍ଟାଲ ରିସୋର୍ସେସ୍ ଲିମିଟେଡ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।

## su | do | ku ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 4 | | | | 3 | 5 | |
| 1 | | | | 6 | | | | |
| | | | 7 | | | | 4 | |
| | 5 | | | | 9 | | | 2 |
| | | | | | | | 6 | |
| | 2 | | | | | 5 | | 9 |
| 2 | | 8 | | | | 4 | | |
| | | | | 9 | | 1 | | 6 |
| | | | 3 | | 1 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 3 | 1 | 9 | 7 | 4 | 2 | 8 |
| 7 | 9 | 1 | 8 | 4 | 2 | 6 | 3 | 5 |
| 8 | 2 | 4 | 5 | 3 | 6 | 7 | 9 | 1 |
| 1 | 4 | 8 | 7 | 5 | 3 | 2 | 6 | 9 |
| 3 | 6 | 9 | 2 | 1 | 8 | 5 | 4 | 7 |
| 5 | 7 | 2 | 4 | 6 | 9 | 8 | 1 | 3 |
| 2 | 1 | 5 | 9 | 7 | 4 | 3 | 8 | 6 |
| 9 | 8 | 6 | 3 | 2 | 5 | 1 | 7 | 4 |
| 4 | 3 | 7 | 6 | 8 | 1 | 9 | 5 | 2 |

ଗତକାଲିର ଉତ୍ତର

# ସ୍ୱେଚ୍ଛାକୃତ ଜନସେବା



ବୈକୁଣ୍ଠନାଥ ମିଶ୍ର

ନିର୍ବାଚନ ସମୟରେ ଯେତେବେଳେ ନବୀନ ତଥା ପୁରାତନ ପ୍ରାର୍ଥୀମାନଙ୍କୁ ତାଙ୍କ ପ୍ରାର୍ଥିତ୍ୱ ସମ୍ବନ୍ଧରେ ଗଣମାଧ୍ୟମ ତରଫରୁ ପ୍ରଶ୍ନ କରାଯାଏ, ସେତେବେଳେ ଉତ୍ତରଟିଏ ମିଳେ ଯେ ଜନସେବାର ମହତ୍ ଉଦ୍ଦେଶ୍ୟ ନିମିତ୍ତ ସେମାନେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ଉକ୍ତିରୁ ଏହା ସ୍ପଷ୍ଟ ହୁଏ ଯେ ସତେଯେପରି ଜନସେବା ପାଇଁ ରାଜନୀତି ଏକ ଓ ଅଦ୍ୱିତୀୟ ବିକଳ୍ପ। ସେମାନଙ୍କ ମତରେ ଜନସେବା ଓ ରାଜନୀତି ପରସ୍ପର ପରିପୂରକ। ବିନା ରାଜନୀତିରେ ଜନସେବା ଅସମ୍ଭବ। ଉକ୍ତ ନିବନ୍ଧରେ ଆମେ କେତୋଟି ଦୃଷ୍ଟାନ୍ତକୁ ପରୀକ୍ଷଣ ପୂର୍ବକ ଜ୍ଞାତ ହେବା ଯେ ଜନସେବା ପାଇଁ ରାଜନୀତି କ'ଣ ବାସ୍ତବରେ ଅପରିହାର୍ଯ୍ୟ ?

ସାଧାରଣରେ ଅସମ୍ଭବ ମନେହେଉଥିବା କାର୍ଯ୍ୟକୁ ସମ୍ଭବରେ ପରିଣତ କରିବାର ବିରଳ ଦୃଷ୍ଟାନ୍ତ କିଛି ଯୋଗଜନ୍ମାଙ୍କ ଭାଗ୍ୟରେ ହିଁ ଘଟିଥାଏ। କନ୍ଧମାଳ ଜିଲାର ପଥରମଣିଷ ଭାବେ ଖ୍ୟାତ ଜଳନ୍ଧର। ବଣ ପାହାଡ଼ଘେରା ଆଦିବାସୀ ଅଧ୍ୟୁଷିତ ଗାଁକୁ ନ ଥିଲା ସାଧାରଣ ପାଦଚଲା ରାସ୍ତାଟିଏ। ପାହାଡ଼ ପାର୍ଶ୍ୱଦେଇ ଯେଉଁ କ୍ଷୀଣ କଣ୍ଟକିତ ପଥଟିଥିଲା, ସେଥିରେ ବୁଲିବୁଲି ୨୫ କିଲୋମିଟରରୁ ଊର୍ଦ୍ଧ୍ୱ ଦୂରତା ଅତିକ୍ରମ କରି ମୁଖ୍ୟ ରାସ୍ତା ଧରିବାକୁ ହେଉଥିଲା। ରୋଗୀ କିମ୍ବା ଗର୍ଭବତୀଙ୍କୁ ଖଟିଆରେ ଚାରିକାନ୍ଧ ସହାୟତାରେ ଡାକ୍ତରଖାନା ନେବା କେବଳ କଷ୍ଟସାଧ ନ ଥିଲା, ବ୍ୟୟସାପେକ୍ଷ ମଧ ଥିଲା। ନିଜ ପରିବାରର ଜଣେ ସଦସ୍ୟଙ୍କର ଏପରି ଅବସ୍ଥାରେ ମୃତ୍ୟୁବରଣ କରିବାର ତିକ୍ତ ଅନୁଭୂତିରୁ ଜନ୍ମନେଲା ଏକ ଅଜବ ସଂକଳ୍ପ। ପାହାଡ଼କାଟି ରାସ୍ତା ନିର୍ମାଣ କରିବାର ପ୍ରତିବଦ୍ଧତା ନେଇ ଆଗେଇ ଚାଲିଲେ ଜଳନ୍ଧର। ପାହାଡ଼କାଟି ୬ବର୍ଷ ମଧ୍ୟରେ ଏକ ପାହାଡ଼ିଆ ରାସ୍ତା ନିର୍ମାଣରେ ସଫଳ ହେଲେ ଜଳନ୍ଧର। ନବନିର୍ମିତ ରାସ୍ତାଟି କେବଳ ପାଦଚଲା ମଣିଷ ନୁହେଁ ଗାଡିମୋଟର ଯାତାୟାତ ପାଇଁ ବେଶ୍ ସୁଗମ ହୋଇଛି। ଜଳନ୍ଧର ପଥର ମଣିଷ ମୁକୁଟରେ ବିମଣ୍ଡିତ ହୋଇଛନ୍ତି।

ସେହିପରି ନୟାଗଡ଼ ଜିଲା ଫୁଲୁରି ଗ୍ରାମର ଅନନ୍ୟ ବ୍ୟକ୍ତିତ୍ୱର ଅଧିକାରୀ ହେଲେ ହରି ବେହେରା। ଦୁର୍ଗମ ବଣ ପାହାଡ଼ଘେରା ଇଲାକାର ଶାନ୍ତ, ସରଳ ମଣିଷଟିଏ ସେ। ଘଞ୍ଚଜଙ୍ଗଲ ଓ ଉଚ୍ଚପାର୍ବତ୍ୟାଞ୍ଚଳ ଥିଲା ଗାଁକୁ ରାସ୍ତାନିର୍ମାଣର ପ୍ରମୁଖ ପ୍ରତିବନ୍ଧକ। ହରି ଗ୍ରାମବାସୀଙ୍କୁ ନେହୁରା ହେଲେ ମଧ୍ୟ ସାହାଯ୍ୟ ସହଯୋଗ ତ ଭିନ୍ନକଥା, ସାମାନ୍ୟ ଟିକେ ଅନୁକୂଳ ମନ୍ତବ୍ୟ ମଧ ଗ୍ରାମବାସୀଙ୍କଠାରୁ ମିଳିଲା ନାହିଁ। କେବଳ ତାଙ୍କ ବଡ଼ଭାଇ ଏଥିରେ ତାଙ୍କୁ ସହଯୋଗର ହାତ ବଢ଼ାଇଲେ। ସରକାରୀ ସହାୟତା ତ ଦୂରକଥା ; ଅଧିକନ୍ତୁ କାମ ଆରମ୍ଭ ହେବା ମାତ୍ରକେ ବନବିଭାଗ ଦାଉସାଧିଲା। ହରିଙ୍କୁ ଥାନାରେ ଅଟକ ରଖାଗଲା। କଥା ହେଲା ଗ୍ରାମବାସୀ ଓ ଗ୍ରାମ ମୁଖିଆ ଅନୁମତି ପତ୍ରରେ ସ୍ୱାକ୍ଷର କଲେ ହରି ସେ କାମରେ ଆଗେଇ ପାରିବେ। ଶେଷରେ ସମସ୍ତ ପ୍ରତିବନ୍ଧକ ଦୂର ହେଲା ଓ ରାସ୍ତାକାମ ଆରମ୍ଭ ହେଲା। ରାତି ପାହିବା କ୍ଷଣି ହରି ଓ ତାଙ୍କ ବଡ଼ଭାଇ ଗଇଁତି, ଶାବଳ, କୋଦାଳ ଓ ଅନ୍ୟାନ୍ୟ ଉପକରଣ ଧରି ରାସ୍ତାକାମରେ ଲାଗିଯାନ୍ତି। ରାସ୍ତାକାମ ଅଧାହେଲା ବେଳକୁ ହରି ବଡ଼ଭାଇଙ୍କର ଦେହାନ୍ତ ହେଲା। ଅବଶିଷ୍ଟ ଅଧାକାମକୁ ଏକାକୀ ହରି ୨୦୨୦ ରେ ପୂର୍ଣ୍ଣାଙ୍ଗ କଲେ। ହରି ଆଜି ସାମାନ୍ୟରୁ ସର୍ବମାନ୍ୟରେ ପରିଣତ ହୋଇପାରିଛନ୍ତି।

ଆଉଜଣେ ଦାନୀ, ଦରିଦ୍ରର ବନ୍ଧୁ ହେଉଛନ୍ତି ତାମିଲନାଡୁର କଲ୍ୟାଣସୁନ୍ଦରମ୍। ତାମିଲ ଭାଷାରେ ସ୍ନାତକ ଡିଗ୍ରୀ ହାସଲ କଲାପରେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ଲାଇବ୍ରେରି ସାଇନ୍ସରେ ସ୍ନାତକୋତ୍ତର ପରେ ଟ୍ୟୁଟିକୋରିନ ଆର୍ଟସ କଲେଜରେ ଦୀର୍ଘ ୩୫ବର୍ଷ ସରକାରୀ ଚାକିରି କରି ୨୦୦୮ରେ ଅବସର ଗ୍ରହଣ କରିଛନ୍ତି। ତାଙ୍କ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଦିଗଟି ହେଲା ତାଙ୍କ ଦାନୀପଣିଆ। ନିଜେ ଅବିବାହିତ ରହିବା ସହ ସ୍ୱଅର୍ଜିତ ସମସ୍ତ ବେତନ ଓ ପୈତୃକ ସମ୍ପତ୍ତିକୁ ଦୀନ ଦରିଦ୍ରଙ୍କୁ ଦାନ କରିଦେଇଛନ୍ତି। 'ଇଣ୍ଟରନ୍ୟାଶନାଲ ଚିଲଡ୍ରେନ୍ସ ୱେଲଫେୟାର ଅର୍ଗାନାଇଜେଶନ'ନାମକ ଏକ ସଂସ୍ଥା ଗଠନକରି ତା' ମାଧ୍ୟମରେ ଦରିଦ୍ର ଓ ଅନାଥ ପିଲାଙ୍କ ଉଦ୍ଦେଶ୍ୟରେ ସେ ତାଙ୍କର ସମସ୍ତ ବେତନ ଓ କର୍ମନିବୃତ୍ତି ପରେ ସମସ୍ତ ପେନ୍‌ସନ୍‌କୁ ଦାନ କରିଚାଲିଛନ୍ତି। ଭାରତ–ଚାଇନା ଯୁଦ୍ଧ ସମୟରେ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ବେତାର ଭାଷଣ ଓ ସାହାଯ୍ୟ ପାଇଁ ଦେଶବାସୀଙ୍କୁ ଆହ୍ୱାନରେ ଅନୁପ୍ରାଣିତ ହୋଇ ସେ ନିଜର ସୁନାଚେନକୁ ମୁଖ୍ୟମନ୍ତ୍ରୀ କାମରାଜଙ୍କ ହାତରେ ଅର୍ପଣ କରିଥିଲେ। ସେବେଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ପୈତୃକ ଘରଡିହକୁ ଭୂମିହୀନଙ୍କୁ ଦାନକରି ଫୁଟ୍‌ପାଥକୁ ଆଶ୍ରୟସ୍ଥଳ ଭାବେ ଆଦରି ନେଇଛନ୍ତି। ଜାତିସଂଘ ତାଙ୍କୁ 'ଜଣେ ମହାନ୍‌ବ୍ୟକ୍ତି' ଭାବେ ସମ୍ବର୍ଦ୍ଧିତ କରିଛି। ଆମେରିକାର ଏକ ବୈଶ୍ୱିକ ସଂସ୍ଥା ତାଙ୍କୁ 'ସହସ୍ରାବ୍ଦୀର ବ୍ୟକ୍ତିତ୍ୱ' ଉପାଧିରେ ଭୂଷିତ କରି ୩୦କୋଟି ଟଙ୍କର ପୁରସ୍କାର ରାଶି ପ୍ରଦାନ କରିଛନ୍ତି, ଯାହାକୁ ସେ ଦୀନଜନଙ୍କ ସେବା ପାଇଁ ଉତ୍ସର୍ଗ କରିଛନ୍ତି। ପେଟପୋଷିବା ପାଇଁ ଏବେ କଲ୍ୟାଣସୁନ୍ଦରମ୍ ଏକ ହୋଟେଲରେ ଛୋଟମୋଟ କାମ ସହ ଏକ ଲଣ୍ଡ୍ରିରେ ସାମୟିକ କର୍ମ ସମ୍ପାଦନ କରୁଛନ୍ତି।

କେବଳ ଉପର ବର୍ଣ୍ଣିତ ବ୍ୟକ୍ତିବିଶେଷ ନୁହନ୍ତି ଭାରତର କୋଣ ଅନୁକୋଣରେ ଏପରି ମହାମାନବମାନେ ବଣମଲ୍ଲୀ ସଦୃଶ ତାଙ୍କର ସୌରଭ ବିକିରଣ କରିଚାଲିଛନ୍ତି, ଯେଉଁମାନଙ୍କର ହିସାବ ଆଜିର ସ୍ୱାର୍ଥପର ଦୁନିଆ ପାଖରେ ନାହିଁ। ଏ ଦେଶରେ ଅନେକ ରିକ୍ସା ଓ ଅଟୋଚାଳକ ତଥା ଦିନମଜୁରିଆ ଅଛନ୍ତି, ଯେଉଁମାନେ ଲକ୍ଷ ଲକ୍ଷ ଟଙ୍କା ସହ ସୁନାରୁପା ଥଳି ପାଇ ମଧ୍ୟ ଅତି ନିର୍ଲୋଭ ଭାବରେ ମାଲିକଙ୍କୁ ସିଧାସଳଖ କିମ୍ବା ଥାନା ମାଧ୍ୟମରେ ଫେରାଇ ଦେବାର ବହୁ ନଜିର ରହିଛି। ଏ ଲେଖକର ହାଇସ୍କୁଲ ଶିକ୍ଷକମାନଙ୍କ ମଧ୍ୟରୁ ଅନ୍ୟତମ ଛାତ୍ରବତ୍ସଳ ବିଜ୍ଞ ଶିକ୍ଷକ ଥିଲେ ସ୍ୱର୍ଗତ୍ ରାମ ସାର୍। ପ୍ରତ୍ୟହ ପ୍ରଭାତରେ ଗୋଟିଏ କୋଦାଳ ଓ ଝୁଡିଧରି ଘରୁ ବାହାରିଯାନ୍ତି। ଗ୍ରାମ ଶେଷରେ ଥିବା ମଶାଣି ସଂଲଗ୍ନ ଜମିରେ ଆରମ୍ଭ କରନ୍ତି ମାଟିଖୋଳା କାମ। ଅନ୍ୟର ସାହାଯ୍ୟ ଓ ସହଯୋଗକୁ ଉପେକ୍ଷା କରି ଏକାକୀ ଜନକଲ୍ୟାଣର ମହାମନ୍ତ୍ରରେ ଦୀକ୍ଷିତ ହୋଇ ଆଜି ଜଳାଶୟଟି ସୃଷ୍ଟି କରିପାରିଛନ୍ତି।

ଅଧୁନା ପ୍ରତ୍ୟହ ଯେତେବେଳେ ଗଣମାଧ୍ୟମରେ ଅନୀତି, ଦୁର୍ନୀତିପରାୟଣ ବ୍ୟକ୍ତି ବିଶେଷଙ୍କ କଳାକାରନାମା ତଥା ଅର୍ଥଶୋଷଣର ଘୃଣ୍ୟ ଖବର କର୍ଣ୍ଣଗୋଚର ହୋଇ ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି କରୁଛି ; ଠିକ୍ ସେହି ସମୟରେ କିଛି ଭଲଲୋକଙ୍କର ସ୍ୱେଚ୍ଛାକୃତ ନିରୁତ ଜନସେବା ତଥା ପରୋପକାରର ଅକ୍ଷୟ ଦୃଷ୍ଟାନ୍ତ ବାସ୍ତବିକ ଅନୁକରଣୀୟ। ଏଠାରେ ବିଚାର୍ଯ୍ୟ ଜନସେବା ପାଇଁ ରାଜନୀତିକୁ ପାଥେୟ କରିବା ଏକମାତ୍ର ବିକଳ୍ପ କି ନୁହେଁ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ–୯୯୩୭୪୫୦୫୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ସୁରକ୍ଷିତ କି

ମହାଶୟ,

ଶ୍ରୀମନ୍ଦିରର ରୋଷଘର ଚୁଲାକୁ କେହି ଦୁର୍ବୃତ୍ତ ଭାଙ୍ଗିଦେବା ଖବର ଗଣମାଧ୍ୟମରୁ ଜାଣିବା ପରେ ସମସ୍ତ ଜଗନ୍ନାଥପ୍ରେମୀ ଦୁଃଖ ପ୍ରକାଶ କରିବା ସହ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଶ୍ରୀଜଗନ୍ନାଥଙ୍କ ପାଇଁ ୫୬ ପଉଟି ମହାପ୍ରସାଦ ରନ୍ଧା ହେଉଥିବା ରୋଷଘରେ ପଶି ଦୁର୍ବୃତ୍ତ ଯଦି ନିର୍ବିଘ୍ନରେ ଚୁଲା ଭାଙ୍ଗିଦେଇ ଫେରାର ହୋଇପାରୁଛି ; ତେବେ କିପରି ଶ୍ରୀମନ୍ଦିର ପ୍ରଶାସନ, ଓଡ଼ିଶା ସରକାର ଓ ଜଗନ୍ନାଥପ୍ରେମୀମାନେ ଛାତିରେ ହାତ ରଖି କହିପାରିବେ ଯେ, ଭବିଷ୍ୟତରେ କେହି ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ଶ୍ରୀମନ୍ଦିରର କ୍ଷତି ପହଞ୍ଚାଇବ ନାହିଁ! ଏହି ଚୁଲାଭଙ୍ଗା ଘଟଣା ମନ୍ଦିରର ସୁରକ୍ଷା ବ୍ୟବସ୍ଥା ପ୍ରତି ଉପହାସ ନୁହେଁ କି ? ସତରେ ଯଦି ରୋଷଘରକୁ ମନ୍ଦିର ପୋଲିସ ପ୍ରହରା ଦିଅନ୍ତି, ସନ୍ଧ୍ୟାଧୂପ ସରିଲେ ତାଲାପଡ଼େ, ତେବେ ଦୁର୍ବୃତ୍ତ ରୋଷଘରେ କେମିତି ପଶି ଚୁଲାକୁ ଭାଙ୍ଗିଦେଇ ଫେରାର ହୋଇଗଲା ? ଦୁର୍ବୃତ୍ତ ଭିତରେ ପଶିବା ଓ ବାହାରିଯିବା ଅର୍ଥ ସୁରକ୍ଷା ବ୍ୟବସ୍ଥା ପୂରା ଢିଲା। ଯାହା ବି ହେଉ, ଏହି ଘଟଣାକୁ ଜଣେ ଶୁଣିଲାମାତ୍ରେ ବୁଝିପାରୁଥିବେ ଯେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉନ୍ନତ ମାନର ନୁହେଁ । ଚୁଲାଭଙ୍ଗା କଥା ସମସ୍ତ ହିନ୍ଦୁଧର୍ମୀମାନଙ୍କୁ ସଚେତନ କରାଉଛି ଯେ, ଆମକୁ ସମସ୍ତ ଧାର୍ମିକ ସ୍ଥଳୀର ସୁରକ୍ଷା ପ୍ରତି ଯତ୍ନବାନ ହେବା ଆବଶ୍ୟକ।

–ବାନାମ୍ବର ସେଠୀ, ଇନ୍ଦୁପୁର, କେନ୍ଦ୍ରାପଡ଼ା

### ମାଙ୍କଡ଼ଙ୍କ ଉପଦ୍ରବ ଅସହ୍ୟ

ସାକ୍ଷୀଗୋପାଳ ଅଞ୍ଚଳର ଗତ ବାତ୍ୟାରେ ଗଛଗୁଡ଼ିକ ଭାଙ୍ଗି ନଷ୍ଟ ହୋଇଯିବାରୁ ନଡ଼ିଆ ଚାଷୀମାନେ ଘୋର ଦୁଃଖରେ ଜୀବନ ଅତିବାହିତ କରୁଛନ୍ତି। ଏଥିସହ ଯେଉଁ କେତୋଟି ନଡ଼ିଆଗଛ ବଞ୍ଚି ରହିଛନ୍ତି, ମାଙ୍କଡ଼ମାନଙ୍କ ଉପଦ୍ରବ ଅତ୍ୟନ୍ତ ଅସହ୍ୟ ହୋଇପଡୁଛି। ବହୁସଂଖ୍ୟାରେ ମାଙ୍କଡ଼ ଗ୍ରାମମାନଙ୍କରେ ବୁଲି ବୁଲି ନଡ଼ିଆଗଛରେ ଖୋସା ଦେଖି ଏହାକୁ ଫଟାଇ ଦେଇ ଫୁଲଗୁଡ଼ିକୁ ଖାଇ ଦେଉଛନ୍ତି। ତେଣୁ ଆଉ ଗୋଟମା ଧରୁ ନାହିଁ। ପନିପରିବା ଚାଷୀ ମଧ ଯାହା ଗଛ ଉତାରୁଛନ୍ତି ତାକୁ ଉପାଡ଼ି ଖାଇ ଦେଉଛନ୍ତି। କୌଣସି ପ୍ରକାର ଚାଷ କରିବା ପାଇଁ ଚାଷୀମାନେ ସାହସ କରିପାରୁନାହାନ୍ତି। ସରକାର ତୁରନ୍ତ କୌଣସି ବ୍ୟବସ୍ଥା ନ କଲେ ହଜାର ହଜାର ନଡ଼ିଆ ଓ ପନିପରିବା ଚାଷୀ ହତାଶ ହୋଇଯିବେ।

–ବନମାଳୀ ବେହେରା, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

(ସେହି) ମଧୁ ଶେଯୁଁ ମୋତେ ଜଗାଇବ ସେ ତ
ଲାଗିଲେ ଉଷା ପବନ
ନବୀନ ସେ ମୋର ଦରୋଟି ସେ ମୋର
ସାଥୀ ମୋର ଚିରନ୍ତନ।

–(ମଧୁ–ବିବାହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ କୋକସରା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ବୁଧବାର କଳସ ଯାତ୍ରା କରାଯାଇଛି। ଏଥିରେ ଶହ ଶହ ମହିଳା ଶ୍ରଦ୍ଧାଳୁ ସହ ବିଭିନ୍ନ ଘଣ୍ଟୁଆ ଦଳ, ସଂକୀର୍ତ୍ତନ ଦଳ ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ଏହାସହ ଅଧିବାସ ସମ୍ପନ୍ନ ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ଏହା ହେଉଥିବା ବେଳେ ଗୁରବାର ସକାଳ ୬ଟାରୁ ହରେ କୃଷ୍ଣ ନାମ ଆରମ୍ଭ ହୋଇ ଶନିବାର ସକାଳ ୬ଟାରେ ନାମଯଜ୍ଞ ସମ୍ପୂର୍ଣ୍ଣ ହେବ। ପୂଜା କମିଟି ପକ୍ଷରୁ ଜିଲା ତଥା ଜିଲା ବାହାରୁ ସଂକୀର୍ତ୍ତନ ଦଳ ଆମନ୍ତ୍ରଣ କରାଯାଇଛି। ପୂଜା କର୍ତ୍ତା ଭାବେ କୈଳାଶ ଚିନ୍ଦା ସପତ୍ନୀକ ରହିଛନ୍ତି।

## ସଂକ୍ଷେପରେ

### ମେଗା ସ୍ୱାସ୍ଥ୍ୟ ଶିବିର

ଖପ୍ରାଖୋଲ,୨୦।୪(ଡି.ଏନ.ଏ.): ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୁଷମାନ ଭାରତ ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଅଫିସର ଡା ସୁରଜ କୁମାର ଦୀପଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ୍ୟା ନିରୂପମା ପଟେଲ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ପ୍ରମିଳା ପାଥର, ବିଡିଓ ରଶ୍ମି ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିବିରର ପରିଦର୍ଶନ ପାଇଁ ବଲାଙ୍ଗୀର ଜିଲା ଏଡିପିଏଚଓ ରୋଗ ନିୟନ୍ତ୍ରଣ ଡା ନମିତା ମିଶ୍ର ଯୋଗ ଦେଇଥିଲେ। ଶିବିରରେ ୮୪୦ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୧୦ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି ଅବସରରେ ଆଇସିଡିଏସ ତରଫରୁ ଖାଦ୍ୟ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା।

### ସହଯୋଗର ହାତ ବଢାଇଲେ ସରପଞ୍ଚ

**ବିଏସ୍‌କେୱାଇରେ ମାଗଣାରେ ୨ ଅସ୍ତ୍ରୋପଚାର**


ଗୋବର୍ଦ୍ଧନ ଶବର ।

ଜୁନାଗଡ,୨୦।୪(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ସାନଡୁମେରବାହାଲ ଗ୍ରାମର ଗୋବର୍ଦ୍ଧନ ଶବର (୭୨) ନାମକ ବୃଦ୍ଧ ଗତ କିଛିଦିନ ତଳେ ସାଇକେଲରୁ ପଡିଯିବାରୁ ତାଙ୍କର ଗୋଟିଏ ଗୋଡ ଓ ହାତ ଭାଙ୍ଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ପରେ ସମ୍ପର୍କୀୟ ତାଙ୍କୁ ସ୍ଥାନୀୟ ଏକ ବେସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଗୋବର୍ଦ୍ଧନଙ୍କ ଗୋଡର ଅସ୍ତ୍ରୋପ୍ରଚାର ପାଇଁ ଅଧିକ ଅର୍ଥ ଲାଗୁଥିବା ଓ ଅକ୍ସିଜେନ ମାତ୍ରା କମିଯାଉଥିବାରୁ ପରିବାଗବର୍ଗ ଚିନ୍ତାରେ ପଡିଯାଇଥିଲେ। ଏହି ଖବର ପାଇ ସ୍ଥାନୀୟ କଲେଇ ଗାଁ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ ସହଯୋଗର ହାତ ବଢାଇଥିଲେ। ଗୋବର୍ଦ୍ଧନଙ୍କ ଚିକିତ୍ସା ପାଇଁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାର ଡାକ୍ତର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହ କଥା ହୋଇଥିଲେ। ଉଭୟଙ୍କ ପରାମର୍ଶ କ୍ରମେ ଗୋବର୍ଦ୍ଧନଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୋବର୍ଦ୍ଧନଙ୍କ ଭାଙ୍ଗିଯାଇଥିବା ଗୋଡର ଅସ୍ତ୍ରୋପ୍ରଚାର କରାଯାଇଥିଲା। ଚିକିତ୍ସା ସମୟରେ ଗୋବର୍ଦ୍ଧନଙ୍କ କିଡ୍‌ନୀରେ ପଥର ଥିବା ମଧ ଜଣାପଡିଥିଲା। ଫଳରେ ପୁଣିଥରେ ଆଉ ଏକ ଅସ୍ତ୍ରୋପଚାର କରାଯାଇ କିଡ୍‌ନୀରୁ ପଥର ବହାର କରାଯାଇଥିଲା। ଏହି ୨ଟି ଅସ୍ତ୍ରୋପ୍ରଚାର ବିଏସ୍‌କେୱାଇ ସ୍ମାର୍ଟ ମାଧମରେ ମାଗଣାରେ ହୋଇଥିଲା। ବର୍ତ୍ତମାନ ଗୋବର୍ଦ୍ଧନ ସୁସ୍ଥ ହୋଇ ଘରେ ରହିଥିବା ଜଣାପଡିଛି। ଏପରି ମାନବିକତା କାମ ପାଇଁ ସରପଞ୍ଚ ଆଚାର୍ଯ୍ୟଙ୍କୁ ତାଙ୍କ ପରିବାରବର୍ଗ କୃତଜ୍ଞତା ଜଣାଇଛନ୍ତି।

### ମହିଳାଙ୍କ ଆକସ୍ମିକ ମୃତ୍ୟୁ

ଜୁନାଗଡ,୨୦।୪(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ କଳିଆକୁଣ୍ଡଲ ପଞ୍ଚାୟତ ମୁଣ୍ଡିଗୁଡା ଗ୍ରାମର ଜଣେ ମହିଳାଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ତାଙ୍କ ନାମ ରୋଜା ବଗର୍ତ୍ତୀ (୩୨)। ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ରୋଜାଙ୍କ ଦେହ ହଠାତ୍ ଅସୁସ୍ଥ ହେବାରୁ ପରିବାରବର୍ଗ ତାଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ରୋଜାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତ ମହିଳାଙ୍କ ଏକ ୧୭ ଦିନର ପୁଅ ରହିଥିବା ଜଣାପଡିଛି। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୨) ରୁଜୁ ହୋଇଛି। ବ୍ୟବଚ୍ଛେଦର ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜୁନାଗଡ ଆଇଆଇସି ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି।

# ଫେଲ୍ ମାରିଛି ଜଳ ପ୍ରକଳ୍ପ


ମହିଳାମାନେ ସୁକତେଲ ନଦୀରେ ଚୁଆଖୋଲି ପାଣି ସଂଗ୍ରହ କରୁଛନ୍ତି।


ଭାଙ୍ଗି ପଡିଥିବା ଷ୍ଟାଣ୍ଡପୋଷ୍ଟ।

ପାଟଣାଗଡ,୨୦।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ଅଏଁଲାତୁଙ୍ଗା ଗ୍ରାମରେ ଏବେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପାରମ୍ପରିକ ଜଳଉତ୍ସ ସବ ଶୁଖି ଯାଇଛି। କୂଅ, ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ଯାହା ବି ବାହାରୁଛି ତାହା ବ୍ୟବହାର ଉପଯୋଗୀ ହେଉନାହିଁ। ଗାଁକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ବି ଏହା ଅଚଳ ହୋଇ ପଡିଛି। ଫଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧରେ ୨ୱାର୍ଡ ବିଶିଷ୍ଟ ଏହି ଗାଁର ୧ହଜାର ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟନୋପାୟ ହୋଇ ଗ୍ରାମର ମହିଳାମାନେ ନିକଟସ୍ଥ ସୁକତେଲ ନଦୀରେ ବାଲି କୂଅ ଖୋଳି ପାଣି ସଂଗ୍ରହ କରୁଛନ୍ତି।

ଅଏଁଲାତୁଙ୍ଗା ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ୨୦୧୯-୨୦ଆର୍ଥିକ ବର୍ଷରେ ୫୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାଟଣାଗଡ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ଏକ ଜଳ ପ୍ରକଳ୍ପ ଆରମ୍ଭ ହୋଇଥିଲା। ସୁକତେଲ ନଦୀରେ କୂପ ଖୋଳା ଯାଇ ପାଇପ ଯୋଗେ ଓଭରହେଡ ଟାଙ୍କିକୁ ପାଣି ଅଣାଯାଇ ଗାଁକୁ ଜଳ ଯୋଗାଣ ଆରମ୍ଭ ହେଲା। ହେଲେ ନିର୍ମାଣର ବର୍ଷେ ନ ପୁରୁଣୁ ନଦୀରେ ନିର୍ମିତ କୂପ ଗତ ବନ୍ୟା ସମୟରେ ଭୁଶୁଡି ପଡିଲା। ଏହା ପରଠାରୁ ଗାଁକୁ ଜଳ ଯୋଗାଣ ବନ୍ଦ ରହିଛି। ବିଛା ଯାଇଥିବା ପାଇପ ଫାଟିଗଲାଣ, ଷ୍ଟାଣ୍ଡପୋଷ୍ଟ ଭାଙ୍ଗି ପଡିଲାଣି। ନିମ୍ନମାନର କାମ ଯୋଗୁ ଏଭଳି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ମରାମତି କରି ପୁନଃ ଜଳଯୋଗାଣ ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ଦାବି କରି ଆସିଥିଲେ ହେଁ ବିଭାଗୀୟ ଅଧିକାରୀ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହି ପରିସ୍ଥିତିରେ ଗାଁର ଜଣେ ବ୍ୟକ୍ତିଙ୍କ ନଳକୂପରୁ ଗ୍ରାମର କେତେକ ସ୍ଥାନକୁ ଜଳଯୋଗାଣ ହେଉଛି। ଗ୍ରାମର ଆମପଡା, ବରିହାପଡା, ମାଳିପଡା, ବ୍ରାହ୍ମଣପଡା ଓ ତଳପଡାରେ ଜଳାଭାବ ସଙ୍ଗୀନ ସ୍ଥିତି ସୃଷ୍ଟି କଲାଣି। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଗଗନ କୁମାର କିଶାନଙ୍କୁ ପଚାରିବାରୁ କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବି ଉପଜିଲାପାଳ ବିଜୟ ସେଠୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

**ଅଏଁଲାତୁଙ୍ଗାରେ ପାନୀୟ ଜଳ ସମସ୍ୟା ଉତ୍କଟ**

- ନିର୍ମାଣର ବର୍ଷେ ନ ପୂରୁଣୁ ନଦୀରେ ନିର୍ମିତ କୂଅ ଭୁଶୁଡିଲା
- ପାଇପ ଫାଟିଛି, ଭାଙ୍ଗି ପଡିଛି ଷ୍ଟାଣ୍ଡପୋଷ୍ଟ
- ନଦୀରେ ଚୁଆଖୋଳି ପାଣି ସଂଗ୍ରହ

**ସେମାନେ ଯାହା କହନ୍ତି....**


“ଜଳ ପ୍ରକଳ୍ପ ସ୍ଥାପନ ପରେ ପାନୀୟ ଜଳ ସମସ୍ୟା ଦୂର ଆଶା କରାଯାଉଥିଲା। ହେଲେ ଲୋକେ ପାଣି ପାଇବାର କିଛିଦିନ ମଧରେ ନଦୀରେ ନିର୍ମିତ କୂଅ ବନ୍ୟାରେ ଭୁଶୁଡି ପଡିଲା। ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଲେ ବି ଶୁଣିଲେନି। ନଦୀରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛୁ। ତତ୍କାଳ ଟ୍ୟାଙ୍କର ଜଳଯୋଗାଣ ବ୍ୟବସ୍ଥା କରାଯାଉ।

ନଳିତା ପୁଟେଲ, ଗ୍ରାମବାସୀ


“ରାତି ପାହିଲେ ପାଣିଚିନ୍ତାରେ ମୁଣ୍ଡ ଘୁରାଇ ଦେଉଛି। ସ୍ନାନଶୌଚଠାରୁ ଆରମ୍ଭ କରି ପିଇବା ପର୍ଯ୍ୟନ୍ତ ପାଣି ପାଇଁ ଅସୁବିଧା ଭୋଗୁଛୁ। ଟାଣଖରାରେ ସୁକତେଲ ନଦୀରେ ଖୋଳା ଯାଇଥିବା ଚୁଆରୁ ପାଣି ଆଣି କାମ ଚଳାଉଛୁ। ନିମ୍ନମାନର କାମ କରିଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲୋଡା। ଏଥିସହିତ ଅତିଶୀଘ୍ର ସମସ୍ୟାର ସମାଧାନ କରାଯାଉ।

ପୁଷ୍ପା ସାହୁ, ଗ୍ରାମବାସୀ


“୫୨ଲକ୍ଷ ଟଙ୍କାର ପ୍ରକଳ୍ପ ବେକାର ହୋଇଗଲା। ନିମ୍ନମାନର କାମ ହୋଇଥିବା କହିଲେ ବି କେହି ଶୁଣିଲେନି। ପାଇପ ଫାଟିଗଲାଣି। ଷ୍ଟାଣ୍ଡପୋଷ୍ଟ ଟ୍ୟାପ ଖୋଜିଲେ ମିଳିବନି। ପ୍ରକଳ୍ପ ପୁନଃ ଚାଲୁ କରିଥିଲେ ଏହି ନିଦାଘ ଗ୍ରୀଷ୍ମରେ ଗ୍ରାମବାସୀ ଉପକୃତ ହୋଇଥାନ୍ତେ। ଆଗାମୀ ଦିନରେ ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ କରିବାକୁ ବାଧ ହେବୁ।

ସୁରେନ୍ଦ୍ର ବରିହା, ୱାର୍ଡସଭ୍ୟ

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ମୋ କଲେଜ ଅଭିଯାନ ବୈଠକ

ବଲାଙ୍ଗୀର ଅଫିସ, ୨୦।୪

ରାଜେନ୍ଦ୍ର ବିଶ୍ୱବଦ୍ୟାଳୟରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ବୈଠକରେ ଅଧକ୍ଷତା କରି ସଭାର ଉଦ୍ଦେଶ୍ୟ ଜଣାଇଥିଲେ। ରେଜିଷ୍ଟ୍ରାର ପ୍ରଫେସର ଦୁର୍ଗାପ୍ରସନ୍ନ ମହାପାତ୍ର ମୋ କଲେଜ ଅଭିଯାନର ଉଦ୍ଦେଶ୍ୟ ଓ ପରିଚାଳନାଗତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ପ୍ରଫେସର ମହାପାତ୍ର କହିଥିଲେ ଯେ, କେବଳ ପୁରାତନ ଛାତ୍ରୀଛାତ୍ରମାନଙ୍କଠାରୁ ଅର୍ଥ ଆଦାୟ କରିବା ନୁହେଁ ଶିକ୍ଷାନୁଷ୍ଠାନ ସହିତ ଯୋଡ଼ି ରଖିବା ମୋ କଲେଜ ଅଭିଯାନର ଉଦ୍ଦେଶ୍ୟ। ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା ଯେ ପ୍ରତି ମାସର ତୃତୀୟ ଶନିବାର ଦିନ ୪ ଟା ୩୦ରେ କୁଳପତିଙ୍କ ପ୍ରକୋଷ୍ଠରେ ମୋ କଲେଜ ଅଭିଯାନର ବୈଠକ ଅନୁଷ୍ଠିତ ହେବ । ଆଲୁମ୍ନିମାନେ ଏହି ବୈଠକରେ ସିଧାସଳଖ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରି ପାରିବେ ବୋଲି କୁଳପତି ପ୍ରକାଶ କରିଥିଲେ । ଏହି ବୈଠକରେ କୁଳସଚିବ ଯୁଧିଷ୍ଠିର ନାଏକ, ସମାଜସେବୀ ଶ୍ରୀକର ମିଶ୍ର, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆଲୁମ୍ନି ଆସୋସିଏସନ ସଭାପତି ପ୍ରଭାସଚନ୍ଦ୍ର ପାଣିଗ୍ରାହୀ, ଅସୀମ ପଟ୍ଟନାୟକ, ପ୍ରାଧାପକ ବିଘେଶ୍ୱ ପ୍ରସାଦ ମିଶ୍ର, ମଦନ ମୋହନ ପ୍ରଧାନ ଯୋଗ ଦେଇଥିଲେ ।

# ଲୋକକଳା ଉତ୍ସବ ଲୋଗୋ ଉନ୍ମୋଚିତ

ବଲାଙ୍ଗୀର ଅଫିସ,୨୦।୪



ପୌରାଧକ୍ଷା ଲିକା ସାହୁ ଲୋକକଳା ଉତ୍ସବର ଲୋଗୋ ଉନ୍ମୋଚନ କରୁଛନ୍ତି।

ଆସନ୍ତା ଏପ୍ରିଲ ୨୬ରୁ ୨୮ ତାରିଖ ତିନିଦିନ ଧରି ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆଠାରେ ସପ୍ତମ ଲୋକକଳା ଉତ୍ସବ ଅନୁଷ୍ଠିତ ହେବ। ଦୁଲଦୁଲି କଳା ପରିଷଦ ସଭାପତି ପ୍ରଭାସ ପାଣିଗ୍ରାହୀ ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୁଧବାର ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଓଡିଶା ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତଥା ପର୍ଯ୍ୟଟନ ବିଭାଗ ଓ ଇଷ୍ଟର୍ନ ଜୋନାଲ କଲଚରାଲ ସେଣ୍ଟର (ଇଜେଡ୍‌ସିସି)ର ସହଭାଗିତାରେ ତଥା ବଲାଙ୍ଗୀର ଦୁଲଦୁଲି କଳା ପରିଷଦ ଆନୁକୂଲ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହେବ। ସଭାପତି ପାଣିଗ୍ରାହୀ କହିଛନ୍ତି ଯେ, ଏହି ଉତ୍ସବରେ ଜାତୀୟସ୍ତରର ୬ଟି ସାଂସ୍କୃତିକ ଦଳ ସହ ରାଜ୍ୟର ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଚଳିତ ବର୍ଷ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶତ ତଥା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ମାନିତ ଶଙ୍କର ପ୍ରଧାନ, ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ମାନିତ ନବୀନ କୁଅଁର, ସମାଜସେବୀ ତଥା ଆଞ୍ଚଳିତ ଭାଷାରେ ଚଳଚ୍ଚିତ୍ର ନିର୍ମାଣ କରିଥିବା ଡ.ଶ୍ରୀକର ମିଶ୍ର ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ମେଧାବୃତ୍ତି ପାଇଥିବା ଯୁବ ଲୋକନୃତ୍ୟ କଳାକାର ରିମା ବାଗଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବ। ଚଳିତବର୍ଷର ଲୋକକଳା ସମ୍ମାନ ଲୀଳା କଳାକାର ପ୍ରମୋଦ ମିଶ୍ର, ଲୋକ ସଙ୍ଗୀତ କଳାକାର ପ୍ରିୟଦର୍ଶିନୀ ସାହୁ ଓ ଲୋକନାଟକ କଳାକାର ଅରବିନ୍ଦ ବାଗଙ୍କୁ ପ୍ରଦାନ କରାଯିବ। ସେହିପରି ଚଳିତବର୍ଷ ବାବାଜୀ ସମ୍ମାନ ଲୋକ ସଙ୍ଗୀତ କଳାକାର ସୁଦାମ ବିଶିଙ୍କୁ ପ୍ରଦାନ କରାଯିବ ବୋଲି ସଭାପତି ପାଣିଗ୍ରାହୀ ସୂଚନା ପ୍ରଦାନ କରିଛନ୍ତି। ଲୋକକଳା ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିବା ପାଇଁ ଆସନ୍ତା ୨୨ ତାରିଖ ସନ୍ଧ୍ୟା ୫ଟାରେ ସ୍ଥାନୀୟ କୋଶଳ କଳା ମଣ୍ଡଳଠାରେ ସଂଯୋଜିକା ଓ ସଂଯୋଜକ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଂଯୋଜକ ସୋମନାଥ ମିଶ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ଲୋକକଳା ଉତ୍ସବର ଲୋଗୋକୁ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉନ୍ମୋଚିତ କରିଥିଲେ। ସଭାରେ ସମ୍ପାଦକ ବାସୁଦେବ ସା ଓ ଉପସଭାପତି ଦୀନେଶ ଶର୍ମା ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମକୁ କୁନା ବାଗ ସଂଯୋଜନା କରିଥିଲେ।

- ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବ ଲୋକକଳା ଉତ୍ସବ
- ଯୋଗଦେବେ ୬ଟି ଜାତୀୟ ସାଂସ୍କୃତିକ ଦଳ

## ସ୍ୱାସ୍ଥ୍ୟମେଳାରେ ୬୬୬ ରୋଗୀ ଚିକିତ୍ସିତ

ମୁରିବାହାଲ,୨୦।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଲେବଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଆନୁକୂଲ୍ୟରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ ଅବସରରେ ଆୟୋଜିତ ମେଗା ସ୍ୱାସ୍ଥ୍ୟମେଳାକୁ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଡିଓ ପ୍ରିୟରଞ୍ଜନ କୁମାର,ଲେବଡା ସରପଞ୍ଚ ଦମୟନ୍ତି ହାତୀ, ସିଡିପିଓ ସରସି ପଣ୍ଡା, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ୧୦ଜଣ ବିଶିଷ୍ଟ ଡାକ୍ତର ଉପସ୍ଥିତ ରହି ୬୬୬ଜଣ ରୋଗଙ୍କ ଚିକିତ୍ସା କରିବା ସହ ଔଷଧ ପ୍ରଦାନ ଦେଇଥିଲେ। ଏହି ଆବସରରେ ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା ଏନଜିଓ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ୨୦ଟି ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ଯୋଗ, କୋଭିଡ ଟୀକାକାରଣ, ରକ୍ତଚାପ ଓ ମଧୁ ମେହ ପରୀକ୍ଷା କରାଯିବା ସହ ସଚେତନ କରାଯାଇଥିଲା। ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା ସଂଗ୍ରାମ କେଶରୀ ନାୟକଙ୍କ ତତ୍ତ୍ୱାବଧାନରେ ବିପିଏମ ଅମୟ କୁମାର ରଜପାଳିଆ, ଫାର୍ମାସିଷ୍ଟ ମାନସ କୁମାର ଦଳାଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ସ୍ୱାସ୍ଥ୍ୟମେଳା ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

## ରୋଟାରୀ ସେଣ୍ଟ୍ରାଲ ପକ୍ଷରୁ ଥଣ୍ଡା ପାନୀୟ ବଣ୍ଟନ

ବଲାଙ୍ଗୀର ଅଫିସ,୨୦।୪

ଚଳିତବର୍ଷ ଭୀଷଣ ଖରା ଅନୁଭୂତ ହେଉଛି। ବଲାଙ୍ଗୀର, ଟିଟିଲାଗଡ ସମେତ ସମଗ୍ର ଜିଲା ଏବେ ଉତ୍ତପ୍ତ କଡେଇ ପାଲଟି ଯାଇଛି। ଏଭଳି ସମୟରେ ବିଭିନ୍ନ ସମୟରେ ଯାତାୟତ କରୁଥିବା ଲୋକେ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବୁଧବାର ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ଛକଠାରେ ରୋଟାରୀ ସେଣ୍ଟ୍ରାଲ ପକ୍ଷରୁ ସରବତ ଏବଂ ଥଣ୍ଡା ପିଇବା ପାଣି ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ପୌରାଧକ୍ଷା ଲିକା ସାହୁ ଓ ରୋଟାରୀ ସେଣ୍ଟ୍ରାଲର ପ୍ରତିଷ୍ଠାତା ବିଷ୍ଣୁ ପ୍ରସାଦ କେଡିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରୋଟାରିଆନ ତଥା ମନୋନୀତ ସଭାପତି ହରିବନ୍ଧୁ ନାୟକଙ୍କ ଉଦ୍ୟମକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ମନୋଜ ଅଗ୍ରୱାଲ, ସମ୍ପାଦକ ନିର୍ମଳ ଅଗ୍ରୱାଲ, ପୂର୍ବତନ ସଭାପତି ରାଜ କୁମାର ମୋଦୀ, ଭଜନ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ଦୀନେଶ ଅଗ୍ରୱାଲ, ରାଜୀବ ହୋତା, ମନୋଜ ଜୈନ, କୈଲାସ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ପୌରାଧକ୍ଷ ଲିକା ସାହୁ ସମଲେଶ୍ୱରୀ ମନ୍ଦିର ପାଖରେ ସରବତ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ଟ୍ୟାଙ୍କର ଜଳ ଯୋଗାଣ ଦାବି କଲେ ଗ୍ରାମବାସୀ

ଟିଟିଲାଗଡ଼,୨୦।୪(ଡି.ଏନ.ଏ.)


ଗରା, ମାଠିଆ ଧରି ଲୋକେ ଟ୍ୟାଙ୍କର ଜଳଯୋଗାଣ ଦାବି କରୁଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ମୁଖ୍ୟାଳୟ ଘଣ୍ଟାବାହାଲିରେ ପାନୀୟ ଜଳ ସମସ୍ୟା ସଙ୍ଗୀନ ପରିସ୍ଥିତି ସୃଷ୍ଟି କରିଛି। ୫ୱାର୍ଡ ବିଶିଷ୍ଟ ଏହି ଗ୍ରାମକୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ତିନି ବର୍ଷ ତଳେ ପାଇପ ପାଣି ଯୋଗାଇ ଦେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ସେହି ପ୍ରକଳ୍ପ ଫେଲ ମାରିଛି। କୂଅ, ପୋଖରୀ ଆଦି ଶୁଖି ଯାଇଥିବାରୁ ଗାଁର ୧୧ଶହରୁ ଊର୍ଦ୍ଧ୍ୱ ପରିବାର ଏବେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଡିଓ, ସ୍ଥାନୀୟ ସରପଞ୍ଚଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ପାଇଁ ଗୁହାରି ହେଲେ ମଧ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପଞ୍ଚାୟତର ଅନ୍ୟ ଗ୍ରାମକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହେଉଥିବାବେଳେ ଘଣ୍ଟାବାହାଲକୁ କାହିଁକି ନୁହେଁ ବୋଲି ଗ୍ରାମର ନମିତା ଛତର, ହରିଶଙ୍କର ଛତର, ହରକିଶନ ହାତି, ତିଲୋତ୍ତମା ଛତର ପ୍ରମୁଖ ୱାର୍ଡ ସଭ୍ୟାସଭ୍ୟ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ପଞ୍ଚାୟତ ବୈଠକରେ ଆଲୋଚନା ନହୋଇ ଟ୍ୟାଙ୍କରରେ କେତେକ ଗାଁକୁ ଜଳଯୋଗାଣ ହେଉଛି। ହେଲେ କେଉଁଥିପାଇଁ ତାଙ୍କ ଗାଁକୁ ଯୋଗାଣ ହେଲାନାହିଁ ବୋଲି ସେମାନେ ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ହେଲେ ଏ ନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ବୁଧବାର ମହିଳାମାନେ ଗରିଆ, ବାଲଟି ଧରି ରାସ୍ତାକୁ ବାହାରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ସାମନା ରାସ୍ତାରେ ରୁଣ୍ଡହୋଇ ଦୀର୍ଘ ସମୟ ଧରି ନାରାବାଜି କରିଥିଲେ। ପାଣି ପାଇଁ ଜୋରଦାର ଆନ୍ଦୋଳନ କରିବେ ବୋଲି ଗ୍ରାମର ମା ତାରିଣୀ, ରାଧାକୃଷ୍ଣ, ସମଲେଶ୍ୱରୀ, ଦୁଲା, ମା ବସ୍ତ୍ରେନ, ସୁରୁବୁଡା ପ୍ରମୁଖ ମହିଳା ଗୋଷ୍ଠୀଙ୍କ ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ନବିନ ଚନ୍ଦ୍ର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ସରପଞ୍ଚଙ୍କ ସହ ଏ ନେଇ କଥା ହେବେ ବୋଲି କହିଛନ୍ତି।

- ଗରା, ମାଠିଆ ଧରି କଲେ ପ୍ରତିବାଦ
- ଘଣ୍ଟାବାହାଲିରେ ପାଣି ପାଇଁ ହାହାକାର

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୧ ଏପ୍ରିଲ, ୨୦୨୨

**ଟ୍ରକ ଧକ୍କାରେ ବାଇକ୍ ଚାଳକ ମୃତ, ରାସ୍ତାରୋକୋ**

ବରଗଡ଼ ଅଫିସ୍: ବରଗଡ଼ ଭଟଲି ଛକ ନିକଟରେ ବୁଧବାର ରାତ୍ରି ପ୍ରାୟ ୯ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ସ୍ଥାନୀୟ ଡାଙ୍ଗ ନଦୀପଡ଼ାର କିଶୋର କୁମାର ବେଲଘରିଆ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ପହଞ୍ଚି ରାସ୍ତାରୋକୋ କରିଛନ୍ତି। ଫଳରେ ବରଗଡ଼-ଭଟଲି ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାବେଳେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି।



## ସଂକ୍ଷେପରେ

### ବୈଠକରୁ ଉଠିଗଲେ ଜନ ପ୍ରତିନିଧି

ଜାମଟିକ୍ରା,୨୦।୪(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ନବନିର୍ବାଚିତ ଜନ ପ୍ରତିନିଧିଙ୍କୁ ନେଇ ପ୍ରଥମ ସାଧାରଣ ପଞ୍ଚାୟତ ସମିତି ବୈଠକ ଚାଲିଥିଲା। ତେବେ ହାତଗଣତି ଜଣେ, ଦୁଇଜଣଙ୍କୁ ଛାଡ଼ିଦେଲେ ଅନ୍ୟ ନିର୍ବାଚିତ ଜନ ପ୍ରତିନିଧିମାନେ ବୈଠକ ଅଧାରୁ ଉଠିଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏମ୍‌ପିଙ୍କ ପ୍ରତିନିଧି ସୁନନ୍ଦା ମେହେର ବୈଠକରେ ମଞ୍ଚାସୀନ ହେବା ପରେ ଏଭଳି ଘଟିବା ଆହୁରି କୌତୁହଳର ବିଷୟ ହୋଇଛି। ବୈଠକ ଅଧାରୁ ଉଠି ଯାଇଥିବା ଜଣେ ଜନ ପ୍ରତିନିଧି ତଥା ଖରମୁଣ୍ଡା ପଞ୍ଚାୟତର ସମିତିସଭ୍ୟ ଆଦିତ୍ୟ ରାଉତ କହିଛନ୍ତି, ବାହାରୁ କେହି ଜଣେ ଡାକି ବିଜେଡ଼ିର ଯେଉଁମାନେ ବୈଠକରେ ଅଛ, ବାହାରକୁ ଚାଲିଆସ ବୋଲି କହିଲେ । ଏହାପରେ ସେମାନେ ବୈଠକ ଅଧାରୁ ଉଠି ଆସିଥିଲେ ଏବଂ ସୁନନ୍ଦାଙ୍କ ଉପସ୍ଥିତି ଯୋଗୁ ସେଭଳି ବାହାରକୁ ଡକାଯାଇଥିବା ଜାଣିବାକୁ ପାଇଥିଲେ ବୋଲି ସେ କହିଛନ୍ତି। ତେବେ ଏ ସମ୍ପର୍କରେ ବିଡ଼ିଓ ବିଶ୍ୱନାଥ ସାହୁଙ୍କୁ ପଚାରିବାରୁ ତାହା ସିକ୍ରେଟ୍ ମିଟିଂ କହି କଥାକୁ ଏଡ଼ାଇ ଦେଇଥିଲେ । ବୈଠକରେ ବିଡ଼ିଓ ସାହୁ ଅଧ୍ୟକ୍ଷତା କରୁଥିବାବେଳେ ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ, ପରିମଳ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

### ପାରମ୍ପରିକ ବିହନ, ଖାଦ୍ୟ ମେଳା ଉଦ୍‌ଯାପିତ

କର୍ଲାମୁଣ୍ଡା,୨୦।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲପଞ୍ଚାୟତ କଂସିଲଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଶୋସାଇଟି ପକ୍ଷରୁ ଚାଲିଥିବା ତିନିଦିନିଆ ପାରମ୍ପରିକ ବିହନ ଓ ଖାଦ୍ୟ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଗ୍ରାମ୍ୟ ଉନ୍ନୟନ ସମିତି ବ୍ଲକ ଫେଡେରେଶନ ସଭାପତି ଜୀବର୍ଦ୍ଧନ ସାହୁ, ଉପସଭାପତି ଦ୍ରୋଣ ସାହୁ, ଜୈବିକ ଚାଷୀ ତିରଞ୍ଜି ମେର୍ଲି, ବିରେନ୍ଦ୍ର ସାହୁ, ଦେବକୀ ମହାନନ୍ଦ, ସୌଭାଗ୍ୟ ଗହୀର, ସୁକାନ୍ତି ଭୋଇ, କନ୍ଧମାଳ ଓ ବରଗଡ଼ ଜିଲାର ଜୈବିକ ଚାଷୀ ନେତା ତଥା ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶର ଚାଷୀ ନେତା ପ୍ରମୁଖ ଯୋଗଦେଇଥିଲେ। ସ୍ୱଦେଶୀ ବିହନ ସୁରକ୍ଷା ନିମନ୍ତେ ଆନ୍ତଃରାଜ୍ୟ ସ୍ୱଦେଶୀ ବିହନ ସରକ୍ଷଣ ସଙ୍ଗଠନ ନାମରେ ଏକ ଅନୁଷ୍ଠାନ କରି କର୍ମକର୍ତ୍ତା ଚୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏନଜିଓର ରାଜ୍ୟ ସଂଯୋଜକ ବସନ୍ତ କୁମାର ପାଣିଗ୍ରାହୀ, ଅମର କୁମାର ଗଡ଼ଉ ଉପସ୍ଥିତ ଥିବା ବେଳେ ଅନ୍ତରିକ୍ଷ ମିଶ୍ର, ଜିତେନ୍ଦ୍ର ଭୋଇ, କିଶୋର ଦାଶ, ଲିଙ୍ଗ ପାତ୍ର, ବିନୋଦିନି ନାଏକ, ପୁଷ୍ପା ବାରିକ, ବାସନ୍ତୀ ସାହୁ, ଥବିର ଜନୀ, ହେମନ୍ତ ସାହୁ, ଜଗନ୍ନାଥ ଭୋଇ, ରାଜେନ୍ଦ୍ର ସା, ପ୍ରବୀଣ ଭୋଇ, ନୀଳକଣ୍ଠ ପାତ୍ର, କମଳ ଧ. ମାଝି, ଜନ୍ମେଜୟ ରାଉତ, ତିଳେଶ୍ୱର ଗୌଡ଼, ସହଯୋଗ କରିଥିଲେ। ମେଳାରେ ପ୍ରଦୀପ କୁମାର ସାହୁ ସଂଯୋଜନା ଓ ଜଗଦୀଶ ପ୍ରସାଦ ରଣା ଧନ୍ୟବାଦ ଦେଇଥିଲେ। ତିନି ଦିନିଆ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୫ଟି ପ୍ରଦର୍ଶନୀ ଷ୍ଟଲ ଲଗାଯାଇ ପାରମ୍ପରିକ ବିହନ ଓ ଖାଦ୍ୟର ପ୍ରଚାର ପ୍ରସାର କରାଯାଇଥିଲା।

### ପାନୀୟ ଜଳ ଯୋଗାଣ ପାଇଁ ବିଡିଓଙ୍କ ଦ୍ୱାରସ୍ଥ

କୋକସରା,୨୦।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା କୋକସରା ଗ୍ରାମ ପଞ୍ଚାୟତ ୯ ନମ୍ବର ୱାର୍ଡର ମହିଳାମାନେ ବୁଧବାର ପାନୀୟ ଜଳ ଯୋଗାଣ ପାଇଁ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋକସରା ଗ୍ରାମର ୯ ନମ୍ବର ୱାର୍ଡର ଠାକୁରାଣୀ ମନ୍ଦିର ପଡ଼ାରେ ୨୫ ପରିବାର ବସବାସ କରୁଛନ୍ତି। ଏହି ପଡ଼ାକୁ ବସୁଧା ଯୋଜନାରେ ପାଇପ ପାଣି ଯୋଗାଣ ହୋଇନାହିଁ। ଫଳରେ ପ୍ରଚଣ୍ଡ ଖରାରେ ପାନୀୟ ଜଳ ସଂଗ୍ରହ ପାଇଁ ମହିଳାମାନଙ୍କୁ ଅନ୍ୟ ସ୍ଥାନକୁ ଯାଇ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। କେତେବେଳେ ମିଳୁଛି ତ କେତେବେଳେ ନିରାଶ ହେବାକୁ ପଡୁଛି। ସମସ୍ୟା ସମାଧାନ ପାଇଁ ୯ ନମ୍ବର ୱାର୍ଡର ମହିଳା ସଭ୍ୟା ନଳିନୀ ପ୍ରଭା ପଣ୍ଡାଙ୍କ ସମେତ ପଡ଼ାର ମହିଳାମାନେ କୋକସରା ବିଡିଓ ମନୀଷା ଦାସଙ୍କୁ ଅଭିଯୋଗ କରିବା ସହ ପଡ଼ାକୁ ଯୁଦ୍ଧକାଳୀନ ଭିତିରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଓ ସରପଞ୍ଚଙ୍କୁ ଶୀଘ୍ର ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ଆଦିବାସୀଙ୍କ ସମସ୍ୟା ସମାଧାନ ପ୍ରତିଶ୍ରୁତି

ନୂଆପଡ଼ା ଅଫିସ,୨୦।୪

ନୂଆପଡା ଜିଲା ବୋଡେନ ବ୍ଲକର ଦୁର୍ଗମ ଆଦିବାସୀ ତଥା ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ବୁଧବାର ପରିଦର୍ଶନ କରିଛନ୍ତି ଜିଲାପାଳ ସ୍ୱାଧାଦେବ ସିଂ। ପାଟଦରହା ଓ କାଠଫାର ଅଞ୍ଚଳର ଶହଶହ ଆଦିବାସୀ ମହିଳା ଓ ପୁରୁଷ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟକୁଆସିଜିଲାପାଳଙ୍କୁସେମାନଙ୍କ ସମସ୍ୟା ଜଣାଇଥିଲେ। ଆଦିବାସୀଙ୍କ ଗୁହାରି ରକ୍ଷା କରି ବୁଧବାର ପାଟଦରହା ଓ କାଠଫାର ଅଞ୍ଚଳ ପରିଦର୍ଶନ କରି ସମସ୍ୟା ଦୂର କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ପାଟଦରହା ଅଞ୍ଚଳରେ ୨୦୦୯ଠାରୁ ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରିଛନ୍ତି। ଏହି ଅଞ୍ଚଳକୁ ଜିଲା ପ୍ରଶାସନ ପାଦ ପଡି ନ ଥିଲା। ପ୍ରଥମ କରି ଜିଲାପାଳ ସିଂ ଏହି ଦୁର୍ଗମ ଅଞ୍ଚଳ ପରିଦର୍ଶନ କରି ଆଦିବାସୀଙ୍କ ଦୁଃଖ ବୁଝିଛନ୍ତି। ଜିଲାପାଳଙ୍କୁ ଆଦିବାସୀମାନେ ନିଜର ଦୁଃଖ ବୁଝିବା ପାଇଁ ଆସଛନ୍ତି ବୋଲି ବାଣ ଫୁଟାଇ, ବାଜା ବଜାଇ


ଆଦିବାସୀମାନଙ୍କ ସହିତ ଜିଲାପାଳ ସ୍ୱାଧାଦେବ ସିଂ ଆଲୋଚନା କରୁଛନ୍ତି।

**ମାଓବାଦୀ ଅଞ୍ଚଳରେ ଜିଲାପାଳ**

ସ୍ୱାଗତ କରିଥିଲେ। ସ୍ୱାଧୀନତାର ଦୀର୍ଘ ବର୍ଷ ବି ଏହି ଦୁର୍ଗମ ଅଞ୍ଚଳରେ ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ପାଟଦରହାର ଆଦିବାସୀମାନେ ନୂତନ ବଜାର ପଡିଆଠାରେ ଏକ ସଭା କରି ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ଏହା ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ଆଦିବାସୀ ଓ ହରିଜନ ଆଶ୍ରମ ବିଦ୍ୟାଳୟ ସ୍ଥାପନ, ଫ୍ଲୋରାଇଡର ମାତ୍ରା ଅଧିକ ରହୁଥିବାରୁ ବୋରୱେଲ କରି ପାଇପ ପାଣି ଯୋଗାଣ, ମୋବାଇଲ ଟାୱାର ନିର୍ମାଣ, ୧୫ କି.ମି. ପାହାଡ ତଳକୁ ରାଶନ ସାମଗ୍ରୀ ଆଣିବାକୁ ଯିବାକୁ ପଡୁଛି। ସମସ୍ତଙ୍କ ପକ୍ଷରେ ଯିବା ସମ୍ଭବ ନୁହେଁ ଏଣୁ ପଞ୍ଚାୟତ କାର୍ଯ୍ୟାଳୟ ଭଇଁଷାଦାନୀରେ ନ ଦେଇ ପାଟଦରହାକୁ ଆଣି ରାଶନ ସାମଗ୍ରୀ ଦିଆଯାଉ। ସ୍ୱାସ୍ଥ୍ୟସେବା ପାଇଁ ଗାଁରେ ଏକ ସବସେଣ୍ଟର ନିର୍ମାଣ, ରୋଗୀ ନେବା ଆଣିବା ପାଇଁ ଏକ ଆମ୍ବୁଲାନ୍ସ ବ୍ୟାବସ୍ଥା, ପ୍ରତ୍ୟେକ ଗାଁରେ ବିଦ୍ୟାଳୟ ନିର୍ମାଣ କରିବା ଆଦି ଦାବି କରିଥିଲେ। ପରେ ଆଦିବାସୀ ଅଞ୍ଚଳରେ ବ୍ୟବହାର ଖଜୁରି କନ୍ଦା, ଚାର ଓ ମାଣ୍ଡିଆ ଯାଉ ଖାଇବା ପାଇଁ ଦେଇଥିଲେ। ଜିଲାପାଳ ଏସବୁ ଖାଇ ଖୁସିବ୍ୟକ୍ତ କରିଥିଲେ। ବୋଡେନ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦାଧିକାରୀ ଯାଇ ନ ଥିବାରୁ ଜିଲାପାଳ କ୍ଷୋଭ ପ୍ରକାଶ କରିଛନ୍ତି।

# ସାପ୍ତାହିକ ହାଟ ଉଦ୍‌ଘାଟିତ

ନୂଆପଡ଼ା ଅଫିସ,୨୦।୪

ନୂଆପଡା ଜିଲା ବୋଡେନ ବ୍ଲକର ମାଓବାଦୀ ଅଧ୍ୟୁଷିତ ତଥା ଆଦିବାସୀ ବହୁଳ ପାଟଦରହା ଗାଁରେ ବୁଧବାର ନୂତନ ସାପ୍ତାହିକ ହାଟ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସ୍ୱାଧାଦେବ ସିଂ ଯୋଗଦେଇ ଉଦଘାଟନ କରିଛନ୍ତି। ତାଙ୍କ ସହିତ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ନୂଆପଡା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଯୋଗଦାନ କରିଥିଲେ। ପାଟଦରହା ଗାଁ ଲୋକେ ସାମାନ୍ୟ ଜିନିଷ କିଣିବାକୁ ବୋଡେନ ଉପରେ ନିର୍ଭର କରଥାନ୍ତି। ବୋଡେନକୁ ଆସିବାକୁ ହେଲେ ପାହାଡିଆ ରାସ୍ତାରେ ୨୦ କି.ମି. ଆସିବାକୁ ପଡିଥାଏ। ପାହାଡ ଉପରେ ସାପ୍ତାହିକ ବଜାର ହେବା ଦ୍ୱାରା ଅଞ୍ଚଳର ଦୁଇଟି ରାଜସ୍ୱ ଗ୍ରାମ ପାଟଦରହା, କାଟଫେର ସମେତ ୧୬ଟି ଗ୍ରାମ କୋରିପାଢଣି, ସାହାଜପାଣି, ଭୋଇଁଷମୁଣ୍ଡି, ବାହାଦୁରପାଣି, କୋଦୋଭଟା, ଇଟଖଲ, ଝକରପଡା, ଦର୍ଲିପଡା, କୁଇମୁଣ୍ଡା, ଧୋବଘାଟ, ଚଚରାପଡା, ସିଆନିପଡା, କୋଙ୍କଡାପାଣି, କୃଷିଗୋଭା, କପଟିଆମ, ଗର୍ଜନପାଣି ଆଦି ଗ୍ରାମର ଲୋକେ ଉପକୃତ ହେବେ। ଏହି ସାପ୍ତାହିକ ହାଟ ପ୍ରତି ବୁଧବାର ପାଟପାଣିରେ ବସିବ। ପ୍ରଥମ କରି ବସିଥିବା ସାପ୍ତାହିକ ବଜାରରେ ପନିପରିବାଠାରୁ ଆରମ୍ଭ କରି ସବୁ ଜିନିଷପତ୍ରର ମୂଲ୍ୟ ଠିକ ରହିଥିବା ଅନୁମାନ କରାଯାଇଥିଲା।

# ଲେଫ୍ରିପଡା ପଞ୍ଚାୟତ ସମିତି ବୈଠକ


ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଲେଫ୍ରିପଡା,୨୦।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ଲେଫ୍ରିପଡା ବ୍ଲକ କାର୍ଯ୍ୟାଳୟର ବୈଠକ ଗୃହଠାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂ ସଭାପତିତ୍ୱ କରିଥିଲେ। ବୈଠକର ପ୍ରାରମ୍ଭରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦା ନବନିର୍ବାଚିତ ସମସ୍ତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ । ପରେ ପର୍ଯ୍ୟାୟ କ୍ରମେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ପରିମଳ, ଯୋଗାଣ ବିଭାଗ, ଜୀବିକା ମିଶନ, ଭଣ୍ଡା, ନରେଗା, ଉନ୍ନୟନ ବିଭାଗ ଇତ୍ୟାଦି ବିଷୟରେ ଚାଲିଥିବା କାର୍ଯ୍ୟକାରୀ ଯୋଜନା ଉପରେ ବିଭାଗୀୟ ଅଧିକାରୀମାନେ ଆଲୋକପାତ କରିଥିଲେ । ବିଭିନ୍ନ ପଞ୍ଚାୟତରେ ଚାଲିଥିବା ସରକାରୀ ଯୋଜନା ଉପରେ ଅନିୟମିତତା ନେଇ ପ୍ରତିନିଧିମାନେ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଜନସାଧାରଣଙ୍କ ସେବା ଦିଗରେ ସମସ୍ତେ ସଚେତନ ହୋଇ କାମ କରିବା ପାଇଁ କହିଥିଲେ ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ । ବୈଠକରେ ଅତିରିକ୍ତ ତହସିଲଦାର କବିତା କିରଣ, ସହକାରୀ ଯନ୍ତ୍ରୀ ଅଶୋକ ନାଏକ, ବ୍ଲକ ଉପାଧ୍ୟକ୍ଷା ରୁପାବତୀ ସେଟ, ଭାରପ୍ରାପ୍ତ ଜିପିଇଓ ଲିଟୁନ ମହାନନ୍ଦିଆ ପ୍ରମୁଖ ମଞ୍ଚାସୀନ ରହିଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବିଧାୟକ ପ୍ରତିନିଧି, ସାଂସଦ ପ୍ରତିନିଧି ଏବଂ ଅଧିକାରୀମାନେ ଯୋଗଦାନ କରିଥିଲେ। ଅନ୍ୟପକ୍ଷରେ ପଞ୍ଚାୟତ ସମିତି ବୈଠକ ନିର୍ଦ୍ଧାରିତ ସମୟ ଅନୁଯାୟୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଳମ୍ବରେ ପହଞ୍ଚିଥିବାରୁ ସମସ୍ତ ପଞ୍ଚାୟତ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ସମସ୍ତ ପ୍ରତିନିଧି ମିଶି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟକଳାପ ନେଇ ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲାପାଳଙ୍କ ହସ୍ତକ୍ଷେପ ପରେ ଅପରାହ୍ନରେ ବୈଠକ ଅନୁଷ୍ଠିତ ହୋଇଥିଲା।

# କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି ପୌର କର୍ମଚାରୀ

ଦେବଗଡ଼,୨୦।୪(ଡି.ଏନ୍.ଏ.)

ବିନା ଛୁଟିରେ ଦେବଗଡ ପୌର ପରିଷଦର ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। କେବଳ ଏତିକି ନୁହେଁ, ସେମାନେ ସପ୍ତାହରେ ଥରେ ବା ୧୫ ଦିନରେ ଥରେ କାର୍ଯ୍ୟାଳୟକୁ ଆସି ଅନ୍ୟାୟୋଚିତ ଭାବେ ଉପସ୍ଥାନ ରେଜିଷ୍ଟରରେ ଦସ୍ତଖତ କରିବା ସହ ପୁରା ଦରମା ଉଠାଉଛନ୍ତି। ଏକଥା ଜଣାପଡିବା ପରେ ବୁଧବାର ଦେବଗଡ ପୌର ପରିଷଦର ନବନିର୍ବାଚିତ ଉପପୌରାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ୬ ନମ୍ବର ୱାର୍ଡର ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବରୁ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ସତ୍ତ୍ୱେ ପରେ ରେଜିଷ୍ଟରରେ ଦସ୍ତଖତ କରିଥିବା କେତେକ ନିର୍ଦ୍ଦିଷ୍ଟ ଅସାଧୁ କର୍ମଚାରୀଙ୍କୁ ମଧ୍ୟ ଉଭୟେ ତାଗିଦ କରିଥିବା ଜଣାପଡିଛି। ଏପରିକି ସେମାନେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଉପସ୍ଥାନ ରେଜିଷ୍ଟର ଯାଞ୍ଚ କରିବା ପରେ ସପ୍ତାହ ସପ୍ତାହ ଧରି କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ଜଣେ କର୍ମଚାରୀଙ୍କ ଦସ୍ତଖତ ନ ଥିବାରୁ ସେହି ଖୋଲା ସ୍ଥାନରେ


ଉପପୌରାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଉପସ୍ଥାନ ରେଜିଷ୍ଟର ଯାଞ୍ଚ କରୁଛନ୍ତି।

**ଉପସ୍ଥାନ ରେଜିଷ୍ଟରରେ ଗାର ପକାଇଲେ ଉପପୌରାଧ୍ୟକ୍ଷ**

ଉପପୌରାଧ୍ୟକ୍ଷ ଭୋଜ ସେଥିରେ ଗାର ପକାଇ 'ଅନୁପସ୍ଥିତ' ବୋଲି ଉଲ୍ଲେଖ କରିବା ସହ ନିଜେ ଦସ୍ତଖତ କରିଥିଲେ। ଏହି ସମୟରେ ୧୧ ନମ୍ବର ୱାର୍ଡର ଭାଜପା କାଉନସିଲର କାର୍ତ୍ତିକ ମହାକୁଳ ମଧ୍ୟ ସେଠାରେ ପହଞ୍ଚି ସେମାନଙ୍କ ସହ ସ୍ୱର ମିଳାଇଥିଲେ। ଦୀର୍ଘଦିନ ଧରି କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ସମ୍ପୃକ୍ତ କର୍ମଚାରୀ ଜଣକ ପରବର୍ତ୍ତୀ ସମୟରେ ଉପସ୍ଥାନ ରେଜିଷ୍ଟରରେ ଦସ୍ତଖତ କରିବାର ଆଶଙ୍କା ଥିବାରୁ ସେ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇଥିବା ଉପପୌରାଧ୍ୟକ୍ଷ କହିଛନ୍ତି। ଯାହାକି ଅନୁପସ୍ଥିତ ରହି ଦରମା ଉଠାଉଥିବା ପୌର ପରିଷଦ ଅଧିକାରୀ, କର୍ମଚାରୀମାନଙ୍କ ମଧ୍ୟରେ ଭାଳେଣି ସୃଷ୍ଟି କରିଛି। ଯୁବ ଉପପୌରାଧ୍ୟକ୍ଷ, ଯୁବ କାଉନସିଲରମାନଙ୍କ ଏଭଳି ପଦକ୍ଷେପକୁ ସହରର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ସ୍ୱାସ୍ଥ୍ୟମେଳାରେ ୯୩୬ ରୋଗୀ ଚିକିତ୍ସିତ

ଧର୍ମଗଡ,୨୦।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଆଶୁତୋଷ ପଟ୍ଟନାୟକ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜେଶ କୁମାର ସାହୁ, ବିପିଏମ୍ ଦୀପକ ବେହେରା, ସ୍ଥାନୀୟ ସରପଞ୍ଚ ବ୍ରିଜଲାଲ ନାଏକ, ବେହେରା ସମିତିସଭ୍ୟ କିଶୋର ନାଗ, ପର୍ଲା ସମିତିସଭ୍ୟା ପୂର୍ଣ୍ଣମୀ ଧରୁଆ ପ୍ରମୁଖ ଯୋଗଦେଇ ଏହି ଯୋଜନାର ଲାଭ କିପରି ସମସ୍ତେ ପାଇପାରିବେ ସେ ନେଇ ଅଭିଭାଷଣ ଦେଇଥିଲେ। ମେଳାରେ ସ୍ଥାନୀୟ ଅଞ୍ଚଳର ୯୩୬ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ପଟେଲ ଧନ୍ୟବାଦ ଦେଇଥିଲେ।

# ଆର୍‌ଏସ୍‌ପି ପାର୍କରେ ଲାଗିଲା ନିଆଁ

ରାଉରକେଲା ଅଫିସ,୨୦।୪

ଜଗଦାସ୍ଥିତ ଆର୍‌ଏସ୍‌ପି ପରିବେଶ ପାର୍କରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ମଙ୍ଗଳବାର ରାତି ସାଢେ ୧୦ଟାରେ କେତେଜଣ ଯୁବକ ଉକ୍ତ ପାର୍କରେ ବସି ଧୂମପାନ କରୁଥିଲେ। ସିଗାରେଟ ନିଆଁ ପାର୍କରେ ପଡ଼ିଥିବା ଶୁଖିଲାପତ୍ରରେ ଲାଗିଯାଇଥିଲା। ସେଥିରୁ ପାର୍କର ବିଭିନ୍ନ ଅଞ୍ଚଳକୁ ନିଆଁ ବ୍ୟାପିଯାଇଥିଲା। ଏହି ନିଆଁରେ ପାର୍କରେ ଥିବା ବିଭିନ୍ନ ଗଛ, ଲତା ଜଳି ଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଓଡ଼ିଶା ଅଗ୍ନିସମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିସମ ବିଭାଗ କର୍ମଚାରୀ ରାତିରେ ପହଞ୍ଚି ଉକ୍ତ ନିଆଁକୁ ଆୟତ୍ତ


ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରୁଛନ୍ତି।

କରିଥିଲେ। ଏଥିରେ ପାର୍କ ଆଖପାଖରେ ବାସକରୁଥିବା ଲୋକଙ୍କର କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ପାର୍କରେ ଥିବା ବିଭିନ୍ନ ଗଛଗୁଡ଼ିକ ଜଳିଯାଇଥିଲା।

# ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

ଅମ୍ବାଭୋନା,୨୦।୪(ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରୀଠାରେ ବୁଧବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗଦେଇ ରୋଗୀଙ୍କ ଚିକିତ୍ସା ସହିତ ମାଗଣାରେ ଔଷଧ ବିତରଣ କରିଥିଲେ। ସେହିପରି ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଜୁନିୟର କଲେଜ ପରିସରରେ ସ୍ୱାସ୍ଥ୍ୟ ସଚେତନତା ସଭା ହୋଇଥିଲା। ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଡ଼ିଓ ଅନୁପମା ଘୋଷ, ତହସିଲଦାର ସୀତାରାମ ଭୋଇ, ଜିଲା ପରିଷଦ ସଭ୍ୟା ନୀଳକୁମାରୀ ନାୟକ, କଳ୍ପନା ପ୍ରଧାନ, ଭୁକ୍ତା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ଟେମରାମ ଦେହେରୀ, ଡା. ଦୁର୍ଗାପ୍ରସାଦ ଦାଶ, ଡା. ସୁନିଲ ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିଲେ।

# ତିଲେଇବଣିରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା

ଦେବଗଡ଼,୨୦।୪(ଡି.ଏନ୍.ଏ.)

ତିଲେଇବଣି ବ୍ଲକ ସଦର ମହକୁମାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟମେଳାକୁ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସାଧନା ଦାଶ, ଡିପିଏଚ୍‌ଓ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏଡିପିଏଚ୍‌ଓ ଧନୁର୍ଜୟ ମହାନ୍ତ ଓ ସମ୍ବଲପୁର ଏମ୍‌ପିଙ୍କ ହସ୍‌ପିଟାଲ ନୋମିନୀ ବିରଞ୍ଚିନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଅର୍ପିତା ଶାନ୍ତି ଲାକ୍ରା ସ୍ଥାନୀୟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ। ଏହି ସ୍ୱାସ୍ଥ୍ୟମେଳାରେ ମୋଟ ୧୧ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବାବେଳେ ତିଲେଇବଣି ବ୍ଲକର ୩୫୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ସଭା ପ୍ରାରମ୍ଭରେ ପିଏଚଇଓ ନିଶାକର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଏଡିପିଏଚସିଓ ନରେଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଗଡ଼ ପୌରାଞ୍ଚଳର ସାମୂହିକ ବିକାଶ କରିବାକୁ ଗୁରୁତ୍ୱ

ଦେବଗଡ଼,୨୦।୪(ଡି.ଏନ୍.ଏ.)

ଦଳମତ ନିର୍ବିଶେଷରେ ଦେବଗଡ ପୌରାଞ୍ଚଳର ସାମୂହିକ ବିକାଶ ପାଇଁ ଆମେ ସଙ୍କଳ୍ପବଦ୍ଧ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଦେବଗଡ଼ ପୌର ପରିଷଦର ନବ ନିର୍ବାଚିତ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ। ଏଥିସହ ରାଜା ବିହୁନେ ପ୍ରଜାଙ୍କର ଯାହା ଅବସ୍ଥା ହୋଇଥାଏ ବିଗତ ଦିନରେ ନୂତନ କାଉନଶିଲ ଗଠନ ପୂର୍ବରୁ ଦେବଗଡ ପୌରାଞ୍ଚଳବାସୀଙ୍କର ଅବସ୍ଥା ତାହା ଥିଲା ବୋଲି ସନ୍ଧ୍ୟାରେ ପ୍ରଧାନପାଟ ସ୍ଥିତ ବସନ୍ତ ନିବାସ ଡାକବଙ୍ଗଳାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷା ଦେଈ ପ୍ରକାଶ କରିଛନ୍ତି। ଆସନ୍ତା ୨୨ ତାରିଖ ପୌର ପରିଷଦ ନୂତନ କାଉନସିଲର ପ୍ରଥମ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ


ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷା ଦେଈ ଓ ଅନ୍ୟମାନେ ଉପସ୍ଥିତ।

**ପ୍ରଥମ କାଉନସିଲ ବୈଠକ ପରିପ୍ରେକ୍ଷୀରେ ପୌରାଧ୍ୟକ୍ଷାଙ୍କ ଖବରଦାତା ସମ୍ମିଳନୀ**

ପୌରାଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସର ପୁନଃ ମୂଲ୍ୟାୟନ (ଦର ହ୍ରାସ) ପାଇଁ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ, ପରିମଳ ସେବାର ଉନ୍ନତିକରଣ, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ସମେତ ସହରର ପୋଖରୀ ଓ କଟାଗୁଡିକର ପୁନରୁଦ୍ଧାର, ଦୈନିକ ବଜାର ଓ ଶିଶୁ ଉଦ୍ୟାନ, ପ୍ରଧାନପାଟ ନିକଟସ୍ଥ ପିଣ୍ଡି ଓ ଶ୍ମଶାନ ସ୍ୱର୍ଗଦ୍ୱାରର ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଅଣ୍ଡା ପାନୀୟ ଜଳ ପ୍ରକଳ୍ପ ଗୁଡିକର ରକ୍ଷଣାବେକ୍ଷଣ, ଗଣେଶ ଛକ- ପ୍ରଧାନପାଟ ରାସ୍ତାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ, ପୂର୍ବରୁ ଟେଣ୍ଡର ହୋଇଥିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ହୋଇ ନ ଥିବା ଏବଂ ଅର୍ଦ୍ଧ ନିର୍ମିତ ଥିବା ନିର୍ମାଣ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରାଯିବା ଏବଂ ପୌର ପରିଷଦ ଅର୍ଥରେ ନିର୍ମିତ ପରିଚାଳିତ ବିଭିନ୍ନ ପ୍ରକଳ୍ପର ମରାମତି ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରାଯିବ ବୋଲି ପୌରାଧ୍ୟକ୍ଷା ଏହି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ଅବସରରେ ବିଗତ ଦିନରେ ପୌର ପରିଷଦରେ ହୋଇଥିବା ବିଭିନ୍ନ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନେ ପୌରାଧ୍ୟକ୍ଷା ଦେଈଙ୍କୁ ପ୍ରଶ୍ନ କରିବାରୁ ଏ ସମ୍ପର୍କରେ ସେ ଅବଗତ ଥିବା ସ୍ୱୀକାର କରିବା ସହ ଏନେଇ କାଉନସିଲ ବୈଠକରେ ଆଲୋଚନା କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯିବ ବୋଲି ଉତ୍ତର ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ୧ନମ୍ବର ୱାର୍ଡର କାଉନସିଲର ପ୍ରମିଳା ବେହେରା, ୨ ନମ୍ବର ୱାର୍ଡର କାଉନସିଲର ସୁକ୍ତା ଆଚାର୍ଯ୍ୟ, ୩ ନମ୍ବର ୱାର୍ଡର କାଉନସିଲର ବାସନ୍ତୀମଣି ମାଝି ଓ ୫ ନମ୍ବର ୱାର୍ଡର କାଉନସିଲର ଯତୀନ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀ ପ୍ରାରମ୍ଭରେ ବିକାଶ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ନଗର ସଭାପତି ଶୁକଦେବ ଭଞ୍ଜ, ଯୁବନେତା ରାଜକିଶୋର ଦାସ, ବିଜେଡ଼ି ଜିଲା ଯୁବ ସଭାପତି ପପୁନ ଦେବ, ଶରତ ମେହେରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜୁଆ ଖେଳ ଚଢ଼ାଉ: ଟଙ୍କା ଜବତ, ୪ ଗିରଫ

**କୁଚିଣ୍ଡା,୨୦।୪(ଡି.ଏନ.ଏ.):** ମହୁଲପାଲି ଥାନା ଅନ୍ତର୍ଗତ କୁଚିଣ୍ଡା ବ୍ଲକର କୁର୍ମିମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ବେଆଇନ ଜୁଆଖେଳ ଚାଲିଥିବା ଖବର ପାଇ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସ ଘୁଡୁଘୁଡି ପଟ୍ଟି, ନଗଦ ୪୨୬୦ ଟଙ୍କା, ଦୁଇଟି ପେଟ୍ରୋ ଗ୍ୟାସ୍ ଲାଇଟ୍ ସହ ୪ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ କୁଚିଣ୍ଡା ଥାନା କୁଚିଣ୍ଡାର ଲମ୍ବୋଦର ସାହୁ(୫୦) ଓ ସନ୍ତୋଷ ରାୟ(୨୯), ଝାରସୁଗୁଡ଼ା ଜଲା କୋଲାବିରା ଥାନା ମାଲିଡିହି ଗ୍ରାମର ଲିଟନ ପୂଜାରୀ(୨୫) ଓ ପବନ କୁମାର ସାହୁ(୨୫)। ଏ ନେଇ ମହୁଲପାଲି ଥାନାରେ ୩ ଓପିଜି ଆକ୍ଟରେ କେସ୍ ନଂ୭୧/୨୨ରେ ପୋଲିସ ଏକ ମକଦ୍ଦମା ରୁଜୁ କରି ୪ ଗିରଫ ଅଭିଯୁକ୍ତଙ୍କୁ ୪୧ ସିଆର୍‌ପିସି ନୋଟିସ ବଳରେ ଜାମିନ ଦେଇଥିବା ଜଣାଯାଇଛି।

### ନାବାଳିକା ବଳାତ୍କାର: ଯୁବକ ଗିରଫ

**ନାକଟିଦେଉଳ,୨୦।୪ (ଡି.ଏନ.ଏ.):** ଏକ ନାବାଳିକା ବଳାତ୍କାର ମାମଲାରେ ନାକଟିଦେଉଳ ପୋଲିସ ବୁଧବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ବସାଲୋଇ ଗ୍ରାମର ବାଉରୀ ଦୀପ ଓରଫ ଆଶିଷ (୨୨)। ପ୍ରାପ୍ତ ସୂଚନା ଅନୁସାରେ ଗତ ୧୪ତାରିଖ ପଣାସଂକ୍ରାନ୍ତି ଥିବାରୁ ନାବାଳିକା ପରିବାର ଲୋକେ ମେରୁପର୍ବ ଦେଖିବାକୁ ଯାଇଥିଲେ। ନାବାଳିକା ଘରେ ଏକୁଟିଆ ଥିବା ସୁଯୋଗରେ ବାଉରୀ ତାଙ୍କୁ ବଳାତ୍କାର କରିଥିଲେ। ପରିବାର ଲୋକେ ଫେରିବା ପରେ ନାବାଳିକା ସବୁ କଥା ଜଣାଇଥିଲେ। ପରେ ଗତ ୧୯ତାରିଖରେ ନାବାଳିକାଙ୍କ ବାପା ଏ ସମ୍ପର୍କରେ ନାକଟିଦେଉଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ ୮୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୀଡ଼ିତା ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଗୁରୁବାର ବାଉରୀଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ନାକଟିଦେଉଳ ଥାନା ଅଧିକାରୀ ବିଭୂତି ଭୂଷଣ ଦଳାଇ କହିଛନ୍ତି।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଜମନକିରା, ୨୦।୪(ଡି.ଏନ.ଏ.):** ଜମନକିରା ବ୍ଲକ ସଦର ମହକୁମାସ୍ଥିତ ବାବେଜୋରି ପଡାର କିରାନା ଦୋକାନ କରିଥିବା ରବି ପଟେଲ (୬୧)ଙ୍କଠାରୁ ବୁଧବାର ଅବକାରୀ ବିଭାଗ କର୍ମଚାରୀ ୧ କେଜି ୨ ଶହ ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଅପରାହ୍ନ ୨ଟା ସମୟରେ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ଜବତ ଗଞ୍ଜେଇ ମୂଲ୍ୟ ୬ ହଜାର ଟଙ୍କା ହେବ। ଏ ନେଇ ବିଭାଗ ପକ୍ଷରୁ କେସ୍ ନଂ.୩/୨୨ରେ ମାମଲା ରୁଜୁ ସହ ଅଧିକ ତଦନ୍ତ କରାଯାଉଥିବା ଇନ୍ସପେକ୍ଟର ପବିତ୍ର ମୋହନ ମାଝି କହିଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଏଥିରେ ଇନ୍ସପେକ୍ଟର ମାଝି, ସବ୍‌ଇନ୍ସପେକ୍ଟର ଫକୀର ଦେହୁରି, ଗୋକୁଳାନନ୍ଦ ଧର, କୌଶିକ ତ୍ରିପାଠୀ, ବନମାଳୀ ନାୟକ ପ୍ରମୁଖ ସାମିଲ ଥିଲେ।

# ଗାଁକୁ ନାହିଁ ସବୁଦିନିଆ ରାସ୍ତା

**ଜମନକିରା, ୨୦।୪(ଡି.ଏନ.ଏ.)**

ଗମନାଗମନ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନାରେ ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ଜମନକିରା ବ୍ଲକର ଏମିତି କେତେକ ଗାଁ ରହିଛି ଯେଉଁଠିକୁ ସବୁଦିନିଆ ରାସ୍ତା ନାହିଁ। ଫଳରେ ଲୋକେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି।

ସୂଚନା ଅନୁସାରେ ଡ଼ିମିରିମୁଣ୍ଡା ପଞ୍ଚାୟତର ୧୫ନଂ. ୱାର୍ଡ ବାମଣ୍ଡାଗଡ଼ଠାରୁ ପ୍ରାୟ ୧୫କି.ମି. ଦୂରରେ ରହିଛି ବଘିଆବେରନି, ବଡ଼କୁଦର ଭଳି ଅନେକ ଗ୍ରାମ। ସେହିପରି ବଡ଼କଛା ଗ୍ରାମ ପ୍ରାୟ ୯କି.ମି. ଦୂରରେ ରହିଛି। ବଣପାହାଡ଼ ଘେରା ଗ୍ରାମଗୁଡିକୁ ଜଙ୍ଗଲିଆ ରାସ୍ତା ହିଁ ଭରସା। ପୁଣି ରାସ୍ତା ମଝିରେ କେତେକ ନାଳ ମଧ୍ୟ ରହିଛି। ବର୍ଷା ଦିନରେ ନାଳ ବଢ଼ିବାରୁ ଲୋକେ ଦେବଗଡ଼ ଜିଲା ଦେଇ ପ୍ରାୟ ୨୫ କି.ମି. ଅତିକ୍ରମ କରି ପଞ୍ଚାୟତ ଅଫିସକୁ ଚାଉଳ ଓ ଭତ୍ତା ନେବାକୁ ଆସିଥାନ୍ତି। ଯଦି କେହି ଗୁରୁତର ରୋଗରେ ପୀଡିତ ହୁଅନ୍ତି ତାଙ୍କୁ ଖଟିଆରେ ବୋହି ୯କି.ମି. ରାସ୍ତା ଚାଲି ଚିକିତ୍ସାଳୟ ନେବାକୁ ପଡିଥାଏ। ରାସ୍ତା ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ, ବ୍ଲକ ଅଫିସ, ପଲ୍ଲିସଭାରେ ଅଭିଯୋଗ କରିଆସୁଥିଲେ ସୁଦ୍ଧା ସୁଫଳ ମିଳୁ ନ ଥିବା କହିଛନ୍ତି।


ଗ୍ରାମକୁ ପଡ଼ିଥିବା ଜଙ୍ଗଲିଆ ରାସ୍ତା।

**ଏମାନେ ଯାହା କୁହନ୍ତି**


କ୍ଷୀରୋଦିନ ନାଏକ


ଗିରେଶ ଛତ୍ରିଆ


ଗୁରୁଚରଣ ଧାନ


ନରସିଂହ ନାଏକ

ଛୋଟବେଳରୁ ହିଁ ରାସ୍ତା ଏମିତି ରହିଛି, ଏ ନେଇ କୌଣସି ପଦକ୍ଷେପ ନିଆ ଯାଉନାହିଁ। ଫଳରେ ବହୁ ଅସୁବିଧା ମଧ୍ୟରେ ଆମକୁ ପଞ୍ଚାୟତ ଅଫିସ ଯିବାକୁ ପଡୁଛି।

**-ଗିରେଶ ଛତ୍ରିଆ, ଗ୍ରାମବାସୀ**

ରାସ୍ତା ସମସ୍ୟା ନେଇ ଜନ ପ୍ରତିନିଧିମାନେ ଆସି ଅନେକ ପ୍ରତିଶ୍ରୁତ ଦେଇଥାନ୍ତି। ହେଲେ ପରେ ସବୁ ଭୁଲିଯାଆନ୍ତି। ଫଳରେ ଆମେ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ଅଛୁ।

**-ଗୁରୁଚରଣ ଧାନ, ଗ୍ରାମବାସୀ**

ଏହି ସମସ୍ୟା ନେଇ ପଞ୍ଚାୟତ ଅଫିସରେ ଜଣାଇଥିଲେ ସୁଦ୍ଧା ପଦକ୍ଷେପ ନିଆଗଲା ନାହିଁ। ଆମେ ଗ୍ରାମବାସୀ ଗାଁଠାରୁ ଅଳ୍ପ ଦୂର ମାଟି ପକାଇ ରାସ୍ତା ତିଆରି କରିଛୁ। ବାମଣ୍ଡାଗଡାଠାରୁ ବିଜଡିହି ଗ୍ରାମକୁ ଯିବାପାଇଁ ୫ଟି ନାଳ ରହିଛି, ଯାହା ବର୍ଷାଦିନରେ ପାଣି ଭର୍ତ୍ତି ହୋଇଯାଏ। ୨୦୨୧-୨୨ ଆର୍ଥିକ ବର୍ଷରେ କଲଭର୍ଟ ନିର୍ମାଣ ପାଇଁ ପଇସା ଆସିଛି, କିନ୍ତୁ ଠିକାଦାର ବାଲି ପକାଇ କାମ ସାରିଦେଇଛନ୍ତି।

**-ନରସିଂହ ନାଏକ, ବଡ଼କୁଦର ଗ୍ରାମବାସୀ**

୩ବର୍ଷ ପୂର୍ବେ କୁଚିଣ୍ଡା ଉପଜିଲାପାଳ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ବୃନ୍ଦାବନ ମାଝି ଓ ଅଧିକାରୀମାନେ ଅଞ୍ଚଳକୁ ଆସି ରାସ୍ତା କାର୍ଯ୍ୟ ଆରମ୍ଭ କରିବା ବୋଲି କହିଥିଲେ। ହେଲେ ପ୍ରତିଶ୍ରୁତି ପାଣିର ଗାର ହୋଇଛି।

**-କ୍ଷୀରୋଦିନ ନାଏକ, ଗ୍ରାମବାସୀ**

ରାସ୍ତା ସମସ୍ୟା ନେଇ ଅବଗତ ଅଛି। ଖୁବ୍‌ଶୀଘ୍ର ଏହା ନିର୍ମାଣ କରାଯିବ।

**-ପ୍ରହଲ୍ଲାଦ ଧରୁଆ, ସରପଞ୍ଚ**

# ରୋଷେୟାଙ୍କ ମୃତ୍ୟୁକୁ ନେଇ ରାଜନୀତି କରା ନ ଯାଉ: ବିଜେଡି

**ଝାରସୁଗୁଡ଼ା ଅଫିସ,୨୦।୪**

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଝାରସୁଗୁଡା ସରବାହାଲସ୍ଥିତ ଷ୍ଟାଫ୍ କ୍ୱାର୍ଟର୍ସରେ ରୋଷେୟା ଲଳିତ କୁମାର ସାହୁଙ୍କ ଆତ୍ମହତ୍ୟାକୁ ନେଇ ଭାଜପା ରାଜନୀତି କରୁଛି। ଗୋଟିଏ ପରିବାର ତାଙ୍କ ପୁଅଙ୍କୁ ହରାଇ ମ୍ରିୟମାଣ ହୋଇପଡିଛନ୍ତି। ଏହି ସମୟରେ ସେମାନଙ୍କୁ ସମବେଦନା ଜଣାଇବା ପରିବର୍ତ୍ତେ ଭାଜପା ନିଜର ସ୍ୱାର୍ଥପାଇଁ ବିଧାୟକ ଦାସଙ୍କୁ ବଦନାମ କରିବା ପାଇଁ ପ୍ରୟାସ ଚଳାଇଛି। ଚଳିତ ନିର୍ବାଚନରେ ଅସଫଳତା ପାଇଁ ଭାଜପା ଏଭଳି ହୀନ ରାଜନୀତି କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ରୋଷେୟାଙ୍କ ମୃତ୍ୟୁରେ ବିଧାୟକ ଦାସଙ୍କର କୌଣସି ଭୂମିକା ନାହିଁ। ଅଯଥାରେ ତାଙ୍କୁ ଏହା ଭିତରକୁ ଟଣାଯାଉଛି। ପୋଲିସ୍ ଓ ସ୍ୱାସ୍ଥ୍ୟ ବିଭାଗ ନିୟମ ଅନୁଯାୟୀ ସେମାନଙ୍କ କାମ କରିଛନ୍ତି। ଏଥିରେ କୌଣସି ଅନିୟମିତତା ହୋଇନାହିଁ ବୋଲି ବିଜେଡି ତରଫରୁ ବୁଧବାର ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଖବରଦାତା ସମ୍ମିଳନୀରେ ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥୀ, ବେଣୁ ଗୋପାଳ ପାଣିଗ୍ରାହୀ, ପି ରାମ ମୋହନ ରାଓ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ବିଜେଡି ନେତୃବୃନ୍ଦ।

# ଷ୍ଟିଲ ସିଟିରେ ପାନୀୟଜଳ ସମସ୍ୟା

**ରାଉରକେଲା ଅଫିସ, ୨୦।୪**

**ସମସ୍ୟା ସମାଧାନ ଲାଗି କଂଗ୍ରେସ ପକ୍ଷରୁ ସ୍ମାରକପତ୍ର**

ରାଉରକେଲା ସହରରେ ବିଭିନ୍ନ ସ୍ଥାନରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଏହାର ସମାଧାନ ଦାବି କରିଛି ରାଉରକେଲା ଜିଲା କଂଗ୍ରେସ କମିଟି। ଦଳ ପକ୍ଷରୁ ଉପସଭାପତି ଦେବବ୍ରତ ବିହାରୀଙ୍କ ନେତୃତ୍ୱରେ ରାଉରକେଲା ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ବୁଧବାର ଏନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଉରକେଲା ସହରରେ ଥିବା ଟିମ୍ବର କଲୋନୀ, ଗୋପବନ୍ଧୁପାଲୀ, ମଧୁସୂଦନପାଲୀ, ନୟାବଜାର, ଅମରନାଥ ବସ୍ତି ଓ ଭବାନୀପୁର ଅଞ୍ଚଳରେ ପାନୀୟଜଳ ସମସ୍ୟା ଦୀର୍ଘ ଦିନ ଧରି ରହି ଆସିଛି। ଉକ୍ତ ଅଞ୍ଚଳରେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଖରାଦିନ ହୋଇଥିବା ହେତୁ ସ୍ଥାନୀୟ ବସ୍ତିବାସୀ ଜଳ ପାଇଁ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ଉକ୍ତ ଅଞ୍ଚଳକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣି ପାଇପ୍ ସଂଯୋଗୀକରଣ ହୋଇଥିଲେ ମଧ୍ୟ ୧୦ରୁ ୧୫ ମିନିଟ୍ ପାଣି ଆସୁଛି। ହେଲେ ପ୍ରେସର ନ ଥିବାରୁ ବସ୍ତିବାସୀ ପାଣି ପାଇପାରୁନାହାନ୍ତି। ଉକ୍ତ ବସ୍ତି ଅଞ୍ଚଳରେ ଏକାଧିକ ନଳକୂପ ଅଚଳହୋଇ ପଡ଼ିରହିଛି। ପାହାଡିଆ ଅଞ୍ଚଳ ହୋଇଥିବା ହେତୁ ଅନେକ ନଳକୂପରେ ଗୋଳିଆ ପାଣି ଆସୁଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ କିଭଳି ସ୍ଥାନୀୟ ଅଞ୍ଚଳବାସୀ ପାନୀୟ ଜଳ ପାଇପାରିବେ ସେନେଇ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ଦଳର ପୂର୍ବତନ ସଭାପତି ବିରେନ ସେନାପତି, ନିରୁପମା ବଳିଆରସିଂ, ଭାସ୍କରଚନ୍ଦ୍ର ଖିଲାର, ସବୀର ହୁସେନ, କୈଳାସ ଚନ୍ଦ୍ର ସାହୁଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ରାଉରକେଲା କଂଗ୍ରେସ କମିଟି କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ, ରାସ୍ତାରୋକୋ

**ଝାରସୁଗୁଡ଼ା ଅଫିସ,୨୦।୪**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ କୁରେମାଲ ନିକଟରେ ବୁଧବାର ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜାମଗାଁ ଗ୍ରାମର କାର୍ତ୍ତିକ ରୋହିଦାସ (୩୦)। ଦୁର୍ଘଟଣା ଖବରପାଇ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ପୋଲିସ୍ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ପୋଲିସ୍ ରେଙ୍ଗାଲି ଥାନା କେସ୍ ନଂ୬୫/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ୍ ଦୁର୍ଘଟଣା ଗ୍ରସ୍ତ ଓଡି୨୩ଏଚ୍ ୩୭୦୯ବାଇକ୍ ଜବତ କରିଛି। କାର୍ତ୍ତିକ କୋଇଲା ଆଣିବାପାଇଁ ଖଣି ଅଞ୍ଚଳକୁ ଯାଉଥିବା ସମୟରେ କୌଣସି ଅଜଣା ଗାଡି ଧକ୍କାଦେଇ ଫେରାର୍ ହୋଇଯାଇଥିଲା।


କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ଛାତ୍ରୀଙ୍କୁ ର୍‍ୟାଗିଂ ଘଟଣାର ତଦନ୍ତ ଆରମ୍ଭ

**ଭବାନୀପାଟଣା,୨୦।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ସରକାରୀ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରରେ ଛାତ୍ରୀଙ୍କୁ ର୍‍ୟାଗିଂ କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ର୍‍ୟାଗିଂର ଶିକାର ହୋଇଥିବା ଛାତ୍ରୀଙ୍କ ଅଭିଭାବକମାନେ କଳାହାଣ୍ଡି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା। ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ଘଟଣାକୁ ଗୁରୁତ୍ୱର ସହ ନେଇ ଏହି ଘଟଣାର ତଦନ୍ତ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କସ୍ତୁରୀ ମିଶ୍ରଙ୍କ ସହ ଏକ ଟିମ୍ ଘଟଣାକୁ ଯାଇ ତଦନ୍ତ କରି ଫେରିଥିବା ଜଣାପଡିଛି।

# ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

**ରାଉରକେଲା ଅଫିସ,୨୦।୪**

ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ୧୬ ଦିନରେ ଉଦ୍‌ଯାପିତ ହୋଇଛି। ଏହି ଆତ୍ମରକ୍ଷା କର୍ମଶାଳାରେ ମହାବିଦ୍ୟାଳୟର ଯୁକ୍ତ ଦୁଇର ପ୍ରଥମ ବର୍ଷର ବିଭିନ୍ନ ବିଭାଗର ୩୫୭ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର ଭାବେ ନିକି କୁମାରୀ କୁସୱାହା, ନୟନା ମୁଖୀ ଓ ରିତିକା ମହୋତୋ ସମସ୍ତ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ। ଏହାସହ ସରକାରଙ୍କ ଦ୍ୱାରା ଏହିପରି ପ୍ରଶିକ୍ଷଣ ବାଳିକାମାନଙ୍କ ପାଇଁ ଆଗାମୀ ଦିନରେ ଖୁବ ଉପଯୋଗୀ ହେବ ବୋଲି କହିଥିଲେ। ଏହି ଆତ୍ମରକ୍ଷା କୌଶଳ ଶିବିରକୁ ମହାବିଦ୍ୟାଳୟର ଏନ୍‌ସିସି ଅଫିସର କ୍ୟାପଟେନ ସତ୍ୟନାରାୟଣ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ଶିବିରକୁ ପରିଚାଳନାରେ ମହାବିଦ୍ୟାଳୟର କର୍ମଚାରୀ ଅଜିତ କୁମାର ମହାପାତ୍ର ଓ ବି.ଏନ୍ ବଡାଇକ, ଗଗନ ବିହାରୀ ନାୟକ ସହଯୋଗ କରିଥିଲେ।

# ଜୟ ଦୁର୍ଗା ବୋରୱେଲ ଦେବଗଡ଼ ଚାମ୍ପିୟନ

**ଦେବଗଡ଼, ୨୦।୪ (ଡି.ଏନ୍.ଏ.)**

**ପ୍ରଥମ ବାମଣ୍ଡା ନାଇଟ ରାଇଡର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ପ୍ରଥମ ବାମଣ୍ଡା ନାଇଟ ରାଇଡର କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ହୋଇଥିବା ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଲିଙ୍ଗା ୧୧ ରାଜବଗିଚା ଦଳକୁ ପରାସ୍ତ କରି ଜୟ ଦୁର୍ଗା ବୋରୱେଲ ଦେବଗଡ଼ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ଲିଙ୍ଗା ୧୧ ରାଜବଗିଚା ଦଳ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବେଳେ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୭୫ ରନ ସଂଗ୍ରହ କରିଥିଲା। ଜବାବରେ ଜୟ ଦୁର୍ଗା ବୋରୱେଲ ଦେବଗଡ଼ ଦଳ ୬ ଉଇକେଟ ବିନିମୟରେ ଶେଷ ବଲରେ ଆବଶ୍ୟକ ୭୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଓସିଏ ସ୍ୱୀକୃତିପ୍ରାପ୍ତ ଦିଲ୍ଲୁ ଦାସ ଓ ବିରେନ ରଣା ମ୍ୟାଚ ପରିଚାଳନା କରିଥିଲେ। ଧାରାବିବରଣୀ ବେଣୁଧର ଗଡ଼ନାୟକ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜକ ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷ ଶାନ୍ତୀ ମଞ୍ଜରୀ ଦେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ପ୍ରଜିତ କୁମାର ଭୋଜ, ଆଇନଜୀବୀ ତନୁ ପାତ୍ର, ଜିଲା ବିଜେଡି ଯୁବମୋର୍ଚ୍ଚା ସଭାପତି ପ୍ରତାପ କୁମାର ଦେବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଜୟ ଦୁର୍ଗା ବୋରୱେଲ ଦେବଗଡ ଦଳ ଏବଂ ଉପବିଜେତା ଲିଙ୍ଗା ୧୧ ରାଜବଗିଚା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ଉପସଭାପତି ଦୋଳଗଞ୍ଜନ ପ୍ରଧାନ ଓ ସମ୍ପାଦକ ସିଲୁ ସାହୁଙ୍କ ନେତୃତ୍ୱରେ ରକି, ଅମିତ, ପପୁନ, ସତ୍ୟ, ନାଣ୍ଟୁ, ମିଟୁ, ଭୂପେନ, ରୁବୁନ, ଚିଙ୍କୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ବାମଣ୍ଡା ନାଇଟ୍ ରାଇଡର କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

# ବୁର୍ଡା ପଞ୍ଚାୟତବାସୀଙ୍କ ବିକ୍ଷୋଭ

**ରେଢାଖୋଲ,୨୦।୪ (ଡି.ଏନ.ଏ.)**

ରେଢାଖୋଲ ବ୍ଲକ ବୁର୍ଡା ପଞ୍ଚାୟତବାସୀ ୯ଦଫା ଦାବି ନେଇ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ଅଛି ଯେ ରେଢାଖୋଲ ଉପଖଣ୍ଡର ସଦର ମହକୁମାଠାରୁ ମାତ୍ର ୮କିମି ଦୂରରେ ଅବସ୍ଥିତ ବୁର୍ଡା ପଞ୍ଚାୟତଟି ବଣପାହାଡ ଘେରା ଅଞ୍ଚଳ। ଏଠାରେ ବାସବାସ କରୁଥିବା ଅଧିକାଂଶ ଲୋକ ଗରିବ ଶ୍ରେଣୀର। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଏବେ ମଧ୍ୟ ପଛୁଆ ହୋ ରହିଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତବାସୀଙ୍କୁ ତୁରନ୍ତ ମୋବାଇଲ ସେବା ପ୍ରଦାନ, ରେଢାଖୋଲ ସହରରୁ ବନ୍ତଲୋଇ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ମରାମତି, ଭୂମିହୀନ ଗରିବ ଲୋକଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ, ଚାଟୁଣିଠାରୁ ବଡମାଳ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ, ପଞ୍ଚାୟତର ସଦର ମହକୁମାଠାରେ ଏକ ହାଇସ୍କୁଲ ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା, ଆର୍‌ଆଇ ସର୍କଲ ରେଢାଖୋଲ ସ୍ଥାନାନ୍ତର ଆଦି ୯ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସରପଞ୍ଚ ରାଜା ପାଲଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତରଙ୍ଗିନି ମେଣ୍ଡୁଲି, ଲକ୍ଷ୍ମଣ ପୁରୋହିତ, କ୍ଷିରୋଦ ପ୍ରଧାନ, ରାକା ଘୋଷ, ଦୁଷ୍ମନ୍ତ ବିଶ୍ୱାଳ, ସଞ୍ଜୟ କୁମାର ବିଶ୍ୱାଳ, ଲାବଣ୍ୟ ପ୍ରଧାନ, ଜିଲାପରିଷଦ ସଭ୍ୟ ଶରତ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ବିକ୍ଷୋଭରେ ସାମିଲ ହୋଇଥିବା ମହିଳାପୁରୁଷ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

# ଟାଉଟର ପ୍ରୋ

ସମାଜରେ ଘଟୁଥିବା କିଛି ନିଛକ ସତକଥାକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ୱେବ୍ ସିରିଜ୍ 'ଟାଉଟର ପ୍ରୋ'। ଘର କ'ଣ ଚୋରି ହୋଇପାରେ ? ହେଲେ ସେଭଳି ରୋଚକ କଥାକୁ ନେଇ ଆରମ୍ଭ ହେଉଛି କାହାଣୀ। କାହାଣୀ ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜଣେ ବ୍ୟକ୍ତି ପାଇଥିବା ଆବାସ ଚୋରି ହୋଇଯାଇଛି ବୋଲି ଅବନୀ ଷଡ଼ଙ୍ଗୀ ନାମକ ଜଣେ ବ୍ୟକ୍ତି ଥାନାରେ ଏଫ୍ଆଇଆର୍ ଦେଉଛନ୍ତି। ତେବେ ଏପରି ଅଭିଯୋଗ ପଛରେ କେତେ ସତ୍ୟତା ରହିଛି ଏବଂ ପୋଲିସ ଘଟଣା ପଛରେ ଥିବା କାହାଣୀକୁ କିପରି ପର୍ଦ୍ଦାଫାଶ କରୁଛି ତାହା ଏହି ସିରିଜ୍‌ରେ


ପପୁ ପମ୍ପମ୍

ଦେଖିବାକୁ ମିଳିବ। ଏହି ନୂଆ ସିରିଜ୍ ଚଳିତ ମାସ ୧୫ରୁ କଞ୍ଚାଲଙ୍କା ଓଟିଟି ପ୍ଲାଟ୍‌ଫର୍ମରେ ଷ୍ଟ୍ରିମିଂ ହେଉଛି। ହାସ୍ୟାଭିନେତା ପପୁ ପମ୍ ପମ୍ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଏହାପୂର୍ବରୁ ପପୁଙ୍କ ଅଭିନୀତ 'ହ୍ୟାଲୋ ରାବଣ'କୁ କଞ୍ଚାଲଙ୍କା ପ୍ଲାଟ୍‌ଫର୍ମରେ ଜବରଦସ୍ତ ରେସପନ୍ସ ମିଳିଥିଲା। ଏଥିରେ ପପୁଙ୍କ ବ୍ୟତୀତ ଅରବିନ୍ଦ ଷଡ଼ଙ୍ଗୀ, ଜୀବନ ପଣ୍ଡା ଓ ଟୁକୁନା ଷ୍ଟାଇଲିସ୍ ପ୍ରମୁଖ ଆକ୍ଟିଂ କରିଛନ୍ତି। ପପୁ ପମ୍‌ପମ୍ କ୍ରିଏସନ୍ସ ବ୍ୟାନରରେ ନିର୍ମିତ ତଥା ସଙ୍ଗୀତା ଶତପଥୀଙ୍କ ପ୍ରଯୋଜିତ 'ଟାଉଟର ପ୍ରୋ'ର ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ। ଏହି ୱେବ୍ ସିରିଜରୁ ଦର୍ଶକ ଭରପୂର କମେଡି ମଜା ପାଇବେ ବୋଲି ଆଶା ରଖିଛନ୍ତି କଞ୍ଚାଲଙ୍କା କ୍ରିଏଟିଭ୍ ହେଡ୍ ଭାଗ୍ୟଧର ପାଣି।

|ନୂଆ ସିନେମା|


ଗୋଲ୍ଡି-ତନୁଶ୍ରୀ

## ଟ୍ରୁ ଲଭ୍ ଷ୍ଟୋରି

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଟ୍ରୁ ଲଭ୍ ଷ୍ଟୋରି'। ଜିତେନ୍ଦ୍ର ପ୍ରଡକ୍ସନ ବ୍ୟାନରରେ ଉକ୍ତ ଚିତ୍ରର ପ୍ରଯୋଜନା କରୁଛନ୍ତି ବି.ଭି. କୋଣ୍ଡା ରେଡ୍ଡି। ଭୀମ ବିଶ୍ୱଭୂଷଣ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ବି.ମାହେଶ୍ୱରୀ କାହାଣୀ ରଚନା କରିଥିବା ବେଳେ ସିନେମାରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଏଲ୍. ଶଙ୍କର। ଏହି ଫିଲ୍ମଟି କେବଳ ଓଡ଼ିଆ ନୁହେଁ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ ନିର୍ମାଣ କରାଯିବ। ପ୍ରଦୀପ, ତନୁଶ୍ରୀ, ଗୋଲଡି, ପ୍ରତ୍ୟୁଷା, ପୂଜା ଏବଂ ଦୀପାଞ୍ଜଳି ବିଭିନ୍ନ ଭୂମିକାରେ ଅଭିନୟ କରିବେ। ଏହାର ମହୁରତ ନିକଟରେ ଶେଷ ହେବା ସହ ଶୁଟିଂ ମଧ୍ୟ ଆରମ୍ଭ ହୋଇଯାଇଛି।

## ଭୁଲନ୍ତି ନାହିଁ ସାନ୍ୟା

ସାନ୍ୟା ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? ମେକ୍ଅପ୍ କିଟ୍। ସାନ୍ୟା ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ଏହି କିଟ୍ ନେଇଯାଆନ୍ତି। ଏ ନେଇ ସାନ୍ୟା କହନ୍ତି,


ସାନ୍ୟା

'ଶୁଟିଂ ସେଟ୍‌ରେ ମୁଁ ସବୁବେଳେ ନିଜ ମେକ୍ଅପ୍ କିଟ୍ ବ୍ୟବହାର କରିଥାଏ। ତେଣୁ ଶୁଟିଂକୁ ଯିବା ପୂର୍ବରୁ ଏହାକୁ ସାଙ୍ଗରେ ନେବାକୁ ଆଦୌ ଭୁଲି ନ ଥାଏ। ପାଠ ପଢ଼ିବା ସମୟରେ ମୋର ଇଚ୍ଛା ଥିଲା ଡାକ୍ତର ହେବାକୁ। ହେଲେ ତାହା ତ ହୋଇପାରିଲା ନାହିଁ। ସେ ନେଇ ମୋର ଅନୁଶୋଚନା କରିବାର ମଧ୍ୟ ନାହିଁ।' ଆମିର ଖାନ୍‌ଙ୍କ ଅଭିନୀତ ତଥା ହିଟ୍ ଫିଲ୍ମ 'ଦଙ୍ଗଲ୍'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ସାନ୍ୟା ନନ୍-ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି।


ରକୁଲ

# ଗଲ୍‌ଫ ପ୍ରିୟ ରକୁଲ

ରକୁଲ ପ୍ରୀତ ସିଂ କେବଳ ଜଣେ ଅଭିନେତ୍ରୀ ନୁହନ୍ତି, କ୍ରୀଡ଼ା କ୍ଷେତ୍ରରେ ତାଙ୍କର ମଧ୍ୟ ପରିଚୟ ରହିଛି। ଏପରି କି ଜାତୀୟସ୍ତରୀୟ ଖେଳରେ ସେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ରକୁଲ ପିଲାଦିନେ ଗଲ୍‌ଫ ଖେଳିବାକୁ ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ ସେ ଏହାକୁ କ୍ୟାରିୟର ଭାବରେ ଗ୍ରହଣ କରିଥିଲେ। ଏପରି କି ଜଣେ ଜାତୀୟ ଗଲ୍‌ଫ ଖେଳାଳି ରୂପେ ସେ ସାଉଁଟିଛନ୍ତି ଅନେକ ପ୍ରଶଂସା। ଏବେ ମଧ୍ୟ ସେ ସମୟ ମିଳିଲେ ଗଲ୍‌ଫ ଖେଳିଥା'ନ୍ତି। ଏହା ବ୍ୟତୀତ ରକୁଲ କରାଟେ ମଧ୍ୟ ଅଭ୍ୟାସ କରୁଥିଲେ। ଏଥିରେ ସେ ବ୍ଲୁ ବେଲ୍ଟ ପର୍ଯ୍ୟନ୍ତ ଯାଇପାରିଥିଲେ। ତାଙ୍କର ଆଉ ଏକ ଖାସ୍ କଥା ରହିଛି। ସେ ଜଣେ ଟ୍ରେନିଂପ୍ରାପ୍ତ ଭାରତନାଟ୍ୟମ୍ ନୃତ୍ୟାଙ୍ଗନା। ଅଭିନୟରେ ପ୍ରବେଶ କରିବା ପୂର୍ବରୁ ସେ ମଡେଲିଂ ସହ ଜଡ଼ିତ ଥିଲେ। ଫେମିନା ମିସ୍ ଇଣ୍ଡିଆ-୨୦୧୧ରେ ସେ ଅଂଶଗ୍ରହଣ କରି ପଞ୍ଚମ ରନର୍ସ ଅପ୍ ହୋଇଥିଲେ।


ଆଦିତ୍ୟ-କୁକିଜ୍

## ପ୍ରେମ ରୋଗ ଲାଗିଗଲା...

ପ୍ରେମ ଏପରି ଏକ ରୋଗ ଯାହା ଜଣକୁ ଥରେ ଆକ୍ରାନ୍ତ କରେ ସେଥିରୁ ମୁକୁଳିବା କଷ୍ଟ। ହେଲେ ଏହି ମିଶନରେ ସମସ୍ତେ କ'ଣ ସଫଳ ହୁଅନ୍ତି? ପ୍ରେମର ଅସଲ କାଇଦା କ'ଣ ସମସ୍ତଙ୍କୁ ମାଲୁମ୍ ? ତେବେ ଏଭଳି କଥାବସ୍ତୁକୁ ନେଇ ରଚିତ ଗୀତ 'ପ୍ରେମ ରୋଗ ଲାଗିଗଲା...'କୁ ନେଇ ନିକଟରେ ରିଲିଜ ହୋଇଛି ଏକ ମ୍ୟୁଜିକ୍ ଆଲବମ୍। ୱାନ୍ ଟ୍ୟୁନ୍ କ୍ରିଏସନ୍ସ ବ୍ୟାନରରେ ଆର.କେ. ବାବୁ ଏହାର ପ୍ରଯୋଜନା କରିଛନ୍ତି। ଶୁଭଙ୍କର ପଣ୍ଡା ନିର୍ଦ୍ଦେଶନା ଭାର ସମ୍ଭାଳିଥିବା ବେଳେ ସ୍ୱର ସଂଯୋଜନା ଦାୟିତ୍ୱ ତୁଲାଇଛନ୍ତି ସୌରଭ ସାହୁ। ଏହି ଆଲବମ୍‌ରେ ଆଦିତ୍ୟ, କୁକିଜ୍ ସ୍ୱାଇଁ, ପ୍ରତିଭା ପଣ୍ଡା, ବିଶ୍ୱ ଷଡ଼ଙ୍ଗୀ ଏବଂ ନିବେଦିତା ପଣ୍ଡା ଅଭିନୟ କରିଛନ୍ତି।

## ଆଶାରେ ଶୋଭନ

ଓଲିଉଡ୍‌ର ନାୟକ ଦୌଡ଼ରେ ଆଉଜଣେ ନିଜ ନାମକୁ ସାମିଲ କରିବାକୁ ଯାଉଛନ୍ତି। ସେ ହେଲେ ଶୋଭନ ଦେଘୁରିଆ। ତାଙ୍କର ଆଉ ଏକ ପରିଚୟ ରହିଛି। ସେ ହେଉଛନ୍ତି ଅଭିନେତ୍ରୀ ଦେବଯାନୀଙ୍କ ସାନଭାଇ। ନିର୍ମାଣାଧୀନ ଓଡ଼ିଆ ସିନେମା 'ଶୁଭୁ'ର ମୁଖ୍ୟ ଭୂମିକାରେ ସେ ଅଭିନୟ କରୁଛନ୍ତି। ଖାସ୍ କଥା ହେଲା ନବାଗତ ଶୋଭନ ଏହାର କାହାଣୀ ମଧ୍ୟ ରଚନା କରିଛନ୍ତି। ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର ଯୋଡି ଲୁବୁନ୍-ଟୁବୁନ୍। ମାଲୋମେନ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ତଥା ଏଲ.ଟି. ପ୍ରଡକ୍ସନ ଏବଂ ଶୋଭନ ପ୍ରଡକ୍ସନ ସହଯୋଗିତାରେ ଏହାକୁ ପ୍ରସ୍ତୁତ କରାଯାଉଛି। ଏହି ଫିଲ୍ମ ସମ୍ପର୍କରେ ଶୋଭନ କହନ୍ତି, 'ବଡ ପରଦାରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ମୁଁ ପାଖାପାଖି ୨୦୦ରୁ ଅଧିକ ଥିଏଟର ନାଟକରେ ଅଭିନୟ କରିଛି ଏବଂ ଏଥିପାଇଁ ଦୁଇ ଥର ଜାତୀୟ ପୁରସ୍କାର ମଧ୍ୟ ପାଇଛି। ତା'ସହ ତବଲା ଏବଂ ଗିଟାର ବାଦନରେ ଡିଗ୍ରୀ ହାସଲ କରିଛି। ପିଲାଟି ଦିନରୁ ମୋର ନାଚ ପ୍ରତି ବେଶ୍ ସଉକ ଥିଲା। ତା'ସହ ନିଜ ପ୍ରଡକ୍ସନ ବ୍ୟାନର 'ଶୋଭନ ପ୍ରଡକ୍ସନ ଷ୍ଟୁଡିଓ ପ୍ରା.ଲି.ରେ 'ରାନୀ ତୁ' ନାମକ ଭିଡିଓ ଆଲବମ୍‌ର ପ୍ରଯୋଜନା କରିବା ସହ ସେଥିରେ ଅଭିନୟ ମଧ୍ୟ କରିଛି। ଏହାବ୍ୟତୀତ ଏବେ 'ହାୟରେ ହାୟ' ଟାଇଟଲ ବିଶିଷ୍ଟ ଆଉ ଏକ ଭିଡିଓ ଆଲବମ୍ ପ୍ରସ୍ତୁତ କରୁଛି।' ତେବେ ଓଡ଼ିଆ ସିନେମାରେ ଶୋଭନ୍ କି କମାଲ କରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡ଼ିବ।


ଶୋଭନ

# ରୋଷେଇରେ ମନ



କ୍ୟାଟ୍ରିନାଙ୍କ ରୋଷେଇକୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କଥା କ'ଣ କି ହାତକୁ ଦି' ହାତ ହେବା ପରେ ସେ ନିକଟରେ ନିଜର କେତେଜଣ ଅନ୍ତରଙ୍ଗ ସାଙ୍ଗଙ୍କୁ ଡିନର ପାଇଁ ନିମନ୍ତ୍ରଣ କରିଥିଲେ। ପୁଣି ସେଦିନର ସମସ୍ତ ଖାଦ୍ୟ ନିଜେ କ୍ୟାଟ୍ରିନା ହିଁ ପ୍ରସ୍ତୁତ କରିଥିଲେ। ଡିନର ପରେ ତାଙ୍କର ସାଙ୍ଗମାନେ ତାଙ୍କୁ ଭୂରି ଭୂରି ପ୍ରଶଂସା କରିବାକୁ ପଛାଇ ନ ଥିଲେ। ଏ ନେଇ କ୍ୟାଟ୍ରିନା କହନ୍ତି, 'ଅବସର ମିଳିଲେ ମୁଁ ରୋଷେଇ କରିବାକୁ ଭଲ ପାଏ। ମ୍ୟାରେଜ ପରେ କେତୋଟି ନୂଆ ରୋଷେଇ ଶିଖିଛି। ନିକଟରେ ମୋର କେତେଜଣ ବାନ୍ଧବୀଙ୍କୁ ଡିନର ପାଇଁ ନିମନ୍ତ୍ରଣ କରିଥିଲି। ମୋ ପ୍ରସ୍ତୁତ ଖାଦ୍ୟ ତାଙ୍କୁ ଏତେ ଭଲ ଲାଗିବ ତାହା ବିଶ୍ୱାସ କରିପାରୁନି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ରୋଷେଇ ବିଷୟରେ ଟିପ୍ସ ମଧ୍ୟ ଦେଇଛି।' କ୍ୟାଟ୍ରିନାଙ୍କ ଅଭିନୀତ ଆଗାମୀ ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି 'ଜି ଲେ ଜରା', 'ମେରି ଖ୍ରୀଷ୍ଟମାସ', 'ଫୋନ୍ ଭୂତ' ଏବଂ 'ଟାଇଗର-୩'।

କ୍ୟାଟ୍ରିନା

# କେତେ ସତ କେତେ ମିଛ

ମୌନି ରୟଙ୍କର ଟେନ୍‌ସନ ଏବେ ଟିକେ ବଢ଼ିଯାଇଛି। ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ହେଲେ ତାହାର ଟାଇଟଲ ଫାଇନାଲ ହୋଇନାହିଁ। ସେପଟେ ଏହି ଫିଲ୍ମ ପାଇଁ ସେ ନିଜର ପାରିଶ୍ରମିକକୁ ଦୁଇଗୁଣା କରିଦେଇଛନ୍ତି ବୋଲି ଆଲୋଚନା ହେଉଛି। ଯେତେବେଳେ ଏକଥା ତାଙ୍କ କାନରେ ପଡ଼ିଲା, ସେ କେମିତି ଚୁପ୍ ହୋଇ ବସିରହନ୍ତେ ! ନିକଟରେ ଏ ନେଇ ମୁହଁ ଖୋଲିଛନ୍ତି ମୌନି। 'ମୁଁ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛି-ଏକଥା ସତ, ହେଲେ ସେହି ଫିଲ୍ମ ପାଇଁ ମୋ ରେମୁନେରେଶନ ଡବଲ କରିଛି ବୋଲି ଯାହା ଆଲୋଚନା ହେଉଛି ତାହା ଆଦୌ ସତ ନୁହେଁ। ଏଥିରେ ଏକ ଆଇଟମ ନମ୍ବର ଆଡ୍ କରାଯିବ, ଯେଉଁଥିରେ ମୁଁ ନାଚିବାର ଯୋଜନା ଅଛି। ଯଦି ତାହା ହୁଏ, ତେବେ ସେଥିପାଇଁ ପ୍ରଯୋଜନା ସଂସ୍ଥା ପକ୍ଷରୁ ମୋତେ ସ୍ପେଶାଲ ରେମୁନେରେଶନ ଦିଆଯିବ ବୋଲି କଥା ହୋଇଛି। ହେଲେ ମୁଁ ପାରିଶ୍ରମିକ ଆଦୌ ବଢ଼ାଇ ନାହିଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର କରୁଛି।' ସୂଚନାଯୋଗ୍ୟ ରିଲିଜ ଅପେକ୍ଷାରେ ଥିବା 'ବ୍ରହ୍ମାସ୍ତ୍ର'ରେ ରଣବୀର କପୁର, ଆଲିୟା ଭଟ୍ଟଙ୍କ ବ୍ୟତୀତ ମୌନିଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ମୌନି

**ତୈଳ ଉତ୍ପାଦନରେ ହ୍ରାସ**

**ନୂଆଦିଲ୍ଲୀ:** ଗତ ଆର୍ଥିକ ବର୍ଷରେ ଅର୍ଥାତ୍ ୨୦୨୧-୨୨ରେ ଭାରତର ଅଶୋଧିତ ତୈଳ ଉତ୍ପାଦନ ହ୍ରାସ ପାଇଛି। ରାଷ୍ଟ୍ରାୟତ୍ତ ଅଏଲ୍ ଆଣ୍ଡ ନାଚୁରାଲ୍ ଗ୍ୟାସ୍ କର୍ପୋରେଶନ (ଓଏନ୍‌ଜିସି)ଗୁଡ଼ିକ ଲକ୍ଷ୍ୟଠାରୁ କମ୍ ତୈଳ ଉତ୍ପାଦନ କରିଥିବା ଏହାର ପ୍ରମୁଖ କାରଣ। ଗତ ଆର୍ଥିକ ବର୍ଷରେ ୨୯.୬୯ ମିଲିୟନ ଟନ୍ ଅଶୋଧିତ ତୈଳ ଉତ୍ପାଦିତ ହୋଇଛି। ଏହି ପରିମାଣ ୨୦୨୦-୨୧ରେ ହୋଇଥିବା ୩୦.୫ ମିଲିୟନ ଟନ୍ ଅଶୋଧିତ ତୈଳ ଉତ୍ପାଦନଠାରୁ ୨.୬୩% ହ୍ରାସ ପାଇଛି। ତୈଳ ମନ୍ତ୍ରଣାଳୟର ସୂଚନା ଅନୁସାରେ ଗତ ଆର୍ଥିକ ବର୍ଷ ପାଇଁ ୩୩.୬୧ ମିଲିୟନ୍ ଟନ୍ ତୈଳ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

**ସଂକ୍ଷେପରେ**

## ସେନ୍‌ସେକ୍ସରେ ୫୭୪ ଅଙ୍କ ବୃଦ୍ଧି

**ମୁମ୍ବାଇ,୨୦।୪:** ଲଗାତର ୫ଦିନର ହ୍ରାସ ପରେ ଶେୟାର ବଜାରରେ ସପ୍ତାହର ୩ୟ କାରବାର ଦିବସ ଅର୍ଥାତ୍ ବୁଧବାର ବୃଦ୍ଧି ଦେଖିବାକୁ ମିଳିଛି। ଦିନରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ଯଥାକ୍ରମେ ୫୭୪.୩୫ ଅଙ୍କ (୧.୦୨%) ଏବଂ ୧୭୭.୯୦ ପଏଣ୍ଟ (୧.୦୫%) ବୃଦ୍ଧି ଘଟିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୭,୦୩୭.୫୦ ଏବଂ ନିଫ୍ଟି ୧୭,୧୩୬.୫୫ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସମୟ ମଧ୍ୟରେ ଫାର୍ମା, ଏଫ୍‌ଏମ୍‌ସିଜି ଏବଂ ରିୟଲ୍ଟି ଇଣ୍ଡେକ୍ସରେ ବୃଦ୍ଧି ପରିଲକ୍ଷିତ ହୋଇଥିବା ବେଳେ ବ୍ୟାଙ୍କ ଏବଂ ଫାଇନାନ୍ସିଆଲ ଇଣ୍ଡେକ୍ସରେ ହ୍ରାସ ଦେଖାଦେଇଥିଲା। ଦିନର ଟପ୍ ଗେନର୍ସ ତାଲିକାରେ ମାରୁତି, ରିଲାଏନ୍ସ, ଅଲଟ୍ରା ସେମ୍‌କୋ, ଏସିଆନ୍ ପେଣ୍ଟ, ଟିସିଏସ୍, ଏଚ୍‌ୟୁଏଲ୍, ଏୟାରଟେଲ୍ ଏବଂ ଏଚ୍‌ଡିଏଫ୍‌ସି ରହିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହର ଶେଷ ତିନୋଟି କାରବାର ଦିବସ ଏବଂ ଚଳିତ ସପ୍ତାହର ପ୍ରଥମ ଦୁଇଦିନ ଶେୟାର ବଜାରରେ ଲଗାତର ହ୍ରାସ ଦେଖିବାକୁ ମିଳିଥିଲା।

## ଚାର୍ଜିଂ ଷ୍ଟେଶନ ପ୍ରତିଷ୍ଠା କରିବ ହିରୋ ଇଲେକ୍ଟ୍ରିକ୍

**ନୂଆଦିଲ୍ଲୀ,୨୦।୪:** ଆସନ୍ତା ବର୍ଷ ସୁଦ୍ଧା ୫୦,୦୦୦ ସଂଖ୍ୟକ ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି) ଚାର୍ଜିଂ ଷ୍ଟେଶନ ପ୍ରତିଷ୍ଠା ପାଇଁ ବୋଲ୍ଟ ସହିତ ହାତ ମିଳାଇଛି ହିରୋ ଇଲେକ୍ଟ୍ରିକ୍। ଅଗ୍ରଣୀ ଇଭି ଚାର୍ଜିଂ ନେଟ୍‌ୱାର୍କ 'ବୋଲ୍ଟ' ସହିତ ପାର୍ଟନରଶିପ୍ ସମ୍ପର୍କରେ ହିରୋ ଇଲେକ୍ଟ୍ରିକ୍ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଏହି ପାର୍ଟନରଶିପ୍ ଜରିଆରେ ସାରା ଦେଶରେ ୭୫୦ରୁ ଊର୍ଦ୍ଧ୍ୱ ହିରୋ ଇଲେକ୍ଟ୍ରିକ୍‌ର ଟଚ୍ ପଏଣ୍ଟରେ ବୋଲ୍ଟ ଚାର୍ଜର ଲଗାଯିବ। ଏହାଦ୍ୱାରା ୪.୫ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାହକ ଲାଭବାନ୍ ହୋଇପାରିବେ। ଏହାଛଡ଼ା ୨୦୦୦ ସଂଖ୍ୟକ ହିରୋ ଇଲେକ୍ଟ୍ରିକ୍ ଗ୍ରାହକ ନିଜ ଘରେ ବୋଲ୍ଟ ଚାର୍ଜିଂ ୟୁନିଟ୍‌ର ନିଃଶୁଳ୍କ ଲାଭ ପାଇପାରିବେ।

# ଫ୍ରିଡମ୍ ୫ ଲିଟର ବାଦାମତେଲ ଜାର୍ ଉନ୍ମୋଚିତ

**ବେଙ୍ଗାଲୁରୁ,୨୦।୪**




ଜେମିନ୍ ଏଡିବଲ୍ସ ଏବଂ ଫ୍ୟାଟ୍ ଇଣ୍ଡିଆ ଲିମିଟେଡ୍ (ଜିଏଫ୍ ଇଣ୍ଡିଆ) ପକ୍ଷରୁ ମଙ୍ଗଳବାର ଫ୍ରିଡମ୍ ବାଦାମତେଲର ୫ଲିଟର ଜାର୍‌ର ଉନ୍ମୋଚନ କରାଯାଇଛି। ଏହା ଏକ ସ୍ୱାସ୍ଥ୍ୟକର ରନ୍ଧନ ତୈଳ। ଖାଦ୍ୟକୁ ସ୍ୱାଦିଷ୍ଟ ମଧ୍ୟ କରିଥାଏ। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ କର୍ନାଟକ ଭଳି ରାଜ୍ୟରେ ପାରମ୍ପରିକ ସ୍ୱାଦ ଏବଂ ସୁଗନ୍ଧ ପାଇଁ ଏହାର ଅଧିକ ଚାହିଦା ଥାଏ। ଫ୍ରିଡମ୍‌ର ଏହି ୫ଲିଟର ଜାର୍‌କୁ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ୍ସର ସେଲ୍ସ ଏବଂ ମାର୍କେଟିଂ ବିଭାଗ ବରିଷ୍ଠ ଉପସଭାପତି ପି. ଚନ୍ଦ୍ରଶେଖରା ରେଡ୍ଡିଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିଲା। ଏହି ଉନ୍ମୋଚନ ଅବସରରେ ରେଡ୍ଡି କହିଛନ୍ତି, ଫ୍ରିଡମ୍ ବାଦାମ ତେଲର ୫ ଲିଟର ଜାର୍ ଉନ୍ମୋଚନ କରି ଆମେ ଖୁସି ଅନୁଭବ କରୁଛୁ। ଏହାଦ୍ୱାରା କମ୍ପାନୀର ପୋର୍ଟଫୋଲିଓରେ ବୃଦ୍ଧି ହୋଇଛି। ଆମେ ସର୍ବଦା ଗ୍ରାହକଙ୍କୁ ଉତ୍ତମ ଜିନିଷ ପ୍ରଦାନ କରିବା ଦିଗରେ ଧ୍ୟାନ ଦେଇଥାଉ ଏବଂ ସେମାନଙ୍କ ପସନ୍ଦର ଭିନ୍ନ ଭିନ୍ନ ରୋଷେଇ ପାଇଁ ଭିନ୍ନ ଭିନ୍ନ ପ୍ରକାରରେ ରନ୍ଧନ ତୈଳ ଯୋଗାଇଦେଉ। ଏହି ତେଲର ସ୍ୱତନ୍ତ୍ର ସ୍ୱାଦ ଓ ସୁଗନ୍ଧ ପାଇଁ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ କର୍ନାଟକରେ ଲୋକମାନେ ଆଚାର ପ୍ରସ୍ତୁତ ପାଇଁ ବିଶେଷ ଭାବରେ ଏହାକୁ ବ୍ୟବହାର କରିଥାନ୍ତି। ଆଚାର ତିଆରି ସମୟରେ ଏହି ତେଲର ଚାହିଦା ୪ଗୁଣା ବୃଦ୍ଧି ପାଉଥିବାର ଅନୁଭବ କରୁଥିବା ରେଡ୍ଡି କହିଛନ୍ତି। ଏହାଛଡ଼ା ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ୍ ବାସ୍କେଟ୍‌ରେ ଏହି ନୂଆ ୫ଲିଟର ବାଦାମ ତେଲ ଜାର୍ ଯୋଡ଼ିବା ଦ୍ୱାରା ଏହି ଆଚାର ସିଜିନରେ ଗ୍ରାହକମାନେ ଅତିରିକ୍ତ ସୁବିଧା ପାଇପାରିବେ ବୋଲି ରେଡ୍ଡି ଉନ୍ମୋଚନ ଅବସରରେ ମତ ଦେଇଥିଲେ।

# ୩୦,୦୦୦ କୋଟିର କାରବାର କରିଛି ମାଲାବାର

**ନୂଆଦିଲ୍ଲୀ,୨୦।୪**

MALABAR
GOLD & DIAMONDS
CELEBRATE THE BEAUTY OF LIFE

ଅଗ୍ରଣୀ ସୁନା ଏବଂ ହୀରା ଗହଣା ରିଟେଲର ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ହେଉଛି ବିଶ୍ୱର ଏକ ଜଣାଶୁଣା ପ୍ରତିଷ୍ଠାନ। ଏହି ପ୍ରସିଦ୍ଧ ଗହଣା ପ୍ରତିଷ୍ଠାନ ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ୩୦,୦୦୦ କୋଟି ଟଙ୍କାର କାରବାର କରିଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ୩୫% ଅଧିକ ବ୍ୟବସାୟ କରିଥିବା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ହିତାଧିକାରୀଙ୍କ ବାର୍ଷିକ ସାଧାରଣ ସଭାରେ ଏହି ସୂଚନା ଦିଆଯାଇଛି। ଚଳିତ ଆର୍ଥିକ ବର୍ଷରେ ୪୫,୦୦୦ କୋଟି ଟଙ୍କାର କାରବାର କରିବା ନେଇ ମାଲାବାର ଆଶା ରଖିଛି। ସାରା ଦୁନିଆରେ ନୂଆ ନୂଆ ଶୋ'ରୁମ୍ ପ୍ରତିଷ୍ଠା କରି ଏବଂ 'ୱାନ୍ ଇଣ୍ଡିଆ, ୱାନ୍ ଗୋଲ୍ଡ ରେଟ୍' ମାଧ୍ୟମରେ ପ୍ରତିଷ୍ଠାନ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହାଛଡ଼ା ପ୍ରତିଷ୍ଠାନର ସ୍ୱଚ୍ଛତା ଦ୍ୱାରା ମଧ୍ୟ ଜୁଏଲେରି ରିଟେଲରମାନେ ଏହି ସଫଳତା ପାଇପାରିଛନ୍ତି। ଗତ ଆର୍ଥିକ ବର୍ଷରେ ମାଲାବାରର ୩୧ଟି ନୂଆ ଶୋ'ରୁମ୍ ପ୍ରତିଷ୍ଠା କରାଯାଇଥିଲା। କେବଳ ଜାନୁୟାରୀରେ, ନବବର୍ଷ ଅବସରରେ ମାଲାବାର ବିଶ୍ୱସ୍ତରରେ ୨୨ଟି ଶୋ'ରୁମ୍ ଖୋଲି ଇତିହାସ ରଚିଥିଲା। ବର୍ତ୍ତମାନ ମାଲାବାରର ୧୦ଟି ଦେଶରେ ୨୭୬ଟି ଶୋ'ରୁମ୍ ରହିଥିବା ସହ ୫ଟି ଦେଶରେ ୧୪ଟି ଅଳଙ୍କାର ତିଆରି କାରଖାନା ରହିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରତିଷ୍ଠାନ ନିଜ ବ୍ୟବସାୟ ୧୩ଟି ଦେଶକୁ ବୃଦ୍ଧି କରିବା ସହ ଶୋ'ରୁମ୍ ସଂଖ୍ୟା ୩୭୩କୁ ବୃଦ୍ଧି ପାଇଁ ପ୍ରୟାସ ଚଳାଇଛି। ଏ ସମ୍ପର୍କରେ ମାଲାବାର ଗ୍ରୁପ୍ ଚେୟାରମ୍ୟାନ୍ ଏମ୍‌ପି ଅହମ୍ମଦ କହିଛନ୍ତି ଯେ, ଆମେ ନିଜସ୍ୱ ନୀତିରେ ସଫଳତା ହାସଲ କରିଛୁ। ଆମେ କେବଳ ହଲ୍‌ମାର୍କ ଗହଣା ବିକ୍ରି କରୁଛୁ। ଗତ ଦୁଇ ଦଶନ୍ଧି ମଧ୍ୟରେ ମେକ୍ ଇନ୍ ଇଣ୍ଡିଆ, ମାର୍କେଟ୍ ଟୁ ୱାର୍ଲଡ ନୀତି ଅନୁସରଣ କରି ବ୍ୟବସାୟ କରିଛୁ। ଟ୍ୟାକ୍ସ କମ୍ପ୍ଲିୟାନ୍ସ ଏବଂ ଟ୍ରାନ୍ସପରେନ୍ସି ଆମ ବ୍ୟବସାୟର ହଲ୍‌ମାର୍କ। ଆମେ ସର୍ବଦା ଗ୍ରାହକଙ୍କର ଆମ ଉପରେ ଥିବା ବିଶ୍ୱାସ ବଜାୟ ରଖିବାକୁ ଚେଷ୍ଟା କରିଥାଉ ବୋଲି ଅହମ୍ମଦ କହିଛନ୍ତି।

# ରେନଲ୍ଟର ନୂଆ କ୍ୱିଡ୍ ଏମ୍‌ୱାଇ ୨୨ର ବଜାର ପ୍ରବେଶ




**ଭୁବନେଶ୍ୱର,୨୦।୪**

ଅଗ୍ରଣୀ କାର୍ ନିର୍ମାତା କମ୍ପାନୀ ରେନଲ୍ଟ ଇଣ୍ଡିଆ ପକ୍ଷରୁ ଓଡ଼ିଶା ବଜାରରେ ନୂଆ କ୍ୱିଡ୍ ଏମ୍‌ୱାଇ ୨୨ ମଡେଲର ପ୍ରବେଶ କରାଯାଇଛି। ନୟାପଲ୍ଲୀସ୍ଥିତ ରେନଲ୍ଟ ଭୁବନେଶ୍ୱର ଶୋ'ରୁମ୍‌ରେ ଯାନର ଉନ୍ମୋଚନ ହୋଇଥିଲା। କମ୍ପାନୀ ପକ୍ଷରୁ ନୂଆ ଆର୍‌ଏକ୍ସଏଲ୍ (ଓ) ଭାରିଆଣ୍ଟ ଉଭୟ ୧.୦ ଲିଟର ଏବଂ ୦.୮ ଲିଟର ବିକଳ୍ପ ସହିତ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ଏହି ନୂଆ ମଡେଲରେ ଅନେକ ଅତ୍ୟାଧୁନିକ ଫିଚର ରହିଛି ଏବଂ ଏହାର ମୂଲ୍ୟ ୪.୪୯ ଲକ୍ଷ ଟଙ୍କା ରହିଛି। ଏଥିରେ ୦.୮ ଲିଟର ଏବଂ ୧.୦ ଲିଟର ଏସ୍‌ସିଇ ପାୱାର ଟ୍ରେନ୍ ସହିତ ମାନୁଆଲ ଏବଂ ଅଟୋମେଟିକ୍ ଟ୍ରାନ୍ସମିଶନରେ ଉପଲବ୍ଧ ହେବ। ଗ୍ରାହକ ଏହି ମଡେଲର ମେଟାଲ ମଷ୍ଟାର୍ଡ, ଆଇସ୍ କୁଲ୍ ହ୍ୱାଇଟ୍ ଏବଂ ଡୁଆଲ ଟୋନ୍‌ରେ ବ୍ଲାକ୍ ରୁଫ୍ ଭଳି ରଙ୍ଗ ପାଇପାରିବେ। ଏହାସହିତ ଏଥିରେ ଡୁଆଲ୍ ଟୋନ୍ ଫ୍ଲେକ୍ସ ହ୍ୱିଲ୍ ମଧ୍ୟ ରହିଛି। ଏହି ମଡେଲଟି ପୂର୍ବରୁ ୨୦୧୫ରେ ବଜାର ପ୍ରବେଶ କରିସାରିଛି। ତେବେ ବର୍ତ୍ତମାନ ଏହା ଅପ୍‌ଗ୍ରେଡ୍ ମଡେଲ ସହିତ ବଜାରକୁ ଆସିଛି। ଏହି ମଡେଲ ଜରିଆରେ ଗ୍ରାହକ ଡିଜାଇନ, ଆଧୁନିକତା, ନୂତନତ୍ୱ, ଭାଲ୍ୟୁ ଏବଂ ସର୍ବୋତ୍ତମ କଷ୍ଟ ଅଫ୍ ଓନରଶିପ୍ ସୁବିଧା ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ୨ଦିନିଆ ଗ୍ଲୋବାଲ ବିଜ୍‌ନେସ୍ ସମିଟ୍ ଆରମ୍ଭ

**କୋଲକାତା,୨୦।୪**

୨ବର୍ଷ ପରେ ପଶ୍ଚିମବଙ୍ଗ ସରକାରଙ୍କ ଔଦ୍ୟୋଗିକ ଶିଖର ସମ୍ମିଳନୀ ବଙ୍ଗ ଗ୍ଲୋବାଲ ବିଜ୍‌ନେସ୍ ସମିଟ୍ (ବିଜିବିଏସ୍) ବୁଧବାରଠାରୁ ଆରମ୍ଭ ହୋଇଛି। ୩ୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମମତା ବାନାର୍ଜୀ ରାଜ୍ୟକୁ ଉଦ୍ୟୋଗୀକରଣ କରିବାକୁ ଲକ୍ଷ୍ୟ ରଖିଥିବା ଗତ ସପ୍ତାହରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବିଜିବିଏସ୍‌କୁ ପଶ୍ଚିମବଙ୍ଗ ସରକାର ଦେଶବିଦେଶରୁ ଅନେକ ନିବେଶକଙ୍କୁ ଆମନ୍ତ୍ରିତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଜଗଦୀପ ଧନଖର କହିଛନ୍ତି, ପଶ୍ଚିମବଙ୍ଗ ହେଉଛି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। ବିଜିବିଏସ୍ ଦ୍ୱାରା ଦେଶବିଦେଶର ବିଭିନ୍ନ ନିବେଶକ ରାଜ୍ୟକୁ ଆସିବା ଦ୍ୱାରା ପଶ୍ଚିମବଙ୍ଗ ଉନ୍ନତି ଦିଗରେ ଅଗ୍ରସର ହେବ ବୋଲି ଆଶା ରଖିଥିବା ଧନଖର କହିଛନ୍ତି।

## ଷ୍ଟାର୍ଟଅପ୍ କନେକ୍ଟ କାର୍ଯ୍ୟକ୍ରମ ଆୟୋଜିତ

**ଭୁବନେଶ୍ୱର,୨୦।୪**

ରାଜ୍ୟର ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଷ୍ଟାର୍ଟଅପ୍ ଓଡ଼ିଶା, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ସହିତ ଏକ ଷ୍ଟାର୍ଟଅପ୍ କନେକ୍ଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଡେଭଲପମେଣ୍ଟ କମିଶନର ତଥା ଏସିଏସ୍ ପି.କେ. ଜେନା (ଆଇଏଏସ୍)ଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗୀୟ ମୁଖ୍ୟ ସଚିବ ରଞ୍ଜନା ଚୋପ୍ରା, ବିତ୍ତ ବିଭାଗୀୟ ମୁଖ୍ୟ ସଚିବ ବିଶାଲ ଦେବ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗୀୟ ଅତିରିକ୍ତ ସଚିବ ଉଦୟ ଏନ୍. ଦାସ, ଷ୍ଟାର୍ଟଅପ୍ ଓଡ଼ିଶା ସିଇଓ ଏମ୍‌ଡି ସିଦ୍ଦିକ ଆଲାମ, ଇନ୍‌ଷ୍ଟିଚ୍ୟୁଶନାଲ ଫାଇନାନ୍ସ ନିର୍ଦ୍ଦେଶିକା ପ୍ରଜ୍ଞାସ୍ମିତା ସାହୁ ଏବଂ ଏସ୍‌ବିଏଲ୍‌ସି କନ୍‌ଭେନର ଅରୂପାନନ୍ଦ ଜେନା ଉପସ୍ଥିତ ଥିଲେ। ଏହାଛଡ଼ା ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର ଅନେକ ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ସରକାରଙ୍କ ନୀତିକୁ ସୁନିଶ୍ଚିତ କରନ୍ତି ପ୍ରଶାସନିକ ଅଧିକାରୀ



**ଜାତୀୟ ନାଗରିକ ସେବା ଦିବସ**

ସରକାର ଲୋକଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ନୀତିର ପ୍ରଣୟନ କରିଥାନ୍ତି। ତେବେ ପ୍ରତିଟି ନୀତିର ସଫଳ ରୂପାୟନ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥାଏ। ପ୍ରଶାସନିକ ଅଧିକାରୀମାନେ ସରକାରଙ୍କ ନୀତିକୁ ସୁନିଶ୍ଚିତ କରିଥାନ୍ତି। ତେଣୁ ସମାଜ ପ୍ରତି ସେମାନଙ୍କର ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏପ୍ରିଲ ୨୧ରେ ଜାତୀୟ ନାଗରିକ ସେବା ଦିବସ ବା ସିଭିଲ ସର୍ଭିସ ଡେ ପାଳନ କରାଯାଇଥାଏ। ପ୍ରଶାସନିକ ଅଧିକାରୀ ନାଗରିକଙ୍କ ଉଦ୍ଦେଶ୍ୟରେ ନିଜକୁ ସମର୍ପିତ କରିଥାଏ ଏବଂ ଜନସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଏହି ଦିବସ ପାଳନ ଅବସରରେ ପୂରଣ କରିବା ନେଇ ଉତ୍ତରଦାୟୀ ରହିଥାନ୍ତି। ପ୍ରଶାସନିକ ଅଧିକାରୀ ସରକାରୀ କାର୍ଯ୍ୟକ୍ରମର ସୁଗମ କାର୍ଯ୍ୟକାରିତା କ୍ଷେତ୍ର ପାଇଁ ଉପାୟ ସୃଷ୍ଟି କରନ୍ତି ଏବଂ ହିତାଧିକାରୀଙ୍କ ନିକଟରେ ଏହି ସୁବିଧା ପହଞ୍ଚାଇବାକୁ ସୁନିଶ୍ଚିତ କରିଥାନ୍ତି। ଏହି ଦିବସ ସାଧାରଣ ପ୍ରଶାସନରେ ଉତ୍କର୍ଷ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥାଏ। ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୨୧ ଏପ୍ରିଲ ୧୯୪୭ରେ ନୂଆଦିଲ୍ଲୀର ମେଟକାଲ୍‌ଫ ହାଉସରେ ପ୍ରଶାସନିକ ସେବା ଅଧିକାରୀଙ୍କୁ ସମ୍ବୋଧିତ କରିଥିଲେ। ପଟେଲ ତାଙ୍କ ଅଭିଭାଷଣରେ ପ୍ରଶାସନିକ ଅଧିକାରୀମାନଙ୍କୁ 'ଇସ୍ପାତ ଫ୍ରେମ୍ ଅଫ୍ ଇଣ୍ଡିଆ' ବୋଲି କହିଥିଲେ। ଏହି ସ୍ମୃତିକୁ ମନେରଖିବା ପାଇଁ ପ୍ରଥମ ଜାତୀୟ ନାଗରିକ ସେବା ଦିବସ କାର୍ଯ୍ୟ ୨୧ ଏପ୍ରିଲ ୨୦୦୬ ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ହୋଇଥିଲା।ଜାତୀୟ ସିଭିଲ ସର୍ଭିସ ଡେରେ ସିଭିଲ ସର୍ଭିସ୍‌ର ମହତ୍ତ୍ୱ ନେଇ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍), ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଏବଂ ଅଲ ଇଣ୍ଡିଆ ସର୍ଭିସେସ୍ ତଥା ସେଣ୍ଟ୍ରାଲ ସର୍ଭିସେସ୍ ଗ୍ରୁପ୍ ଏ ଏବଂ ଗ୍ରୁପ୍ ବି ର ପ୍ରଶାସନିକ ଅଧିକାରୀଙ୍କ ସମ୍ପର୍କରେ ସଚେତତନା ସୃଷ୍ଟି କରାଯାଇଥାଏ। ଏହା ସହ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ଏବଂ ଆଦର୍ଶ ଜାଗ୍ରତ କରିବାର ପ୍ରୟାସ କରାଯାଇଥାଏ।

**ଫୁରସତ୍**

## ୧୦ ଟଙ୍କିଆ ନୋଟ୍‌ରେ ପ୍ରେମିକଙ୍କୁ ବାର୍ତ୍ତା




**ନୂଆଦିଲ୍ଲୀ:** ବିଶାଳ ମୋ ବାହାଘର ଏପ୍ରିଲ ୨୬ରେ ମୋତେ ଭଗେଇ ନେଇ ଯାଅ, ଆଇ ଲଭ୍ ୟୁ। ତୁମ କୁସୁମ। ଏକ ୧୦ ଟଙ୍କିଆ ନୋଟ୍‌ରେ ଏମିତି କିଛି ଲେଖା ରହିଛି, ଯାହାର ଫଟୋ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଲେଖାରୁ ଯାହା ଜଣା ପଡୁଛି। ଜଣେ ପ୍ରେମିକା ତାଙ୍କ ପ୍ରେମିକଙ୍କ ଉଦ୍ଦେଶ୍ୟରେ ଏହା ଲେଖିଛନ୍ତି। ଯେଉଁଥିରେ ପ୍ରେମିକା ଜଣକ ତାଙ୍କୁ ଭଗେଇ ନେବା ପାଇଁ ପ୍ରେମିକଙ୍କୁ ଏଥିରେ କହିଛନ୍ତି। ତେବେ ଏହି ଫଟୋ ଏବେ ଟୁଇଟରରେ ଖୁବ୍ ଜୋରରେ ଭାଇରାଲ ହେବାରେ ଲାଗିଥିବାବେଳେ ଫଟୋରେ ୟୁଜରମାନେ ମଜାଳିଆ କମେଣ୍ଟ ଦେବାରେ ଲାଗିଛନ୍ତି।

# ସୋନାଲିଙ୍କ କଷ୍ଟକର ଯାତ୍ରା



**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରିରେ କ୍ୟାରିୟର ଆରମ୍ଭ କରିବା ସମୟରେ ଆଇଟମ୍ ଗୀତ ସାଙ୍ଗକୁ ୫ ମିନିଟର ଗ୍ଲାମ୍‌ର ରୋଲ୍ କରିବାକୁ ଅଫର ମିଳୁଥିବା ବଲିଉଡ୍ ଅଭିନେତ୍ରୀ ସୋନାଲି ସେହଗଲ କହିଛନ୍ତି। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ସଫଳ ଅଭିନେତ୍ରୀ ହେବା କୌଣସି ସହଜ କଥା ନୁହେଁ। ସେହିପରି ଇଣ୍ଡଷ୍ଟ୍ରି ଲୋକଙ୍କଠାରେ ଏକ ଭୁଲ୍ ଧାରଣା ରହିଛି ଯେ, ସୁନ୍ଦର ଦେଖାଯାଉଥିବା ଲୋକେ ଅଭିନୟ କରିପାରିବେନାହିଁ। କିନ୍ତୁ ଏ ପ୍ରକାର ଭ୍ରାନ୍ତ ଚିନ୍ତାଧାରାକୁ ସେ ଭୁଲ୍ ପ୍ରମାଣିତ କରି ଥିବା ସୋନାଲି କହିଛନ୍ତି। ୨୦୧୧ରେ ରିଲିଜ୍ ହୋଇଥିବା 'ପ୍ୟାର୍‌କା ପଞ୍ଚନାମା' ସୋନାଲିଙ୍କ ବଲିଉଡ୍ ଡେବ୍ୟୁ ଫିଲ୍ମ ଥିବାବେଳେ ଏହାପରେ ତାଙ୍କୁ କୌଣସି ଫିଲ୍ମରେ କାମ କରିବାର ସୁଯୋଗ ମିଳି ନ ଥିଲା। ପ୍ୟାର୍ କା ପଞ୍ଚନାମାର ଦ୍ୱିତୀୟ ସଂସ୍କାରଣରେ ପୁଣିଥରେ ସୋନାଲି ବଡ଼ ପରଦାରେ ଉଭା ହୋଇଥିଲେ। ତେବେ ପ୍ୟାର୍‌କା ପଞ୍ଚନାମା-୨ ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ଥିଲା। ଏହି ଫିଲ୍ମ ପରେ ତାଙ୍କ ନିକଟକୁ ଗୋଟିଏ ପରେ ଗୋଟିଏ ଫିଲ୍ମର ଅଫର ଆସି ପହଞ୍ଚିଥିବା ସେ କହିଛନ୍ତି। ପଶ୍ଚିମବଙ୍ଗରେ ଜନ୍ମ ହୋଇଥିବା ଅଭିନୟ ପୂର୍ବରୁ ଶୋ' ହୋଷ୍ଟ କରୁଥିଲେ।

## ଟି.ରାମାରାଓଙ୍କ ପରଲୋକ



**ଚେନ୍ନାଇ:** ପ୍ରଖ୍ୟାତ ଫିଲ୍ମ ନିର୍ଦ୍ଦେଶକ ଟଟିନେନି ରାମାରାଓ (ଟି.ରାମାରାଓ) ବୁଧବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଚେନ୍ନାଇର ଏକ ଘରୋଇ ଡାକ୍ତରଖାନରେ ଚିକିତ୍ସିତ ହେଉ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଛି। ବାର୍ଦ୍ଧକ୍ୟ କାରଣରୁ ବହୁବିଧ ରୋଗରେ ଆକ୍ରାନ୍ତ ଥିଲେ ସେ। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ନିର୍ଦ୍ଦେଶକଙ୍କ ମୃତ୍ୟୁ ନେଇ ତାଙ୍କ ପରିବାର ଗଣମାଧ୍ୟମକୁ ଜଣାଇଥିଲେ। ରାମାରାଓଙ୍କ ବିୟୋଗରେ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରି ସାଙ୍ଗକୁ ହିନ୍ଦୀ ଫିଲ୍ମ ଜଗତର କଳାକାର ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଫିଲ୍ମ ନିର୍ଦ୍ଦେଶନା କ୍ୟାରିୟର ଭିତରେ ୮୦-୯୦ ଦଶକର ବହୁ ସୁପରଷ୍ଟାର ତାଙ୍କ ଅଧୀନରେ କାର୍ଯ୍ୟ କରିଛନ୍ତି। ରାମା ରାଓଙ୍କ ନିର୍ଦ୍ଦେଶନାରେ ବଲିଉଡ୍‌ର ବିଗ୍ ବି ଅମିତାଭ ବଚ୍ଚନ, ଶ୍ରୀଦେବୀ, ଏନ୍‌ଟିଆର୍ ପ୍ରମୁଖ ଅଭିନେତା କାମ କରିଛନ୍ତି। ୧୯୭୯ରେ ସେ ପ୍ରଥମ କରି ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିଲେ। ଉଭୟ ହିନ୍ଦୀ ଓ ତେଲୁଗୁ ଫିଲ୍ମରେ ସେ ନିର୍ଦ୍ଦେଶନା ଦେଇଛନ୍ତି। ସୂଚନାଯୋଗ୍ୟ, ସୁପରଷ୍ଟାର ରଜନୀ କାନ୍ତଙ୍କୁ 'ଅନ୍ଧା କାନୁନ୍' ଜରିଆରେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଟି .ରାମାରାଓ ହିଁ ଆଣିଥିଲେ। ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ବ୍ରହ୍ମଚାରୀ, ନବରାତ୍ରି, କାନୁନ୍, ନାଚେ ମୟୂରୀ ଆଦି ଚଳଚ୍ଚିତ୍ର ସୁପରହିଟ୍ ହୋଇଥିଲା।

# ୟୁପିର ଡ୍ୟାନ୍ସିଂ ଚୋର




**ଲକ୍ଷ୍ନୌ:** ଉତ୍ତର ପ୍ରଦେଶର ଚାନ୍ଦୋଲିରେ ଏକ ଦୋକାନରୁ ଚୋରି କରିବା ପରେ ଚୋର ଖୁସିରେ ମସ୍‌ଗୁଲ ହୋଇ ନାଚୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଚୋର ଜଣକ ହାର୍ଡୱେର ଦୋକାନ ଭିତରକୁ ପ୍ରବେଶ କରି ଜିନିଷ ଚୋରି କରିସାରିବା ପରେ ହଠାତ୍ ନାଚୁଥିବା ଏହି ଭିଡିଓରେ ଦେଖିବାକୁ ମିଳିଛି। ଚୋରଙ୍କ ନଜର ଦୋକାନରେ ଲାଗିଥିବା କ୍ୟାମେରା ଉପରେ ପଡ଼ି ନ ଥିବାବେଳେ କ୍ୟାଶ୍ କାଉଣ୍ଟରରୁ ଯେତିକି ଟଙ୍କା ମିଳିଲା ସେତିକି ନେଇ ସେଠାରୁ ଚାଲି ଯାଇଥିଲେ। ଘଟଣା ୧୬ ତାରିଖ ରାତିର। ପରଦିନ ସକାଳେ ଦୋକାନ ମାଲିକ ଆସି ଦେଖିଲାବେଳକୁ ଦୋକନାରେ ସବୁ ଜିନିଷ ଏଣେତେଣେ ଖେଳେଇ ହୋଇ ପଡ଼ିଥିବାବେଳେ କ୍ୟାଶ୍ କାଉଣ୍ଟରରେ ଟଙ୍କା ନ ଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ସିସିଟିଭି ଫୁଟେଜ୍ ଚେକ୍ କରି ସେ ଦେଖିଥିଲେ ଯେ, ଜଣେ ଚୋର ଦୋକାନରେ କଳାକନା ବୁଲାଇବା ପରେ ନାଚୁଛନ୍ତି। ଏହାପରେ ସେ ସ୍ଥାନୀୟ ପୋଲିସ ନିକଟରେ ଏଫ୍‌ଆଇଆର୍ ଦାଏର କରିଥିଲେ। ତେବେ ଚୋର ନାଚୁଥିବାର ଭିଡିଓ ଏବେ ସୋସିଆଲ ମିଡିଆ ୟୁଜର୍ସଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଲୋକେ ଏହାକୁ ଡ୍ୟାନ୍ସିଂ ଥିଫ୍ ବୋଲି କହିବା ଆରମ୍ଭ କରିଛନ୍ତି।

## ସରପ୍ରାଇଜ୍ ଡେଟ୍ ସାଜିଲା କାଳ

**ହାଇଦ୍ରାବାଦ:** ଆନ୍ଧ୍ର ପ୍ରଦେଶର ଚୋଡାଭରମରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଯାଇଛି। ସରପ୍ରାଇଜ୍ ଡେଟ୍ ଯୁବକଙ୍କ ପାଇଁ କାଳ ପାଲଟିଯାଇଛି। ରାମୁ ନାଇଡୁ କାଉନସିଲ ଅଫ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିୟାଲ ରିସର୍ଚ୍ଚ (ସିଏସ୍‌ଆଇଆର୍)ରେ ବୈଜ୍ଞାନିକ ଭାବେ କାର୍ଯ୍ୟକରନ୍ତି। ପୁଷ୍ପାଙ୍କ ସହ ରାମୁଙ୍କ ବାହାଘର ଉଭୟଙ୍କ ପରିବାର ପକ୍ଷରୁ ସ୍ଥିର କରାଯାଇଥିଲା। ମେ'ରେ ସେମାନଙ୍କ ବାହାଘର ହେବାର ଥିଲା। କିନ୍ତୁ ପୁଷ୍ପା ବାହାଘରକୁ ନେଇ ଖୁସି ନ ଥିଲେ। ପୁଷ୍ପା ଯୋଜନାବଦ୍ଧ ଭାବେ ଏକ ସରପ୍ରାଇଜ୍ ଡେଟ୍ ପାଇଁ ରାମୁଙ୍କୁ ହିଲ୍ ଷ୍ଟେଶନକୁ ଡାକିଥିଲେ। ରାମୁ ଯେତେବେଳେ ଠିକଣା ସ୍ଥାନରେ ପହଞ୍ଚିଥିଲେ ପୁଷ୍ପା ତାଙ୍କ ଗଳାକୁ ଧାରୁଆ ଛୁରିରେ ଆକ୍ରମଣ କରିଥିଲେ, ଯାହାଫଳରେ ରାମୁ କ୍ଷତାକ୍ତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେ ବର୍ତ୍ତମାନ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ପୁଷ୍ପା ଉକ୍ତ ବିବାହରେ ଖୁସି ନ ଥିବା କାରଣରୁ ଏପରି କାଣ୍ଡ କରିଥିବା ପୋଲିସକୁ କହିଛନ୍ତି। ସେ ପରିବାର ଲୋକଙ୍କୁ ଏ ସମ୍ପର୍କରେ କହିଥିଲେ ସୁଦ୍ଧା ସେମାନେ ପୁଷ୍ପାଙ୍କ କଥା ଶୁଣି ନ ଥିଲେ।



କୋଲ୍‌କାତାରେ ବୁଧବାର ଷଷ୍ଠ ବେଙ୍ଗାଲ୍ ଗ୍ଲୋବାଲ୍ ବିଜ୍‌ନେସ୍ ସମିଟ୍ (ବିଜିବିଏସ୍) ବେଳେ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

# ‘ଭାଜପା ଅଫିସ୍ ଉପରେ ବୁଲଡୋଜର ଚଳାଯାଉ’

ନୂଆଦିଲ୍ଲୀ,୨୦।୪

ଦିଲ୍ଲୀରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟିଥିବା ଜାହାଙ୍ଗିରପୁରୀରୁ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ସୁପ୍ରିମକୋର୍ଟ ଏହା ଉପରେ ରୋକ ଲଗାଇଛନ୍ତି। ଏନେଇ ରାଜନୀତି ସରଗରମ ହୋଇଛି। ଏହି ଘଟଣାରେ ବିଭିନ୍ନ ଦଳ ପକ୍ଷରୁ ଭାଜପାକୁ ଟାର୍ଗେଟ୍ କରିଯାଇଛି। ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦ଼ିଆ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାଜପା କାରଣରୁ ଦେଶର ସବୁଆଡେ ଗଣ୍ଡଗୋଳ ଘଟୁଛି। ଯେଉଁ ଆଡେ ବି ଦେଖିବେ, ଭାଜପା ଶିକ୍ଷା, ରୋଜଗାର ଏବଂ ମୁଦ୍ରାସ୍ଫୀତି



ମନୀଷ ସିସୋଦ଼ିଆ

ବିଷୟରେ କଥାବାର୍ତ୍ତା ନ କରି ଗୁଣ୍ଡାଗର୍ଦ୍ଦି ବିଷୟରେ ଆଲୋଚନା କରୁଛି। ଭାଜପା ଏକ ଅରାଜକତାର ବାତାବରଣ ସୃଷ୍ଟି କରିଛି। ଏହି ଅରାଜକତାକୁ ବନ୍ଦ କରିବାର ସରଳ ଉପାୟ ହେଉଛି ଭାଜପା ମୁଖ୍ୟାଳୟରେ ବୁଲଡୋଜର ଚଳାଇବା।

ସୂଚନା ଅନୁଯାୟୀ, ଦିଲ୍ଲୀରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟିଥିବା ଜାହାଙ୍ଗିରପୁରୀରୁ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ଘୋଷଣା କରାଯାଇଥିଲା। ଏପ୍ରିଲ ୨୦ ଏବଂ ୨୧ ଦୁଇଦିନ ଧରି ସ୍ୱତନ୍ତ୍ର ଯୁଗ୍ମ ବେଆଇନ ଉଚ୍ଛେଦ କାର୍ଯ୍ୟକ୍ରମ ଜରିଆରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କୁହାଯାଇଥିଲା। ଏହି ନୋଟିସ ଆସିବା ପରେ ମାମଲାକୁ ନେଇ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ତେବେ ଆବଶ୍ୟକ ସମୟ ନ ଦେଇ ଉଚ୍ଛେଦ କାର୍ଯ୍ୟକ୍ରମ ପାଇଁ ମ୍ୟୁନିସିପାଲିଟି ସଜବାଜ ହେଉଥିବା ବେଳେ ଏହା ଉପରେ ସୁପ୍ରିମକୋର୍ଟ ବୁଧବାର ରୋକ ଲଗାଇଛନ୍ତି।

# ନିର୍ଦ୍ୱନ୍ଦ୍ୱରେ ଜିତିଲେ ଓସିମ ଏଜଦାନୀ କାଦ୍ରୀ

## ଧାମନଗର ଏନ୍‌ଏସି ଉପାଧ୍ୟକ୍ଷ ନିର୍ବାଚନ

ଧାମନଗର, ୨୦।୪(ସ୍ୱ.ପ୍ର./ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଏନ୍‌ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ)ର ଉପାଧ୍ୟକ୍ଷ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୬ନଂ. ୱାର୍ଡର କାଉନ୍‌ସିଲର ଓସିମ ଏଜଦାନୀ କାଦ୍ରୀ(ନୁରାନି) ନିର୍ଦ୍ୱନ୍ଦ୍ୱରେ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

ପ୍ରକାଶ ଯେ, ଗତ ମାର୍ଚ୍ଚ ୨୪ରେ ମତଦାନ ସମୟରେ ହିଂସାକାଣ୍ଡ ଯୋଗୁ ଏନ୍‌ଏସି ନିର୍ବାଚନ ବାଧାପ୍ରାପ୍ତ ହୋଇଥିଲା। ପରେ ଏପ୍ରିଲ ୫ରେ ୬ଟି ବୁଥ୍‌ରେ ସାନି ମତଦାନ ହୋଇଥିଲା। ଏନ୍‌ଏସି ଅଧ୍ୟକ୍ଷ ପଦବୀ ବିଜେଡି ହାତକୁ ଯାଇଥିଲା। ସେହିପରି ୧୧ ୱାର୍ଡ ମଧ୍ୟରୁ ୯ଟି ବିଜେଡି ଓ ୨ଟି ଭାଜପା ଦଖଲ କରିଥିଲା। ଉପାଧ୍ୟକ୍ଷ ଆସନ ମଧ୍ୟ ବିଜେଡି ହାତେଇ ନେଇଛି।



ଓସିମ ଏଜଦାନୀ କାଦ୍ରୀ

# ସିବିଆଇ ତଦନ୍ତ ଦାବିକଲା ଭାଜପା

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଷ୍ଟାଫ୍ କ୍ୱାର୍ଟର୍ସରେ ରୋଷେୟାଙ୍କ ମୃତ୍ୟୁ ଘଟଣା

## ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ, ଇସ୍ତଫା ଦାବି

ଝାରସୁଗୁଡ଼ା ଅଫିସ,୨୦।୪

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଷ୍ଟାଫ୍ କ୍ୱାର୍ଟର୍ସରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ଲଳିତ କୁମାର ସାହୁଙ୍କ ମୃତ୍ୟୁ ଘଟଣାକୁ ନେଇ ଝାରସୁଗୁଡ଼ା ଜିଲା ଭାଜପା ସିବିଆଇ ତଦନ୍ତ ଦାବି କରିଛି। ଏହି ଅବସରରେ ଜିଲା ଭାଜପା ପକ୍ଷରୁ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପରେ ଦଳ ତରଫରୁ ସହରରେ ପୃଥକ୍ ଭାବେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କୁହାଯାଇଛି, ଯଦି ଲଳିତ ଘର ସିଲିଂ ଫ୍ୟାନ୍‌ରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କଲେ ତା’ହେଲେ କାହିଁକି ପୋଲିସ ମୃତଦେହକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପଞ୍ଚନାମା ନ କରି ରାତାରାତି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କଲା। ରାତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ କେତେକ ସ୍ୱତନ୍ତ୍ର ନିୟମ ରହିଛି। ହେଲେ ଏଠାରେ ସେହି ନିୟମ ପାଳନ କରାଯାଇନାହିଁ। ପୋଲିସ୍ ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ଏଭଳି କାର୍ଯ୍ୟକୁ ଭାଜପା ସମାଲୋଚନା କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଲଳିତଙ୍କୁ



ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଛି। ଗତ ରବିବାର ଏ ଘଟଣା ଘଟିଥିବାବେଳେ କୌଣସି ଗଣମାଧ୍ୟମ ପ୍ରତିନିଧି ଏହାର ଟେର୍ ପାଇ ନ ଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଚାପରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ନିୟମ ବାହାରେ କାର୍ଯ୍ୟ କରୁଛନ୍ତି। ତେଣୁ ଏହାର ସିବିଆଇ ତଦନ୍ତ କରାଯାଉ। ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ତଦନ୍ତକୁ ପ୍ରଭାବିତ କରିବା ଆଶଙ୍କା କରାଯାଉଛି। ତଦନ୍ତରେ ନିରପେକ୍ଷତା ଆଣିବା ପାଇଁ ପ୍ରଥମେ ସ୍ୱାସ୍ଥ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ। ଲଳିତଙ୍କ ପରିବାରକୁ ନ୍ୟାୟ ଦିଆଯାଉ। ଏହା ନ ହେଲେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପ୍ରେମସେନ ରାୟ, ନେତାଜୀ ପଟ୍ଟନାୟକ, ପୁରୁଷୋତ୍ତମ ଥିରାନୀ, ତ୍ରିନାଥ ଗୁଆଲ, ଦୀନେଶ ଜୈନ, ନରେଶ ନାୟକ, ସତ୍ୟନାରାୟଣ ବହିଦାର, ବନ୍ଦନା ମୁନ୍ଦ୍ରା, ମହେନ୍ଦ୍ର କେଡିଆ, ଦୀନେଶ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ଏଏପିର ସମ୍ଭାବନା ଉଜ୍ଜ୍ୱଳ: କାଡ଼ିଆନ

ଭୁବନେଶ୍ୱର,୨୦।୪ (ବ୍ୟୁରୋ)

ଏଏପି ଓଡ଼ିଶା ପ୍ରଭାରୀ ତଥା ଦିଲ୍ଲୀ କ୍ୟାଣ୍ଟ ବିଧାୟକ ବୀରେନ୍ଦ୍ର ସିଂ କାଡ଼ିଆନ ୪ ଦିନିଆ ଓଡ଼ିଶା ଗସ୍ତ ଶେଷକରି ବୁଧବାର ଦିଲ୍ଲୀ ଫେରିଛନ୍ତି। ଯିବା ପୂର୍ବରୁ ରାଜ୍ୟରେ ଏଏପିର ସମ୍ଭାବନା ଉଜ୍ଜ୍ୱଳ ବୋଲି କହିଛନ୍ତି। ରାଜ୍ୟର ବିଭିନ୍ନ ସମସ୍ୟା ସହିତ ଏଏପିକର୍ମୀମାନେ ସଂଶ୍ଳିଷ୍ଟ ରହି ସ୍ୱତନ୍ତ୍ର ଆହ୍ୱାନ ସୃଷ୍ଟି କରନ୍ତୁ ବୋଲି କହିଥିଲେ। ଏହି ଗସ୍ତରେ କାଡ଼ିଆନ ସୋମବାର ଶ୍ରୀମନ୍ଦିର ଯାଇ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା ସହିତ ପୁରୀ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗ ଦେଇ



ବୀରେନ୍ଦ୍ର ସିଂ କାଡ଼ିଆନ

ସଂଗଠନ କିପରି ଦୃଢ଼ ଭାବେ କାମ କରିବ ସେନେଇ କର୍ମୀଙ୍କୁ ବାର୍ତ୍ତା ଦେଇଥିଲେ। ସେହିପରି ମଙ୍ଗଳବାର ଦିନ ଭୁବନେଶ୍ୱର ସ୍ଥିତ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ଠାରେ ଆୟୋଜିତ ଓଡ଼ିଶା ଆମ୍ ଆଦମୀ ପାର୍ଟି ତରଫରୁ ଏକ ରାଜ୍ୟସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଦିଲ୍ଲୀ ଓ ପଞ୍ଜାବରେ କିପରି ଯଥାକ୍ରମେ ୨୦୦ ଓ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଜୁଳି ଦିଆଯାଇପାରୁଛି। ଓଡ଼ିଶାରେ ମଧ୍ୟ ବିଜେଡି ସରକାର ଯେପରି ଏଏପିର ଏହି ପରିକ୍ଷୀତ ଦାବିକୁ ମାନିବାକୁ ବାଧ୍ୟ ହେବ ସେଥିପାଇଁ ପାର୍ଟିର କେନ୍ଦ୍ରୀୟ ନେତା ଓ ଅରବିନ୍ଦ କେଜରିୱାଲ ରାଜ୍ୟ ପାର୍ଟିକୁ ସମସ୍ତ ସହଯୋଗ ଦେବେ ବୋଲି କାଡ଼ିଆନ ଆଶ୍ୱାସନା ଦେଇଥିଲେ।

# ସତ ସାମ୍ନାକୁ ଅଣାଯାଉ: ତାରା

ଭୁବନେଶ୍ୱର,୨୦।୪ (ବ୍ୟୁରୋ)

ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ଘରେ ରୋଷେୟା ଭାବେ କାମକରୁଥିବା ଯୁବକଙ୍କ ମୃତ୍ୟୁକୁ ନେଇ ଦିନକୁ ଦିନ ରାଜନୀତି ବଢ଼ିବାରେ ଲାଗିଛି। ଏନେଇ କଂଗ୍ରେସ ପକ୍ଷରୁ ବୁଧବାର ବିଧାୟକ ତାରାପ୍ରସାଦ ବାହିନୀପତି ତଦନ୍ତ ମାଧ୍ୟମରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଅଣାଯାଉ ବୋଲି ଦାବୀ କରିଛନ୍ତି। ସେ କହିଛନ୍ତି, ନବ ବାବୁଙ୍କ ଘରେ ରୋଷେୟା ମୃତ୍ୟୁକୁ ନେଇ ଯେଉଁ ଚର୍ଚ୍ଚା ହେଉଛି ତା’କୁ ରାଜନୀତିକରଣ ନ କରାଯାଉ। ଯେହେତୁ ସେ ଜଣେ ମନ୍ତ୍ରୀ ଅଛନ୍ତି ଓ ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଛି। ଏଣୁ ରାଜ୍ୟ ସରକାର ତୁରନ୍ତ ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ। ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ, ସମ୍ପୂର୍ଣ୍ଣ ସତ୍ୟାସତ୍ୟ ସାମ୍ନାକୁ ଆସିଯିବ ବୋଲି ବୋଲି ବାହିନୀପତି କହିଛନ୍ତି। ସେହପରି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଝିଅ ଆକାଉଣ୍ଟରୁ ୭ ଲକ୍ଷ ଟଙ୍କା ଟ୍ରାନ୍ସଫର ଘଟଣା ତଦନ୍ତ ସାପେକ୍ଷ ବୋଲି ସେ କହିଛନ୍ତି।

ଅପରପକ୍ଷରେ, ଦଳର ସ୍ଥିତି ଓ ସାଂଗଠନିକ ପରିବର୍ତ୍ତନ ନେଇ ବିଧାୟକ ବାହିନୀପତି ଦୃଢ଼ୋକ୍ତି ବାଢିଛନ୍ତି। ସର୍ବ ପୁରାତନଦଳକୁ ଜନସାଧାରଣ ପସନ୍ଦ କରୁଥିବାବେଳେ ଏହାକୁ ମଜଭୁତ କରାଯାଉଛି। ଆସନ୍ତା ୨ମାସ ମଧ୍ୟରେ ନିର୍ବାଚନ କରାଗଲେ ମଧ୍ୟ ନିର୍ବାଚନରେ କଂଗ୍ରେସ ଏକାକି ଲଢିପାରିବ। କଂଗ୍ରେସ ଦଳ କୌଣସି ଭାବରେ ଦୁର୍ବଳ ନୁହେଁ କି ପଛରେ ନାହିଁ। ଦଳର କାର୍ଯ୍ୟକାରୀ ସଭାନେତ୍ରୀ ସୋନିଆ ଗାନ୍ଧୀ ଦିଲ୍ଲୀରେ ପ୍ରଶାନ୍ତ କିଶୋରଙ୍କ ସହିତ ଆଲୋଚନା କରୁଛନ୍ତି। ସେଥିରେ ମଧ୍ୟ କୁହାଯାଉଛି ରାଜ୍ୟରେ କଂଗ୍ରେସ ଏକାକି ଲଢ଼ିପାରିବ। ଏପରିକି ଆଗାମୀ ମାସେ ଦୁଇମାସ ମଧ୍ୟରେ ନିର୍ବାଚନ ହେଲେ ମଧ୍ୟ କଂଗ୍ରେସ ଦଳ ପ୍ରସ୍ତୁତ ଅଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ପଦରେ ରହିବାକୁ ଇଚ୍ଛା ନାହିଁ, ସେ ଇସ୍ତଫା ଦେଇଛନ୍ତି। ହାଇକମାଣ୍ଡ ଏହାର ନିଷ୍ପତ୍ତି ନେବେ। ଦଳୀୟ ନିର୍ବାଚନ ପ୍ରକ୍ରିୟାରେ ସଂଗଠନର ପୁନର୍ଗଠନ କରାଯିବ ବୋଲି ବାହିନୀପତି କହିଛନ୍ତି।

# ସ୍ୱାସ୍ଥ୍ୟମେଳା:୧୨୮୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଉଲୁଣ୍ଡା,୨୦।୪(ଡି.ଏନ.ଏ.)

ଉଲୁଣ୍ଡା ବ୍ଲକ ଯାଲୋଏ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସିଡିଏମଓ ବିଶ୍ୱରଞ୍ଜନ ପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱାସ୍ଥ୍ୟମେଳା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ନିବେଦିତା ମିଶ୍ର ଏବଂ ବିଶ୍ୱମ୍ଭର ବେହେରା ଯୋଗ ଦେଇଥିଲେ। ମେଡିକାଲ ଅଫିସର ଡ଼. ଆଶୁତୋଷ ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅକ୍ରୁର ହୋତା ସଭା ପରିଚାଳନା କରିଥିଲେ। ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ସ୍ୱାସ୍ଥ୍ୟମେଳାରେ ମେଡ଼ିସିନ ବିଭାଗର ଡ. ସଞ୍ଜୟ କୁମାର ପଧାନ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡ଼.ସ୍ୱପ୍ନେଶ୍ୱର ବେହେରା, ଶିଶୁ ବିଭାଗର ଶାନ୍ତନୁ କୁମାର ମେହେର, ଦାନ୍ତ ବିଭାଗର ଡ଼.ସତ୍ୟନାରାୟଣ ପଣ୍ଡା, ଇଏଣ୍ଟି ବିଭାଗର ଡ଼. ସରୋଜ କୁମାର ପାଣିଗ୍ରାହୀ, ଡ଼. ଶିବାନନ୍ଦ ଚାଉଳିଆ, ଡ଼.ଅରୁଣ କୁମାର ଦାସ, ଡ଼.ସୁଶାନ୍ତ କୁମାର ମିଶ୍ର, ଡ଼. ସୀମା ନାଏକଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗଦେଇ ୧୨୮୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଶିଶୁ ବିକାଶ ପ୍ରକଳ୍ପ, ଜଳ ଓ ପରିମଳ, ଜୀବିକା ମିଶନ ପକ୍ଷରୁ ସଚେତନତା ସୃଷ୍ଟି ଲାଗି ଷ୍ଟଲ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିପିଏମ ସୁଧାଂଶୁ ଶେଖର ସେଠୀ ପରିଚାଳନା କରିଥିବା ବେଳେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମାଝୀଗୌରୀ ପାତ୍ର, ପ୍ରଶାନ୍ତ ମେହେର, ଏଏନଏମ, ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ଡାକ୍ତରଖାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଏହି ଅବସରରେ ଖେମାଲୋଏର ଆଶାକର୍ମୀ ତପସ୍ୱିନୀ କର୍ଣ୍ଣଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସୋନାଲି, ମା’ଙ୍କ ନାମରେ ମାମଲା

## ରାଜ୍ୟ ଖବର

### ମଡେଲ ସୌମ୍ୟରଞ୍ଜନ ଆତ୍ମହତ୍ୟା ଘଟଣା

- ଅଦାଲତ ଅବମାନନା ମାମଲା ପରେ ଶୁଣିଲା ପୋଲିସ
- ୭୮ଦିନ ପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ବହୁ ଚର୍ଚ୍ଚିତ ମଡେଲ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ଆତ୍ମହତ୍ୟାକୁ ୭୯ଦିନ ବିତିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା କମିଶନରେଟ ପୋଲିସ ଏବେ ବିଳମ୍ବରେ ପ୍ରେମିକା ସୋନାଲି ନନ୍ଦ ଓ ତାଙ୍କ ମା’ଙ୍କ ଉପରେ ପଦକ୍ଷେପ ନେଇଛି। ଘଟଣାର ଅଢ଼େଇ ମାସ ପରେ ମଙ୍ଗଳବାର ଭୁବନେଶ୍ୱର ଇନ୍‌ଫୋସିଟି ଥାନା ପୋଲିସ ଉଭୟଙ୍କ ନାମରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଆଇପିସି ଦଫା ୩୦୬ ଓ ୩୪ରେ ଏକ ମାମଲା (ନଂ.୧୦୦/୨୦୨୨) ରୁଜୁ କରିଛି। ଜୋନ୍-୬ ଏସିପି ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସିପି କହିଛନ୍ତି।

ଗାୟିକା ସୋନାଲିଙ୍କ ସହ ମଡେଲ୍



ସୌମ୍ୟରଞ୍ଜନ ପାଣିଗ୍ରାହୀ

ସୌମ୍ୟ ପ୍ରେମ ସମ୍ପର୍କରେ ଥିଲେ। ଉଭୟଙ୍କ ମଧ୍ୟରେ ବିବାହ ସ୍ଥିର ହୋଇଥିଲା। ସୌମ୍ୟ ତାଙ୍କ ରୋଜଗାରର ସମସ୍ତ ଅର୍ଥ ସୋନାଲିଙ୍କ ପଛରେ ଖର୍ଚ୍ଚ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସୋନାଲିଙ୍କ ପରିବାର ଲୋକେ ବିବାହ ଆଳରେ ଦିନ ଗଡ଼ାଇ ଚାଲିଥିଲେ। ହେଲେ ସୋନାଲି ପ୍ରତାରଣା କରିବାରୁ ସୌମ୍ୟ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଜାନୁୟାରୀ ୩୦ ରାତିରେ ସୌମ୍ୟ ଭୁବନେଶ୍ୱରର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାରସ୍ଥିତ ତାଙ୍କ ଘରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ ସୌମ୍ୟ ଏକ ହାତଲେଖା ଚିଠି ଛାଡ଼ି ଯାଇଥିଲେ। ତାଙ୍କ ମୃତ୍ୟୁ ଲାଗି ବାନ୍ଧବୀ ସୋନାଲିଙ୍କୁ ଦାୟୀ କରିଥିଲେ। ଏନେଇ ପରିବାର ଲୋକେ ଥାନାରେ ସୋନାଲି ଓ ତାଙ୍କ ପରିବାର ଲୋକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କେବଳ ଅପମୃତ୍ୟୁ ମାମଲା (ନଂ.୮/୨୨) ରୁଜୁ କରି ତଦନ୍ତ ଚଳାଇଥିବାବେଳେ ସୌମ୍ୟଙ୍କ ପ୍ରେମିକା ଓ ପରିବାର ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରୁ ନ ଥିବାରୁ ଚାରିଆଡ଼େ ଅସନ୍ତୋଷ ଦେଖାଯାଇଥିଲା। କାର୍ଯ୍ୟାନୁଷ୍ଠାନ ଦାବିରେ ସୌମ୍ୟଙ୍କ ପରିବାର ଲୋକେ ଓ ସାମାଜିକ କର୍ମୀ ଡିସିପି ଅଫିସରେ ଆଗରେ ଏକାଧିକଥର ଧାରଣା ଦେଇଥିଲେ।

ଅପରପକ୍ଷରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସୌମ୍ୟଙ୍କ ଭଉଣୀ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୩ ସପ୍ତାହ ମଧ୍ୟରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟ ଫେବୃୟାରୀ ୨୮ରେ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ମାର୍ଚ୍ଚ ୨୫ରେ ସୌମ୍ୟଙ୍କ ପରିବାର ପକ୍ଷରୁ ଅଦାଲତ ଅବମାନନା ମାମଲା ଦାୟର କରାଯାଇଥିଲା। ଏପ୍ରିଲ୍ ୧୧ରେ ଉକ୍ତ ମାମଲାର ଶୁଣାଣି ହୋଇଥିଲା। ନିର୍ଦ୍ଦେଶ ଅନୁଯାୟୀ ହୋଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆସନ୍ତା ମେ ୫ ମଧ୍ୟରେ ଜଣାଇବାକୁ ହାଇକୋର୍ଟ ଡିସିପିଙ୍କୁ ନିର୍ଦ୍ଦେଶ କହିଥିଲେ। ଏହାପରେ କମିଶନରେଟ ପୋଲିସର ଚେତା ପଶିଥିଲା।

# ବାପୁଜୀ ସ୍ୱତନ୍ତ୍ର ସ୍କୁଲରେ ଶ୍ରଦ୍ଧାଞ୍ଜଳି ସଭା



ସ୍ୱର୍ଗତ ସୂର୍ଯ୍ୟ ପ୍ରକାଶ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଉଛି।

ବରଗଡ଼ ଅଫିସ୍,୨୦।୪

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ସ୍କୁଲରେ ମଙ୍ଗଳବାର ସ୍କୁଲର ଆଜୀବନ ଅଧ୍ୟକ୍ଷ ତଥା ଜନତା ସଂଘର୍ଷ ସମିତିର ପ୍ରତିଷ୍ଠାତା ସ୍ୱର୍ଗତ ସୂର୍ଯ୍ୟ ପ୍ରକାଶ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସମିତି ସଭାପତି କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର, ପ୍ରୀତମ ସିଂ, ବିଦ୍ୟାଳୟ କମିଟି ସଭାପତି ଡା. ଜୟଦେବ ସାହୁ, ପବିତ୍ର ଦେହେରୀ, ମେରିୟମ ବାର୍ଲା, ଶରତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସଂଘ ବରଗଡ଼ ବ୍ଲକର ସଭାପତି ଚଞ୍ଚଳ ମିଶ୍ର, କମିଟି ସଦସ୍ୟ ସୁଶିଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବୈଠକରେ ସଙ୍ଗୀତଜ୍ଞ ସ୍ୱର୍ଗତ ପ୍ରଫୁଲ୍ଲ କର, ସ୍ୱର୍ଗତ ପ୍ରଫୁଲ୍ଲ ଆଚାର୍ଯ୍ୟ, ଯୁବ ବୈଜ୍ଞାନିକ ସ୍ୱର୍ଗତ ନିହାର ରଞ୍ଜନ ପ୍ରଧାନଙ୍କ ପରଲୋକରେ ନୀରବ ପ୍ରାର୍ଥନା ହୋଇଥିଲା। ଏହି ଅବସରରେ ରାଷ୍ଟ୍ରପତି, ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରଚନ୍ଦ୍ର ଭୋଇଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ମୃତିଚାରଣ ପରେ ଜମୁର୍ଡ଼ାସ୍ଥିତ କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସମିତିର ଉପସଭାପତି ମେଘନାଦ ସାହୁ, ସମ୍ପାଦକ ଅଭୟ ପ୍ରଧାନ, ସହସମ୍ପାଦକ ନେପାଳ ଦୁଆନ, ଦୁଃଖିସେବକ ସାହୁ, ଗୁଣନିଧି ସାହୁ, ସୁଶିଳା ପଶାୟତ, ଶିବାନୀ ପଣ୍ଡା, ଜୟନ୍ତୀ ଧଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚିଟଫଣ୍ଡ ଅଭିଯୁକ୍ତଙ୍କ ସୂଚନା ଦେଲେ ମିଳିବ ପୁରସ୍କାର

## ୱାଣ୍ଟେଡ୍ ତାଲିକା ଜାରିକଲା ଇଓଡବ୍ଲ୍ୟୁ







ଭୁବନେଶ୍ୱର,୨୦।୪(ବ୍ୟୁରୋ): ଚିଟ୍‌ଫଣ୍ଡ ଠକେଇ ମାମଲାରେ ଫେରାର ଥିବା ଏମ୍/ଏସ୍ ୱାୟାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଓ ଏମ୍/ଏସ୍ ୱାୟାର୍ଡ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ସ କର୍ପୋରେଶନ ଲିମିଟେଡ୍‌ର ୩ଜଣ ନିର୍ଦ୍ଦେଶକଙ୍କୁ ୱାଣ୍ଟେଡ୍ ଘୋଷଣା କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ହାୱଡ଼ା ଦାମଜୁର୍ ଥାନା ଅଞ୍ଚଳର ସଞ୍ଜୟ କୁମାର ଦାସ, ବ୍ୟାନ୍ତ୍ରା କାନ୍ତାପୁକୁର ଅଞ୍ଚଳର ଅଭିଜିତ ଚାଟାର୍ଜୀ ଓ ଜଗତବଲ୍ଲଭପୁର ଥାନା ଅଞ୍ଚଳର ଚାନ୍ଦ ମୋହନ ଘୋଷ। ଏମାନଙ୍କ ନାମରେ ଇଓଡବ୍ଲ୍ୟୁ ଚିଟ୍‌ଫଣ୍ଡ ଠକେଇ ମାମଲା (ନଂ.୧୩/୨୦୧୮) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏମାନେ ଦୀର୍ଘଦିନ ହେବ ଫେରାର ଥିବାରୁ ଧରିବା ପାଇଁ ଇଓଡବ୍ଲ୍ୟୁ ପୁରସ୍କାର ମଧ୍ୟ ଘୋଷଣା କରିଛି। ସେମାନଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କାର ମିଳିବ। ସୂଚନାଦାତାମାନେ କେବଳ ମୋବାଇଲ ନଂ.୯୪୩୭୦୯୭୬୬୨ରେ ଅଭିଯୁକ୍ତଙ୍କ ବିଷୟରେ ଜଣାଇପାରିବେ। ତେବେ ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ବୁଧବାର ସୂଚନା ଦିଆଯାଇଛି।

# ଓଡ଼ିଶା ପୋଲିସର ପ୍ରଥମ ବିଜୟ

**ଭୁବନେଶ୍ୱର, ୨୦।୪ (କ୍ରୀଡ଼ା ପ୍ରତିନିଧି)**

ଚଳିତ ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଓଡ଼ିଶା ପୋଲିସ ପ୍ରଥମ ବିଜୟ ହାସଲ କରିଛି। ନିଜର ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଗୋକୁଲମ୍ କେରଳ ନିକଟରୁ ୦-୧୨ ଗୋଲରେ

**ଇଣ୍ଡିଆନ ଓମେନ୍ସ ଲିଗ୍**

ଶୋଚନୀୟଭାବେ ହାରିଥିବା ଓଡ଼ିଶା ପୋଲିସ ଦଳ ବୁଧବାର ୭ମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ମାତା ରୁକ୍ମିଣୀ ଫୁଟବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ବିଜୟୀ ଦଳ ପକ୍ଷରୁ ଜସମଣି ସମଦ ୮୪ତମ ମିନିଟରେ ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ସେଥିପାଇଁ ଜସମଣିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ୟାପିଟାଲ ପଡ଼ିଆରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ କର୍ଣ୍ଣାଟକର କିକ୍‌ଷ୍ଟାର୍ଟ ଏଫ୍‌ସି ୭-୦ ଗୋଲରେ ସୁର୍ଭୋଡେମ ସ୍ପୋର୍ଟସ୍‌କ୍ଲବକୁ ପରାସ୍ତ କରିଛି। ଏହି ମ୍ୟାଚରେ ୨ଟି ଗୋଲ ଦେଇଥିବା ଅସେମ ରୋଜାଦେବୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ପୋଲିସ ୨ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇଛି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟତମ ଦଳ ସ୍ପୋର୍ଟ୍ସ ଓଡ଼ିଶା ୨ ମ୍ୟାଚରୁ ୧ ବିଜୟ ଓ ୧ ଡ୍ର ସହ ୪ ପଏଣ୍ଟ ପାଇଛି। ସ୍ପୋର୍ଟ୍ସ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ଏଆର୍‌ଏ ଏଫ୍‌ସିକୁ ୩-୧ ଗୋଲରେ ହରାଇଥିବାବେଳେ ଇଣ୍ଡିଆନ ଆରୋଜ ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା।






ଓଡ଼ିଶା ପୋଲିସ ଓ ମାତା ରୁକ୍ମିଣୀ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ଜସମଣି ସମଦ।

## ଜେଏସ୍‌ଡବ୍ଲ୍ୟୁ ସୁଇମିଂ ଏଚ୍‌ପିସିରେ କୋଚିଂ ଦେବେ ସେଜୱାଲ



**ଭୁବନେଶ୍ୱର, ୨୦।୪ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଥିବା ଜେଏସ୍‌ଡବ୍ଲ୍ୟୁ ସୁଇମିଂ ଏଚ୍‌ପିସି (ହାଇପରଫର୍ମାନ୍ସ ସେଣ୍ଟର)ରେ ଭାରତର ଅଲିମ୍ପିଆନ ସନ୍ତରଣକାରୀ ସନ୍ଦୀପ ସେଜୱାଲ କୋଚିଂ ଦେବେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ଫଳରେ ଏଚ୍‌ପିସିରେ ଟ୍ରେନିଂ ନେଉଥିବା ପ୍ରତିଭାସମ୍ପନ୍ନ ସୁଇମରମାନେ ଉପକୃତ ହୋଇପାରିବେ। ସେଜୱାଲ ୨୦୦୮ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ବେଜିଂରେ ସେ ୧୦୦ ଓ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ଅଂଶଗ୍ରହଣ କରିଥିଲେ। ତେବେ ଫାଇନାଲ୍ସରେ ପହଞ୍ଚିପାରି ନ ଥିଲେ। ୨୦୧୪ ଏସିଆନ ଗେମ୍ସରେ ସେ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଜାତୀୟ ରେକର୍ଡଧାରୀ ସେଜୱାଲ ସାଉଥ୍ ଏସିଆନ ଗେମ୍ସରେ ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିବାର ଅଭିଜ୍ଞତା ରଖିଛନ୍ତି।

## ଓଡ଼ିଶା ସବ୍‌ଜୁନିୟର ସିକ୍ସ-ଏ-ସାଇଡ୍ କ୍ରିକେଟ ଦଳ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୦।୪ (ସ୍ପୋର୍ଟ୍ସ ବ୍ୟୁରୋ):** ଭୋପାଳଠାରେ ଅନୁଷ୍ଠିତ ୮ମ ଜାତୀୟ ସବ୍‌ଜୁନିୟର ସିକ୍ସ-ଏ-ସାଇଡ୍ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ରନର୍ସଅପ୍ ହୋଇଛି। ପ୍ରତ୍ୟାବର୍ତ୍ତନ କରିବା ପରେ ବୁଧବାର ଓଡ଼ିଶା ଦଳକୁ ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟଠାରେ ସିକ୍ସ-ଏ-ସାଇଡ୍ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟସାଣୀ ମୁଖ୍ୟ ଅତିଥି ଏବଂ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ତପନ କୁମାର ମହାନ୍ତି, ଗୌତମ କୁମାର ବେହେରା, ବାସୁଦେବ ଓଝା, ଚନ୍ଦ୍ରକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କୋଚ୍ ଏମ୍.ଡି. ଆଜାମ ଖେଳାଳିଙ୍କ ସହ ଭୋପାଳ ଯାତ୍ରା କରିଥିଲେ।



ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥିଙ୍କ ସହ ଓଡ଼ିଶା ସବ୍‌ଜୁନିୟର ସିକ୍ସ-ଏ-ସାଇଡ୍ କ୍ରିକେଟ ଦଳର ଖେଳାଳି।

## କୋମାରୁ ଫେରିଲେ ନେଦରଲାଣ୍ଡ୍ସ କୋଚ୍

**ଲଣ୍ଡନ, ୨୦।୪ (ପିଟିଆଇ):** ନେଦରଲାଣ୍ଡ୍ସ ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ଏବଂ ପୂର୍ବତନ ଅଷ୍ଟ୍ରେଲିଆନ ଉଇକେଟକିପର ରିୟାନ କ୍ୟାମ୍ପବେଲ ବୁଧବାର କୋମାରୁ ଫେରିଛନ୍ତି। ତାଙ୍କୁ ଏବେ ବି ହସ୍ପିଟାଲର ଆଇସିୟୁରେ ରଖାଯାଇଛି। ଶନିବାର ବଡ଼ ଧରଣର ହୃଦ୍‌ଘାତର ସମ୍ମୁଖୀନ ହେବା ପରେ ୫୦ ବର୍ଷୀୟ କ୍ୟାମ୍ପବେଲଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ୟୁକେରେ ଛୁଆଙ୍କ ସହ ଗ୍ରାଉଣ୍ଡରେ ଥିବା ବେଳେ ତାଙ୍କ ଛାତିରେ ଯନ୍ତ୍ରଣା ହେବା ସହ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥିଲା। ଆଇସିସି ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି, ମଙ୍ଗଳବାର ରାତିରେ କ୍ୟାମ୍ପବେଲଙ୍କୁ କୋମାରୁ ଫେରାଇ ଆଣିବାରେ ଡାକ୍ତରମାନେ ସଫଳ ହୋଇଛନ୍ତି। ତାଙ୍କ ବ୍ରେନ୍‌ରେ ଆଘାତ ଲାଗିବାର କୌଣସି ପ୍ରମାଣ ମିଳିନାହିଁ। ସେ କୋମାରୁ ଫେରିଥିବାରୁ ତାଙ୍କ ହୃଦୟରେ କ'ଣ ସମସ୍ୟା ଅଛି, ଜାଣିବା ପାଇଁ ଡାକ୍ତରମାନେ ଚେଷ୍ଟା କରୁଛନ୍ତି।

## କିଟ୍, ବାଲେଶ୍ୱରର ବୃହତ୍ ବିଜୟ

**ଭୁବନେଶ୍ୱର, ୨୦।୪ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଗୋଲ୍ଡ ଗ୍ରୁପ୍‌ରେ ବୁଧବାର ୬ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ, ବରଗଡ଼, କିଟ୍, ବାଲେଶ୍ୱର, ଜଗତ୍‌ସିଂହପୁର ଓ ନୟାଗଡ଼ ବିଜୟ ହାସଲ କରିଛି। କିଟ୍ ୧୬୧ ରନରେ ବୌଦ୍ଧକୁ ଏବଂ ବାଲେଶ୍ୱର ୨୩୮ ରନରେ କୋରାପୁଟକୁ ପରାସ୍ତ କରିଛି।

ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୬୬ ରନରେ ଅନୁଗୋଳକୁ ପରାସ୍ତ କରିଛି। ଭଦ୍ରକ ୪୬.୪ ଓଭରରେ ୨୩୯ ରନକରି ସମସ୍ତ ଉଇକେଟ ହରାଇଥିବାବେଳେ ଅନୁଗୋଳ ୪୪ ଓଭରରେ ୧୭୩ ରନରେ ସୀମିତ ରହି ଯାଇଥିଲା। ବିଜୟୀ ଦଳର ସାହିଲ ଖାଁ ସର୍ବାଧିକ ୭୯ ରନ କରିଥିଲେ। ସିଭି ରମଣ ଗ୍ରାଉଣ୍ଡରେ ବରଗଡ଼ ୬ ଉଇକେଟରେ ଗଞ୍ଜାମକୁ ହରାଇ ଦେଇଛି। ଗଞ୍ଜାମ ୫୦ ଓଭରରେ ୯ ଉଇକେଟ ହରାଇ ୧୯୫ ରନ କରିଥିବାବେଳେ ବରଗଡ଼ ୩୩.୪ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଗଞ୍ଜାମର ଓମ୍ ଟି. ମୁଣ୍ଡେ ୫୨ ରନ କରିଥିଲେ ଏବଂ ବରଗଡ଼ର ଦେବେନ୍ଦ୍ର କନୱର (୧୧୩ ରନ)ଶତକ ହାସଲ କରିଥିଲେ। ସେଞ୍ଚୁରିଅନ ପଡ଼ିଆରେ କିଟ୍ ୫୦ ଓଭରରେ ୯ ଉଇକେଟ ହରାଇ ୩୧୬ ରନର ବୃହତ୍ ସ୍କୋର କରିଥିଲା। ପ୍ରତୀକ ଦାସ ୧୧୨ ବଲ୍‌ରୁ

**କଳାହାଣ୍ଡି କପ୍**

୧୪୯ ରନର ଦ୍ରୁତ ଶତକ ହାସଲ କରିଥିଲେ। ଜବାବରେ ବୌଦ୍ଧ ୩୪.୧ ଓଭରରେ ୧୫୫ ରନକରି ସମସ୍ତ ଉଇକେଟ ହରାଇଥିଲା।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ବାଲେଶ୍ୱର ୫୦ ଓଭରରେ ୮ ଉଇକେଟ ହରାଇ ୩୬୭ ରନ କରିଥିଲା। ୩ ଖେଳାଳି ସର୍ବେଶ୍ୱର ମହାନ୍ତି (୭୦), ରୋନାଲ୍ଡ ଦାସ (୬୪) ଓ ଡି. ଚକ୍ରବର୍ତ୍ତୀ (୫୧) ଅର୍ଦ୍ଧଶତକ ହାସଲ କରିଥିଲେ। କୋରାପୁଟ ୨୪.୩ ଓଭରରେ ୧୨୯ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୧ ମ୍ୟାଚରେ ଜଗତ୍‌ସିଂହପୁର ୭ ଉଇକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ଢେଙ୍କାନାଳ ୫୦ ଓଭରରେ ୮ ଉଇକେଟ ହରାଇ ୨୭୫ ରନ କରିଥିବାବେଳେ ଜଗତ୍‌ସିଂହପୁର ୪୦.୩ ଓଭରରେ ୩ ଉଇକେଟ ହରାଇ ୨୭୯ ରନ ସଂଗ୍ରହ କରି ନେଇଥିଲା। ଢେଙ୍କାନାଳର ଅନ୍ୱେଷ ଦାସ (୭୬) ଏବଂ ଜଗତ୍‌ସିଂହପୁରର ଶାମସୁଲ ଖାଁ (୮୩), କିଶାନ ରଥ (୬୨) ଓ ସନ୍ତୋଷ ରାଉତ (୫୭) ଅର୍ଦ୍ଧଶତକ ହାସଲ କରିଥିଲେ। ସନ୍‌ସାଇନ୍ ପଡ଼ିଆରେ ଆୟୋଜିତ ମ୍ୟାଚରେ ନୟାଗଡ଼ ୨ ଉଇକେଟରେ କେନ୍ଦୁଝରକୁ ହରାଇଛି। କେନ୍ଦୁଝର ୪୭.୧ ଓଭରରେ ୧୭୫ ରନରେ ସମସ୍ତ ଉଇକେଟ ହରାଇଥିବାବେଳେ ନୟାଗଡ଼ ୪୦.୪ ଓଭରରେ ୮ ଉଇକେଟ ହରାଇ ୧୭୬ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳର କୃଷ୍ଣ ବାରିକ ସର୍ବାଧିକ ୬୦ ରନ ସ୍କୋର କରିଥିଲେ।

**ଜନ୍ମଦିନ ଶୁଭେଚ୍ଛା**



**କୁମାରୀ ସ୍ୱପ୍ନାସାଇରୀ ପଟ୍ଟନାୟକ (ଲଗ୍ନି)**

ବୟସ- ୨ ବର୍ଷ

ବାବା, ମାମା, ଜେଜେବାପା, ଜେଜେମା', ଅଜା, ଆଈ, ମାମୁ, ମାଉସୀ, ଦାଦା ଓ ପରିବାର ତଥା ବନ୍ଧୁବାନ୍ଧବଙ୍କର ଅନେକ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଶୁଭେଚ୍ଛା । ଆଜିର ଦ୍ୱିତୀୟ ବର୍ଷର ଜନ୍ମଦିନରେ ଲଗ୍ନିକୁ ଅନେକ ଆଶିଷ ।

ଧ-୧୯୧

## ହରପ୍ରୀତ୍, ସଚିନଙ୍କୁ ବ୍ରୋଞ୍ଜ

**ଉଲାନବାତର (ମଙ୍ଗୋଲିଆ), ୨୦।୪ (ପି.ଟି.):** ଏଠାରେ ଅନୁଷ୍ଠିତ ଏସିଆନ କୁସ୍ତି ଚାମ୍ପିୟନଶିପ୍‌ରେ ବୁଧବାର ଭାରତର ସଚିନ ସହରାୱତ ଓ ହରପ୍ରୀତ ସିଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫଳରେ ଭାରତୀୟ ଗ୍ରିକୋ ରୋମାନ ଦଳ ୫ ପଦକ ହାସଲ ସହ ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ୬୭ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସଚିନ ବ୍ରୋଞ୍ଜ ପ୍ଲେ-ଅଫ୍‌ରେ ଆଧିପତ୍ୟ ବିସ୍ତାର କରି ଉଜବେକିସ୍ତାନର ମାହମୁଦ ବକ୍ସିଲୋଭଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ କାତାରର ଜାଫର ଖାଁ

**ଏସିଆନ କୁସ୍ତି ଚାମ୍ପିୟନଶିପ୍**

ଆହତ ସମସ୍ୟା ଯୋଗୁ ମ୍ୟାଚ୍‌କୁ ନ ଓହ୍ଲାଇବାରୁ ହରପ୍ରୀତ (୮୨ କେଜି) ବ୍ରୋଞ୍ଜ ପଦକ ପାଇବାକୁ ହକ୍‌ଦାର ହୋଇଥିଲେ। ୨୦୨୦ ସଂସ୍କରଣରେ ଭାରତ ୧ ସ୍ୱର୍ଣ୍ଣ ଓ ୪ ବ୍ରୋଞ୍ଜ ପଦକ ପାଇଥିଲା। ସୁନୀଲ କୁମାର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଠାରେ କିନ୍ତୁ ପ୍ରତିଯୋଗିତାର ପ୍ରଥମ ଦିବସରେ ମଙ୍ଗଳବାର ସୁନୀଲ କୁମାର (୮୭ କେଜି), ଅର୍ଜୁନ ହଲକୁର୍କି (୫୫ କେଜି) ଓ ନୀରଜ (୬୩ କେଜି) ବ୍ରୋଞ୍ଜ ପଦକ ପାଇଥିଲେ। ଭାରତୀୟ ପ୍ରତିଯୋଗୀଙ୍କ ପ୍ରଦର୍ଶନରେ ରେସଲିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ସନ୍ତୋଷ ପ୍ରକାଶ କରାଯାଇଛି। ଗୁରୁବାରଠାରୁ ମହିଳା ରେସଲିଂ ଆରମ୍ଭ ହେବ। ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ମେଡାଲିଷ୍ଟ ସରିତା ମୋର (୫୯ କେଜି) ଏଠାରେ ମଧ୍ୟ ଭାରତର ପଦକ ଦାବିଦାର ଅଛନ୍ତି। ଏହା ବ୍ୟତୀତ ଅଂଶୁ ମଲିକଙ୍କ ନିକଟରୁ ମଧ୍ୟ ପଦକ ଆଶା କରାଯାଉଛି।

**ରାଜ୍ୟ ଖବର**

# ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ ତୋଗାଡ଼ିଆ

**ସୁନ୍ଦରଗଡ଼, ୨୦।୪ (ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଂସ୍ଥାପକ ତଥା ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ପ୍ରବୀଣ ଭାଇ ତୋଗାଡ଼ିଆ। ସେ କହିଛନ୍ତି, ଓଡ଼ିଶାରେ ପ୍ରଭୁ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଯେଭଳି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେଉଛି, ଏହାକୁ ଓଡ଼ିଶା ସରକାରଙ୍କଠାରୁ ଶିଖିବା ଆବଶ୍ୟକ। ମହାବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରି ନବୀନ ସରକାର ସାରା ବିଶ୍ୱରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଓଡ଼ିଶାରେ ହନୁମାନ ଜୟନ୍ତୀ, ରାମନବମୀ ଆଦି ବିଭିନ୍ନ ପର୍ବପର୍ବାଣିରେ ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେଉଛି ବୋଲି ସେ କହିଥିଲେ।

୭ଦିନିଆ ଓଡ଼ିଶା ଗସ୍ତରେ ଆସି ବୁଧବାର ସୁନ୍ଦରଗଡ଼ଠାରେ ପହଞ୍ଚିଥିଲେ। ଏଠାରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଅନ୍ତଃରାଷ୍ଟ୍ରୟ ହିନ୍ଦୁ ପରିଷଦର ସୁନ୍ଦରଗଡ଼ ଜିଲା ସମ୍ମିଳନୀରେ ସେ ଯୋଗଦେଇ ଗୋ ହତ୍ୟା ଓ ଧର୍ମାନ୍ତରୀକରଣ ବିରୋଧରେ କେନ୍ଦ୍ର ସରକାର କଠୋର ଆଇନ ବ୍ୟବସ୍ଥା କରନ୍ତୁ ବୋଲି ଦାବି କରିଛନ୍ତି। ଏ ଦିଗରେ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକରିବା ସହ ହିନ୍ଦୁ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତୋଗାଡ଼ିଆ କହିଥିଲେ, ୨୦୦୦ ବର୍ଷ ପୂର୍ବରୁ ବିଶ୍ୱରେ କୌଣସି ଧର୍ମ ନ ଥିଲା, କେବଳ ସନାତନ ଧର୍ମ ହିଁ ରହିଥିଲା।

ଝାରସୁଗୁଡ଼ାରେ ସେ ପ୍ରଥମେ ପହଞ୍ଚିଥିଲେ। ସେଠାରୁ ସୁନ୍ଦରଗଡ଼ ଆସିଥିଲେ। ଓଡ଼ିଶାର ଯେକୌଣସି ବ୍ୟକ୍ତି ଭାରତର ଯେକୌଣସି ସ୍ଥାନକୁ ଗଲେ ସେଠାରେ ସେମାନଙ୍କ ସହାୟତା ପାଇଁ ହିନ୍ଦୁ

**ଗୋ ହତ୍ୟା, ଧର୍ମାନ୍ତରୀକରଣ ବିରୋଧରେ କଠୋର ଆଇନ ହେଉ**

ହେଲ୍‌ପଲାଇନ ନମ୍ବର ଦିଆଯିବ। ଜୁଲାଇ ୧ରୁ ଇଣ୍ଡିଆ ହେଲ୍‌ପଲାଇନ ଜରିଆରେ ଗରିବ ଲୋକଙ୍କୁ ନିଃଶୁଳ୍କ ଡାକ୍ତରୀ ସେବା, ମାଗଣା ଖାଦ୍ୟ, ଜେଲରେ ଥିବା ଗରିବ ଅନ୍ତେବାସୀଙ୍କୁ ମାଗଣା ଆଇନସେବା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

ସଙ୍ଗଠନର ଜିଲା ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ଲବ ରଣା, ରାଷ୍ଟ୍ରୀୟ ବନବାସୀ ପରିଷଦର କେନ୍ଦ୍ରୀୟ ସଭାପତି ଦୀପକ ମହାନ୍ତି, ରାଷ୍ଟ୍ରୀୟ କିଷାନ ପରିଷଦର ରାଜ୍ୟ ସଭାପତି ଗଜେନ୍ଦ୍ର ସାଏ, ରାଷ୍ଟ୍ରୀୟ ବଜରଙ୍ଗ ଦଳର ରାଜ୍ୟ ଉପସଭାପତି ଅନିଲ ଚୌଧୁରୀ ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ତୋଗାଡ଼ିଆ ସୁନ୍ଦରଗଡ଼ରେ ପହଞ୍ଚିବା ପରେ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।




ସୁନ୍ଦରଗଡ଼ଠାରେ ହିନ୍ଦୁ ପରିଷଦ ସଂସ୍ଥାପକ ତଥା ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ପ୍ରବୀଣ ଭାଇ ତୋଗାଡିଆ ଉଦ୍‌ବୋଧନ ଦେଉଛନ୍ତି।

## '୧୦ ଦିନରେ ସମସ୍ତ ଜେଲ ପାଇଖାନା ସୁବ୍ୟବସ୍ଥିତ କର'

**କଟକ ଅଫିସ,୨୦।୪:** ରାଜ୍ୟରେ ଜେଲ ସଂସ୍କାର ମାମଲାରେ ସବୁ ଜେଲ ପାଇଖାନା ୧୦ ଦିନରେ ସୁବ୍ୟବସ୍ଥିତ କରିବାକୁ ହାଇକୋର୍ଟ ବୁଧବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶର ଖିଲାପକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କୋର୍ଟ ଆଦେଶ ଦେଇଛନ୍ତି। ଏଥିସହ ଆସନ୍ତା ୩୦ ତାରିଖରେ ଜିଲା ଆଇନସେବା ଅଧିକାରୀ ଜେଲ ପରିଦର୍ଶନ କରି ପାଇଖାନାଗୁଡିକର ସ୍ୱଚ୍ଛତା ସମ୍ପର୍କରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଜେଲ ଅନ୍ତେବାସୀଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଓ ପରିମାଣ ପ୍ରସଙ୍ଗରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜେଲ ଅନ୍ତେବାସୀଙ୍କ ଖାଦ୍ୟର ଉତ୍କୃଷ୍ଟ ମାନ ଓ ପରିମାଣ ନିଶ୍ଚିତ କରିବା ପାଇଁ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରିବାକୁ ଜେଲ ବିଭାଗକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ତେବାସୀଙ୍କ ବଦଳରେ ଆଉଟ୍‌ସୋର୍ସିଂ ଜରିଆରେ ଜେଲଗୁଡିକର ପରିମଳ ବ୍ୟବସ୍ଥା ହାତକୁ ନେବା ପ୍ରସଙ୍ଗରେ ବିଚାର କରିବାକୁ ପରାମର୍ଶ ଦେଇଛନ୍ତି। ଆବେଦନକାରୀ କୃଷ୍ଣ ପ୍ରସାଦ ସାହୁଙ୍କ ପକ୍ଷରୁ ରୁଜୁ ହୋଇଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଖଣ୍ଡପୀଠ ରାଜ୍ୟର ବିଭିନ୍ନ ଜେଲ ଓ ସବ ଜେଲରେ ବ୍ୟାପକ ଅବ୍ୟବସ୍ଥା ସମ୍ପର୍କିତ ମାମଲାରେ ଅଦାଲତ ନିଜ ଅଞ୍ଚଳରେ ଥିବା ଜେଲ ପରିଦର୍ଶନ କରି ରିପୋର୍ଟ ଦେବାକୁ ସମସ୍ତ ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ପରିଦର୍ଶନ ସମୟରେ ଜେଲ ଓ ସବ୍ ଜେଲରେ ଟଏଲେଟ ବ୍ୟବସ୍ଥା କିପରି ଅଛି, ମେଡିକାଲ୍ ବ୍ୟବସ୍ଥା, ୱାର୍ଡଗୁଡିକ ସଫା ରହିଛି କି ନାହିଁ, ବିଚାରାଧୀନ କଏଦୀଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ଠିକ୍ ଅଛି କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରିବାକୁ ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି।

# ପୂର୍ଣ୍ଣ କ୍ଷମତାରେ ଚାଲିବ ନାଲ୍‌କୋ

**ବଣଁରପାଳ, ୨୦।୪ (ଡି.ଏନ.ଏ.)**

ଚୁକ୍ତି ମୁତାବକ କୋଇଲା ଏମ୍‌ସିଏଲ୍ ଯୋଗାଣ କରୁ ନ ଥିବାରୁ ଅନୁଗୋଳ ଜିଲା ନାଲ୍‌କୋରେ କୋଇଲା ସଙ୍କଟ ଗୁରୁତର ହୋଇପଡ଼ିଛି। ଏପରି କି ସିପିପିରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ନାଲ୍‌କୋ କର୍ତ୍ତୃପକ୍ଷ ଓ ଶ୍ରମିକ ସଙ୍ଗଠନଗୁଡ଼ିକ ଚିନ୍ତା ବ୍ୟକ୍ତ କରିବା ପରେ ସମସ୍ୟାର ସମାଧାନ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ନିର୍ଦ୍ଧାରିତ ପରିମାଣର ବିଦ୍ୟୁତ୍ ଉତ୍ପାଦନ ସହ ପୂର୍ଣ୍ଣ କ୍ଷମତାରେ ପ୍ଲାଣ୍ଟ

**ଉତ୍ପାଦନ ନିର୍ଦ୍ଦେଶକଙ୍କ ପ୍ଲାଣ୍ଟ ପରିଦର୍ଶନ**

ଚାଲିବ ବୋଲି ବୁଧବାର ନାଲ୍‌କୋ ଗସ୍ତରେ ଆସିଥିବା ଉତ୍ପାଦନ ନିର୍ଦ୍ଦେଶକ ବିଜୟ କୁମାର ଦାସ ପ୍ରକାଶ କରିଛନ୍ତି।

ନାଲ୍‌କୋରେ କୋଇଲା ସଙ୍କଟର ସମାଧାନ ନିମନ୍ତେ ଅନୁଗୋଳସ୍ଥିତ ପ୍ଲାଣ୍ଟରେ ପହଞ୍ଚିଥିବା ଉତ୍ପାଦନ ନିର୍ଦ୍ଦେଶକ ଦାସ ପଟ୍‌ଲାଇନ, କାଷ୍ଟହାଉସ, ଆର୍‌ପିୟୁ ଆଦି ବିଭାଗ ପରିଦର୍ଶନ କରିବା ସହ କମ୍ପାନୀର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟାରେ ଅତିଥି ନିବାସରେ ବିଭିନ୍ନ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତାମାନଙ୍କୁ ଭେଟି ସମସ୍ୟା ପଚାରି ବୁଝିଥିଲେ। ନାଲ୍‌କୋକୁ କିଭଳି ଅଧିକ କୋଇଲା ତାଳଚେରରୁ ଆସିବ ଓ ପ୍ଲାଣ୍ଟ ପୂର୍ଣ୍ଣ କ୍ଷମତାରେ ଚାଲିବ ସେଥିପ୍ରତି ତୁରନ୍ତ ଧ୍ୟାନ ଦେବେ ବୋଲି ଉତ୍ପାଦନ ନିର୍ଦ୍ଦେଶକ ପ୍ରକାଶ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ବିଭବ ଜେନା, ସୁଜିତ ସେଠ, ଏନ୍‌ଭିଏମ୍‌ଏସ୍ ସାଧାରଣ ସମ୍ପାଦକ ମନୋଜ ଅମାନ୍ତ, ପ୍ରଶ୍ନ ସାହୁ, ପ୍ରକାଶ ସିଂ, ନେପୁ ସାଧାରଣ ସମ୍ପାଦକ ବୈରାଗୀ ସେଠ, ମାଙ୍ଗିଲାଲ ସାମଲ, ଏନ୍‌ଏନ୍‌ଇୟୁ ସାଧାରଣ ସମ୍ପାଦକ ରତ୍ନାକର ପରିଡା, ଏଏମ୍‌ଏସ୍ ସଭାପତି ମୁନା ସାମଲ, ସଚ୍ଚି ଗଡନାୟକ, ବିନୋଦ ସାମଲ, ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲ, ମନୋଜ ସ୍ୱାଇଁ, ବିଜନ ଦଳବେହେରା ପ୍ରମୁଖ ଯୋଗଦେଇ କୋଇଲା ସଙ୍କଟର ତୁରନ୍ତ ସମାଧାନ ଦାବି କରିଥିଲେ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ସରକାରୀ ସୁବିଧାର ଉଠାନ୍ତୁ ଲାଭ**
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇଂ. ଜ୍ଞାନଚନ୍ଦ୍ର ନାୟକ**
ନିମ୍ବ ବସନ୍ତ କୁଣ୍ଡଳ, କଳପଡ଼ା, ୪୨ ମୌଜା, କଟକ
ଆବିର୍ଭାବ : ତା. ୨୭/୦୮/୧୯୩୯
ତିରୋଧାନ : ତା. ୦୧/୦୪/୨୦୨୧

ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଦିଗ୍‌ଦର୍ଶନ, ଆଦର୍ଶ, ନିଷ୍ଠା ଓ ପରୋପକାରିତା ଆମମାନଙ୍କ ଜୀବନର ପାଥେୟ ହେଉ । ଆପଣଙ୍କ ସ୍ମୃତି ଆମ ହୃଦୟରେ ଚିରକାଳ ଅମଳିନ ହୋଇ ରହିଥିବ । ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଦିବସ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।

-: ଶୋକସନ୍ତପ୍ତ :-
ନାୟକ ପରିବାରବର୍ଗ
ନିମ୍ବ ବସନ୍ତ କୁଣ୍ଡଳ, ୪୨ ମୌଜା, କଟକ

D-71978

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁରେନ୍ଦ୍ରନାଥ ଚୌଧୁରୀ**
ଚିନ୍ତାମଣିଶ୍ୱର ଏରିଆ, ଶବରସାହି, ଭୁବନେଶ୍ୱର-୬
ଆବିର୍ଭାବ- ୦୩।୦୧।୧୯୪୧
ତିରୋଧାନ- ୧୧।୦୪।୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣୀ, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।

ବାପା, ତୁମର ଶୂନ୍ୟସ୍ଥାନ ଅପୂରଣୀୟ । ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆଜିର ପବିତ୍ର ଦଶାହ ଅବସରରେ ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

- ଶୋକସନ୍ତପ୍ତ ପରିବାରବର୍ଗ -
ପୁତ୍ର- ସୁନୀଲ, ସୁଶୀଲ, ଅନିଲ, ବୋହୂ- ମମତା, ସସ୍ମିତା ଓ ସଙ୍ଗୀତା, ଝିଅ- ରମିତା, ରଞ୍ଜିତା, ଜ୍ୱାଇଁ- ବାବୁଲି ଓ ସୁଶୀଳ, ନାତିନାତୁଣୀ- ମାମା, ଦୀପା, ସୋନାଲି, ମୁନ୍ନୁ, ଗୁଡି, ଖୁସି, ଅଶ୍ୱିନୀ, ଗୋଲ୍‌ଡି ଓ ଡିଳ ।

ଧ-୭୦୩୯୨

# ବହୁ ଯୋଜନା, କାମକୁ ନୁହେଁ

ଯାଜପୁର ଅଫିସ,୨୦।୪

■ ବୁଣାକାର ପରିବାର ପ୍ରତି ଅଣଦେଖା
■ ଆବଶ୍ୟକ ତୁଳନାରେ କପଡ଼ା ଉତ୍ପାଦନ ବନ୍ଦ
■ ଦାଦନ ଖଟୁଛନ୍ତି ବରିଷ୍ଠ ବୁଣାକାର
■ ୬ ବର୍ଷରେ ୯୦୭୦ ଲକ୍ଷ ଟଙ୍କାର କପଡ଼ା ଉତ୍ପାଦନ ହ୍ରାସ

ରାଜ୍ୟରେ ବୁଣାକାରମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ଉନ୍ନତି ତଥା ଆୟ ବୃଦ୍ଧି ପାଇଁ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଅଧିକାଂଶ ବୁଣାକାର ପରିବାର ସରକାରଙ୍କ ଏହି କଲ୍ୟାଣମୂଳକ ଯୋଜନାରେ ସାମିଲ ହୋଇନାହାନ୍ତି।ଫଳରେ ସେହି ପରିବାର ସଦସ୍ୟମାନେ ଆର୍ଥିକ ଅନଟନର ଶିକାର ହୋଇ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି, ଏହି କାରଣରୁ ରାଜ୍ୟରେ ଆବଶ୍ୟକ ହେଉଥିବା କପଡ଼ା ଉତ୍ପାଦନ ହ୍ରାସ ପାଉଛି। ରାଜ୍ୟ ସରକାର ବୟନ ଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗକୁ ଆବଶ୍ୟକ ଅନୁସାରେ ସକ୍ରିୟ କରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ମତପ୍ରକାଶ ପାଉଛି।ଏଠାରେ ଯାଜପୁର ଜିଲାର ୪ ହଜାରରୁ ଊର୍ଦ୍ଧ୍ୱ ବୁଣାକାରଙ୍କ ଆର୍ଥିକ ସ୍ଥିତିକୁ ଉଦାହରଣ ଭାବେ ନିଆଗଲେ ସରକାରୀ ଯୋଜନା କେତେ ଫଳପ୍ରଦ ତାହା ଜଳଜଳ ହୋଇ ଦିଶୁଛି।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଗତ ବିଧାନସଭାରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଦେଇଥିବା ତଥ୍ୟରେ ବୁଣାକାରଙ୍କ ପାଇଁ ପକ୍କା ତନ୍ତଶାଳା, ବାସଗୃହ ନିର୍ମାଣ ଲାଗି ଆର୍ଥିକ ସହାୟତା, ଉତ୍ତମ ରଙ୍ଗ, ସରଞ୍ଜାମ ଯୋଗାଣ, ନୂତନ ଯୁବପିଢିଙ୍କୁ ତାଲିମ ପ୍ରଦାନ, ବରିଷ୍ଠ ବୁଣାକାର ସହାୟତା ଯୋଜନା, ବିକ୍ରୟ ମେଳା ଓ ବଜାର ବିକାଶ ସହାୟତା ଆଦି ଯୋଜନା ରହିଛି। ଏହିସବୁ ଯୋଜନା ୨୦୦୫-୦୬ ବର୍ଷଠାରୁ ଅର୍ଥାତ ୧୬ ବର୍ଷ ହେଲା କାର୍ଯ୍ୟକାରୀ ହେଉଛି। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ଯୋଗ୍ୟ ବୁଣାକାର ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ବାସଗୃହ, ତନ୍ତଶାଳାରେ ବିଜୁଳିକରଣ ପାଇଁ ୭୦୦୦ ଟଙ୍କା ସହାୟତା, ଇନଭର୍ଟର ସହ ପଙ୍ଖା, ସାଧାରଣ ସୁବିଧା କେନ୍ଦ୍ର ଓ ଗୋଦାମ ଗୃହ, ବିକ୍ରୟ କେନ୍ଦ୍ର ଆଦି ବ୍ୟବସ୍ଥା ରହିଛି। ହେଲେ ଏହିସବୁ ଯୋଜନାରୁ ଅଧିକାଂଶ ବୁଣାକାର ପରିବାର ବଞ୍ଚିତ ହୋଇଛନ୍ତି। ଯୋଜନାର ସଫଳତା ପାଇବାକୁ ଗରିବ ବୁଣାକାରମାନେ ଗତ ୧୬ ବର୍ଷ ହେଲା ଆଶାବାନ୍ଧି ବସିଛନ୍ତି। ଉପରୋକ୍ତ କାରଣରୁ ୨୦୧୫-୧୬ ବର୍ଷରେ ୩୭୮୦୬.୭୯ ଲକ୍ଷ ଟଙ୍କାର କପଡ଼ା ଉତ୍ପାଦନ ହୋଇଥିଲାବେଳେ ତାହା ୨୦୨୦-୨୧ରେ ୨୮୭୨୭.୪୨ ଲକ୍ଷ ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍ ଏହି ୬ ବର୍ଷରେ ୯୦୯୭.୩୭ ଲକ୍ଷ ଟଙ୍କାର କପଡ଼ା ଉତ୍ପାଦନ ହ୍ରାସ ପାଇବା ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ପଲିଥିନ ତଳେ ଥିବା ବୁଣାକାର ରଶ୍ମିତା ଦାସଙ୍କ ତନ୍ତଶାଳ।

ସୂଚନାଯୋଗ୍ୟ, ୨୦୧୯ ସେପ୍ଟେମ୍ବରରେ ଯାଜପୁର ଜିଲାର ଗୋପାଳପୁରକୁ ହସ୍ତତନ୍ତ ଶିଳ୍ପ ଗ୍ରାମ ମାନ୍ୟତା ଦେବାକୁ ହସ୍ତତନ୍ତ ଓ ବୟନ ଶିଳ୍ପର ନିର୍ଦ୍ଦେଶକ ଘୋଷଣା କରିଥିଲେ। ଏଥିରେ ବୟନ ଶିଳ୍ପ ଓ ହସ୍ତତନ୍ତର ଉତ୍ପାଦିତ ସାମଗ୍ରୀ ବିକ୍ରୟ, ନୂତନ ଡିଜାଇନର କପଡ଼ା ଓ ସାମଗ୍ରୀ ପ୍ରସ୍ତୁତ, ବୁଣାକାରମାନଙ୍କ ଉନ୍ନତି, ହସ୍ତତନ୍ତର ବିକାଶ ଦିଗରେ ପ୍ରାୟ ୩ ଏକର ଜାଗାରେ ଏକ ସାମଗ୍ରିକ ବିକାଶ ନିମିତ୍ତ ଭିତ୍ତିଭୂମିର ନିର୍ମାଣ, ଟସର ଇତ୍ୟାଦି କଞ୍ଚାମାଲ ପାଇଁ ଅର୍ଜୁନ ଓ ଅଶନ ଗଛର ବୃକ୍ଷରୋପଣ, ବିପଣନ ସ୍ଥାନରେ ସୁଦୃଶ୍ୟ ନାମ ଫଳକ ବ୍ୟବସ୍ଥା ସହ ଏହାକୁ ଆକର୍ଷଣୀୟ ଭାବେ ସଜାଇବାକୁ ଯୋଜନା ହୋଇଥିଲା। ହେଲେ ଏଯାଏ କୌଣସି ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବାରୁ ବୁଣାକାର ପରିବାରଙ୍କ ସମସ୍ତ ଆଶା ମଉଳି ଯାଇଛି। ରାଜ୍ୟର ପ୍ରାୟ ୧ ଲକ୍ଷ ୨୨ ହଜାର ବୁଣାକାର ସୂତା ପାଇଁ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଆଦି ରାଜ୍ୟ ଉପରେ ନିର୍ଭର କରୁଛନ୍ତି।ବେଳେବେଳେ ଠିକ୍ ସମୟରେ ସୂତା ମିଳୁ ନ ଥିବାରୁ ବୁଣାକାର ପରିବାର ହନ୍ତସନ୍ତ ହେଉଛନ୍ତି।ଏପରି କି ନିମ୍ନମାନର ସୂତା ବୁଣାକାରଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଉଛି ବୋଲି ଅଭିଯୋଗ ହୋଇଛି ।

ଗୋପାଳପୁର ଗ୍ରାମର ବୁଣାକାର ଦୁର୍ଯ୍ୟୋଧନ ଚାନ୍ଦ କୁହନ୍ତି, ସରକାର ଯେଉଁସବୁ ଯୋଜନା ପ୍ରଣୟନ କରିଛନ୍ତି ତାହା କୌଣସି ଗରିବ ବୁଣାକାର ପାଇପାରିବେ ନାହିଁ। ଅଧିକାଂଶ ବୁଣାକାର ଗରିବ ଏବଂ ସେମାନଙ୍କ କମ୍ ଜମିରେ ଘର ରହିଛି। ସରକାର ଏମିତି ଗାଇଡ୍‌ଲାଇନ ପ୍ରସ୍ତୁତ କରିଛନ୍ତି, ସେଥିରେ ଗରିବ ବୁଣାକାର ଉପକୃତ ହୋଇ ପାରିବେ ନାହିଁ। ଧନୀ ଶ୍ରେଣୀର ବୁଣାକାରମାନଙ୍କ ପାଇଁ ଯୋଜନା ହୋଇଛି। ଯୁବ ବୁଣାକାର ଦେବେନ୍ଦ୍ର କୁମାର ଦାସ ଏବଂ ଶ୍ରୀଧର ଦାସ କୁହନ୍ତି, ଗତ ବନ୍ୟାରେ ତନ୍ତଶାଳା ଭାଙ୍ଗି ଯାଇଥିଲା। କୌଣସି ସରକାରୀ ସହାୟତା ନ ମିଳିବାରୁ ମହାଜନଙ୍କଠାରୁ ସୁଧରେ ଟଙ୍କା ଆଣି ପୁଣି ତନ୍ତଶାଳା ତିଆରି କରି କପଡ଼ା ବୁଣୁଛୁ। ସରକାରୀ ଯୋଜନା ସେମାନଙ୍କ କିଛି କାମରେ ଲାଗୁ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଗୋପାଳପୁର ଗ୍ରାମର ବରିଷ୍ଠ ବୁଣାକାର ସୁବାସ ଚାନ୍ଦଙ୍କ ପରିବାରର ଅର୍ଥନୈତିକ ଅବସ୍ଥା ଶୋଚନୀୟ ହୋଇ ପଡିବାରୁ ସେ ଗୁଜରାଟକୁ ଦାଦନ ଖଟି ଯାଇଛନ୍ତି ବୋଲି ସେହି ଗ୍ରାମର ସରସ୍ୱତୀ ଚାନ୍ଦ ସୂଚନା ଦେଇଛନ୍ତି। ଏଥିରୁ ସରକାରୀ ଯୋଜନା କେତେ ଫଳପ୍ରଦ ଯେ କେହି ବି ଅନୁମାନ କରିପାରିବ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଦିଆନ ତାଙ୍କ ଉତ୍ତରରେ ରାଜ୍ୟକୁ କପଡ଼ା ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଦୀର୍ଘମିଆଦୀ ଯୋଜନାମାନ କାର୍ଯ୍ୟକାରୀ କରି ବୁଣାକାରମାନଙ୍କ ସର୍ବାଙ୍ଗୀନ ଉନ୍ନତିରେ ସଫଳତା ହାସଲ କରାଯାଇପାରିଛି ବୋଲି ଦର୍ଶାଇଛନ୍ତି।

## ସିଏଜି ରିପୋର୍ଟ ରାଜ୍ୟପାଳଙ୍କୁ ପ୍ରଦାନ



ଭୁବନେଶ୍ୱର,୨୦।୪(ବ୍ୟୁରୋ)

ଆସନ୍ତା ବିଧାନସଭା ଅଧିବେଶନରେ ଉପସ୍ଥାପିତ ହେବାକୁ ଥିବା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ୨୦୧୯-୨୦ ସମାପ୍ତ ବର୍ଷ ପାଇଁ 'ସମ୍ପାଦନ ଏବଂ ଅନୁପାଳନ ରିପୋର୍ଟ ୩' ଲେଖା ପରୀକ୍ଷା ପ୍ରତିବେଦନ (ସିଏଜି ରିପୋର୍ଟ) ଓଡ଼ିଶାର ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା ରାଜଭବନ ଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରିଛନ୍ତି। ରାଜ୍ୟପାଳଙ୍କ ସହ ଅନୌପଚାରିକ ଆଲୋଚନା ଅବସରରେ ପ୍ରଧାନ ମହାଲେଖାକାର ବେହେରା ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ଅଡିଟ୍ ରିପୋର୍ଟ ପ୍ରସ୍ତୁତିରେ ପ୍ରାସଙ୍ଗିକ ଓ ନିର୍ଭରଯୋଗ୍ୟ ସୂଚନା ସହ ଏକ ସ୍ୱଚ୍ଛ ଓ ଗୁଣାତ୍ମକ ରିପୋର୍ଟ ପ୍ରସ୍ତୁତି ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ। ରିପୋର୍ଟ ପ୍ରଦାନ ସମୟରେ ଉପ ମହାଲେଖାକାର ପ୍ରିନ୍ସନ ଭର୍ଗିଜ ଉପସ୍ଥିତ ଥିଲେ।

## ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ମୋଟ୍ ୧୧ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁସାରେ, ଓଡ଼ିଶା ପଣ୍ୟାଗାର ନିଗମ ପରିଚାଳନା ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ୍ ଅଫିସର ପ୍ରଦୀପ କୁମାର ଗରାଡିଆଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସେହିପରି ଇଡ୍‌କୋ ଚିଫ୍ ଜେନେରାଲ ମ୍ୟାନେଜର ଗଣେଶ୍ୱର ଜେନାଙ୍କୁ ଓଡ଼ିଶା ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଜଗତ୍‌ସିଂହପୁର ଜିଲା ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କୁ ଇଡ୍‌କୋ ଚିଫ୍ ଜେନେରାଲ ମ୍ୟାନେଜର(ପି ଆଣ୍ଡ ଏ), ସୁବାସ ଚନ୍ଦ୍ର ନାଥଶର୍ମାଙ୍କୁ ଇଡ୍‌କୋ ଚିଫ୍ ଜେନେରାଲ ମ୍ୟାନେଜର (ଏମ୍‌ଏସ୍ ଆଣ୍ଡ ଏମ୍‌ଇ), ସୁଚାରୁ କୁମାର ବଳଙ୍କୁ ମୟୂରଭଞ୍ଜ ଜିଲା ଅତିରିକ୍ତ ଜିଲାପାଳ, ଶିବ ଟୋପୋଙ୍କୁ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି। କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ଓଏସ୍‌ଡି ଥିବା ଦେବାଶିଷ ପଟ୍ଟନାୟକଙ୍କୁ କ୍ଷୁଦ୍ର ଖଣିଜ ନିର୍ଦ୍ଦେଶାଳୟର ଯୁଗ୍ମ ପ୍ରଶାସନିକ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର କେନ୍ଦ୍ରର ପ୍ରଶାସନିକ ଅଧିକାରୀ ରୁଦ୍ର ନାରାୟଣ ଦାଶଙ୍କୁ ଜଗତ୍‌ସିଂହପୁର ଜିଲା ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଦିଲୀପ କୁମାର ମହାପାତ୍ରଙ୍କୁ ପୁରୀ ଅତିରିକ୍ତ ଜିଲାପାଳ, ଅଶୋକ କୁମାର ପ୍ରଧାନଙ୍କୁ ପାରଳାଖେମୁଣ୍ଡି ଉପଜିଲାପାଳ ଓ ପ୍ରେମାଂଶୁ ଚାନ୍ଦଙ୍କୁ କରଞ୍ଜିଆ ଉପଜିଲାପାଳ ଭାବେ ବଦଳି କରାଯାଇଛି।

## ଛେପରେ ନାକ ଘଷିବାକୁ ଦଳିତଙ୍କୁ ବାଧ୍ୟ କରାଗଲା

କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ,୨୦।୪(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନାରେ ମହାକାଳପଡ଼ା ବ୍ଲକ ତିଖିରୀ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ମଙ୍ଗଳବାର ଏକ ସଙ୍ଗିନ ଅଭିଯୋଗ ହୋଇଛି।ସମ୍ପୃକ୍ତ ପଞ୍ଚାୟତର ଜଣେ ଦଳିତ ବ୍ୟକ୍ତିଙ୍କୁ ତଳେ ଛେପ ପକାଇ ନାକ ଘଷିବା ପାଇଁ ଗ୍ରାମସଭାରେ ସରପଞ୍ଚ ଚାମେଲି ଓଝା, ସହଯୋଗୀ ବିଜୟ ସ୍ୱାଇଁ, ରାକେଶ ସୁତାର ଓ କାଳିଆ ସୁତାର ତାଙ୍କୁ ବାଧ୍ୟ କରିଥିଲେ ବୋଲି ଥାନାରେ ପ୍ରଦାନ କରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ହୋଇଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ଗୁରୁଚରଣ ମଲ୍ଲିକ ଥାନାରେ

### ସରପଞ୍ଚଙ୍କ ବିରୋଧରେ ଥାନାରେ ଅଭିଯୋଗ

ଅଭିଯୋଗ କରିଛନ୍ତି, ଗ୍ରାମର ଏକ ମନ୍ଦିରର ପୁନରୁଦ୍ଧାର ହେଉଛି।ଏଥିପାଇଁ ଗ୍ରାମରେ ଚାନ୍ଦା ଆଦାୟ ହେଉଥିଲା।ସେ ଚାନ୍ଦା ନ ଦେବାରୁ ଗତ ରବିବାର ଗ୍ରାମସଭା ବସିଥିଲା।ଏଥିରେ ସରପଞ୍ଚ ଓଝାଙ୍କ ସହିତ ଗ୍ରାମର ଯୁବକମାନେ ଚାନ୍ଦା ଦେବାକୁ ତାଙ୍କୁ ବାଧ୍ୟ କରିଥିଲେ।ହେଲେ ଗୁରୁଚରଣ ଚାନ୍ଦା ଦେବାକୁ ମନା କରିବାରୁ ତଳେ ଛେପ ପକାଇ ନାକ ଘଷିବା ପାଇଁ ତାଙ୍କୁ ବାଧ୍ୟ କରାଯାଇଥିଲା।ଏହି ଅଭିଯୋଗ ସମ୍ପର୍କରେ ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ କହିଛନ୍ତି, ଏନେଇ ଏକ ମାମଲା ରୁଜୁ ହେବା ସହ ତଦନ୍ତ ଆରମ୍ଭ ହୋଇଛି।ଅପରପକ୍ଷେ ଜିଲା ଦଳିତ ସମାଜ ସଭାପତି ନଗେନ୍ଦ୍ର ଜେନା ଏହି ଘଟଣାକୁ ନିନ୍ଦା କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।ସେ କହିଛନ୍ତି, ଗ୍ରାମାଞ୍ଚଳରେ ଦଳିତଙ୍କୁ ନିର୍ଯାତନା ଦିଆଯାଉଥିବା ବେଳେ ପୋଲିସ ପ୍ରଶାସନ ଚୁପ୍ ହୋଇ ବସିଛି।ଅନ୍ୟପକ୍ଷେ ସରପଞ୍ଚ ଓଝା କହିଛନ୍ତି, ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ।ରାଜନୈତିକ ଉଦ୍ଦେଶ୍ୟ ରଖି ସମ୍ପୃକ୍ତ ବ୍ୟକ୍ତି ଥାନାରେ ମୋ ବିରୋଧରେ ଏପରି ଅଭିଯୋଗ କରିଛନ୍ତି।

## ନାଟ୍ୟକାର ରବୀନ୍ଦ୍ରନାଥ ଦାସଙ୍କ ପରଲୋକ

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ବିଶିଷ୍ଟ ସାହିତ୍ୟିକ ତଥା ନାଟ୍ୟକାର ରବୀନ୍ଦ୍ରନାଥ ଦାସଙ୍କ ବୁଧବାର ସକାଳେ ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ରବୀନ୍ଦ୍ରନାଥ ୧୯୪୩ ମେ' ୧୭ରେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ପାଇଲେ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରରେ ଔପନ୍ୟାସିକ, କଥାକାର ଥିଲେ ମଧ୍ୟ ଜଣେ ନାଟ୍ୟକାର ଭାବେ ସ୍ୱତନ୍ତ୍ର ପରିଚୟ ଥିଲା। ଓଡ଼ିଶାର ନାଟ୍ୟ ଜଗତରେ ସେ ସୃଷ୍ଟି କରିଥିଲେ ନୂଆ ଯୁଗ। ନାଟକ 'ବିଷଣ୍ଣ ପୃଥ୍ୱୀ' ପାଇଁ ସେ ୧୯୭୯ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଏହାବ୍ୟତୀତ 'ଯୋଦ୍ଧା', 'ଧ୍ରୁବ', 'ଦେବୀ', 'ଚିତ୍ରସେନ', 'ଅଙ୍ଗାର' ଆଦି ନାଟକ ହେଉଛି ତାଙ୍କର ଶ୍ରେଷ୍ଠ ସୃଷ୍ଟି। ଜଣେ ପ୍ରୟୋଗବାଦୀ ନାଟ୍ୟକାର ଭାବେ ସେ ସୁନାମ ଅର୍ଜନ କରିଥିଲେ। ଏଥିସହ ତାଙ୍କ ଗଳ୍ପଗ୍ରନ୍ଥ 'ଅନେକ ଯନ୍ତ୍ରଣା', 'ମୁଖବନ୍ଧ', 'ନିଃସଙ୍ଗ ଅଶ୍ୱାରୋହୀ' ଓ 'ନିର୍ବାସିତ ସମ୍ରାଟ' ଏବଂ ଉପନ୍ୟାସ 'ଘର', 'ବାପା', 'ବୋଉ', 'ମାୟା', 'ଉମା', 'ହୃଦୟେଶ୍ୱରୀ' ଓ 'ନିଃସଙ୍ଗ ଆକାଶ' ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା। ତାଙ୍କର ଗଳ୍ପ 'ମୁଖବନ୍ଧ' ହିନ୍ଦୀ ଚଳଚ୍ଚିତ୍ର 'ଆଭାସ'ରେ ରୂପାୟିତ ହୋଇ ଆନ୍ତର୍ଜାତିକ ସମ୍ମାନ ଲାଭ କରିଥିଲା।


ରବୀନ୍ଦ୍ରନାଥ ଦାସ

ପିଲାଟିବେଳୁ ତାଙ୍କର ସାହିତ୍ୟ ରୁଚି ବାରି ହୋଇପଡିଥିଲା। ଅଷ୍ଟମ ଶ୍ରେଣୀରେ ପଢ଼ିବାବେଳେ ତାଙ୍କର ପ୍ରଥମ ଗଳ୍ପ ପ୍ରକାଶ ପାଇଥିଲା। ରେଭେନ୍‌ଶାରୁ ଉଚ୍ଚଶିକ୍ଷାପ୍ରାପ୍ତି ପରେ ସେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦେଇଥିଲେ। ୨୦୦୬-୦୭ରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଥିଲେ। ଏଥିସହ ସେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଥିଲେ। ଉଲ୍ଲେଖନୀୟ ସାହିତ୍ୟ ସାଧନା ପାଇଁ ରବୀନ୍ଦ୍ରନାଥ ଓଡ଼ିଶା ସାହିତ୍ୟ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ, ପ୍ରଜାତନ୍ତ୍ର ବିଷୁବ ପୁରସ୍କାର ସମେତ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପୁରସ୍କାର ଓ ସମ୍ମାନ ପାଇଥିଲେ।

ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଇନ୍ଦିରା ଦାସ, କନ୍ୟା ଲିପିକା, ଜାମାତା ମନୋରଞ୍ଜନ, ପୁଅ ଆକାଶ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ନୟାପଲ୍ଲୀସ୍ଥିତ ବାସଭବନକୁ ଶେଷ ଦର୍ଶନ ପାଇଁ ଅଣାଯାଇଥିଲା। ସେଠାରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସଂସ୍କୃତି ଭବନ ପରିସରରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ସଭାପତି କବି ସୂର୍ଯ୍ୟ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁରୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ରବୀନ୍ଦ୍ରନାଥଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଓଡ଼ିଆ ସାହିତ୍ୟ ତଥା କଳା ଜଗତ ପ୍ରତି ରବୀନ୍ଦ୍ରନାଥଙ୍କ ବହୁମୂଲ୍ୟ ଅବଦାନ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ରବୀନ୍ଦ୍ରନାଥ ଦାସଙ୍କ ବିୟୋଗ ସାରସ୍ୱତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି।

## ନିଜ ଆଡୁ ମାମଲା ରୁଜୁ କଲେ ଓଏଚ୍‌ଆର୍‌ସି

ଭୁବନେଶ୍ୱର,୨୦।୪(ବ୍ୟୁରୋ)

### ରାଜଧାନୀରେ ହାଜତ ମୃତ୍ୟୁ ଘଟଣା

■ ମେ' ୨୦ ସୁଦ୍ଧା ରିପୋର୍ଟ ଦେବାକୁ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ
■ ବଡ଼ଗଡ଼ ଥାନା ସିସିଟିଭି ଜବତ

ଭୁବନେଶ୍ୱରର ବଡ଼ଗଡ଼ ଥାନା ପୋଲିସ ହେପାଜତରେ ପ୍ରଦୀପ ସାହୁଙ୍କ ମୃତ୍ୟୁ ଘଟଣାକୁ ନେଇ ଅଡୁଆ ବଢ଼ିବାରେ ଲାଗିଛି। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ପରେ ଏବେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ହସ୍ତକ୍ଷେପ କରିଛନ୍ତି। ଓଏଚ୍‌ଆର୍‌ସି ଘଟଣାକୁ ଗୁରୁତ୍ୱର ସହ ନେବା ସହ ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏଥିସହ ଶବ ବ୍ୟବଚ୍ଛେଦ ରିପୋର୍ଟ, ଅଭିଯୋଗ, ତଦନ୍ତ ସହ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ମେ' ୨୦ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ସମ୍ବେଦନଶୀଳ ମାମଲାର ନିରପକ୍ଷ ତଦନ୍ତ ପାଇଁ ମଙ୍ଗଳବାର ତଦନ୍ତକାରୀ ଅଧିକାରୀ ସଞ୍ଜୀବ କୁମାର ବେହେରାଙ୍କୁ କଢାଯାଇ ତାଙ୍କ ସ୍ଥାନରେ ମାନବ ଅଧିକାର ସୁରକ୍ଷା ସେଲ୍ (ଏଚ୍‌ଆର୍‌ପିସି)ର ଇନ୍ସପେକ୍ଟର ପ୍ରମୋଦ କୁମାର ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିଭଳି ତଦାରଖ କରିବାକୁ ଅତିରିକ୍ତ ଡିସିପି ରାଜେନ୍ଦ୍ର ସେନାପତିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ଇନ୍ସପେକ୍ଟର ପଟ୍ଟନାୟକ ବଡଗଡ ଥାନାକୁ ଯାଇ ଥାନା ଅଧିକାରୀଙ୍କ ସହ କଥା ହେବା ସହ ଘଟଣାଦିନ କିଏ ଥାନାରେ ଉପସ୍ଥିତ ଥିଲେ, କେଉଁ ଜାଗାରୁ ପ୍ରଦୀପଙ୍କୁ ଉଠାଇ ଅଣାଯାଇଥିଲା, କେଉଁ ପରିସ୍ଥିତିରେ ସେ ଅସୁସ୍ଥ ହୋଇପଡିଥିଲେ, ଏପରି ବିଭିନ୍ନ ଦିଗକୁ ନେଇ ପଚରାଉଚରା କରିଥିଲେ। ଏଥିସହ ସେ ବଡଗଡ ଥାନା ସିସିଟିଭି ଜବତ କରିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସେ ସୂଚନା ଦେଇଛନ୍ତି।

ମୃତ ପ୍ରଦୀପଙ୍କ ଘର ଖୋର୍ଦ୍ଧା ଜିଲା ବାଲିପାଟପୁର ଥାନା ଭୂଷଣ୍ଡପୁର ଗ୍ରାମରେ ହୋଇଥିବାବେଳେ ସେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ଅଞ୍ଚଳରେ ଦ୍ୱିତୀୟ ବିବାହ କରି ରହୁଥିଲେ। ସାଇକେଲ ଚୋରି ସନ୍ଦେହରେ ପ୍ରଦୀପ ସାହୁଙ୍କୁ ବ୍ରହ୍ମେଶ୍ୱର ପଡିଆରୁ ବଡ଼ଗଡ଼ ଥାନାର ପାଟ୍ରୋଲିଂ ଟିମ୍ ଉଠାଇ ଆଣିଥିଲା। ଥାନାରେ ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ ପରିବାର ଲୋକେ। ତାଙ୍କ ଦ୍ୱିତୀୟ ସ୍ତ୍ରୀ ବନିତା ଚୌଧୁରୀ ପୋଲିସକୁ ଦାୟୀ କରିବା ସହ ଥାନା ଭିତରେ ତାଙ୍କୁ ପିଟି ପିଟି ମାରିଦେଇଥିବା ଅଭିଯୋଗ କରିଥିଲେ। ଏ ନେଇ ସୋମବାର ଭାରତୀୟ ବିକାଶ ପରିଷଦ ପକ୍ଷରୁ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା।




# ଦିଲ୍ଲୀ କ୍ୟାପିଟାଲ୍ସର ସହଜ ବିଜୟ

ମୁମ୍ବାଇ,୨୦।୪

ସ୍ଥାନୀୟ ବ୍ରାବୋର୍ନେ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ସହଜ ବିଜୟ ହାସଲ କରିଛି। ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରି ରିଷଭ ପନ୍ତଙ୍କ ଦଳ ୫୭ଟି ବଲ୍ ବଳକାଥାଇ ୯ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୧୫ ରନକରି ଅଲ୍ଆଉଟ ହୋଇଥିଲା। ଚଳିତ ସିଜନରେ ଏହାଥିଲା ସର୍ବନିମ୍ନ ସ୍କୋର। ଜବାବରେ ଦିଲ୍ଲୀ ୧୦.୩ ଓଭରରେ ୧ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରି ନେଇଥିଲା। ପୃଥ୍ୱୀ ଶ’ ୨୦ ବଲ୍ରୁ ୪୧ (୭ ଚୌକା, ୧ ଛକା) ରନକରି ଆଉଟ ହୋଇଥିବାବେଳେ ଡେଭିଡ ୱାର୍ନର ୩୦ ବଲ୍ରେ ୬୦(୧୦ ଚୌକା, ୧ ଛକା) ଓ ସର୍ଫରାଜ ଖାଁ ୧୨ ରନକରି ଅପରାଜିତ ରହିଥିଲେ। ଦିଲ୍ଲୀ ୬ ମ୍ୟାଚରୁ ୩ୟ ବିଜୟ ହାସଲ କରିଥିବାବେଳେ ପଞ୍ଜାବର ଏହାଥିଲା ୭ ମ୍ୟାଚରୁ ୪ର୍ଥ ପରାଜୟ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ପକ୍ଷରୁ ଅଧିନାୟକ ମୟଙ୍କ ଅଗ୍ରୱାଲ ଭଲ ଆରମ୍ଭ କରିଥିଲେ ହେଁ ତାଙ୍କ ଇନିଂସ କେବଳ ୧୫ ବଲ୍ ମଧ୍ୟରେ ସୀମିତ ରହିଥିଲା। ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ପଞ୍ଜାବ ଇନିଂସ୍ ତାସ ଘର ଭଳି ଭୁଶୁଡ଼ି ପଡ଼ିଥିଲା। ମିଡିଲ ଅର୍ଡରରେ ଜୀତେଶ ଶର୍ମା ସର୍ବାଧିକ ୩୨ (୨୩ ବଲ୍, ୫ ଚୌକା) ରନ କରିଥିଲେ। ମୟଙ୍କ ୨୪ (୧୫ ବଲ, ୪ ଚୌକା) ରନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ କେବଳ ଶାହରୁଖ ଖାଁ(୧୨) ଓ ରାହୁଲ ଚହର (୧୨) ଦୁଇଅଙ୍କ ସ୍ପର୍ଶ କରିପାରିଥିଲେ। ଶିଖର ଧାୱନ (୯), ଲିଆମ ଲିଭିଂଷ୍ଟୋନ (୨), ଜନି ବେୟାରଷ୍ଟୋ (୯) ଆଦି ଅନ୍ୟ ସମସ୍ତ ଖେଳାଳି ଏକଅଙ୍କରେ ସୀମିତ ରହିଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରୁ ଅକ୍ଷର ପଟେଲ, ଲଳିତ ଯାଦବ ପ୍ରଭାବୀ ବୋଲିଂ କରି ୪ ଓଭର ସ୍ପେଲ୍ରେ ଯଥାକ୍ରମେ ମାତ୍ର ୧୦ ଓ ୧୧ ରନ ବ୍ୟୟ କରିଥିଲେ। ଏ ଦୁଇ ବୋଲରଙ୍କ ସହ ଖଲିଲ ଅହମ୍ମଦ ଓ କୁଲଦୀପ ଯାଦବ ମଧ୍ୟ ୨ଟି ଲେଖାଏ ଉଇକେଟ ପାଇଥିଲେ। ମୁସ୍ତାଫିଜୁର ରହମନ ଗୋଟିଏ ଉଇକେଟ ହାସଲ କରିଥିଲେ।


ଉଇକେଟ ନେବା ପରେ ଅକ୍ଷର ପଟେଲଙ୍କ ପ୍ରତିକ୍ରିୟା।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ମୁମ୍ବାଇ ଇଣ୍ଡିଆନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୧୫/ଅଲଆଉଟ୍ (ଜିତେଶ ଶର୍ମା-୩୨, ମୟଙ୍କ ଅଗ୍ରୱାଲ-୨୪, ଅକ୍ଷର ପଟେଲ-୨/୧୦, ଲଳିତ ଯାଦବ-୨/୧୧, ଖଲିଲ ଅହମ୍ମଦ -୨/୨୧, କୁଲଦୀପ ଯାଦବ-୨/୨୪, ମୁସ୍ତାଫିଜୁର ରହମନ-୧/୨୮)। ଦିଲ୍ଲୀ କ୍ୟାପିଟାଲ୍ସ ୧୦.୩ ଓଭରରେ ୧୧୯/୧ (ଡେଭିଡ ୱାର୍ନର-୬୦*, ପୃଥ୍ୱୀ ଶ’-୪୧, ସର୍ଫରାଜ ଖାଁ-୧୨*, ରାହୁଲ ଚହର-୧/୨୧)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୬ | ୫ | ୧ | ୧୦ | +୦.୩୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୭ | ୫ | ୨ | ୧୦ | +୦.୨୫୧ |
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୮ | +୦.୩୮୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୭ | ୪ | ୩ | ୮ | +୦.୧୨୪ |
| ସନ୍ରାଇଜର୍ସ ହାଇଦ୍ରାବାଦ | ୬ | ୪ | ୨ | ୮ | -୦.୦୭୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୬ | +୦.୯୪୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୧୬୦ |
| ପଞ୍ଜାବ କିଙ୍ଗ୍ସ | ୭ | ୩ | ୪ | ୬ | -୦.୫୬୨ |
| ଚେନ୍ନାଇ ସୁପରକିଙ୍ଗ୍ସ | ୬ | ୧ | ୫ | ୨ | -୦.୬୩୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୦ | ୬ | ୦ | -୧.୦୪୮ |

# ଦଣ୍ଡିତ ହେଲେ ରାହୁଲ

**ମୁମ୍ବାଇ,୨୦।୪:** ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲଙ୍କୁ ଆଇପିଏଲ୍କୋଡ୍ଅଫ୍କଣ୍ଡକ୍ଟ ଭଙ୍ଗ ପାଇଁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷ ମ୍ୟାଚ୍ରେ ତାଙ୍କ ଦଳ ନିର୍ଦ୍ଧାରିତ ସମୟରେ ୨୦ ଓଭର ଶେଷ କରିପାରି ନ ଥିଲା। ଏଥିଯୋଗୁ ତାଙ୍କ ମ୍ୟାଚ୍ ଫି’ରୁ ୨୦ ପ୍ରତିଶତ କାଟ କରାଯାଇଛି। ରାହୁଲ ଆଇପିଏଲ ନିୟମାବଳୀର ଲେଭଲ- ୧ ତ୍ରୁଟି ସ୍ୱୀକାର କରିବା ସହ ଦଣ୍ଡାଦେଶକୁ ଗ୍ରହଣ କରିଛନ୍ତି। ଏ ନେଇ ଆଇପିଏଲ୍ ପକ୍ଷରୁ ବିବୃତି ଜାରି କରାଯାଇଛି। ତାଙ୍କ ଦଳୀୟ ସାଥି ଖେଳାଳି ମାର୍କସ ଷ୍ଟୋଇନିସଙ୍କୁ ଭର୍ତ୍ସନା କରାଯାଇଛି।









# ବାୟୋ-ବବ୍ଲରେ କରୋନାକୁ ନେଇ ପ୍ରଶ୍ନ

ମୁମ୍ବାଇ, ୨୦।୪ (ପି.ଟି.)

ଦିଲ୍ଲୀ କ୍ୟାପିଟାଲ୍ସର ବିଦେଶୀ ଖେଳାଳି ଟିମ୍ ସିଫର୍ଟ (ନ୍ୟୁଜିଲାଣ୍ଡ) କରୋନାରେ ସଂକ୍ରମିତ ହୋଇଛନ୍ତି। ବୁଧବାର ସକାଳେ ଏହା ଜଣା ପଡ଼ିବାପରେ ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ମାତ୍ର ଖେଳ ଆରମ୍ଭର ଏକ ଘଣ୍ଟା ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ (ବିସିସିଆଇ) ପକ୍ଷରୁ ସବୁଜ ସଙ୍କେତ ମିଳିବାପରେ ଆଶଙ୍କା ଉପରୁ ପରଦା ହଟିଥିଲା। ସିଫର୍ଟଙ୍କୁ ମିଶାଇ ଦିଲ୍ଲୀ ଦଳର ୬ ସଦସ୍ୟ କୋଭିଡ ପଜିଟିଭ୍ ହୋଇଛନ୍ତି। ଅବଶିଷ୍ଟ ଖେଳାଳି ଓ ସପୋର୍ଟ ଷ୍ଟାଫ୍ଙ୍କ ରିପୋର୍ଟ ନେଗେଟିଭ୍ ଆସିବାପରେ ଖେଳ ଯଥା ସମୟରେ ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ବାୟୋ-ବବ୍ଲରେ କରୋନା ସଂକ୍ରମଣକୁ ନେଇ ନେଇ ପ୍ରଶ୍ନ ଉଠିଛି। ଏପ୍ରିଲ ୨୨ରେ ହେବାକୁଥିବା ଦିଲ୍ଲୀର ପରବର୍ତ୍ତୀ ମ୍ୟାଚକୁ ମଧ୍ୟ ପୁଣେରୁ ମୁମ୍ବାଇକୁ ସ୍ଥାନାନ୍ତର କରାଯାଇଛି। ଏହି ମ୍ୟାଚରେ ଦିଲ୍ଲୀ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମୁକାବିଲା ହେବ।

ଗୋଟିଏ ଦିନରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ସମସ୍ତ ସଦସ୍ୟଙ୍କର ୨ ରାଉଣ୍ଡ କୋଭିଡ ଟେଷ୍ଟ ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ହାଇ ଡ୍ରାମା ଲାଗି ରହିଥିଲା ଏବଂ ମ୍ୟାଚ ଆରମ୍ଭ ହେବାନେଇ ବିଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ମାତ୍ର ଟେଷ୍ଟ ରିପୋର୍ଟ ଆସିବାପରେ ଦ୍ୱନ୍ଦ୍ୱ ଦୂର ହୋଇଥିଲା। ବାୟୋ-ବବ୍ଲରେ କରୋନା ପ୍ରବେଶ ଯୋଗୁ ଟିମ୍ ଡାକ୍ତରଙ୍କ ଭୂମିକା ଏବଂ ଇଷ୍ଟର ଡିନର ଏବେ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ପୂର୍ବତନ ଟିମ୍ ଇଣ୍ଡିଆ ମେଡିକାଲ ଅଫିସର ଏବଂ ବର୍ତ୍ତମାନର ଫ୍ରାଞ୍ଚାଇଜ୍ ଡାକ୍ତର ଅଭିଜିତ ସାଲ୍ଭି ସ୍କାନରରେ ଅଛନ୍ତି। ଭାରତର ଶ୍ରୀଲଙ୍କା ଗସ୍ତରେ ସାଲ୍ଭି ଟିମ୍ ଇଣ୍ଡିଆ ଡାକ୍ତର ଥିବାବେଳେ କରୋନା ଯୋଗୁ ୭ ଜଣ ଖେଳାଳି ଓହରି ଯାଇଥିଲେ। ଦିଲ୍ଲୀ ଫିଜିଓ ପ୍ୟାଟ୍ରିକ ଫରହର୍ଟ ପଜିଟିଭ୍ ଥିବାସତ୍ତ୍ୱେ କିଛି ବିଦେଶୀ ଖେଳାଳିଙ୍କୁ କିପରି ଇଷ୍ଟର ଡିନର ସେଲିବ୍ରେଶନ ପାଇଁ ଅନୁମତି ମିଳିଥିଲା ତାହା ମଧ୍ୟ ଆଲୋଚନାର ବିଷୟ ହୋଇଛି। ଏ କ୍ଷେତ୍ରରେ ସାଲ୍ଭି କାହିଁକି ପ୍ରୋଟୋକଲକୁ ଠିକ୍ଭାବେ ପାଳନ କରି ନ ଥିଲେ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଦିଲ୍ଲୀ ଦଳର ଅଷ୍ଟ୍ରେଲିଆନ ଅଲ୍ରାଉଣ୍ଡର ମିଚେଲ ମାର୍ଶ ଗତ ସୋମବାର କୋଭିଡ୍ରେ ସଂକ୍ରମିତ ହୋଇଥିଲେ। ସେ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି। ବୁଧବାର ମ୍ୟାଚ ପାଇଁ ପଞ୍ଜାବ ଦଳ ନିର୍ଦ୍ଧାରିତ ସମୟରେ ପହଞ୍ଚି ଯାଇଥିବାବେଳେ ଦିଲ୍ଲୀ ଦଳର ସଦସ୍ୟମାନେ ଅଳ୍ପ କିଛି ସମୟ ପୂର୍ବରୁ ଆସିଥିଲେ। ଆଇପିଏଲ୍ ନିୟମ ଅନୁସାରେ କୋଭିଡ ସଂକ୍ରମଣ କ୍ଷେତ୍ରରେ କୌଣସି ଦଳରେ ୭ ଭାରତୀୟଙ୍କୁ ମିଶାଇ ୧୨ ଖେଳାଳି ଉପଲବ୍ଧ ହେଲେଯାଇ ମ୍ୟାଚ ଆରମ୍ଭ ହୋଇପାରିବ। ଆବଶ୍ୟକ ଖେଳାଳି ଉପଲବ୍ଧ ନ ହେଲେ ମ୍ୟାଚ ତାରିଖ ପୁନଃ ନିର୍ଦ୍ଧାରିତ ହେବ।

# ‘କୋହଲିଙ୍କୁ ବ୍ରେକ୍ ଦରକାର’

**ମୁମ୍ବାଇ,୨୦।୪(ପିଟି):** ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ଏବେ ମାନସିକ ଭାବେ ଅତ୍ୟଧିକ ଚିନ୍ତାଗ୍ରସ୍ତ ଅଛନ୍ତି। ଦେଶ ପାଇଁ ଅତିକମ୍ରେ ୬ରୁ ୭ ବର୍ଷ ପ୍ରତିନିଧିତ୍ୱ କରିବାକୁ ହେଲେ ତାଙ୍କୁ ବ୍ରେକ ଦରକାର ବୋଲି ପୂର୍ବତନ ଭାରତୀୟ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ମତ ରଖିଛନ୍ତି। ଖରାପ ଫର୍ମ ଦେଇ ଗତି କରୁଥିବା କୋହଲି ଚଳିତ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ଏପର୍ଯ୍ୟନ୍ତ ୭ ମ୍ୟାଚ୍ ଖେଳି ଦୁଇଟି ୪୦ରୁ ଅଧିକ ରନ୍ର ଇନିଂସ ସହିତ ୧୧୯ ରନ୍ କରିଛନ୍ତି। ୩୩ ବର୍ଷୀୟ ବ୍ୟାଟର ଗତ ୧୦୦ ମ୍ୟାଚ୍ରେ ଶତକ ହାସଲ କରିପାରି ନାହାନ୍ତି। ସେ ଭାରତ ପାଇଁ ଟି୨୦ ଏବଂ ଆରସିବି ଅଧିନାୟକ ପଦରୁ ଓହରିବା ପରେ ତାଙ୍କୁ ଦିନିକିଆ ଦଳର ଅଧିନାୟକ ପଦରୁ ହଟାଯାଇଥିଲା। “କୋହଲି ମାନସିକ ଭାବେ ଅଧିକ ଚିନ୍ତାଗ୍ରସ୍ତ ଅଛନ୍ତି। ଯଦି ଦଳରେ ବ୍ରେକ୍ କାହାକୁ ଦରକାର, ତେବେ ସେ ହେଲେ କୋହଲି। ୨ ମାସ ହେଉ କି ଦେଢ଼ ମାସ, ଇଂଲଣ୍ଡ ଗସ୍ତ ପୂର୍ବରୁ ହେଉ କି ପରେ ତାଙ୍କୁ ଛୁଟି ଦରକାର। କାରଣ ତାଙ୍କ ପାଖରେ ଏବେ ବି ୬ରୁ ୭ ବର୍ଷର କ୍ରିକେଟ ବାକି ରହିଛି। ଅତ୍ୟଧିକ ଚିନ୍ତାଗ୍ରସ୍ତ ମସ୍ତିଷ୍କ ସହ ତାଙ୍କୁ ହରାଇବା ଉଚିତ ନୁହେଁ” ବୋଲି ଶାସ୍ତ୍ରୀ ଷ୍ଟାର ସ୍ପୋର୍ଟ୍ସକୁ କହିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍ରେ କୋହଲି ଖାତା ଖୋଲିପାରି ନ ଥିଲେ। ଅଧିନାୟକ ଫାଫ ଡୁ’ପ୍ଲେସିଙ୍କ ୯୬ ରନ୍ର ପାଳି ଯୋଗୁ ଆରସିବି ୧୮ ରନ୍ରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସକୁ ହରାଇ ଦେଇଥିଲା।

“ମୁଁ ଯେତେବେଳେ କୋଚ୍ ଥିଲି, ଏହା ଆରମ୍ଭ ହୋଇଥିଲା। ମୁଁ ତାଙ୍କୁ ଖେଳାଳିଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶିତ କରିବାକୁ କହିଥିଲି। ଯଦି ତୁମେ ନିଜକୁ ବାଧ୍ୟ କର, ତେବେ ସେଠାରେ ତ୍ରୁଟି ହେବାର ବିଶେଷ ସମ୍ଭାବନା ରହିଥାଏ। ଏଣୁ ଅତ୍ୟନ୍ତ ସତର୍କ ହେବାକୁ ପଡ଼ିବ” ବୋଲି ଶାସ୍ତ୍ରୀ କହିଛନ୍ତି। ଏଥିରେ ଏକମତ ପ୍ରକାଶ କରିଛନ୍ତି ପୂର୍ବତନ ଇଂଲଣ୍ଡ ଅଧିନାୟକ କେଭିନ ପିଟରସନ। ଗଣମାଧ୍ୟମ ସମାଲୋଚନା ଏବଂ ବ୍ୟକ୍ତିଗତ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସେ କହିଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଟ୍ରକ ଧକ୍କାରେ ବାଇକ୍ ଚାଳକ ମୃତ, ରାସ୍ତାରୋକୋ

ବରଗଡ଼ ଅଫିସ୍: ବରଗଡ଼ ଭଟଲି ଛକ ନିକଟରେ ବୁଧବାର ରାତ୍ରି ପ୍ରାୟ ୯ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ସ୍ଥାନୀୟ ଡାଙ୍ଗ ନଦୀପଡ଼ାର କିଶୋର କୁମାର ବେଲଘରିଆ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ପହଞ୍ଚି ରାସ୍ତାରୋକୋ କରିଛନ୍ତି। ଫଳରେ ବରଗଡ଼-ଭଟଲି ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାବେଳେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି।

## ସଂକ୍ଷେପରେ

### ବୈଠକରୁ ଉଠିଗଲେ ଜନ ପ୍ରତିନିଧି

**ଜାମଟିକ୍ରା,୨୦।୪(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ନବନିର୍ବାଚିତ ଜନ ପ୍ରତିନିଧିଙ୍କୁ ନେଇ ପ୍ରଥମ ସାଧାରଣ ପଞ୍ଚାୟତ ସମିତି ବୈଠକ ଚାଲିଥିଲା। ତେବେ ହାତଗଣତି ଜଣେ, ଦୁଇଜଣଙ୍କୁ ଛାଡ଼ିଦେଲେ ଅନ୍ୟ ନିର୍ବାଚିତ ଜନ ପ୍ରତିନିଧିମାନେ ବୈଠକ ଅଧାରୁ ଉଠିଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏମ୍‌ପିଙ୍କ ପ୍ରତିନିଧି ସୁନନ୍ଦା ମେହେର ବୈଠକରେ ମଞ୍ଚାସୀନ ହେବା ପରେ ଏଭଳି ଘଟିବା ଆହୁରି କୌତୁହଳର ବିଷୟ ହୋଇଛି। ବୈଠକ ଅଧାରୁ ଉଠି ଯାଇଥିବା ଜଣେ ଜନ ପ୍ରତିନିଧି ତଥା ଖରମୁଣ୍ଡା ପଞ୍ଚାୟତର ସମିତିସଭ୍ୟ ଆଦିତ୍ୟ ରାଉତ କହିଛନ୍ତି, ବାହାରୁ କେହି ଜଣେ ଡାକି ବିଜେଡ଼ିର ଯେଉଁମାନେ ବୈଠକରେ ଅଛ, ବାହାରକୁ ଚାଲିଆସ ବୋଲି କହିଲେ । ଏହାପରେ ସେମାନେ ବୈଠକ ଅଧାରୁ ଉଠି ଆସିଥିଲେ ଏବଂ ସୁନନ୍ଦାଙ୍କ ଉପସ୍ଥିତି ଯୋଗୁ ସେଭଳି ବାହାରକୁ ଡକାଯାଇଥିବା ଜାଣିବାକୁ ପାଇଥିଲେ ବୋଲି ସେ କହିଛନ୍ତି। ତେବେ ଏ ସମ୍ପର୍କରେ ବିଡ଼ିଓ ବିଶ୍ୱନାଥ ସାହୁଙ୍କୁ ପଚାରିବାରୁ ତାହା ସିକ୍ରେଟ୍ ମିଟିଂ କହି କଥାକୁ ଏଡ଼ାଇ ଦେଇଥିଲେ । ବୈଠକରେ ବିଡ଼ିଓ ସାହୁ ଅଧ୍ୟକ୍ଷତା କରୁଥିବାବେଳେ ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ, ପରିମଳ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଛାତ୍ରୀଙ୍କୁ ର୍‍ୟାଗିଂ ଘଟଣାର ତଦନ୍ତ ଆରମ୍ଭ

**ସରକାରୀ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର**

**ଭବାନୀପାଟଣା,୨୦।୪(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ସରକାରୀ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରରେ ଛାତ୍ରୀଙ୍କୁ ର୍‍ୟାଗିଂ କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ର୍‍ୟାଗିଂର ଶିକାର ହୋଇଥିବା ଛାତ୍ରୀଙ୍କ ଅଭିଭାବକମାନେ କଳାହାଣ୍ଡି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା। ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ଘଟଣାକୁ ଗୁରୁତ୍ୱର ସହ ନେଇ ଏହି ଘଟଣାର ତଦନ୍ତ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କସ୍ତୁରୀ ମିଶ୍ରଙ୍କ ସହ ଏକ ଟିମ୍ ଘଟଣାକୁ ଯାଇ ତଦନ୍ତ କରି ଫେରିଥିବା ଜଣାପଡିଛି।

### ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

**ଅମ୍ବାଭୋନା,୨୦।୪(ଡି.ଏନ.ଏ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରୀଠାରେ ବୁଧବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗଦେଇ ରୋଗୀଙ୍କ ଚିକିତ୍ସା ସହିତ ମାଗଣାରେ ଔଷଧ ବିତରଣ କରିଥିଲେ। ସେହିପରି ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଜୁନିୟର କଲେଜ ପରିସରରେ ସ୍ୱାସ୍ଥ୍ୟ ସଚେତନତା ସଭା ହୋଇଥିଲା। ବ୍ଲକ ଅଧ୍ୟକ୍ଷ କାର୍ତ୍ତିଚନ୍ଦ୍ର ଦୁଆନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଡ଼ିଓ ଅନୁପମା ଘୋଷ, ତହସିଲଦାର ସୀତାରାମ ଭୋଇ, ଜିଲା ପରିଷଦ ସଭ୍ୟା ନୀଲକୁମାରୀ ନାୟକ, କଳ୍ପନା ପ୍ରଧାନ, ଭୁକ୍ତା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ଟେମରାମ ଦେହେରୀ, ଡା. ଦୁର୍ଗାପ୍ରସାଦ ଦାଶ, ଡା. ସୁନିଲ ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିଲେ।

# ଆଦିବାସୀଙ୍କ ସମସ୍ୟା ସମାଧାନ ପ୍ରତିଶ୍ରୁତି

**ନୂଆପଡ଼ା ଅଫିସ,୨୦।୪**



ଆଦିବାସୀମାନଙ୍କ ସହିତ ଜିଲାପାଳ ସ୍ୱାଧାଦେବ ସିଂ ଆଲୋଚନା କରୁଛନ୍ତି।

ନୂଆପଡା ଜିଲା ବୋଡେନ ବ୍ଲକର ଦୁର୍ଗମ ଆଦିବାସୀ ତଥା ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ବୁଧବାର ପରିଦର୍ଶନ କରିଛନ୍ତି ଜିଲାପାଳ ସ୍ୱାଧାଦେବ ସିଂ। ପାଟଦରହା ଓ କାଠଫାର ଅଞ୍ଚଳର ଶହଶହ ଆଦିବାସୀ ମହିଳା ଓ ପୁରୁଷ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟକୁଆସିଜିଲାପାଳଙ୍କୁସେମାନଙ୍କ ସମସ୍ୟା ଜଣାଇଥିଲେ। ଆଦିବାସୀଙ୍କ ଗୁହାରି ରକ୍ଷା କରି ବୁଧବାର ପାଟଦରହା ଓ କାଠଫାର ଅଞ୍ଚଳ ପରିଦର୍ଶନ କରି ସମସ୍ୟା ଦୂର କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ପାଟଦରହା ଅଞ୍ଚଳରେ ୨୦୦୯ଠାରୁ ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରିଛନ୍ତି। ଏହି ଅଞ୍ଚଳକୁ ଜିଲା ପ୍ରଶାସନ ପାଦ ପଡି ନ ଥିଲା। ପ୍ରଥମ କରି ଜିଲାପାଳ ସିଂ ଏହି ଦୁର୍ଗମ ଅଞ୍ଚଳ ପରିଦର୍ଶନ କରି ଆଦିବାସୀଙ୍କ ଦୁଃଖ ବୁଝିଛନ୍ତି। ଜିଲାପାଳଙ୍କୁ ଆଦିବାସୀମାନେ ନିଜର ଦୁଃଖ ବୁଝିବା ପାଇଁ ଆସଛନ୍ତି ବୋଲି ବାଣ ଫୁଟାଇ, ବାଜା ବଜାଇ

**ମାଓବାଦୀ ଅଞ୍ଚଳରେ ଜିଲାପାଳ**

ସ୍ୱାଗତ କରିଥିଲେ। ସ୍ୱାଧୀନତାର ଦୀର୍ଘ ବର୍ଷ ବି ଏହି ଦୁର୍ଗମ ଅଞ୍ଚଳରେ ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ପାଟଦରହାର ଆଦିବାସୀମାନେ ନୂତନ ବଜାର ପଡିଆଠାରେ ଏକ ସଭା କରି ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ଏହା ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ଆଦିବାସୀ ଓ ହରିଜନ ଆଶ୍ରମ ବିଦ୍ୟାଳୟ ସ୍ଥାପନ, ଫ୍ଲୋରାଇଡର ମାତ୍ରା ଅଧିକ ରହୁଥିବାରୁ ବୋରୱେଲ କରି ପାଇପ ପାଣି ଯୋଗାଣ, ମୋବାଇଲ ଟାୱାର ନିର୍ମାଣ, ୧୫ କି.ମି. ପାହାଡ ତଳକୁ ରାଶନ ସାମଗ୍ରୀ ଆଣିବାକୁ ଯିବାକୁ ପଡୁଛି। ସମସ୍ତଙ୍କ ପକ୍ଷରେ ଯିବା ସମ୍ଭବ ନୁହେଁ ଏଣୁ ପଞ୍ଚାୟତ କାର୍ଯ୍ୟାଳୟ ଭଇଁଷାଦାନୀରେ ନ ଦେଇ ପାଟଦରହାକୁ ଆଣି ରାଶନ ସାମଗ୍ରୀ ଦିଆଯାଉ। ସ୍ୱାସ୍ଥ୍ୟସେବା ପାଇଁ ଗାଁରେ ଏକ ସବସେଣ୍ଟର ନିର୍ମାଣ, ରୋଗୀ ନେବା ଆଣିବା ପାଇଁ ଏକ ଆମ୍ବୁଲାନ୍ସ ବ୍ୟାବସ୍ଥା, ପ୍ରତ୍ୟେକ ଗାଁରେ ବିଦ୍ୟାଳୟ ନିର୍ମାଣ କରିବା ଆଦି ଦାବି କରିଥିଲେ। ପରେ ଆଦିବାସୀ ଅଞ୍ଚଳରେ ବ୍ୟବହାର ଖଜୁରି କନ୍ଦା, ଚାର ଓ ମାଣ୍ଡିଆ ଯାଉ ଖାଇବା ପାଇଁ ଦେଇଥିଲେ। ଜିଲାପାଳ ଏସବୁ ଖାଇ ଖୁସିବ୍ୟକ୍ତ କରିଥିଲେ। ବୋଡେନ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦାଧିକାରୀ ଯାଇ ନ ଥିବାରୁ ଜିଲାପାଳ କ୍ଷୋଭ ପ୍ରକାଶ କରିଛନ୍ତି।

# ସାପ୍ତାହିକ ହାଟ ଉଦ୍‌ଘାଟିତ

**ନୂଆପଡ଼ା ଅଫିସ,୨୦।୪**

ନୂଆପଡା ଜିଲା ବୋଡେନ ବ୍ଲକର ମାଓବାଦୀ ଅଧ୍ୟୁଷିତ ତଥା ଆଦିବାସୀ ବହୁଳ ପାଟଦରହା ଗାଁରେ ବୁଧବାର ନୂତନ ସାପ୍ତାହିକ ହାଟ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସ୍ୱାଧାଦେବ ସିଂ ଯୋଗଦେଇ ଉଦଘାଟନ କରିଛନ୍ତି। ତାଙ୍କ ସହିତ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ନୂଆପଡା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଯୋଗଦାନ କରିଥିଲେ। ପାଟଦରହା ଗାଁ ଲୋକେ ସାମାନ୍ୟ ଜିନିଷ କିଣିବାକୁ ବୋଡେନ ଉପରେ ନିର୍ଭର କରଥାନ୍ତି। ବୋଡେନକୁ ଆସିବାକୁ ହେଲେ ପାହାଡିଆ ରାସ୍ତାରେ ୨୦ କି.ମି. ଆସିବାକୁ ପଡିଥାଏ। ପାହାଡ ଉପରେ ସାପ୍ତାହିକ ବଜାର ହେବା ଦ୍ୱାରା ଅଞ୍ଚଳର ଦୁଇଟି ରାଜସ୍ୱ ଗ୍ରାମ ପାଟଦରହା, କାଟଫେର ସମେତ ୧୬ଟି ଗ୍ରାମ କୋରିପାଢଣି, ସାହାଜପାଣି, ଭୋଇଁଷମୁଣ୍ଡି, ବାହାଦୁରପାଣି, କୋଦୋଭଟା, ଇଟଖଲ, ଝକରପଡା, ଦର୍ଲିପଡା, କୁଇମୁଣ୍ଡା, ଧୋବଘାଟ, ଚଚରାପଡା, ସିଆନିପଡା, କୋଙ୍କଡାପାଣି, କୃଷିଗୋଭା, କପଟିଆମ, ଗର୍ଜନପାଣି ଆଦି ଗ୍ରାମର ଲୋକେ ଉପକୃତ ହେବେ। ଏହି ସାପ୍ତାହିକ ହାଟ ପ୍ରତି ବୁଧବାର ପାଟପାଣିରେ ବସିବ। ପ୍ରଥମ କରି ବସିଥିବା ସାପ୍ତାହିକ ବଜାରରେ ପନିପରିବାଠାରୁ ଆରମ୍ଭ କରି ସବୁ ଜିନିଷପତ୍ରର ମୂଲ୍ୟ ଠିକ ରହିଥିବା ଅନୁମାନ କରାଯାଇଥିଲା।

# ୭୫୬ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା




ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା କାର୍ଯ୍ୟକ୍ରମରେ ମାଞ୍ଚସୀନ ଅତିଥି ବୃନ୍ଦ।

**ଖଡିଆଳ,୨୦।୪(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଡୁଆଝର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଖଡିଆଳ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ପକ୍ଷରୁ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଏବଂ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶୋଭାରାଣୀ ମିଶ୍ର, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ୪ନଂ. ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ୫ନଂ. ଜିଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ୬ ନଂ. ଜିଲା ପରିଷଦ ସଭ୍ୟା

**ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା, ରକ୍ତଦାନ ଶିବିର**

ତନୟା ଶବର, ଡୁଆଝର ସରପଞ୍ଚ ଜିତୁ କୁମ୍ଭାର, ସମିତି ସଭ୍ୟ କେଦାର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁରୋଗ ବିଶେଷଜ୍ଞ, ଅସ୍ଥି ଓ ଶୈଳ ବିଶେଷଜ୍ଞ, ଚକ୍ଷୁ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୁତି ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତି ରହି ୭୫୬ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ଡାକ୍ତର ବିନୋଦ ବିହାରୀ ରଥ, ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ, ଡାକ୍ତର ସୁଧିର ରଞ୍ଜନ ନାଏକ, ଜିଲା ପୋଗ୍ରାମ ଅଫିସର ଦିଲୀପ ଦୁବେ, ଖଡିଆଳ ଉପଖଣ୍ଡ ଚିକିତ୍ସାଳୟ ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଦିନବନ୍ଧୁ ମହାନନ୍ଦ, ଡାକ୍ତର ରଞ୍ଜିତ ରାଉତ, ମହେନ୍ଦ୍ର ମାଝି, ବ୍ଲକ ପୋଗ୍ରାମ ଅଫିସର ବାସୁଦେବ ପଟେଲ, ଡାକ୍ତର ଅନ୍ନଦା ଶଙ୍କର ଦାସ, ଆଦିତ୍ୟ ଯୋଶୀ, ବିଜୟ କିଶୋର ଚଲାନ, ସଂଘମିତ୍ରା ସିଂ ବାବୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି।

## ସ୍ୱାସ୍ଥ୍ୟମେଳାରେ ୯୩୬ ରୋଗୀ ଚିକିତ୍ସିତ

**ଧର୍ମଗଡ,୨୦।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଆଶୁତୋଷ ପଟ୍ଟନାୟକ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜେଶ କୁମାର ସାହୁ, ବିପିଏମ୍ ଦୀପକ ବେହେରା, ସ୍ଥାନୀୟ ସରପଞ୍ଚ ବ୍ରିଜଲାଲ ନାଏକ, ବେହେରା ସମିତିସଭ୍ୟ କିଶୋର ନାଗ, ପର୍ଲା ସମିତିସଭ୍ୟା ପୂର୍ଣ୍ଣମୀ ଧରୁଆ ପ୍ରମୁଖ ଯୋଗଦେଇ ଏହି ଯୋଜନାର ଲାଭ କିପରି ସମସ୍ତେ ପାଇପାରିବେ ସେ ନେଇ ଅଭିଭାଷଣ ଦେଇଥିଲେ। ମେଳାରେ ସ୍ଥାନୀୟ ଅଞ୍ଚଳର ୯୩୬ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ପଟେଲ ଧନ୍ୟବାଦ ଦେଇଥିଲେ।

# ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟସେବା ଉପରେ ସମୀକ୍ଷା



ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅତିଥି।

**କୋକସରା,୨୦।୪(ଡି.ଏନ.ଏ.)**

**ପ୍ରଥମ ପଞ୍ଚାୟତ ସମିତି ବୈଠକ**

କଳାହାଣ୍ଡି ଜିଲା କୋକସରା ବ୍ଲକର ନବନିର୍ବାଚିତ ଜନପ୍ରତିନିଧିମାନଙ୍କୁ ନେଇ ଚଳିତ ଆର୍ଥିକ ବର୍ଷର ପ୍ରଥମ ପଞ୍ଚାୟତ ସମିତି ବୈଠକ ବ୍ଲକ ସଭାଗୃହଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ୨୨ ପଞ୍ଚାୟତ ନିର୍ବାଚିତ ସମିତି ସଭ୍ୟାସଭ୍ୟ, ସରପଞ୍ଚ, ଜିଲା ପରିଷଦ ସଦସ୍ୟଙ୍କ ସମେତ ବ୍ଲକ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି, ଉଦ୍ୟାନ, ଶିଶୁ ବିକାଶ, ବିଦ୍ୟୁତ୍, ଜଳ ସେଚନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଧର୍ମଗଡ଼ ବିଧାୟକ ମୌଷଧି ବାଗ, ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜିବ ଅଗ୍ରୱାଲ, ବିଡିଓ ମନୀଷା ଦାସ, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ତ୍ରିନାଥ ବାଗ, ବୈଜୟନ୍ତି ପୂଝାରୀଙ୍କ ସମେତ ୨୨ ପଞ୍ଚାୟତ ସମିତି, ସରପଞ୍ଚ ଉପସ୍ଥିତ ରହିଥିଲେ। ବୈଠକରେ ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳସେଚନ, କୃଷି, ଉଦ୍ୟାନ କୃଷି, ଆବାସ ଯୋଜନା ସମେତ ଅନ୍ୟ ଉନ୍ନୟନ ଉପରେ ସମୀକ୍ଷା କରାଯାଇଛି। ଜିପିଓ ନାରାୟଣ ଭୋଇ ବୈଠକ ପରିଚାଳନା କରିଥିଲେ। ବୈଠକରେ ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ବ୍ଲକର ସାମଗ୍ରିକ ବିକାଶ ଧାରାରେ ସହଯୋଗ କରିବେ ବୋଲି କହିଥିଲେ। ବିଧାୟକ ବାଗ ସମସ୍ତ ଜନପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନ ସହିତ ସମନ୍ୱୟ ରଖି ବିକାଶଧାରା ଆଗକୁ ନେବାକୁ ପରାମର୍ଶ ଦେଇଥିଲେ।

# ପାରମ୍ପରିକ ବିହନ, ଖାଦ୍ୟ ମେଳା ଉଦ୍‌ଯାପିତ

**କର୍ଲାମୁଣ୍ଡା,୨୦।୪(ଡି.ଏନ.ଏ.)**




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲପଞ୍ଚାୟତ କଂସିଲଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଶୋସାଇଟି ପକ୍ଷରୁ ଚାଲିଥିବା ତିନିଦିନିଆ ପାରମ୍ପରିକ ବିହନ ଓ ଖାଦ୍ୟ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଗ୍ରାମ୍ୟ ଉନ୍ନୟନ ସମିତି ବ୍ଲକ ଫେଡରେଶନ ସଭାପତି ଜୀବର୍ଦ୍ଧନ ସାହୁ, ଉପସଭାପତି ଦ୍ରୋଣ ସାହୁ, ଜୈବିକ ଚାଷୀ ତିରଞ୍ଜି ମେର୍ଲି, ବିରେନ୍ଦ୍ର ସାହୁ, ଦେବକୀ ମହାନନ୍ଦ, ସୌଭାଗ୍ୟ ଗହୀର, ସୁକାନ୍ତି ଭୋଇ, କନ୍ଧମାଳ ଓ ବରଗଡ଼ ଜିଲାର ଜୈବିକ ଚାଷୀ ନେତା ତଥା ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶର ଚାଷୀ ନେତା ପ୍ରମୁଖ ଯୋଗଦେଇଥିଲେ। ସ୍ୱଦେଶୀ ବିହନ ସୁରକ୍ଷା ନିମନ୍ତେ ଆନ୍ତଃରାଜ୍ୟ ସ୍ୱଦେଶୀ ବିହନ ସରକ୍ଷଣ ସଙ୍ଗଠନ ନାମରେ ଏକ ଅନୁଷ୍ଠାନ କରି କର୍ମକର୍ତ୍ତା ଚୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏନଜିଓର ରାଜ୍ୟ ସଂଯୋଜକ ବସନ୍ତ କୁମାର ପାଣିଗ୍ରାହୀ, ଅମର କୁମାର ଗଉଡ଼ ଉପସ୍ଥିତ ଥିବା ବେଳେ ଅମ୍ବରିଷ ମିଶ୍ର, ଜିତେନ୍ଦ୍ର ଭୋଇ, କିଶୋର ଦାଶ, ଲିଙ୍ଗ ପାତ୍ର, ବିନୋଦିନି ନାଏକ, ପୁଷ୍ପା ବାରିକ, ବାସନ୍ତୀ ସାହୁ, ଥବିର ଜନୀ, ହେମନ୍ତ ସାହୁ, ଜଗନ୍ନାଥ ଭୋଇ, ରାଜେନ୍ଦ୍ର ସା, ପ୍ରବୀଣ ଭୋଇ, ନୀଳକଣ୍ଠ ପାତ୍ର, କମଳ ଧ. ମାଝି, ଜନ୍ମେଜୟ ରାଉତ, ତିଳେଶ୍ୱର ଗୌଡ଼, ସହଯୋଗ କରିଥିଲେ। ମେଳାରେ ପ୍ରଦୀପ କୁମାର ସାହୁ ସଂଯୋଜନା ଓ ଜଗଦୀଶ ପ୍ରସାଦ ରଣା ଧନ୍ୟବାଦ ଦେଇଥିଲେ। ତିନି ଦିନିଆ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୫ଟି ପ୍ରଦର୍ଶନୀ ଷ୍ଟଲ ଲଗାଯାଇ ପାରମ୍ପରିକ ବିହନ ଓ ଖାଦ୍ୟର ପ୍ରଚାର ପ୍ରସାର କରାଯାଇଥିଲା।

# ଅଭିଭାବକ-ଶିକ୍ଷକ ସମ୍ମିଳନୀ

**ସିନାପାଲି/ବୋଡ଼େନ, ୨୦।୪(ଡି.ଏନ.ଏ.)**

ନୂଆପଡା ଜିଲା ବୋଡ଼େନ ବ୍ଲକ କୁଲିଙ୍ଗାମାଲ ସେବାଶ୍ରମରେରେ ୨୦୨୧-୨୨ ଶିକ୍ଷା ବର୍ଷର ପ୍ରଥମ ଅଭିଭାବକ-ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜ୍ୟୋତି ଚରଣ ନାଗ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କରଙ୍ଗାମାଲ ସରପଞ୍ଚ ରାମଲାଲ ପଣ୍ଡା, ମୁଖ୍ୟବକ୍ତା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ନାଏକ, ସିଆରସିସି ଲର୍କା ସଂଯୋଗ ବାଗ, ଶିକ୍ଷାବିତ୍ ଭୁବନେଶ୍ୱର ଜାଲ ତଥା ସୁଦର୍ଶନ ତାଣ୍ଡି ପମୁଖ ମଞ୍ଚାସୀନ ଥିଲେ। ଦୀର୍ଘଦିନ ହେଲା କୋରାନା ଯୋଗୁ ବିଦ୍ୟାଳୟ ବନ୍ଦ ରହିଥିବାରୁ ପିଲାମାନଙ୍କ ପାଠାପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ସମସ୍ୟା ନେଇ ଅଭିଭାବକ ଓ ଶିକ୍ଷକ ମଧ୍ୟରେ ଆଲୋଚନା ହୋଇଥିଲା। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନୁସୂଚୀତ ଜାତି ଓ ଜନଜାତିଙ୍କ ବିଭାଗରେ ଥିବା ଅନେକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହିତ ଆଦିବାସୀ ଛାତ୍ରୀଛାତ୍ର କିପରି ଶିକ୍ଷା କ୍ଷେତ୍ରରେ ଆଗାଇବେ ସେ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ରଥି ମେହେର ପରିଚାଳନା କରିଥିବା ବେଳେ ଶିକ୍ଷକ ଡିସମ୍ବର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ପାନୀୟ ଜଳ ଯୋଗାଣ ପାଇଁ ବିଡିଓଙ୍କ ଦ୍ୱାରସ୍ଥ

**କୋକସରା,୨୦।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା କୋକସରା ଗ୍ରାମ ପଞ୍ଚାୟତ ୯



ମହିଳାମାନେ ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ନମ୍ବର ୱାର୍ଡର ମହିଳାମାନେ ବୁଧବାର ପାନୀୟ ଜଳ ଯୋଗାଣ ପାଇଁ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋକସରା ଗ୍ରାମର ୯ ନମ୍ବର ୱାର୍ଡର ଠାକୁରାଣୀ ମନ୍ଦିର ପଡ଼ାରେ ୨୫ ପରିବାର ବସବାସ କରୁଛନ୍ତି। ଏହି ପଡ଼ାକୁ ବସୁଧା ଯୋଜନାରେ ପାଇପ ପାଣି ଯୋଗାଣ ହୋଇନାହିଁ। ଫଳରେ ପ୍ରଚଣ୍ଡ ଖରାରେ ପାନୀୟ ଜଳ ସଂଗ୍ରହ ପାଇଁ ମହିଳାମାନଙ୍କୁ ଅନ୍ୟ ସ୍ଥାନକୁ ଯାଇ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। କେତେ ବେଳେ ମିଳୁଛି ତ କେତେ ବେଳେ ନିରାଶ ହେବାକୁ ପଡୁଛି। ସମସ୍ୟା ସମାଧାନ ପାଇଁ ୯ ନମ୍ବର ୱାର୍ଡର ମହିଳା ସଭ୍ୟା ନଳିନୀ ପ୍ରଭା ପଣ୍ଡାଙ୍କ ସମେତ ପଡାର ମହିଳାମାନେ କୋକସରା ବିଡିଓ ମନୀଷା ଦାସଙ୍କୁ ଅଭିଯୋଗ କରିବା ସହ ପଡାକୁ ଯୁଦ୍ଧକାଳୀନ ଭିତିରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଓ ସରପଞ୍ଚଙ୍କୁ ଶୀଘ୍ର ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ସିଡିପିଓ ଅଫିସ ଘେରିଲେ ଅଙ୍ଗନୱାଡି କର୍ମୀ

**ଖଡିଆଳ/ସିନାପାଲି, ୨୦।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀଙ୍କୁ ସିଡିପିଓଙ୍କ ଦୁର୍ବ୍ୟବହାର ଏବଂ ଅଲଓଡ଼ିଶା ଅଙ୍ଗନୱାଡି ସଂଘ ଆହ୍ୱାନକ୍ରମେ ୨୨ ଦଫା ଦାବି ନେଇ ଅଲଓଡ଼ିଶା ଅଙ୍ଗନୱାଡି କର୍ମୀ ଖଡିଆଳ ଶାଖା ପକ୍ଷରୁ ବୁଧବାର ସିଡିପିଓ ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଖଡିଆଳ ସମଲେଶ୍ୱରୀ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ଓ ଘେରାଉ କରିଥିଲେ। ପରେ ୨୨ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସିଡିପିଓଙ୍କ ଅନୁପସ୍ଥିତିରେ ସୁପରଭାଇଜରଙ୍କୁ ପ୍ରଦାନ



ଖଡ଼ିଆଳରେ ଅଙ୍ଗନୱାଡି କର୍ମୀମାନେ ସିଡିପିଓ ଅଫିସ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

କରାଯାଇଥିଲା। ଦାବିଗୁଡିକ ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର୍ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଲଓଡ଼ିଶା ଅଙ୍ଗନୱାଡି କର୍ମୀ ନୂଆପଡା ଶାଖା ଉପଦେଷ୍ଟା ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଖଡିଆଳ ଶାଖା ସଭାପତି ମୁକ୍ତା ମାଝି, ଉପସଭାପତି ଗୀତାଞ୍ଜଳି ବିଶି, ସମ୍ପାଦିକା ରିତା ଦାଶ, ମିନା ତେଣ୍ଡକାରୀ, କୁମୁଦିନୀ ଭୋଇ, ଶକୁନ୍ତଳା ପରାଭୋଏ, ଜୟନ୍ତୀ ଶବର, ତରୁଣୀ ମେହେରଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସେହିପରି ସିନାପାଲି ବ୍ଲକ ଅଙ୍ଗନୱାଡି କର୍ମୀ ଓ ପାଚିକା ସଂଘ ପକ୍ଷରୁ ୧୮ ଦଫା ଦାବି ନେଇ ସ୍ଥାନୀୟ ସିଡିପିଓ ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବିଗୁଡିକ ହେଲା ଅଙ୍ଗନୱାଡି କର୍ମୀମାନଙ୍କୁ ସିଡିପିଓଙ୍କ ଦୁର୍ବ୍ୟବହାର ବନ୍ଦ କରିବା, ଟିଏଚ୍‌ଆର ଓ ଅଣ୍ଡା ଏସ୍‌ଏଚ୍‌ଜିଙ୍କୁ ଦେବାକୁ ବନ୍ଦ କରାଯାଉ, ଏସଏନଟି ଚାଉଳ କେନ୍ଦ୍ରକୁ ଠିକ ସମୟରେ ବଣ୍ଟନ ଓ ଓଜନ ସହ କେନ୍ଦ୍ରରେ ଓଜନ ମିଶିନ ବ୍ୟବସ୍ଥା, ମିନି ଅଙ୍ଗନୱାଡି କର୍ମୀମାନଙ୍କୁ ଅଙ୍ଗନୱାଡି ମାନ୍ୟତା, ଠିକ ସମୟରେ ମାସିକ ଟଙ୍କା ଦିଆଯାଉ ଏଭଳି ବିଭିନ୍ନ ଦାବି ରହିଛି। ବିକ୍ଷୋଭରେ ସିନାପାଲି ଅଙ୍ଗନୱାଡି କର୍ମୀ ସଂଘ ସଭାପତି ପ୍ରେମବଲ୍ଲରି ହରପାଲ, ସମ୍ପାଦକ ଭାନୁମତୀ ନାଏକ, ଉପସଭାପତି ଉର୍ମିଳା ସୁନାନୀ, କବିତା ସାହୁ, ଜାନକି ମେହେର, ସୁଚିତ୍ରା କର, ଯାଜ୍ଞସେନୀ ସୁନାନୀ, ବେଲମତି ମାଝି, ସରୋଜିନୀ ଦାସ ପ୍ରମୁଖ ସାମିଲ ଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ପ୍ରଶିକ୍ଷଣ ଶିବିର

ପାଟଣାଗଡ,(ଡି.ଏନ.ଏ): ବଲାଙ୍ଗୀର ଜିଲା ପାଟଣାଗଡ ଜବାହରଲାଲ ମହାବିଦ୍ୟାଳୟ ଗ୍ୟାଲେରୀ ହଲଠାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଦେବରାଜ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଇନ୍ସପେକ୍ଟର ବି. ଚୌଧୁରୀ, ସବଇନ୍ସପେକ୍ଟର ପ୍ରସାଦ.ଏନ୍ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଧାପିକା ଆୟେଶା ବାନୁ, ଯୁକ୍ତଦୁଇ ଅଧକ୍ଷା କୃଷ୍ଣପ୍ରିୟା ହୋତା, ଡ. ରାମକୁମାର ସାହୁ, ସଂଯୋଜକ ଜୟନ୍ତ କୁମାର ବାରିକ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କରଡି ଗାଁ ନିକଟରେ ହାତୀ

ବୌଦ୍ଧ,୨୦।୪(ସ୍ୱ.ପ୍ର.): ଗତ କିଛି ଦିନ ହେବ ବୌଦ୍ଧ ଜିଲାରେ ପ୍ରବଳ ଗରମ ସାଙ୍ଗକୁ ଜଙ୍ଗଲ ପୋଡୁଥିବା ଯୋଗୁ ଖାଦ୍ୟ ଅନ୍ୱେଷଣରେ ଜୀବଜନ୍ତୁ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳିଛି। ସପ୍ତାହକ ତଳେ ରାତିରେ ଜିଲାର ହରଭଙ୍ଗା ବ୍ଲକ ଅନ୍ତର୍ଗତ ବୀରନରସିଂହପୁର ଗାଁରେ ହାତୀ ପଶି ଧାନ ଫସଲ ଓ କଦଳୀ ଚାଷ ନଷ୍ଟ କରିଥିବା ବେଳେ ପୁଣି ବୁଧବାର ବୀରନରସିଂହପୁର ପଞ୍ଚାୟତର କରଡି ଗାଁ ନିକଟରେ ଦୁଇଟି ହାତୀ ରହିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ରାତିରେ ହାତୀ ଦୁଇଟି ଅନୁଗୋଳ ଜିଲା ଆଠମଲିକ ପଟରୁ ମହାନଦୀ ପାର ହୋଇ ଆସିଥିବା ଜଣାପଡିଛି। ଏହି ହାତୀ କରଡି ଗ୍ରାମର ଶମ୍ଭୁ ଲୋଇଙ୍କ ତରଭୁଜ ଓ ଆଖୁ ଚାଷ ନଷ୍ଟ କରିଛି। ଏହାଛଡା ଅନ୍ୟ କେତେକ ଚାଷୀଙ୍କ ପନିପରିବା ଓ ଧାନ ଫସଲ ଦଳି ଚକଟି ନଷ୍ଟ କରିଥିବା ଜଣାପଡିଛି। ହାତୀ ଦୁଇଟି ଗାଁ ଠାରୁ ମାତ୍ର ଅଧ କିଲୋମିଟର ଦୂରତାରେ ଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଜଗନ୍ନାଥ ସଡକରେ ଯିବା ପାଇଁ ଲୋକଙ୍କ ସାହାସ ହେଉନି। ଖବର ପାଇ ବୌଦ୍ଧ ବନ ବିଭାଗ ପକ୍ଷରୁ ରାସ୍ତାରେ ଯିବା ସମୟରେ ସତର୍କ ହୋଇ ଯିବାକୁ ସଚେତନ କରାଯାଇଛି।

### ଲୋକଙ୍କୁ ଉଚିତ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ

**ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଥମ ବୈଠକ**

ବୌଦ୍ଧ,୨୦।୪(ସ୍ୱ.ପ୍ର.) : ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପ୍ରଥମ ବୈଠକ ନବନିର୍ବାଚିତ ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧକ୍ଷତାରେ ପରିଷଦର ସମ୍ମିଳନୀ କକ୍ଷଠାରେ ବୁଧବାର ଦିନ ଅନୁଷ୍ଠିତ ହୋଇଛି। ପ୍ରଥମେ ନିର୍ବାହୀ ଅଧିକାରୀ ଇଂ.ମନୋରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ନବନିର୍ବାଚିତ ଅଧକ୍ଷ ଓ ସଭ୍ୟାସଭ୍ୟମାନଙ୍କୁ ପ୍ରଥମ ପରିଷଦ ବୈଠକକୁ ସ୍ୱାଗତ କରିଥିଲେ। ପରିଷଦର ପ୍ରଥମ ବୈଠକରେ ସହରର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯିବା ସହିତ ସେସବୁର ସମାଧାନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏଥିପାଇଁ ସମସ୍ତ ନିର୍ବାଚିତ ସଦସ୍ୟ ଓ ପରିଷଦ କର୍ମଚାରୀଙ୍କ ସହଯୋଗ କାମନା କରାଯାଇଥିଲା। ପରିଷଦକୁ ପ୍ରତିଦିନ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନସାଧାରଣଙ୍କୁ ଉଚିତ ସେବା ଯୋଗାଇ ଦେବା ଏବଂ ବୃଦ୍ଧା ବୃଦ୍ଧମାନଙ୍କ ପ୍ରତି ସ୍ୱତନ୍ତ୍ର ଧାନ ଦେବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ଅଧକ୍ଷ ମିଶ୍ର ପରାମର୍ଶ ଦେଇଥିଲେ। ପାନୀୟ ଜଳ ଯୋଗାଣ ବ୍ୟବସ୍ଥା,ବର୍ଷାଦିନ ପୂର୍ବରୁ ସମସ୍ତ ନାଳ, ରାସ୍ତା ସଫେଇ ଓ ମରାମତି କାର୍ଯ୍ୟକୁ ଅଗ୍ରାଧିକାର ଦେବା,ସରକାରଙ୍କ ପକ୍ଷରୁ ଭୂମିହୀନମାନଙ୍କୁ ବାସଗୃହ ପଟ୍ଟା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା,ସହରର ସଫେଇ ଓ ସୌନ୍ଦର୍ଯ୍ୟକରଣକୁ ପ୍ରାଥମିକତା ଦେବାକୁ ଅଧକ୍ଷ ମିଶ୍ର ପ୍ରଥମ ଅଧିବେଶନରେ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ବୈଠକରେ ଉପନଗରପାଳ ସୁବାସିନୀ ସେଠୀଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ପରିଷଦର କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ ବିଭ୍ରାଟ, ତେଜୁଛି ଅସନ୍ତୋଷ

**ବରଗଡ଼ ଅଫିସ୍,୨୦।୪**

- ବିଦ୍ୟୁତ ଉପଭୋକ୍ତା ସଂଘ ଜିଲାପାଳଙ୍କୁ ଫେରାଦ୍
- ସମସ୍ୟାର ସମାଧାନ ପାଇଁ ୨୫ରେ ମିଳିତ ବୈଠକ

ତାତି ବୃଦ୍ଧି ଯୋଗୁ ଜୀବନ ଦହଗଞ୍ଜ ହୋଇ ପଡୁଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାହାରେ ରହିବା ମୁସ୍କିଲ ହେଉଛି। ବାରମ୍ବାର ବିଦ୍ୟୁତ ବିଭ୍ରାଟ ଯୋଗୁ ଏହି ସମୟ ଅବଧିରେ ଘରେ ମଧ୍ୟ ରହିବା କଷ୍ଟସାଧ୍ୟ ହୋଇପଡୁଛି। ବରଗଡ଼ ଜିଲାରେ ବିଦ୍ୟୁତ ସେବା ଏଭଳି ବ୍ୟାହତ ହୋଇପଡୁଥିବା ଯୋଗୁ ଅସନ୍ତୋଷ ତେଜିବାରେ ଲାଗିଛି। ବୁଧବାର ବରଗଡ଼ ଜିଲା ବିଦ୍ୟୁତ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ ସହିତ ଉକ୍ତ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ଗ୍ରୀଷ୍ମ ପ୍ରବାହ ଓ ତାତିବୃଦ୍ଧି ଯୋଗୁ ଜିଲାବାସୀଙ୍କୁ ନିସ୍ତାର ମିଳୁ ନାହିଁ। ଏଭଳି ସମୟରେ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିଃ(ଟିପିଡବ୍ଲୁଡିଏଲ) ଠିକ୍‌ଭାବେ ବିଦ୍ୟୁତ ସେବା ଯୋଗାଇବାକୁ ବିଫଳ ହୋଇଛି। ଅନେକ ସମୟରେ ଲୋଭୋଲଟେଜ୍ ରହିବା ସହିତ ବାରମ୍ବାର ବିଦ୍ୟୁତ କାଟ୍ ହେଉଛି। ଏହାକୁ ନେଇ ଗତ ୧୭ତାରିଖ ଜିଲା ବିଦ୍ୟୁତ ଉପଭୋକ୍ତା ସଂଘର ଆହ୍ୱାନକ୍ରମେ ବରଗଡ଼ରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ପୃକ୍ତ ବିଦ୍ୟୁତ ବିତରଣକାରୀ ସଂସ୍ଥାର କାର୍ଯ୍ୟକଳାପକୁ ନିନ୍ଦା କରାଯିବା ସହିତ ବିଦ୍ୟୁତ ବିଭ୍ରାଟକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍ଥାନୀୟ ବିଧାୟକ, ସାଂସଦଙ୍କ ସମେତ ଅନ୍ୟ ଜନ ପ୍ରତିନିଧି, ବିଦ୍ୟୁତ ଉପଭୋକ୍ତା ସଂଘ, ସାମ୍ବାଦିକ ସଂଘ, ରେଳ ଉପଭୋକ୍ତା ସଂଘ ଆଦି ଅନୁଷ୍ଠାନ ସମେତ ସମ୍ପୃକ୍ତ ବିଦ୍ୟୁତ୍ ବିତରଣକାରୀ ସଂସ୍ଥା, ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ବୈଠକ କରାଯିବା ସହିତ ଉକ୍ତ ସମସ୍ୟାର ସମାଧାନ କରିବାକୁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ଆସନ୍ତା ୨୫ତାରିଖ ସେ ନେଇ ଏକ ବୈଠକ କରିବାକୁ ଜିଲାପାଳ ନିର୍ଭର ପ୍ରତିଶ୍ରୁତି ଦେଇଥିବା ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ବିଦ୍ୟୁତ ଉପଭୋକ୍ତା ସଂଘର ସମ୍ପାଦକ ପ୍ରୀତମ ସିଂ, କୃଷ୍ଣଚନ୍ଦ୍ର ପଣ୍ଡା, କମଳ ଯୋଶୀ, ରାଧାରାଣୀ ମିଶ୍ର, ଲିପସିତ୍ ମିଶ୍ର, ତୁଳସୀ ଚରଣ ଦାଶ, ପ୍ରୀତି ଗୁରୁ, ସୁରସେନ ବହିଦାର, ଅଭିଜିତ ପ୍ରତିହାର, ସ୍ୱାଧିନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।


ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ।

# ବାଲ୍ୟ ବିବାହ ରୋକିଲା ପ୍ରଶାସନ


ବିଜାଖମରେ ବାଲ୍ୟ ବିବାହ ବନ୍ଦକୁ ନେଇ ସଚେତନତା ବୈଠକ।

**ବଲାଙ୍ଗୀର ଅଫିସ,୨୦।୪**

ବଲାଙ୍ଗୀର ଜିଲା ସହର ଉପକଣ୍ଠ ବିଜାଖମନରେ ହେବାକୁ ଥିବା ଏକ ବାଲ୍ୟ ବିବାହ ରୋକିଛି ପ୍ରଶାସନ। ବୁଧବାର ଶିଶୁ ସୁରକ୍ଷା ୟୁନିଟ ସାମାଜିକ କର୍ମୀ ଅରୁଣ କୁମାର ଖୁଆସ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଲମନି ସୋରେନ, ଆସିଡିଏସ୍ ସୁପରଭାଇଜର ଗାୟତ୍ରୀ ବାରିକ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଦୁଲଣୀ ସୁନା, ଚାଇଲ୍ଡ ଲାଇନର ସ୍ୱେଚ୍ଛାସେବୀ ବୀଣା ପୁଟେଲ, ହମିଦ ଖାତୁନ ଘଟଣାସ୍ଥଳକୁ ଯାଇ ବାଲ୍ୟ ବିବାହ ଭଳି ଘୃଣ୍ୟ ପ୍ରଥାକୁ ବିଲୋପ କରିବାର ସମୟ ଆସିଛି ବୋଲି କହିଥିଲେ। ଅଠର ବର୍ଷ ପୂର୍ବରୁ ଶିଶୁକନ୍ୟା ମାତୃତ୍ୱ ଲାଭ କଲେ ମା ଓ ଜନ୍ମିତ ଶିଶୁର ଶାରୀରିକ ତଥା ସ୍ୱାସ୍ଥ୍ୟଗତ କ୍ଷତି ଓ ଦୁର୍ବଳତା ସମ୍ପର୍କରେ କହି ବୁଝାଇଥିଲେ। ଉପସ୍ଥିତ ସମସ୍ତଙ୍କ ସହମତିରେ ଶପଥ ପାଠ କରାଯାଇ ଅଞ୍ଚଳରେ ବାଲ୍ୟବିବାହ କରାଇବେ ନାହିଁ କହିଥିଲେ। ବୈଠକରେ ବଲାଙ୍ଗୀର ଟାଉନ ଥାନାର ପ୍ରତିନିଧି ଉପସ୍ଥିତ ଥିଲେ। ପ୍ରକାଶ ଯେ, ବିଜାଖମନରେ ଉକ୍ତ ୧୫ବର୍ଷୀୟା ନାବାଳିକାଙ୍କର ଆସନ୍ତା ୨୮ତାରିଖରେ ବିବାହ ହେବା ସ୍ଥିରୀକୃତ ହୋଇଥିଲା। ଖବର ପାଇବା ପରେ ପ୍ରଶାସନ ଏହି ପଦକ୍ଷେପ ନେଇଛି।

# ଖପ୍ରାଖୋଲ ବ୍ଲକସ୍ତରୀୟ ଜନଶୁଣାଣି

**ଖପ୍ରାଖୋଲ,୨୦।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ନୂତନ ସଭା ଗୃହଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩, ଆଇସିଡ଼ିଏସ ଯୋଜନା, ମମତା ଯୋଜନାର ୨୦୨୦–୨୧ ଆର୍ଥିକ ବର୍ଷର ବ୍ଲକସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ରଶ୍ମି ରଞ୍ଜନ ରାଉତ ଅଧକ୍ଷତା କରିଥିଲେ। ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଭାବେ ପଟଣାଗଡ଼ ଉପଜିଲାପାଳ ଡା ବିଜୟାନନ୍ଦ ସେଠୀ, ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ, ଉପାଧକ୍ଷ ଶୁଖିରାମ ସାଣ୍ଟ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ପ୍ରମିଳା ପାଥର, ସିଡିପିଓ ସୁଜାତା ଦୋରା ପ୍ରମୁଖ ଯୋଗଦେଇଥିଲେ। ଏପିଓ ସୁଧାଂଶୁ ମେହେର କାର୍ଯ୍ୟକ୍ରମର ଅଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଡିଓ ରାଉତ ଜନଶୁଣାଣି ଉପରେ ସୂଚନା ପ୍ରଦାନ କରିବା ସହିତ ୨୦୨୦–୨୧ ଆର୍ଥିକ ବର୍ଷରେ ବ୍ଲକରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ପ୍ରକଳ୍ପଗୁଡିକ ଉପରେ ଆଲୋକପାତ କରିଥିଲେ। ସିଡ଼ିପିଓ ଆଇସିଡିଏସ ଓ ମମତା ଯୋଜନାର ବିବରଣୀ ପାଠନ, ଯୋଗାଣ ବିଭାଗ ତରଫରୁ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ବିବରଣୀ ପାଠ କରାଯାଇଥିଲା। ସାମାଜିକ ସମୀକ୍ଷା ସମୟରେ ଦେଖାଯାଇଥିବା ଅନିୟମିତତା ଉପରେ ବିବରଣୀ ପ୍ରଦାନ କରାଯାଇଥିବା ବେଳେ ଜନ ସାଧାରଣ ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ସରପଞ୍ଚ, ସମିତି ସଭ୍ୟାସଭ୍ୟ ମଧ ନିଜର ମତ ରଖିଥିଲେ। ଏହି ଅବସରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ତିନିଶହ ଦିନ ପୂରଣ କରିଥିବା ୧୯ ଶ୍ରମିକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅଧିକ ୩ଶହ ଦିନ, ୨ଶହ ଦିନ, ଶହେ ଦିନ କାମ ଯୋଗେଇ ଥିବା ପଞ୍ଚାୟତ, ସରପଞ୍ଚ, ଜିଆରସ, ଗାଁ ସାଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜନଶୁଣାଣୀ ଶେଷରେ ଉପଜିଲାପାଳ ସମସ୍ୟା ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା ଓ ବ୍ଲକ ସାମାଜିକ ସମୀକ୍ଷକ ଶ୍ରବଣ ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ।



ଜନଶୁଣାଣିରେ ମଞ୍ଚାସୀନ ଅଧିକାରୀ ଓ ଜନ ପ୍ରତିନିଧି।

**୩ ଶହ ଦିନ ପୂରଣ କରିଥିବା ଶ୍ରମିକ, ଭଲ ପ୍ରଦର୍ଶନ ପଞ୍ଚାୟତକୁ ସମ୍ବର୍ଦ୍ଧନା**

### ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ୨୧ରୁ

**ପଦ୍ମପୁର,୨୦।୪ (ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଆଗାମୀ ୨୧ରୁ ଆରମ୍ଭ ହେବ। ଉତ୍ସବ ୨୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ପ୍ଲାଟିନମ ଜୁବୁଲିର ଦ୍ୱିତୀୟ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜୁବୁଲି ପରିଚାଳନା କମିଟି ଉପସଭାପତି ମନୋରଞ୍ଜନ ସିଂ ବରିହାଙ୍କ ଅଧକ୍ଷତାରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଡ.ବିରଞ୍ଚି ସାହୁ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ପୁରାତନ ଶିକ୍ଷକ, ଛାତ୍ର, ଜନସାଧାରଣ ସହଯୋଗ କରିବାକୁ ସମ୍ପାଦକ ଡ.ସାହୁ ନିବେଦନ କରିଥିଲେ।

### ବଡବନ୍ଧ ଉନ୍ନୟନ କାମର ଶୁଭାରମ୍ଭ

**ପଦ୍ମପୁର, ୨୦।୪ (ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ସହରର ଖ୍ୟାତି ସମ୍ପନ୍ନ ବଡବନ୍ଧ ପୋଖରୀର ପୁନରୁଦ୍ଧାର କାମ ଏନଏସି ହାତକୁ ନେଇଛି। ପଙ୍କୋଦ୍ଧାର, ହିଡର ସୌନ୍ଦର୍ଯ୍ୟକରଣ, ବୃକ୍ଷରୋପଣ ଆଦି ଉନ୍ନୟନ କାମ କରାଯିବାକୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନଏସି ଅଧକ୍ଷା ସାବିତ୍ରୀ ବାଗ, ଉପାଧକ୍ଷା ଭାରତୀ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ଜୟନ୍ତ ସାହୁ ଓ କାଉନସିଲରଙ୍କ ଉପସ୍ଥିତିରେ ଉନ୍ନୟନ କାମର ଶୁଭାରମ୍ଭ କରାଯାଇଛି। ଅନୁପଯୋଗୀ ଦୂଷିତ ଜଳ ନିଷ୍କାସନ ପରେ ଦଳ ସଫା, ପଙ୍କୋଦ୍ଧାର କରାଯିବ। ଏହି ପୋଖରୀର ଉନ୍ନୟନ ଓ ସଫେଇ କାମ କରାଗଲା ପରେ ସହରର ସୁନ୍ଦରତା ବୃଦ୍ଧି ପାଇବା ସହ ସହରବାସୀ ସ୍ନାନାଦି ଜଳକଷ୍ଟରୁ ମୁକ୍ତି ପାଇବେ ବୋଲି ଆଶା କରାଯାଉଛି।

# ନାଟକ କୁମ୍ଭକର୍ଣ୍ଣ ବଧ ମଞ୍ଚସ୍ଥ


ନାଟକର ଏକ ଦୃଶ୍ୟ।

**ବାଉଁଶୁଣୀ,୨୦।୪(ଡି.ଏନ.ଏ.)**

**ରାମଲୀଳା ମହୋତ୍ସବ**

ବୌଦ୍ଧ ବ୍ଲକ ବାଉଁଶୁଣୀସ୍ଥିତ ଶ୍ରୀ ଶ୍ରୀ ରାମଲୀଳା ନାଟ୍ୟ ସଂସଦ ଦ୍ୱାରା ଆୟୋଜିତ ରାମଲୀଳା ମହୋତ୍ସବର ଦଶମ ରଜନୀରେ ନାଟକ 'କୁମ୍ଭକର୍ଣ୍ଣ ବଧ' ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ,ଖଗେଶ୍ୱର ଦାସ, ଯୀଶୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। କମିଟି ତରଫରୁ ମୁଖ୍ୟଅତିଥି ରଥଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ରାମଚନ୍ଦ୍ର ସଦଳ ବଳେ ସମୁଦ୍ରରେ ସେତୁ ବାନ୍ଧି ସୁବେଳ ପର୍ବତରେ ଗଡ଼ ନିର୍ମାଣ କଲେ। ଚାର ମୁଖରୁ ବାର୍ତ୍ତା ପାଇ ରାବଣ ମନ୍ତ୍ରୀ ଶୁକସାରଣଙ୍କୁ ରାମଙ୍କ ସୈନ୍ୟ କେତେ ତାର କଳନା ପାଇଁ ପଠେଇଥିଲେ।

ମର୍କଟ ବାହିନୀ ସମୁଦ୍ର ଲହଡ଼ି ପରି ମାଡ଼ି ଆସୁଥିବା ଦେଖି ଦୂତମାନେ ରାବଣଙ୍କୁ ଖବର ଦେଇଥିଲେ। ଏଥିରେ ଭୟଭୀତ ହୋଇ ସୀତାଙ୍କୁ ପ୍ରବର୍ତ୍ତାଇବା ପାଇଁ ରାମଙ୍କ ମାୟା ମୁଣ୍ଡ ନିର୍ମାଣ କରି ସୀତାଙ୍କୁ ମନେଇବା ପାଇଁ ଅଶୋକ ବନକୁ ଯାଇଥିଲେ। ରାମଚନ୍ଦ୍ରଙ୍କ ସୈନ୍ୟ ଲଙ୍କାଗଡକୁ ଆକ୍ରମଣ କରିବାରୁ ନିଜର ବଛା ବଛା ସୈନ୍ୟ ସାମନ୍ତ ଧରି ନିଜେ ରାବଣ ଯୁଦ୍ଧକୁ ବାହାରିଥିଲେ। ରାମଚନ୍ଦ୍ର ଶର ମାରି ରାବଣର ସବୁ ଛତ୍ର କାଟ କରିଥିଲେ। ଏଥିରେ ରାବଣ ଭୟଭୀତ ହୋଇ ନିଜ ପୁତ୍ର ଇନ୍ଦ୍ରଜିତଙ୍କୁ ଯୁଦ୍ଧ ପାଇଁ ପଠାଇଥିଲେ। ଯୁଦ୍ଧରେ ରାମ ଲକ୍ଷ୍ମଣଙ୍କୁ ନାଗଫାଶରେ ବାନ୍ଧି ଦେଇଥିଲେ। ତେବେ ଗରୁଡକୁ ସୁମରଣା କରି ନାଗଫାଶରୁ ମୁକ୍ତ ହୋଇ ପୁଣି ଥରେ ରାମଚନ୍ଦ୍ରଙ୍କ ସୈନ୍ୟ ଲଙ୍କାଗଡକୁ ଆକ୍ରମଣ କରିଥିଲେ। ଏଥିରେ ବିଚଳିତ ହୋଇ ଛଅ ମାସ ଶୋଉଥିବା ଛଅ ମାସ ଖାଉଥିବା କୁମ୍ଭକର୍ଣ୍ଣଙ୍କୁ ଅଦିନରେ ଉଠାଇ ଆଣିଥିଲେ। କୁମ୍ଭକର୍ଣ୍ଣ ରାବଣ ଠାରୁ ସୀତା ହରଣର ସବୁକଥା ଶୁଣି କହିଥିଲେ ଯଦି ଯୁଦ୍ଧରେ ମୁଁ ମରିଯାଏ ତେବେ ଆପଣ ଯୁଦ୍ଧ ନ କରି ସୀତାଙ୍କୁ ରାମଙ୍କ ପାଖରେ ସମର୍ପି ଦେବେ। ଏହା କହି ସେ ଯୁଦ୍ଧ ଯାତ୍ରା କରିଥିଲେ। ଏହି ଯୁଦ୍ଧରେ ରାମଚନ୍ଦ୍ର କୁମ୍ଭକର୍ଣ୍ଣଙ୍କୁ ବଧ କରିଥିଲେ। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ନାଟକ ଦେଖିବା ପାଇଁ ଦର୍ଶକଙ୍କ ଭିଡ ଜମିଥିଲା।

# ପହଞ୍ଚୁନି କେନାଲ ପାଣି: ଚାଷୀ ହତାଶ

**ବିନିକା,୨୦।୪(ଡି.ଏନ୍.ଏ)**

**ପାଣି ଅଭାବରୁ ରବି ଧାନ ଫସଲ ପ୍ରଭାବିତ**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାବୁପାଲି ,ବାଙ୍କିଘିର୍ଡି ଓ ସିଂଘିଯୁବା ଗ୍ରାପର ଟେଲ ଅଞ୍ଚଳ(ତଳମୁଣ୍ଡ)ରେ ଥିବା ଚାଷ ଜମିକୁ କେନାଲ ପାଣି ପହଞ୍ଚି ପାରୁନାହିଁ। ଫଳରେ ଏହି ଅଞ୍ଚଳରେ ଚାଷ ହୋଇଥିବା ରବି ଧାନ ଫସଲ ପାଣି ଅଭାବରୁ ମରିବାକୁ ବସିଲାଣି। ଅଧିକାଂଶ ଜମି ଫାଟି ଆଁ କରିଛି। ଏ ନେଇ ଚାଷୀ ମହଲରେ ଭାଳେଣି ପଡିଯାଇଛି। ପ୍ରତିବର୍ଷ ଟେଲ ଅଞ୍ଚଳକୁ କେନାଲ ପାଣି ସ୍ୱାଭାବିକ ଭାବରେ ପହଞ୍ଚିବା ପାଇଁ କାଡାନାଳ କାମ ନାଁରେ ସରକାରଙ୍କ ରାଜକୋଷରୁ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର କାଡାନାଳ କାର୍ଯ୍ୟ ଠିକ ଢଙ୍ଗରେ ହେଉ ନ ଥିବା ଏବଂ କେନାଲ ଆଡି ସଫେଇ କାମ କରା ଯାଉ ନ ଥିବାରୁ ଟେଲ ଅଞ୍ଚଳକୁ ପାଣି ପହଞ୍ଚି ପାରୁନାହିଁ ବୋଲି ବାବୁପାଲି ଗ୍ରାମ ଅଧୀନ ବାଗଡିଆ ମାଇନରର ୧୪ ନଂ ଆଡିର ଧାନଚାଷୀ ସତ୍ୟ ମାଝୀ, ଜୟ ଭୂଏ, ଲବ ବେହେରା, ପିଙ୍କୁ ଭୁଏ,ପ୍ରସନ୍ନ ବେହେରା,ବିଦ୍ୟାଧର ବେହେରା ଓ ଉପେନ୍ଦ୍ର ଭୁଏ ପ୍ରମୁଖ ପ୍ରକାଶ କରିଛନ୍ତି। ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀ ମହଲରେ ଦାବି ହେଉଛି। ଜିଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏପରି କି ନଦୀକୂଳିଆ ସୋନପୁର ଦେଶର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଛି। ଟାଣ ଖରା ହେଉଥିବା ବେଳେ କେନାଲ ପାଣି ମାଡୁ ନ ଥିବାରୁ ଚାଷୀମାନଙ୍କ ଚିନ୍ତା ବଢିଯାଇଛି।

# ମୁଖ୍ୟ ଡାକ୍ତରଖାନାରେ ସୁରକ୍ଷାକର୍ମୀଙ୍କ ଆନ୍ଦୋଳନ

**ବରଗଡ଼ ଅଫିସ୍,୨୦।୪**

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଏକ ଘରୋଇ ସଂସ୍ଥା ଅଧୀନରେ କାର୍ଯ୍ୟରତ ସୁରକ୍ଷା କର୍ମୀମାନେ ବିଭିନ୍ନ ଦାବି ନେଇ ବୁଧବାର ଡାକ୍ତରଖାନା ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କୁ ଠିକ୍ ସମୟରେ ଦରମା ମିଳୁ ନ ଥିବା, କ୍ରମାଗତ ୩ମାସ ଧରି ଦରମା ମିଳି ନ ଥିବା, ଭବିଷ୍ୟନିଧି ପାଣ୍ଠି କଟୁ ନଥିବା ଆଦି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ସୁରକ୍ଷାକର୍ମୀଙ୍କ ଆନ୍ଦୋଳନ ଚାଲିଥିବା ଯୋଗୁ ଦୀର୍ଘ ସମୟ ଧରି ଡାକ୍ତରଖାନା ପରିସର ଅଶାନ୍ତ ହୋଇ ପଡ଼ିଥିଲା। ପରେ ହସ୍ପିଟାଲ ମ୍ୟାନେଜର ଜି. ପ୍ରସନ୍ନଜିତ ରାଉତ ଏବଂ ଅନ୍ୟ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ସେମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ସହିତ ସମ୍ପୃକ୍ତ ଘରୋଇ ସଂସ୍ଥା କର୍ତ୍ତୃପକ୍ଷ ସୁରକ୍ଷାକର୍ମୀଙ୍କୁ ଏକ ମାସର ଦରମା ବାବଦକୁ ୭୧୮୬ଟଙ୍କା ପ୍ରଦାନ କରି ଆସନ୍ତା ୨୫ତାରିଖ ସୁଦ୍ଧା ବକେୟା ୨ମାସର ଦରମା ଦିଆଯିବ କହିଥିଲେ। ଏହାପରେ ସୁରକ୍ଷାକର୍ମୀମାନେ ଆନ୍ଦୋଳନରୁ ଓହରିଥିଲେ। ପ୍ରକାଶ ଯେ, ଏକ ଘରୋଇ ସଂସ୍ଥା ଅଧିନରେ ପ୍ରାୟ ୬୦ଜଣ ସୁରକ୍ଷା କର୍ମୀ ଜିଲା ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟ କରୁଛନ୍ତି। ଠିକ୍‌ଭାବେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ ସୁଦ୍ଧା ସେମାନଙ୍କୁ ଉଚିତ୍ ଦରମା ପ୍ରଦାନ କରାଯାଉ ନ ଥିବା ସୁରକ୍ଷକର୍ମୀମାନେ ଅଭିଯୋଗ କରୁଛନ୍ତି। ଏପରିକି ଗତ ୩ମାସ ହେଲା, ଦରମା ମିଳି ନଥିବା ଯୋଗୁ ପରିବାର ପୋଷଣ ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇ ପଡୁଛି। ଏ ନେଇ ସୁରକ୍ଷାକର୍ମୀମାନେ ହସ୍ପିଟାଲ ମ୍ୟାନେଜର, ଆକାଉଣ୍ଟାଣ୍ଟଙ୍କୁ ବାରମ୍ବାର ଅବଗତ କରି ଆସିଛନ୍ତି। ମାତ୍ର କୌଣସି ସୁଫଳ ମିଳି ନାହିଁ। ଅନ୍ୟପକ୍ଷେ ନିଜ ହକ୍ ଦାବି କଲେ ଛଟେଇ ଧମକ୍ ଦିଆଯାଉଥିବା ଅଭିଯୋଗ ହୋଇଛି। ଆଶିଷ ରଣା, ନରୋତ୍ତମ ରଣା, ହିମାଂଶୁ ସାହୁଙ୍କ ସମେତ ସମସ୍ତ ସୁରକ୍ଷାକର୍ମୀ ଆନ୍ଦୋଳନରେ ସାମିଲ ଥିଲେ।


ଜିଲା ମୁଖ୍ୟ ଡାକ୍ତରଖାନାରେ ଧାରଣାରତ ସୁରକ୍ଷାକର୍ମୀ।

# ଦୁର୍ଘଟଣା ମୃତ୍ୟୁକୁ ନେଇ ଜିଲାପାଳଙ୍କ ଉଦ୍‌ବେଗ

**ବୌଦ୍ଧ,୨୦।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ଦୁର୍ଘଟଣା ହାର ଦିନକୁ ଦିନ ବୃଦ୍ଧି ପାଇ ଚାଲିଥିବା ବେଳେ ଜିଲା ସଡକ ସୁରକ୍ଷା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଜିଲାପାଳଙ୍କ ଆବାସିକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ ବୃଦ୍ଧି ପାଉଥିବା ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ଜିଲାପାଳ ମିଶ୍ର ଉଦବେଗ ପ୍ରକାଶ କରିଥିଲେ। ଏଥିସହିତ ବାରମ୍ବାର ନିର୍ଦ୍ଦେଶ ପରେ ମଧ ଜାତୀୟ ରାଜପଥରେ ଦୁର୍ଘଟଣାସ୍ଥଳଗୁଡିକୁ ଚିହ୍ନଟ କରାଯାଇ ଗାଡିଚାଳକମାନଙ୍କ ପାଇଁ ଉପଯୁକ୍ତ ସୂଚନା ଫଳକ ଲଗାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ଦିଆଯାଇଥିବା ସୂଚନା ମୁତାବକ ୨୦୨୨ ବର୍ଷର ପ୍ରଥମ ତିନି ମାସରେ ୨୧ ଜଣଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଜାନୁୟାରୀ ମାସରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଫେବୃୟାରୀ ମାସରେ ୭ ଜଣ ଓ ମାର୍ଚ୍ଚ ମାସରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ରେକର୍ଡ କରାଯାଇଛି। ତେବେ ଏଣିକି ଯେଉଁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ସଡକ ଦୁର୍ଘଟଣା ଘଟିବ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମିଶ୍ର ସତର୍କ କରାଇ ଦେଇଥିଲେ। ଜାତୀୟ ରାଜପଥ ନିର୍ମାଣ ହେବା ପରେ ବେପରୁଆ ଗାଡିଚାଳନା ଯୋଗୁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବାରୁ ଟ୍ରାଫିକ୍ ନିୟମ କଡାକଡି ଭାବରେ ଲାଗୁ କରିବାକୁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ ବର୍ଷର ପ୍ରଥମ ତିନି ମାସରେ ମଦ୍ୟପାନ କରି ଗାଡି ଚାଳନା ପାଇଁ ୪ ଜଣ, ଦ୍ରୁତ ଗତି ପାଇଁ ୩୭୬ ଜଣ, ଅନୁମତି ଠାରୁ ଅଧିକ ମାତ୍ରାରେ ସାମଗ୍ରୀ ବୋଝେଇ ପାଇଁ ୫୫ ଜଣ, ମାଲ ପରିବହନ ଗାଡିରେ ଯାତ୍ରୀ ପରିବହନ ପାଇଁ ୧୫ଜଣ,ହେଲମେଟ ବ୍ୟବହାର ନ କରିବା ଯୋଗୁ ୩୮ ଜଣ, ସିଟ ବେଲଟ୍ ନ ଲଗାଇବା ପାଇଁ ୧୭ ଜଣ ଓ ଗାଡିଚାଳନା ସମୟରେ ମୋବାଇଲ ବ୍ୟବହାର ପାଇଁ ୫୪ ଜଣ, ରେଡ ଲାଇଟ ଅତିକ୍ରମଣ ଯୋଗୁ ୫ ଜଣ ଏହିପରି ସମୁଦାୟ ୯୧୪ ଜଣ ଗାଡିଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଧରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ମିଶ୍ର ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ବୌଦ୍ଧ ସହରର ଏନଏସି ଛକଠାରେ ସ୍ଥାପିତ ନୂତନ ଟ୍ରାଫିକ ଛକରେ ଥିବା ଜବରଦଖଲ ହଟାଇବା ସହିତ ୫୦ ମିଟର ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ ଭାବରେ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ମହାନ୍ତି, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସାଲଖୁ ମୁର୍ମୁ, ଜୁନିୟର ଏମଭିଆଇ ପ୍ରମୋଦ କୁମାର ସିଂହ,ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶ,ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ଇଂ. ମନୋରଜ ପଣ୍ଡା ଯୋଗ ଦେଇଥିଲେ। ଏହାଛଡା ବୌଦ୍ଧ ଯୁବ ରେଡକ୍ରସ ର ସଂପାଦକ ପ୍ରବୀର କୁମାର ଦାସ,ଜିଲା ଟ୍ରକ ମାଲିକ ସଂଘର ସଭାପତି ଶିବ ପ୍ରସାଦ ମିଶ୍ର,ଘରୋଇ ବସ ମାଲିକ ସଂଘର ସଂପାଦକ ରାଜକିଶୋର ପଟ୍ଟନାୟକ,ସଡକ ସୁରକ୍ଷା କମିଟି ସଦସ୍ୟ ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ଜାତୀୟ ରାଜପଥ ଓ ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ସଡକ ସୁରକ୍ଷା ସମିତି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ତିନି ମାସରେ ୨୧ ଜଣଙ୍କ ମୃତ୍ୟୁ**